ଓଡ଼ିଶା ଭାସ୍କର
ODISHA BHASKAR
ଯାହା ଆପଣଙ୍କ କଥା କହେ
facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ଯୋଗାଯୋଗ ପାଇଁ ଶବ୍ଦ ଏକ ମାଧ୍ୟମ ନୁହେଁ |୬



ଅନ୍ତର୍ଜାତୀୟ ଗୀତା ମହୋତ୍ସବ ଉଦ୍‌ଘାଟିତ |୬


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୪୮ Vol. 21 No-248 7 DECEMBER 2024 SATURDAY BHUBANESWAR ଶନିବାର, ୭ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦







## ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍ ବିଧାନସଭାରେ ପାରିତ

# ତ୍ରୁଟି କଲେ ଜେଲ୍, ଜରିମାନା

**ବ୍ୟକ୍ତିବିଶେଷଙ୍କ ଅପରାଧ ପ୍ରମାଣିତ ହେଲେ ୩ରୁ ୫ ବର୍ଷ ଜେଲ୍, ୧୦ଲକ୍ଷ ଜରିମାନା**

**ସେବା ଯୋଗାଣକାରୀ ସଂସ୍ଥାର ତ୍ରୁଟିପାଇଁ ୧ କୋଟି**

**୪ବର୍ଷ ପାଇଁ ପରୀକ୍ଷା ସଞ୍ଚାଳନରେ ପ୍ରତିବନ୍ଧକ**

**ଅଧିକାରୀଙ୍କ ସହମତିରେ ତ୍ରୁଟି ହେଲେ ୩ ବର୍ଷରୁ ୧୦ବର୍ଷ ଜେଲ୍**



ଭୁବନେଶ୍ୱର,୬।୧୨(ଭାସ୍କର ନ୍ୟୁଜ): ଶୁକ୍ରବାର ବିଧାନସଭାରେ ପାରିତ ହେଲା ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍-୨୦୨୪। ପରୀକ୍ଷାରେ ଗଫଲତି ରୋକିବାକୁ ରାଜ୍ୟ ସରକାର ବିଧାନସଭାରେ ଏହି ନୂଆ ବିଲ୍ ଆଣିଥିଲେ। ଏହି ନୂଆ ବିଲ୍‌ରେ କଠୋର ଦଣ୍ଡବିଧାନର ବ୍ୟବସ୍ଥା ରଖାଯାଇଛି। ଯଦି କୌଣସି ବ୍ୟକ୍ତି ବା ବ୍ୟକ୍ତିମାନେ ଏହି ଅଧିନିୟମ ଅଧୀନରେ ଅନୁଚିତ ସାଧନ ଓ ଅପରାଧ ଅବଲମ୍ବନ କରନ୍ତି, ତେବେ ସେ ଅତି କମ୍‌ରେ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନାରେ ଦଣ୍ଡିତ ହେବେ। ଜରିମାନା ପ୍ରଦାନରେ ଖିଲାପ କଲେ ଭାରତୀୟ ନ୍ୟାୟସଂହିତା-୨୦୨୩ର ବ୍ୟବସ୍ଥା ଅନୁସାରେ ଅତିରିକ୍ତ ଜେଲଦଣ୍ଡ ଭୋଗ କରିବେ। ଏହାସହ ସେବା ଯୋଗାଣକାରୀ ମଧ୍ୟ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନାରେ ଦଣ୍ଡିତ ହେବାକୁ ଦାୟୀ ରହିବେ ଏବଂ ସେହି ସେବା ଯୋଗାଣକାରୀଙ୍କଠାରୁ ଆନୁପାତିକ ପରୀକ୍ଷା ଖର୍ଚ୍ଚ ମଧ୍ୟ ଆଦାୟ କରାଯିବ। ତାଙ୍କୁ ୪ ବର୍ଷ ପର୍ଯ୍ୟନ୍ତ କୌଣସି ସାର୍ବଜନୀନ ପରୀକ୍ଷା ସଞ୍ଚାଳନ ପାଇଁ ଦାୟିତ୍ୱ ପ୍ରଦାନ କରାଯିବ ନାହିଁ। ଯଦି କୌଣସି ଅନୁଷ୍ଠାନ ସଂଗଠିତ ଅପରାଧ କରିବାରେ ସଂପୃକ୍ତ ଥିବେ ତାହାହେଲେ ତାହାର ସମ୍ପତ୍ତି ଜବତ ସହ ବାଜ୍ୟାପ୍ତି କରାଯିବ। ସେଥିରୁ ଆନୁପାତିକ ପରୀକ୍ଷା ଖର୍ଚ୍ଚ ମଧ୍ୟ ଆଦାୟ କରାଯିବ। ଯଦି ଅନୁସନ୍ଧାନ ସମୟରେ ଏହା • ପୃଷ୍ଠା ୫ ଦେଖନ୍ତୁ

### ପୋଲାଭରମ ପ୍ରସଙ୍ଗ

# ବିଧାନସଭାରେ ହଟ୍ଟଗୋଳ



ଭୁବନେଶ୍ୱର,୬।୧୨(ଭାସ୍କର ନ୍ୟୁଜ): ପୋଲାଭରମ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ବିଧାନସଭାରେ ଅଗ୍ରାହ୍ୟ ହେବାକୁ ନେଇ ଶୁକ୍ରବାର ବିରୋଧୀ ଦଳର ବିଧାୟକ ମାନେ ହଟ୍ଟଗୋଳ କରିବା କାରଣରୁ ବିଧାନସଭାରେ ପ୍ରଥମାର୍ଦ୍ଧର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ପ୍ରଶ୍ନକାଳ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇ ପାରି ନାହିଁ। ଶୁକ୍ରବାର ନିର୍ଦ୍ଧାରିତ ସମୟ ଅନୁସାରେ ୧୦.୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା । ବାଚସ୍ପତି ସୁରମା ପାଢୀ ପ୍ରଶ୍ନକାଳ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀଙ୍କ ପକ୍ଷରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରଶ୍ନର ଉତ୍ତର ପଢିବା ଆରମ୍ଭ କରିଥିଲେ । ହେଲେ କଂଗ୍ରେସ ବିଧାୟକ ମାନେ ପୋଲାଭରମ ପ୍ରସଙ୍ଗକୁ ନେଇ ନାରାବାଜୀ କରିବା ସହ ଗୃହର ମଧ୍ୟ ଭାଗକୁ ଚାଲି ଆସିଥିଲେ । ପୋଲାଭରମ ପ୍ରସଙ୍ଗରେ ମୁଲତବୀ ଗ୍ରହଣ ନ ହେବାରୁ କଂଗ୍ରେସ ପକ୍ଷରୁ ଡବଲ ଇଞ୍ଜିନ ସରକାର ହାଏ ହାଏ, ଡବଲ ଇଞ୍ଜିନ ସରକାର ଧିକ ଧିକ ନାରା ଦେଇ ଗୃହ ମଧ୍ୟ ଭାଗରେ ପ୍ରତିବାଦ କରିଥିଲେ । ଗୃହକୁ ସ୍ୱାଭାବିକ କରିବାକୁ ନିଜ ଆସନରୁ ଠିଆ ହୋଇ କହିଥିଲେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ । ବାଚସ୍ପତି ସୁରମା ପାଢୀ କଂଗ୍ରେସ ବିଧାୟକ ମାନଙ୍କୁ ହଟ୍ଟଗୋଳ ନ କରି ଗୃହ କାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ନିବେଦନ କରିଥିଲେ । ହେଲେ ତାଙ୍କର • ପୃଷ୍ଠା ୫ ଦେଖନ୍ତୁ






ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି କୃଷି ଭବନ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ବିଭିନ୍ନ କାର୍ଯ୍ୟାବଳୀର ସମୀକ୍ଷା କରିଛନ୍ତି । ଗତ ୫ ଡିସେମ୍ବରରେ ଆୟୋଜିତ ହୋଇଥିବା ଓୟୁଏଟିର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମକୁ ସଫଳରୂପେ ପରିଚାଳନା କରିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଓୟୁଏଟିର କାର୍ଯ୍ୟାବଳୀ, ସ୍ଥାୟୀ ଭିତ୍ତିଭୂମି, ଛାତ୍ରଛାତ୍ରୀଙ୍କ କ୍ଲାସରୁମ, ହଷ୍ଟେଲ ରୁମ୍, ଅଧ୍ୟାପକ, ଅଧ୍ୟାପିକା ଓ ଖାଲିଥିବା ପଦବୀ ବିଷୟରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଚାଲୁଥିବା ଉନ୍ନତିମୂଳକ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ । ବର୍ତ୍ତମାନର ସରକାର କୃଷି କ୍ଷେତ୍ର ଓ କୃଷକଙ୍କୁ ସଶକ୍ତ କରିବା ଦିଗରେ ବିଭିନ୍ନ ପଦକ୍ଷେପମାଣ ନେଉଛନ୍ତି । ସେହି ପରିପ୍ରେକ୍ଷିରେ ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟ କରାଯାଇ ଏହାକୁ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଲକ୍ଷ ରହିଛି । ଏହା କେବଳ ଭୁବନେଶ୍ୱରସ୍ଥିତ ଓୟୁଏଟି କାର୍ଯ୍ୟାଳୟ ନୁହେଁ, ଓଡ଼ିଶାର ଅନ୍ୟ ଜିଲ୍ଲା ଗୁଡିକରେ ଥିବା ଓୟୁଏଟି କ୍ୟାମ୍ପସ ଗୁଡିକର ମଧ୍ୟ ବିକାଶମୂଳକ କାର୍ଯ୍ୟ ଚାଲୁ ରହିଛି । ଏହି ସମୀକ୍ଷା ବୈଠକରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡ଼ ଅରବିନ୍ଦ କୁମାର ପାଢୀ, ସ୍ୱତନ୍ତ୍ର ଶାସନ ସଚିବ ଦିଲ୍ଲୀପ କୁମାର ପରିଡ଼ା, ଓୟୁଏଟି କୁଳପତି ପ୍ରଭାତ କୁମାର ରାଉଳ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀବୃନ୍ଦ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ ।

### ପଦ୍ମଭୂଷଣ ଡ.ରାଧାନାଥ ରଥଙ୍କ ୧୨୮ତମ ଜୟନ୍ତୀ

## ‘ରାଧାନାଥଙ୍କ ସେବା, ତ୍ୟାଗ ଓ କର୍ମନିଷ୍ଠା ଥିଲା ଅସାଧାରଣ’



କଟକ(ଭାସ୍କର ନ୍ୟୁଜ୍): ପଦ୍ମଭୂଷଣ ଡକ୍ଟର ରାଧାନାଥ ରଥଙ୍କ ମାନବଜାତି ପାଇଁ ତ୍ୟାଗ, ସେବା, ଉତ୍ସର୍ଗୀକୃତ ଭାବନା ଓ କର୍ମନିଷ୍ଠା ଥିଲା ଆସାଧାରଣ। ତାଙ୍କର ଦୀର୍ଘ କର୍ମମୟ ଜୀବନ ଓ ସେବା ଚିରକାଳ ପାଇଁ ସେ ପ୍ରେରଣାଦାୟୀ ହୋଇରହିବ ବୋଲି ଗୋପବନ୍ଧୁ ଭବନରେ ଆୟୋଜିତ ୧୨୮ତମ ଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି । ଶୁକ୍ରବାର ଅପରାହ୍ଣରେ ଗୋପବନ୍ଧୁ ଭବନରେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସଭାପତି ରାଜ କୁମାରଙ୍କ ସଭାପତିତ୍ୱରେ ଡକ୍ଟର ରଥଙ୍କ ଜୟନ୍ତୀ ପାଳିତ ହୋଇଥିଲା। ଝାଡ଼ଖଣ୍ଡ ଉଚ୍ଚନ୍ୟାୟାଳୟର ପୂର୍ବତନ ମୁଖ୍ୟ ବିଚାରପତି ବିଦ୍ୟୁତ୍ ? ରଞ୍ଜନ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଲେ ଗୋପବନ୍ଧୁ ଥିଲେ ଆସଧାରଣ ଦୂରଦ୍ରଷ୍ଟା। ସେ ତାଙ୍କର ଲକ୍ଷ୍ୟ ଓ ସ୍ୱପ୍ନକୁ ପୂରଣ କରିବା ପାଇଁ ଉତ୍ତର ଦାୟାଦ ଭାବେ ରାଧାନାଥ ବାବୁଙ୍କୁ ବାଛିଥିଲେ। ରାଧାନାଧ ବାବୁ ନିଜର ଦାୟିତ୍ୱବୋଧକୁ ଯାଥାର୍ଥ ଭାବେ ନିର୍ବାହ କରିଛନ୍ତି । ମୁଖ୍ୟବକ୍ତା ପ୍ରଫେସର ଦେବକାନ୍ତ ମିଶ୍ର ରାଧାନାଥ ବାବୁଙ୍କୁ ଓଡ଼ିଆ ବୌଦ୍ଧିକତାର ଉଦ୍‌ଗାତା ଅବିହିତ କରି ଓଡ଼ିଆ ସମ୍ବାଦିକତା କ୍ଷେତ୍ରକୁ କିପରି ଦିଶା ଦେଇଛନ୍ତି, ତାହାର ଅବତାରଣା କରିଥିଲେ। ଏହି ଅବସରରେ ପୂର୍ବତନ ସମ୍ପାଦକ କାନନ ବିହାରୀ ଦାଶ, ଡ. ସତ୍ୟ ରାୟ, ଡ. ପ୍ରମୋଦ କୁମାର ମହାପାତ୍ର ଓ ଲୋକସେବକ ମଣ୍ଡଳର ଅଧକ୍ଷକଙ୍କ ପରାମର୍ଶଦାତା ରାମନାଥ ଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଯାତ୍ରାରେ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଗୋପାଳକୃଷ୍ଣ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ତଥା ‘ସମାଜ’ର ପ୍ରକାଶକ ଓ ମୁଦ୍ରାକର ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ପ୍ରାରମ୍ଭିକ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ‘ସମାଜ’ର ସମ୍ପାଦକ ତପନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ପର୍ଯ୍ୟଟନ ବିଭାଗ ଅଧିକାରୀଙ୍କୁ କୃତଜ୍ଞତା ଜଣାଇଲେ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡିସେମ୍ବର ୧ରୁ ୫ ତାରିଖ ପର୍ଯ୍ୟନ୍ତ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି ୩୫ତମ କୋଣାର୍କ ଉତ୍ସବ ଓ ୧୪ତମ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ । କାର୍ଯ୍ୟକ୍ରମରେ ପ୍ରତିଦିନ ରାଜ୍ୟ, ଦେଶବିଦେଶର ବହୁ ସ୍ୱନାମଧନ୍ୟ କଳାକାର ନୃତ୍ୟ, ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବ୍ଲାକ୍ ପାଗୋଡ଼ା ଭାବେ ପରିଚିତ ଓଡ଼ିଶାର ଗୌରବମୟ ସ୍ଥାପତ୍ୟର ଅନନ୍ୟ ଦୃଷ୍ଟାନ୍ତ କୋଣାର୍କରେ ଆୟୋଜିତ ଉତ୍ସବ ଓଡ଼ିଶାର ଅସ୍ମିତା ଓ ପରିଚିତିକୁ ଦେଶବିଦେଶରେ ଉପସ୍ଥାପନ ଦିଗରେ ମହାନ ଅବସର ପ୍ରଦାନ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରକାଶ କରିଛନ୍ତି ।

### ପୋଲାଭରମ୍ ପ୍ରସଙ୍ଗରେ ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି ବିରୋଧୀ: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପୋଲାଭରମ୍ ପ୍ରସଙ୍ଗରେ ରାଜ୍ୟବାସୀଙ୍କୁ ବିରୋଧୀ ଭ୍ରମିତ କରୁଛନ୍ତି ପୋଲାଭରମ ପ୍ରସଙ୍ଗରେ ବିରୋଧୀଙ୍କ ଅଭିଯୋଗ ଉପରେ ଉତ୍ତର ଦେଇ ବିଜେପି କହିଛି । ବିଜେପି ବିଧାୟକ ଅଶୋକ ମହାନ୍ତି ସାମ୍ବାଦିକଙ୍କ ସହ ଆଲୋଚନା ବେଳେ କହିଛନ୍ତି ଯେ, ବିଜେପି ପୋଲାଭରମ୍ ପ୍ରକଳ୍ପ ପାଇଁ ଚିନ୍ତିତ । ଓଡ଼ିଶାର ଗୋଟିଏ ଇଞ୍ଚ ଜମି ଅବୈଧ ଭାବେ ପୋଲାଭରମ୍‌କୁ ଦିଆଯିବ ନାହିଁ । ବିରୋଧୀଙ୍କ ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ ।



ଏଜି ଛକରେ ଭାରତରତ୍ନ ଡକ୍ଟର ବି.ଆର.ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।



ରବିନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ନାଟକ ‘ନିର୍ମାଣ୍ ସେ ନିର୍ମାଣ୍ ତକ୍’ ର ଏକ ଦୃଶ୍ୟ

### ରାଜ୍ୟ କାର୍ଯ୍ୟାଳୟରେ ଡ.ଭୀମରାଓ ଆମ୍ବେଦକରଙ୍କ ମହାପ୍ରୟାଣ ଦିବସ ପାଳିତ

## ସମ୍ବିଧାନ ବିଷୟରେ ଅବଗତ ହେଲେ ଏହା ଅଧିକ ସମୃଦ୍ଧ ହେବ: ମନମୋହନ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭାରତୀୟ ସମ୍ବିଧାନ ପ୍ରଣେତା ଭାରତ ରତ୍ନ ବାବା ସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜୀବନ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସଂଘର୍ଷମୟ ଥିଲା । ସେ ଜଣେ ଯୋଗଜନ୍ମା ଥିଲେ । ଆତ୍ମବିଶ୍ୱାସ, ତ୍ୟାଗ ଓ ନିଷ୍ଠା ସହ ମନରେ ଥିବା ସଂକଳ୍ପ, ଇଚ୍ଛାଶକ୍ତି ଯୋଗୁ ସେ ଏହି ଜାଗା ପର୍ଯ୍ୟନ୍ତ ପହଞ୍ଚି ପାରିଥିଲେ । ସମାଜର ତଳ ପାହାଚ ଲୋକଙ୍କୁ ସେବା କରିବା ଓ ମୁଖ୍ୟ ସ୍ରୋତରେ ସାମିଲ କରି ଆଗକୁ ଆଣିବା ପାଇଁ ବ୍ୟବସ୍ଥା ନିର୍ଦ୍ଧାରଣ କରିବାରେ ଆମ୍ବେଦକରଙ୍କ ନାମ ସ୍ୱର୍ଣ୍ଣ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଆମ୍ବେଦରକରଙ୍କ ମହାପ୍ରୟାଣ ଦିବସ ପାଳନ ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଶ୍ରୀ ସାମଲ କହିଛନ୍ତି ଯେ, ସମାଜର ପଛୁଆ ବର୍ଗରୁ ଆସି ସଂଘର୍ଷ କରୁଥିବାବେଳେ କୌଣସି କାରଣରୁ ଆତ୍ମବିଶ୍ୱାସ କମିଗଲେ ଆମ୍ବେଦକରଙ୍କୁ ମନେ ପକାଇବା ଉଚିତ । ଯେତେବେଳେ ଲୋକେ ସମ୍ବିଧାନ ବିଷୟରେ ଅବଗତ ହେବେ ସେତେବେଳେ ଏହା ଆହୁରି ଅଧିକ ସମୃଦ୍ଧ ହେବ । ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକଙ୍କ ସଭାପତିତ୍ୱରେ ରାଜ୍ୟ ସାଧାରଣ ସମ୍ପାଦକ (ସଙ୍ଗଠନ) ମାନସ ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଡ.ଯତୀନ ମହାନ୍ତି, ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ଅନୁସୂଚିତ ଜାତିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

### ବନ୍ଦ ହେବ ଯାତ୍ରାରେ ଅଶ୍ଳୀଳ ନୃତ୍ୟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବନ୍ଦ ହେବ ଯାତ୍ରାରେ ଅଶ୍ଳୀଳ ନୃତ୍ୟ । ରାଜ୍ୟ ସରକାର ଆଣୁଛନ୍ତି ମାର୍ଗଦର୍ଶିକା । ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି ବୋଲି ବିଧାନସଭାରେ ଉତ୍ତର ରଖିଛନ୍ତି ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ଯାତ୍ରା ପାର୍ଟିରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରୁଛନ୍ତି ।

### ପୋଲାଭରମ ପ୍ରସଙ୍ଗରେ ବିଜେଡି ଓଡିଶା ସ୍ୱାର୍ଥରେ ଲଢେଇ ଜାରି ରଖିବ: ନବୀନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୋଲାଭରମ୍ ପ୍ରସଙ୍ଗରେ ବିଜେଡି ଓଡିଶାର ସ୍ୱାର୍ଥରେ ଲଢେଇ ଜାରି ରଖିବ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି । ସାମ୍ବାଦିକଙ୍କ ସହ କଥାବାର୍ତ୍ତା ହେଳେ ପୋଲାଭରମ୍ ପ୍ରସଙ୍ଗରେ କହିଛନ୍ତି ଯେ ବିଜେଡ଼ି ଆଗରୁ ବି ରାଜ୍ୟର ସ୍ୱାର୍ଥ ପାଇଁ ଲଢ଼େଇ କରୁଥିଲା । ଆଉ ଆଗକୁ ବି ଲଢେଇ ଜାରି ରହିବ ।

## ଷଷ୍ଠ ଓଡିଶା ରାଜ୍ୟ ପୁସ୍ତକ ମହୋତ୍ସବ ୨୦୨୪ ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଷଷ୍ଠ ଓଡ଼ିଶା ରାଜ୍ୟ ପୁସ୍ତକ ମହୋତ୍ସବ ୨୦୨୪ ଆଜିଠାରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଆରମ୍ଭ ହୋଇଥିବା ବେଳେ ଏଥିରେ ଶ୍ରୀମନ୍ଦିର ପ୍ରଶାସନର ଏକ ଷ୍ଟଲ ଖୋଲାଯାଇଛି । ପୁସ୍ତକ ମହୋତ୍ସବର ସମ୍ମୁଖ ଦ୍ୱାରଠାରେ ହୋଇଥିବା ଷ୍ଟଲରେ ମହାପ୍ରଭୁଙ୍କ ଦିବ୍ୟ ସୁନାବେଶ ଦର୍ଶନ ଦେଉଛନ୍ତି। ଷ୍ଟଲରେ ଶ୍ରୀମନ୍ଦିର ପ୍ରଶାସନର ବିଭିନ୍ନ ପୁସ୍ତକ, ପତ୍ରପତ୍ରିକା ସହିତ ଅନୁବନ୍ଧିତ ବିଭିନ୍ନ ପ୍ରକାଶନର ଶ୍ରୀଜଗନ୍ନାଥ ସଂସ୍କୃତି ଭିତ୍ତିକ ପୁସ୍ତକ ବିକ୍ରୟ ହେଉଛି । ଏହାସହ ଶ୍ରୀମନ୍ଦିରରେ ନୀଳଚକ୍ରରୁ ଉଲାଗୀ ହୋଇଥିବା ପତିତପାବନ ବାନା ମଧ୍ୟ ଭକ୍ତ ପାଠକପାଠିକାଙ୍କ ପାଇଁ ଉପଲବ୍ଧ ଅଛି । ଶୁକ୍ରବାର ଉଦ୍‌ଘାଟନୀ ଦିବସରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ କୁମାର ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ଏହି ସମୟରେ ଓଡ଼ିଶା ଭାଷା ସାହିତ୍ୟ ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ଏବଂ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଓଏସଡି ଶୁଭ୍ରାଂଶୁ ଶେଖର ପାଢ଼ୀ, ଓଏସ୍‌ଡି ସରୋଜ କୁମାର ରାଏ, ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ର ନାରାୟଣ ମହାନ୍ତି ଏବଂ ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ ଏବଂ ଭକ୍ତ-ଶ୍ରଦ୍ଧାଳୁମାନେ ଉପସ୍ଥିତ ଥିଲେ।

## ଓସିଏସ-୨-୨୩ ପ୍ରିଲିମିନାରୀ ପରୀକ୍ଷାର ସମୟ ନିର୍ଘଣ୍ଟ

କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଶାସନିକ ସେବା (ଓସିଏସ-୨୦୨୩) ପ୍ରିଲିମିନାରୀ ପରୀକ୍ଷା ଆସନ୍ତା ୧୫ ତାରିଖ ରବିବାର ଦିନ ହେବା ପାଇଁ ପୂର୍ବରୁ ସ୍ଥିରୀକୃତ ହୋଇଛି । ରାଜ୍ୟର ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର ଆଦି ୫ଟି ଯୋନରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଓସିଏସ-୨୦୨୩ ପ୍ରିଲିମିନାରୀ ପରୀକ୍ଷାର ଟାଇମଟେବୁଲ ଓଡ଼ିଶା ଲୋକସଭା ଆୟୋଗ (ଓପିଏସି) ପକ୍ଷରୁ ଶୁକ୍ରବାର ଜାରି କରାଯାଇଛି । ୨ଟି ସିଫ୍ଟରେ ଏହି ପରୀକ୍ଷା ଅନୁଷ୍ଠିତ ହେବ । ପ୍ରଥମ ସିଫ୍ଟରେ ଜେନେରାଲ ଷ୍ଟଡ଼ିଜ (ପେପର-୧) ଓ ଦ୍ୱିତୀୟ ସିଫ୍ଟରେ ଜେନେରାଲ ଷ୍ଟଡିଜ (ପେପର-୨) ପରୀକ୍ଷା ହେବ । ପ୍ରଥମ ସିଫ୍ଟ ସକାଳ ୧୦ଟାରୁ ଆରମ୍ଭ ହୋଇ ୧୨ଟା ରେ ସରିବ ଓ ଦ୍ୱିତୀୟ ସିଫ୍ଟ ମଧ୍ୟାହ୍ନ ସାଢ଼େ ୧ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ଚାଲିବ । ପ୍ରଥମ ପେପରରେ ୧୦୦ଟି ଅବଜେକ୍ଟିଭ ପ୍ରଶ୍ନ ଆସିବ ଓ ଦ୍ୱିତୀୟ ପେପରରେ ୮୦ଟି ପ୍ରଶ୍ନ ଆସିବ । ଓଏମଆର ଉତ୍ତର ଖାତାରେ ପ୍ରାର୍ଥୀମାନେ ଏହି ପରୀକ୍ଷା ଦେବେ। ପ୍ରାର୍ଥୀମାନେ ଆସନ୍ତା ୭ ତାରିଖରୁ ନିଜ ନିଜର ଆଡ଼ମିଟ କାର୍ଡ଼ ଡାଉନଲୋଡ଼ କରିପାରିବେ ବୋଲି ଓପିଏସ୍‌ସି ପକ୍ଷରୁ ସୂଚନା ଦିଆଯାଇଛି । ସୂଚନାଯୋଗ୍ୟ, ଅକ୍ଟୋବର ୨୭ ରେ ଓସିଏସ୍ ୨୦୨୩ ପ୍ରିଲିମିନାରୀ ପରୀକ୍ଷା ହେବା ନେଇ ଓଡ଼ିଶା ଲୋକସେବା ଆୟୋଗ ପକ୍ଷରୁ ପ୍ରଥମେ ସ୍ଥିରିକୃତ କରାଯାଇଥିଲା । ମାତ୍ର ବାତ୍ୟା ‘ଦାନା’ କାରଣରୁ ପରବର୍ତ୍ତୀ ସମୟରେ ଏହି ପରୀକ୍ଷାକୁ ଡିସେମ୍ବର ୧୫ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା ।

### ରାଜ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରିତା ନେଇ ସମୀକ୍ଷା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟରେ ପାଇପ ଜଳଯୋଗାଣର କାର୍ଯ୍ୟକାରିତା ନେଇ ଆଜି ଗ୍ରାମ୍ୟ ଉନ୍ନୟନ, ପଂଚ ।ୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ଶ୍ରୀ ନାଏକ କହିଲେ ଯେ ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ରାଜ୍ୟ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ । ପୂର୍ବରୁ ବିଭିନ୍ନ କାରଣ ନେଇ ମେଗା ପାଇପ ଜଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହୋଇଛି । ତେଣୁ ଏହି ସମସ୍ୟାର ସମାଧାନ ସହ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍., ପାନୀୟ ଜଳ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପର ସଫଳ ରୂପାୟନ ସହ ରାଜ୍ୟ ସରକାରଙ୍କ ଲକ୍ଷ୍ୟ ପୂରଣ ଦିଗରେ ତତ୍ପର ହୋଇ କାର୍ଯ୍ୟ କରିବା ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

### ପୁଣି ସାମ୍ନାକୁ ଆସିଲା ଲୋମହର୍ଷଣକାରୀ ଘଟଣା

## ଶିବାନନ୍ଦ ଶତବାର୍ଷିକୀ ଆବାସିକ ବିଦ୍ୟାଳୟରେ ଯୌନ କେଳେଙ୍କାରୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଖଣ୍ଡଗିରି ସ୍ଥିତ ଶିବାନନ୍ଦ ଶତବାର୍ଷିକୀ ଆବାସିକ ବିଦ୍ୟାଳୟରେ ନିକଟରେ ଛାତ୍ର ମାନଙ୍କୁ ନୃଶଂସ ଭାବରେ ମାଡ଼ ମରାଯାଉଥିବା ଘଟଣା ଚର୍ଚ୍ଚାରେ ଥିବାବେଳେ ଶୁକ୍ରବାର ଆଉ ଏକ ଲୋମହର୍ଷଣକାରୀ ଘଟଣା ସାମ୍ନାକୁ ଆସିଛି । ସ୍କୁଲ ପରିସରରେ ଛାତ୍ରମାନଙ୍କୁ ଯୌନ ନିର୍ଯାତନା ଦିଆଯାଉଥିବା ଖବର ପ୍ରଘଟ ହୋଇଛି । ସ୍କୁଲ୍‌ର ଜୈନକ ଛାତ୍ର ରାଷ୍ଟ୍ରୀୟ ଅଭିଭାବକ ମହାସଂଘର ସଭାପତି ଭୁମୋହନ ପଟ୍ଟନାୟକଙ୍କୁ ଏହି ବିଷୟରେ ଜଣାଇଥିଲା, ତତ୍ ସହିତ ଭୁବନେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଜଣାଇଥିଲା । ଖବର ପାଇ ଶ୍ରୀ ପଟ୍ଟନାୟକ ଏବଂ ଶିକ୍ଷା ଅଧିକାରୀ ସ୍କୁଲ୍ ପରିସରରେ ପହଞ୍ଚି ପିଡିତ ଛାତ୍ରକୁ ଠାବ କରିବା ସହ ଘଟଣା ସଂପର୍କରେ ବିସ୍ତୃତ ବିବରଣୀ ନେବା ପରେ ଘଟଣାର ସତ୍ୟତା ଜାଣିବା ପରେ ଜାଣିବାକୁ ପାଇଲେ ଯେ, ବିଦ୍ୟାଳୟ ପରିସରରେ ଏହିଭଳି ଘୃଣ୍ୟ କାର୍ଯ୍ୟ ବହୁ ଛାତ୍ରଙ୍କ ସହ ଘଟୁଛି କିନ୍ତୁ କଡ଼ା ଶାସନ ଆଳରେ ଏହା ବାହାରକୁ ପ୍ରଘଟ ହେଉନି, ପିଡିତ ଛାତ୍ର ସହ ବାରମ୍ବାର ଏହିଭଳି ଘୃଣ୍ୟ କାର୍ଯ୍ୟ କରାଯାଇଛି ବୋଲି ଶିକ୍ଷା ଅଧିକାରୀ ତାଙ୍କ ତଦନ୍ତ ସମୟରେ ଜାଣିବାକୁ ପାଇଲେ, ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ବିଦ୍ୟାଳୟ ଅଧକ୍ଷ ଏସଂପର୍କରେ ଅବଗତ ଥାଇ ମଧ୍ୟ ଏହାକୁ ଚପାଇ ଦେବାକୁ ସଂପୂର୍ଣ୍ଣ ଚେଷ୍ଟା କରିଥିଲେ । ସଂପୃକ୍ତ ଶିକ୍ଷକଙ୍କୁ ସୁରକ୍ଷା ଦେଇ ବିଦ୍ୟାଳୟରୁ ଯିବାକୁ ସୁଯୋଗ ଦେଇଥିଲେ । ପିଡିତ ଛାତ୍ରକୁ ଏହି ଘଟଣା ବିଷୟରେ କାହାକୁ ନଜଣାଇବାକୁ କହିଥିଲେ । ତଦନ୍ତ ସମୟରେ ଏ ସମସ୍ତ ଘଟଣା ଶିକ୍ଷା ଅଧିକାରୀ ଅବଗତ ହେଲେ । ଘଟଣା ସମ୍ପର୍କରେ ମହାସଂଘ ସଭାପତି ଶ୍ରୀ ପଟ୍ଟନାୟକ ତୁରନ୍ତ ଖଣ୍ଡଗିରୀ ଥାନା ଅଧିକାରୀଙ୍କୁ ଅବଗତ କରିବା ସହ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧକ୍ଷା ମନ୍ଦାକିନୀ କରଙ୍କୁ ଅବଗତ କରିବା ସହ ଆବଶ୍ୟକ ଦୃଢ ପଦକ୍ଷେପ ନେବାକୁ ବିଧିବଦ୍ଧ ଭାବରେ ଚିଠି ଦ୍ୱାରା ଅଭିଯୋଗ ଜଣାଇଛନ୍ତି । ସରକାରଙ୍କ ପ୍ରଦତ୍ତ ଜମିରେ ଆଧାତ୍ମିକ ଶିକ୍ଷା ଆଳରେ ଏହିଭଳି ଘୃଣ୍ୟ ଘଟଣା ଘଟିବାକୁ ରାଷ୍ଟ୍ରୀୟ ଅଭିଭାବକ ମହାସଂଘ ତରଫରୁ ଦୃଢ ବିରୋଧ କରାଯିବ । ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବା ପାଇଁ ସଂଘ ତରଫରୁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ସଂଘର ଉପ ସଭାପତି ରଞ୍ଜନ ଦାସ ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

### ପ୍ରଫୁଲ୍ଲ ସାମଲ୍ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ ମନ୍ତ୍ରୀ ଏବଂ ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କୁ ଶୁକ୍ରବାର ଦିନ ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ସଭାପତି ଭାବେ ନିଯୁକ୍ତ କରାଯାଇଛି । ବିଜେଡି ସଭାପତି ଏବଂ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦ୍ୱାରା ଜାରି ହୋଇଥିବା ଏକ କାର୍ଯ୍ୟାଳୟ ଆଦେଶରେ ଏହି ସୂଚନା ଦିଆଯାଇଛି ।

### ଡଃ ରାଧାନାଥ ରଥଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡଃ ରାଧାନାଥ ରଥଙ୍କ ଶ୍ରଦ୍ଧାଂଜଳି ଜ୍ଞାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ସମାଜ ସଂସ୍କାରକ, ପଦ୍ମଭୂଷଣ ଡଃ ରାଧାନାଥ ରଥଙ୍କ ଜୟନ୍ତୀରେ କୋଟି କୋଟି ପ୍ରଣାମ । ନବଉତ୍କଳର ଗଠନରେ ତାଙ୍କର ଭୂମିକା ଅବିସ୍ମରଣୀୟ ।

### ବିର୍ଲା ଗ୍ଲୋବାଲ୍ ୟୁନିଭର୍ସିଟିର ସପ୍ତମ ସମାବର୍ତ୍ତନ ଉତ୍ସବ

## ଅନିଶ୍ଚିତତା ଏକ ଆହ୍ୱାନ ନୁହେଁ ବରଂ ଏକ ସୁଯୋଗ: ଅଭିଷେକ ଭଗତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିର୍ଲ୍ଲା ଗ୍ଲୋବାଲ ୟୁନିଭର୍ସିଟି, ଭୁବନେଶ୍ୱର ପକ୍ଷରୁ ଏହାର ୭ମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଶିକ୍ଷାନୁଷ୍ଠାନର ଗୋଠପାଟଣା କ୍ୟାମ୍ପସ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ, ଅଭିଭାବକ ଓ ମାନ୍ୟଗଣ୍ୟ ଅତିଥିମାନେ ଯୋଗ ଦେଇଥିଲେ । ଅଭିଷେକ ଭଗତ, ଜେ.ଏମ୍. ଫାଇନାନସିଆଲ ଲିଃ.ର ପରିଚାଳନା ନିର୍ଦ୍ଦେଶକ (ଡିଜିଟାଲ ଟେକ୍ନୋଲୋଜି - ଇନ୍‌ଭେଷ୍ଟମେଣ୍ଟ ବ୍ୟାଙ୍କିଙ୍ଗ୍) ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମାବର୍ତ୍ତନ ଉତ୍ସବକୁ ସେ ମ୍ୱାଧିତ କରିଥିଲେ । ଶ୍ରୀ ଭଗତ କହିଥିଲେ ଯେ, ଅନିଶ୍ଚିତତା ଆହ୍ୱାନ ନୁହେଁ ବରଂ ଏକ ସୁଯୋଗ । ସେ ସ୍ନାତକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଅନଭିଜ୍ଞତାକୁ ଦୁର୍ବଳତା ନୁହେଁ ବରଂ ଏକ ନୂତନ ସମ୍ଭାବନା ରୂପେ ଦେଖିବାକୁ ଉପଦେଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ସେ କହିଥିଲେ ଯେ, ଶିକ୍ଷାର କଦାପି ଅନ୍ତ ହୁଏ ନାହିଁ ଏବଂ ନିରନ୍ତର ଭାବେ ନୂତନ କୌଶଳକୁ ଆପଣେଇବା ହିଁ ସଫଳତାର ଚାବିକାଠି । ବୋର୍ଡ ଅଫ୍ ଗଭର୍ଣ୍ଣର୍ସର ସଦସ୍ୟ ଡଃ ପି.କେ. ମିଶ୍ର (ଅବସରପ୍ରାପ୍ତ ଆଇଏଏସ୍) କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ । ବିଜିୟୁ କୁଳପତି କୁଳଭୁଷଣ ବାଲୁନି ବାର୍ଷିକ ବିବରଣୀ ପାଠ କରିଥିବା ସହ ବିଜିୟୁର କ୍ରମାଗତ ସଫଳତାକୁ ଦର୍ଶାଇଥିଲେ । ରେଜିଷ୍ଟ୍ରାର ବି. କେ ଦାସ ସମାବର୍ତ୍ତନ ଉତ୍ସବକୁ ପରିଚାଳନା କରିଥିଲେ । ଏଥିରେ ୪୨୯ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରି ପ୍ରଦାନ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୨୪୦ ଜଣ ସ୍ନାତକୋତ୍ତର ଏବଂ ୧୮୯ ସ୍ନାତକ ଛାତ୍ରଛାତ୍ରୀ ଥିଲେ । ବିଭିନ୍ନ ବିଭାଗରେ ଟପ୍ପର ହୋଇଥିବା ୧୯ ଛାତ୍ରଛାତ୍ରୀଙ୍କୁ ଗୋଲ୍ଡ ମେଡାଲ ପ୍ରଦାନ କରାଯାଇଥିଲା ଏବଂ ୫ପିଏଚ୍‌ଡି ଗବେଷକଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିର୍ଲ୍ଲା ଗ୍ଲୋବାଲ ୟୁନିଭର୍ସିଟି ପକ୍ଷରୁ ଆଲୁମ୍ନି ମିଟ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା ।








# ସମୃଦ୍ଧ ଓଡ଼ିଶା ପାଇଁ ଏକ ନୂତନ ଯୁଗର ଶୁଭାରମ୍ଭ

## ଟ.୬୪୦୦ କୋଟିରୁ ଅଧିକ ମୂଲ୍ୟ ବିକାଶମୂଳକ ପ୍ରକଳ୍ପର

### ଭିତ୍ତିପ୍ରସ୍ତର ସ୍ଥାପନ

## ୩ଗୋଟି ନୂତନ ରେଳ ଲାଇନର

ବାଙ୍ଗିରିପୋଷି-ଗୋରୁମହିଷାଣୀ

ବୁଢ଼ାମରା-ଚାକୁଲିଆ

ବାଦାମପାହାଡ଼-କେନ୍ଦୁଝରଗଡ଼

ଏବଂ

ଜନଜାତି ଗବେଷଣା ଏବଂ ବିକାଶ କେନ୍ଦ୍ର ରାଇରଙ୍ଗପୁର

ଦଣ୍ଡବୋଷ ବିମାନବନ୍ଦର ରାଇରଙ୍ଗପୁର

ଉପମଣ୍ଡଳୀୟ ଚିକିତ୍ସାଳୟ ରାଇରଙ୍ଗପୁର

(ଭିଡିଓ କନ୍‌ଫରେନ୍ସିଂ ଜରିଆରେ)

କରିବେ

## ଶ୍ରୀମତୀ ଦ୍ରୌପଦୀ ମୁର୍ମୁ

### ଭାରତର ମହାମହିମ ରାଷ୍ଟ୍ରପତି

୦୭ ଡିସେମ୍ବର, ୨୦୨୪ ବାଙ୍ଗିରିପୋଷି, ଓଡ଼ିଶା

### ସୁବିଧାସମୂହ

**ନୂତନ ରେଳ ଲାଇନ୍ ସମୂହ**
- ଅଞ୍ଚଳର ବିକାଶ ସହିତ ଅଧିକ ନିଯୁକ୍ତି ସୁବିଧା
- ଓଡ଼ିଶାର ମୟୂରଭଞ୍ଜ ଏବଂ କେନ୍ଦୁଝରଗଡ଼ ଜିଲ୍ଲା ମଧ୍ୟରେ ସଂଯୋଗୀକରଣକୁ ପ୍ରୋତ୍ସାହନ
- ଖଣିଜ ଦ୍ରବ୍ୟ ସମୃଦ୍ଧ ଅଞ୍ଚଳରୁ କଞ୍ଚାମାଲର ସୁଗମ ପରିବହନ

**ଦଣ୍ଡବୋଷ ବିମାନ ବନ୍ଦର**
- ଭାରତ ସରକାରଙ୍କ 'ଉଡ଼େ ଦେଶ କା ନାଗରିକ' (ୟୁଡିଏଏନ୍) ଯୋଜନା ଦ୍ୱାରା ସ୍ଥାନୀୟ ଆକାଶପଥର ସଂଯୋଗୀକରଣ କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ
- ଅର୍ଥନୀତି ଏବଂ ପର୍ଯ୍ୟଟନ କ୍ଷେତ୍ରକୁ ଅଗ୍ରାଧିକାର

**ଆଦିବାସୀ ଗବେଷଣା ଓ ବିକାଶ କେନ୍ଦ୍ର**
- ଆଦିବାସୀ ଜୀବନଶୈଳୀ, ବ୍ୟବହାର, ଜୀବନ ଓ ଜୀବିକା, ଐତିହ୍ୟ ଏବଂ ସଂସ୍କୃତି ଆଦି ସମସ୍ତ କ୍ଷେତ୍ରରେ ଗବେଷଣା ଅଧ୍ୟୟନକୁ ଶାଣିତ, ମାନସମନ୍ଥନ ଏବଂ ବିଚାରବିମର୍ଶକୁ ପ୍ରୋତ୍ସାହନ
- ବୈଷୟିକ ଜ୍ଞାନକୌଶଳ ଏବଂ ଆର୍ଥିକ କାର୍ଯ୍ୟକଳାପ କ୍ଷେତ୍ରରେ ଏକ ଦକ୍ଷତା ପ୍ରଶିକ୍ଷଣ ଏବଂ ଉଦ୍ୟୋଗୀ ବିକାଶ ହବ୍ ଭାବେ କାର୍ଯ୍ୟ କରିବ

**ଉପମଣ୍ଡଳୀୟ ଚିକିତ୍ସାଳୟ**
- ସ୍ୱାସ୍ଥ୍ୟସେବାର ପରିସରକୁ ବୃଦ୍ଧି
- ଅତ୍ୟାଧୁନିକ ଏବଂ ବିକଶିତ ସ୍ୱାସ୍ଥ୍ୟସେବା ସୁବିଧାରେ ସୁଧାର

### ସଦୟ ଉପସ୍ଥିତି

**ରଘୁବର ଦାସ**
ରାଜ୍ୟପାଳ, ଓଡ଼ିଶା

**ମୋହନ ଚରଣ ମାଝୀ**
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଅଶ୍ୱିନୀ ବୈଷ୍ଣବ**
ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ ତଥା ସୂଚନା ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ମନ୍ତ୍ରୀ

**ଜୁଏଲ ଓରାମ୍**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଡ.କୃଷ୍ଣ ଚନ୍ଦ୍ର ମହାପାତ୍ର**
ଗୃହ ଏବଂ ସହରୀ ବିକାଶ, ସାଧାରଣ ଉଦ୍ୟୋଗ ମନ୍ତ୍ରୀ, ଓଡ଼ିଶା ସରକାର

**ଗଣେଶ ରାମ ସିଂଖୁଣ୍ଟିଆ**
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଓଡ଼ିଶା ସରକାର

**ମମତା ମହାନ୍ତ**
ସାଂସଦ, ରାଜ୍ୟ ସଭା

**ନବ ଚରଣ ମାଝୀ**
ସାଂସଦ, ଲୋକ ସଭା

**ସଞ୍ଜଳି ମୁର୍ମୁ**
ବିଧାୟକ, ବାଙ୍ଗିରିପୋଷି





କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖନ୍ତୁ DD NEWS ରେ

ଆମକୁ ଅନୁସରଣ କରନ୍ତୁ: /RailMinIndia



ତୁମେ ତ ରହିବ ଜୀଇଁ, ମାଟି ପାଣି ଆଉ ଆକାଶର ପରମ ବ୍ୟାପ୍ତିରେ। ଛୋଟ ତାରାଫୁଲ ହୋଇ ଯୁଗ ଯୁଗ ପାଇଁ।

-କବିବର ରାଧାନାଥ ରାୟ



କଷ୍ଟ ମଣିଷକୁ ପରିବର୍ତ୍ତନ କରେ। କଷ୍ଟ ମଣିଷକୁ ଶକ୍ତିଶାଳୀ କରେ। ପ୍ରତ୍ୟେକ କଷ୍ଟର ଅଭିଜ୍ଞତା ଆମ ପାଇଁ ଏକ ନୂତନ ଶିକ୍ଷା ଅଟେ।

-ଶିରିଡି ସାଇ



## ଖଲିସ୍ତାନୀ ଆତଙ୍କବାଦ୍‌ର ପଦଧ୍ୱନୀ !

# ବାଦଲ୍‌ଙ୍କୁ ହତ୍ୟା ଉଦ୍ୟମ ସୁରକ୍ଷା ପ୍ରତି ସତର୍କ ଘଣ୍ଟି

ଭାରତ ବାହାରେ କାନାଡ଼ା ଆଦି ଦେଶରେ ଉଗ୍ରପନ୍ଥୀ ଶିଖ୍ ସଂଗଠନ ଖଲିସ୍ତାନୀ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଆମ ଦେଶ ଭିତରେ ମଧ୍ୟ ସେମାନଙ୍କ ହିଂସାକାଣ୍ଡର ପଦଧ୍ୱନୀ ଶୁଣାଗଲାଣି। ଭାରତରୁ ବିଛିନ୍ନ ହୋଇ ଶିଖ୍‌ମାନଙ୍କ ସ୍ୱତନ୍ତ୍ର ଖଲିସ୍ତାନ ରାଷ୍ଟ୍ର ଗଠନ ନିମନ୍ତେ ଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଯେଉଁ ଭୀଷଣ ହିଂସାର ତାଣ୍ଡବ ଦେଖିବାକୁ ମିଳିଥିଲା, ତାକୁ ନିୟନ୍ତ୍ରଣକୁ ଆଣିବା ଖୁବ୍ କଷ୍ଟକର ହୋଇଥିଲା। ଏଥିପାଇଁ ବହୁ ସାଧାରଣ ନାଗରିକ, ସୁରକ୍ଷା କର୍ମୀ ଓ ଯବାନ୍‌ଙ୍କୁ ପ୍ରାଣବଳୀ ଦେବାକୁ ପଡ଼ିଥିଲା। ଏପରିକି ଖଲିସ୍ତାନୀ ଆନ୍ଦୋଳନକୁ ଦୃଢ଼ ହସ୍ତରେ ଦମନ କରିଥିବାରୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ତାଙ୍କର ଦୁଇଜଣ ଶିଖ୍ ଅଙ୍ଗରକ୍ଷୀ ନୃଶଂସ ଭାବରେ ଗୁଳି ଚଳାଇ ହତ୍ୟା କରିଥିଲେ। ଦୁଇଦିନ ପୂର୍ବେ ପଞ୍ଜାବର ଅମୃତସରରେ ଥିବା ଶିଖ୍ ଧର୍ମପୀଠ ସ୍ୱର୍ଣ୍ଣ ମନ୍ଦିର ପରିସରରେ ଶିରୋମଣି ଅକାଳୀ ଦଳର ନେତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲ୍‌ଙ୍କ ଉପରେ ଜଣେ ଖଲିସ୍ତାନୀ ଆତଙ୍କବାଦୀ ଗୁଳିମାଡ଼ କରିବା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ସୁଖବୀର ସ୍ୱର୍ଣ୍ଣ ମନ୍ଦିର ଫାଟକ ପାଖରେ ସେବାଦାର ହୋଇ ବସିଥିବା ବେଳେ ଏହି ଗୁଳିମାଡ଼ ହୋଇଥିଲା। ଆକ୍ରମଣକାରୀ ତାଙ୍କ ଉପରକୁ ଗୁଳି ଚାଳନା କରିବା ମାତ୍ରେ ସେଠାରେ ସାଦା ପୋଷାକରେ ମୁତୟନ ଥିବା ସୁରକ୍ଷା କର୍ମୀ ତାଙ୍କୁ ହାତଧରି ଉଠାଇ ନେଇଥିଲେ। ଏହା ଫଳରେ ଗୁଳି ବାଦଲ୍‌ଙ୍କ ଦେହରେ ନବାଜି ସ୍ୱର୍ଣ୍ଣମନ୍ଦିର କାନ୍ଥରେ ବାଜିଲା ଏବଂ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଆକ୍ରମଣକାରୀଙ୍କୁ ପୋଲିସ ତୁରନ୍ତ କାବୁ କରିନେବା ସହିତ ବାଦଲ୍‌ଙ୍କୁ ସୁରକ୍ଷା ଘେରରେ ରଖାଯାଇଥିଲା। ଏହି ଘଟଣା ପରେ ସ୍ୱର୍ଣ୍ଣ ମନ୍ଦିରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅଭିଯୁକ୍ତର ମୋବାଇଲ୍ ଫୋନ୍‌ରୁ କେତେକ ସନ୍ଦିଗ୍ଧ ନମ୍ବର ମିଳିଥିବାର ପୋଲିସ ସୂତ୍ରରୁ ଜଣାପଡିଛି। ଗୁଳି ଚଳାଇଥିବା ଅଭିଯୁକ୍ତର ନାମ ନାରାୟଣ ସିଂହଚୌତା ଏବଂ ସେ ଗୁରୁଦାସପୁର ଡେରାବାବା ନାନକର ବାସିନ୍ଦା। ଦୁର୍ଦ୍ଦାନ୍ତ ଖଲିସ୍ତାନୀ ଆତଙ୍କବାଦୀ ସଂଗଠନ ବାବର ଖାଲ୍‌ସା ସହିତ ସେ ଜଡ଼ିତ ଥିଲା। ୧୯୮୪ ମସିହାରେ ଖଲିସ୍ତାନୀଙ୍କ ବିଚ୍ଛିନ୍ନତାବାଦୀ ହିଂସାତ୍ମକ କାର୍ଯ୍ୟକଳାପ ଚରମ ସୀମାରେ ପହଞ୍ଚିଥିବା ବେଳେ ଅଭିଯୁକ୍ତ ନାରାୟଣ ପାକିସ୍ତାନ ଯାଇଥିଲା ଏବଂ ସେଠାରେ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଚୋରା କାରବାରରେ ସଂପୃକ୍ତ ଥିବାର ଜଣାପଡିଥିଲା। ଗତ ୨୦୧୩ ମସିହାରେ ତାକୁ ଅନ୍ୟ ଦୁଇଦେଶ ସାଥୀଙ୍କ ସହ ଗିରଫ କରାଯିବା ପରେ ଜାମିନ୍ ମିଳିଛି। ବାଦଲ୍‌ଙ୍କ ପରିବାର ତା'ର ହିଟ୍ ଲିଷ୍ଟରେ ଥିବାରୁ ବୁଧବାର ସେ ସ୍ୱର୍ଣ୍ଣ ମନ୍ଦିରକୁ ପ୍ରାର୍ଥନା କରିବା ଆଳରେ ଆସି ଧୀରେ ଧୀରେ ଫାଟକ ଆଡ଼କୁ ଚଢ଼ିଥିଲା। ସେଠାରେ ହ୍ୱିଲ୍ ଚେୟାରରେ ବସି ସେବା ଦେଉଥିବା ସୁଖବୀର ସିଂହ ବାଦଲ୍‌ଙ୍କ ନିକଟରେ ପହଞ୍ଚିବା ମାତ୍ରେ ନିଜ ଜ୍ୟାକେଟ୍‌ରୁ ପିସ୍ତଲ କାଢ଼ି ତାଙ୍କ ଉପରକୁ ଗୁଳି ଚଳାଇଲା। ସୌଭାଗ୍ୟବଶତଃ ଗୁଳି ବାଦଲ୍‌ଙ୍କ ଶରୀରରେ ନବାଜି ସ୍ୱର୍ଣ୍ଣମନ୍ଦିର କାନ୍ଥରେ ବାଜିଥିଲା। ଅମୃତସର ପୋଲିସ କମିଶନର୍‌ଙ୍କ ସୂଚନା ଅନୁଯାୟୀ ପୋଲିସ୍‌ର ସତର୍କତା କାରଣରୁ ହିଁ ବାଦଲ୍‌ଙ୍କ ହତ୍ୟା ଉଦ୍ୟମ ବିଫଳ ହୋଇଛି। ଆକ୍ରମଣରେ ବ୍ୟବହୃତ ପିସ୍ତଲ୍‌କୁ ଜବତ କରାଯାଇଛି ଏବଂ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣା ପରେ ପଞ୍ଜାବରେ ରାଜନୀତି ଜୋର୍ ଧରିବାର ଲକ୍ଷ୍ୟ କରାଯାଉଛି। ବିରୋଧୀ ଦଳଗୁଡ଼ିକ ଏଥିନେଇ ରାଜ୍ୟର ଆପ୍ ସରକାରକୁ ଟାର୍ଗେଟ୍ କରିଛନ୍ତି। ବରିଷ୍ଠ ବିଜେପି ନେତା ମନ୍‌ଜିନ୍ଦରସିଂହ ସିର୍‌ସା ଏହାକୁ ଏକ ବଡ଼ଧରଣର ସୁରକ୍ଷା ପ୍ରତି ତ୍ରୁଟି ବୋଲି ଦର୍ଶାଇବା ସହିତ ଆପ୍ ସରକାର ଆସିବା ପରେ ଆଇନଶୃଙ୍ଖଳା ପରିସ୍ଥିତିରେ ଅବନତି ଘଟିଛି ବୋଲି ମତ ରଖିଛନ୍ତି। ଜେଡ୍ ପ୍ଲସ୍ ସୁରକ୍ଷା ଯୋଗାଯିବା ସତ୍ତ୍ୱେ ରାଜ୍ୟରେ କେହି ସୁରକ୍ଷିତ ନୁହନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ 'ଆପ୍' ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍ ପଞ୍ଜାବ ପୋଲିସ୍ ଏକ ବଡ଼ଧରଣର ଅଘଟଣକୁ ରୋକିପାରି ଥିବାରୁ ସନ୍ତୋଷ ପ୍ରକାଶ କରିବା ସଙ୍ଗେ ସଙ୍ଗେ ପଞ୍ଜାବକୁ ବଦ୍‌ନାମ୍ କରିବାର ଷଡ଼ଯନ୍ତ୍ର ପଣ୍ଡ ହୋଇଛି ବୋଲି କହିଛନ୍ତି। ତେବେ ଖଲିସ୍ତାନୀ ଆତଙ୍କୀଙ୍କ ଏହି ହତ୍ୟା ଉଦ୍ୟମରୁ ଶିକ୍ଷା ଗ୍ରହଣ କରି ଆଗକୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ବିଜ୍ଞତାର କାର୍ଯ୍ୟ ହେବ। ଖଲିସ୍ତାନୀଙ୍କ ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ କେବଳ ପଞ୍ଜାବ ନୁହେଁ, ସମଗ୍ର ଦେଶର ନିରାପତ୍ତା ଓ ଅଖଣ୍ଡତା ପ୍ରତି ଯେ ଏକ ବଡ଼ ଆହ୍ୱାନ, ଏଥିରେ ସନ୍ଦେହର ଅବକାଶ ନାହିଁ।

## ନୀତିବାଣୀ



**କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ ବିମୂଢ଼ାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ।।**

**ଭାବାର୍ଥ :** ଯେଉଁ ମୂଢ଼ବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ରୁଦ୍ଧ କରିଦେଇ ସେହି ଇନ୍ଦ୍ରିୟମାନଙ୍କର ଭୋଗକୁ ମନ ଦ୍ୱାରା ଚିନ୍ତନ କରୁଥାଏ, ତାହାକୁ ମିଥ୍ୟାଚାରୀ ଅର୍ଥାତ୍ ଦମ୍ଭୀ ବୋଲି କୁହାଯାଏ।

# ଶ୍ରୀଜଗନ୍ନାଥଙ୍କ ଘୋଡଲାଗି ବେଶ ଓ ଓଢଣଷଷ୍ଠୀ ଯାତ୍ରା



ପ୍ରସନ୍ନ କୁମାର ମିଶ୍ର
ଶ୍ରୀକ୍ଷେତ୍ର କଲୋନୀ, ପୁରୀ-୨
ମୋ: ୮୦୧୮୮୭୫୩୩୫

ଭାରତ ଭୂଖଣ୍ଡ ଏପରି ଏକ ପବିତ୍ର ଦେଶ ଯେଉଁଠାରେ ଗୋଟିଏ ବର୍ଷରେ ସର୍ବତ୍ର ଛଅ ଗୋଟି ଋତୁର ପ୍ରଭାବ ପଡିଥାଏ। ଋତୁ ବିଚାରରେ ଆମ୍ଭେମାନେ ଜଳ ଓ ବାୟୁର ଗୁଣଭେଦ ଅନୁସାରେ ଯେପରି ବିଭିନ୍ନ ପ୍ରକାରର ପୋଷାକ ପରିଧାନ କରିଥାଉ, ବିଶ୍ୱନିୟନ୍ତା ଶ୍ରୀଜଗନ୍ନାଥ ମହାପ୍ରଭୁ 'ସର୍ବମୟ କର୍ତ୍ତା' ରୂପରେ ପୂଜିତ ହେଉଥିଲେ ମଧ୍ୟ ମାନବୀୟ ଲୀଳା କ୍ରମରେ ବିବିଧ ରଙ୍ଗ ଓ ଢଙ୍ଗର ଶୀତବସ୍ତ୍ର ପରିଧାନ କରି ଥାଆନ୍ତି। ଏହାକୁ ପ୍ରାବରଣ ଯାତ୍ରା ଓ 'ଘୋଡଲାଗି' କହନ୍ତି। ଶ୍ରୀମନ୍ଦିର ଭାଷାରେ 'ଘୋଡ' ଅର୍ଥାତ ଶୀତବସ୍ତ୍ର।

ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପ୍ରାବରଣ (ଉତ୍ତରୀୟବସ୍ତ୍ର) ଯାତ୍ରା ମାର୍ଗଶୀର ଶୁକ୍ଳ ଷଷ୍ଠୀ ତିଥିରେ ଅନୁଷ୍ଠିତ ହୋଇଥାଏ। ମାତ୍ର ଏହାର ଅଧିବାସ ବିଧି ପଞ୍ଚମୀ ଦିନ ପାଳିତ ହୁଏ। ଭୋଗ ମଣ୍ଡପ ଘର ଧୋପଖାଳ (ଧୁଆପୋଛା) ହୋଇ ହୋଇ ଚାନ୍ଦୁଆ ବନ୍ଧାଯାଏ। ତିନିଗୋଟି ମଣ୍ଡଳ ଉପରେ ଚାଙ୍ଗୁଡିରେ ତିନି ଠାକୁରଙ୍କୁ ଲାଗି ହେବା ପାଇଁ ରଖାଯାଇଥିବା ଘୋଡମାନଙ୍କୁ ସଜାଡି ରଖାଯିବା ପରେ ପୂଜାପଣ୍ଡାମାନେ ଅଧିବାସ (ପୂଜା ଆଦି ଶୁଭକର୍ମ ପୂର୍ବରୁ ଗନ୍ଧ ଓ ମାଲ୍ୟାଦି ଦ୍ୱାରା ସଂସ୍କାର) କର୍ମ କରିଥାଆନ୍ତି। ଏହା ପରେ ଦୁଆର 'ମୁଦ' ହୁଏ। ତିନି ଠାକୁରଙ୍କର ବଡସିଂହାର ବେଶ, ଭୋଗ ଓ ମୈଲମ (ବେଶ ଆଦି ଓଲାଗି) ଓ ମହାସ୍ନାନ ପରେ ଝିନପତନି (ଝିନ ବସ୍ତ୍ର) ଲାଗି ହୋଇଥାଏ। ଏହାପରେ ସର୍ବାଙ୍ଗ ଚନ୍ଦନଲାଗି, ପଇଡ, ବିଡିଆ (ପାନ) ଓ ଘଷା ମଣୋହି ହୋଇ ପହୁଡ ହୁଏ।

ସ୍ୱତ୍ୱଲିପି ଅନୁଯାୟୀ ଏହି ରାତ୍ରରେ ମହାପ୍ରଭୁ ଝିନ ବସନ ପରିଧାନ କରି ଶୀତ ପ୍ରବେଶର ପ୍ରତିରୋଧ ପାଇଁ ଶୀତ ଋତୁ ସହିତ ସଂଗ୍ରାମ କରି ଥାଆନ୍ତି। ସେଥିପାଇଁ ଏହିଦିନ ଦୁଇଥର ମହାପ୍ରଭୁଙ୍କ ବଡ ସିଂହାର ବେଶ ହୋଇଥାଏ। ଶେଷରେ ସମସ୍ତ କାଳ ଓ ଋତୁର ପୁରୁଷ ସ୍ୱୟଂ 'ପୁରୁଷୋତ୍ତମ'ଙ୍କ ନିକଟରେ ଋତୁର ପ୍ରଭାବ ନିଷ୍ପ୍ରଭ ହେବାରୁ 'ଋତୁ' ନିଜେ ଶ୍ରୀଜଗନ୍ନାଥଙ୍କ ନିକଟରେ ଉପସ୍ଥିତ ହୋଇ ପ୍ରାର୍ଥନା କରନ୍ତି ମହାପ୍ରଭୁ, ଜୀବଜଗତର ମଙ୍ଗଳ ପାଇଁ ଆପଣ ନିଜେ ଷଡ-ଋତୁ ସୃଷ୍ଟି କରିଛନ୍ତି। ମୁଁ କେବଳ ଆପଣଙ୍କ ଆଜ୍ଞା ପାଳନ କରୁଛି ମାତ୍ର। ମୁଁ ଆପଣଙ୍କ ଶରଣାପନ୍ନ। ଏହାର ବିଧି ବିଧାନ ଆପଣ କରନ୍ତୁ। ଋତୁରାଜଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଶ୍ରୀଜଗନ୍ନାଥ କହନ୍ତି- ହେ ଋତୁରାଜ, ମୁଁ ତୁମର ପ୍ରାଧାନ୍ୟ ରକ୍ଷା ପାଇଁ ପରାଜୟ ସ୍ୱୀକାର କରି ଶୀତବସ୍ତ୍ର ପରିଧାନ କରିବି। ମାତ୍ର ତୁମେ ଦୀନ ଦରିଦ୍ର, ଦୁଃଖି-ରଙ୍କି ଓ ଗୃହହୀନ ନିରାଶ୍ରୟ ମନୁଷ୍ୟ ଯେଉଁମାନେ ନିଜ ନିଜର କର୍ମହେତୁ କଷ୍ଟ ଭୋଗୁଅଛନ୍ତି ସେହି ବ୍ୟକ୍ତିମାନଙ୍କୁ ନିଜର ପ୍ରକୋପରୁ ବଞ୍ଚିତ କରିବ। ଋତୁରାଜ ପ୍ରଭୁଙ୍କ ଆଜ୍ଞାକୁ ସ୍ୱୀକାର କରିବା ପରେ ମହାପ୍ରଭୁ ଶୀତଦିନର ପୋଷାକ (ଘୋଡ) ପରିଧାନ କରିଥିଲେ। ଏହି ବିଚାରରେ ପୁରୀ ସହରର ପୁରାତନ ପରମ୍ପରା ସହିତ ଜଡିତ ଅନେକ ସହରବାସୀ, ବ୍ରାହ୍ମଣ ଓ ସେବାୟତ ଆଗରୁ ଯେତେ ଶୀତ ପଡୁଥିଲେ ସୁଦ୍ଧା ଶୀତବସ୍ତ୍ର ଧାରଣ ନକରି ମହାପ୍ରଭୁଙ୍କ ଘୋଡଲାଗି ପରେ ଶୀତବସ୍ତ୍ର ପରିଧାନ କରିଥାଆନ୍ତି।

ଶ୍ରୀମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରୁ



ପ୍ରାବରଣ ଯାତ୍ରା ଅନ୍ୟତମ। ଏହାକୁ ଓଢଣଲାଗି ଉତ୍ସବ ମଧ୍ୟ କୁହାଯାଇଥାଏ। ମାନବୀୟ ଲୀଳା କ୍ରମରେ 'ଓଢଣ ଷଷ୍ଠୀ' ଦିନଠାରୁ ଶୀତ ଆରମ୍ଭ ହୋଇ ଯାଉଥିବାରୁ ଶୀତ ଦାଉରୁ ରକ୍ଷା ପାଇବା ନିମନ୍ତେ ଶ୍ରୀମନ୍ଦିର ରତ୍ନ ସିଂହାସନରେ ବିରାଜିତ ତିନି ଠାକୁରଙ୍କ ସମେତ ଶ୍ରୀଦେବୀ, ଭୂଦେବୀ, ମାଧବ ଓ ସୁଦର୍ଶନ ଏବଂ ମନ୍ଦିର ବେଢାରେ ଥିବା ସମସ୍ତ ଦେବାଦେବୀଙ୍କ ଠାରେ 'ଘୋଡ ବା ଶୀତବସ୍ତ୍ର' ଲାଗି ହୋଇଥାଏ। ଭୁପୃଷ୍ଠରୁ ଶୀତ ମେଲାଣି ନେବା ପର୍ଯ୍ୟନ୍ତ ଅର୍ଥାତ୍ ସରସ୍ୱତୀ ପୂଜା ପର୍ଯ୍ୟନ୍ତ ଏହି ନୀତି ଅନୁଷ୍ଠିତ ହେଇଥାଏ। ରତ୍ନ ସିଂହାସନରେ ବିରାଜିତ ଠାକୁରମାନେ ଘୋଡଲାଗି ବେଶରେ ସୂତାବସ୍ତ୍ର, ଖଣ୍ଡୁଆ ପାଟ, ଭେଲଭେଟର ଶୀତବସ୍ତ୍ର(ଘୋଡ), ଫୁଟା (ଚବିଶ ହାତ ଲମ୍ବ ଦୁଇହାତ ଓସାରର ଗୀତଗୋବିନ୍ଦ ପଦାବଳୀ ବୁଣା ହୋଇଥିବା ବସ୍ତ୍ର), ମଫଲର ଓ ଟୋପର ଆଦି ସହିତ ମକରଚୂଳ ଲାଗି ହୋଇଥାଆନ୍ତି।

ଶାସ୍ତ୍ର ପରମ୍ପରା ଅନୁଯାୟୀ ସାତବାରରେ ଠାକୁରମାନଙ୍କୁ ଭିନ୍ନ ରଙ୍ଗର ଲୁଗା ଲାଗି ହୋଇଥାଏ। ରବିବାରରେ ଲାଲ ରଙ୍ଗ, ସୋମବାରରେ କଳାଛିଟ ଥିବା ଶୁକ୍ଳ ରଙ୍ଗ, ମଙ୍ଗଳବାର ବାରପଟିଆ (ପଞ୍ଚରଙ୍ଗ ମିଶା), ବୁଧବାର ନୀଳରଙ୍ଗ, ଗୁରୁବାର ହଳଦିଆ (ବସନ୍ତ) ରଙ୍ଗ, ଶୁକ୍ରବାର ଶୁକ୍ଳ ରଙ୍ଗ ଓ ଶନିବାର ଦିନ କଳାରଙ୍ଗର ଘୋଡ ବସ୍ତ୍ର ଠାକୁରମାନେ ପରିଧାନ କରି ଥାଆନ୍ତି। ଜ୍ୟୋତିଷ ମାନେ ଘୋଡର ରଙ୍ଗକୁ ସାତଗ୍ରହର ପ୍ରତୀକ କହିଥାଆନ୍ତି । ଶ୍ରୀମନ୍ଦିରରେ ରାହୁ ଓ କେତୁକୁ ଗ୍ରହ ଗଣନା କରାଯାଏ ନାହିଁ । ଏହି ଦିନ ମାନଙ୍କରେ ଘୋଡଲାଗି ହେତୁ ପୂଜାପଣ୍ଡାମାନେ ସିଂହାସନରେ ନବସି ତଳେ ପୂଜା କରିଥାଆନ୍ତି। ଏହି ବେଶରେ 'ଝୋବା' (ଠାକୁର ମାନଙ୍କ କଟିଦେଶରେ ସ୍ୱର୍ଣ୍ଣ ଝୁମ୍ପା ଲାଗିଥିବା ଅଳଙ୍କାର) ଲାଗି ହୁଏନାହିଁ। ଯାତ୍ରା ଭାଗବତରେ କୁହାଯାଇଛି, 'ଯେଉଁ ଭକ୍ତମାନେ ସ୍ୱନେତ୍ରରେ ମହାପ୍ରଭୁଙ୍କ ଏହି ଯାତ୍ରାକୁ ଦର୍ଶନ କରନ୍ତି ସେମାନେ ଚନ୍ଦ୍ର ସୂର୍ଯ୍ୟଥିବା ପର୍ଯ୍ୟନ୍ତ ପୁନଃଜନ୍ମ କଷ୍ଟ ଭୋଗ କରନ୍ତି ନାହିଁ।'

# ବୃଦ୍ଧାଶ୍ରମ ଶେଷ ଠିକଣା ନହେଉ



ରବିନାରାୟଣ ପଟ୍ଟନାୟକ
ପଟିଆ, ଭୁବନେଶ୍ୱର
ମୋ: ୯୯୩୮୧୧୩୨୨୬

ଟାକିରି ଜୀବନ ଯେତେବେଳେ ଯାଏଁ ଥାଏ ଜଣେ ବିଭିନ୍ନ ଲୋକଙ୍କ ସହିତ କଥାବାର୍ତ୍ତା କରେ, ଯାହାଫଳରେ କି ନିଜ ମନକଥା ବଣ୍ଟି ପାରିଥାଏ। ପରେ କିନ୍ତୁ ସେଇ ମଣିଷ ଯେତେବେଳେ ବୟସର ଶେଷ ସମୟରେ ପହଞ୍ଚେ ସେଇ ସମୟରେ ନିଜେ ନିଜର ଦୁଃଖ ମନ ଭିତରେ ରଖିବା ଛଡ଼ା ଆଉ କିଛି ଉପାୟ ନାହିଁ। ବର୍ତ୍ତମାନ ସମୟରେ ସବୁଠୁ ମହତ୍ତ୍ୱପୂର୍ଣ୍ଣ ଜିନିଷ ଯଦି ମଣିଷ ଜୀବନରେ ଥାଏ ତା'ହେଲା ସମୟ। ଆଜିର ଦିନରେ କାହା ପାଖରେ ସମୟ ନାହିଁ। କିନ୍ତୁ ସବୁଠୁ କଷ୍ଟ ସେତେବେଳେ ଲାଗେ ଯେତେବେଳେ ଜଣଙ୍କର ବୃଦ୍ଧା ବାପା-ମାଆଙ୍କ ପାଇଁ ମଧ୍ୟ ସମୟ ଦେବାକୁ ମଧ୍ୟ ସମୟର ଅଭାବ ଥାଏ। ପିତାମାତା ତାଙ୍କ ଜୀବନ ସାରା ବହୁତ୍ ପରିଶ୍ରମ କରିଥାନ୍ତି ଏହି ଆଶା ନେଇକି କି ଶେଷ ସମୟରେ ତାଙ୍କ ପିଲାମାନେ ତାଙ୍କ ପାଖରେ ରହିବେ ତାଙ୍କ ସହିତ ଟିକେ ସୁଖଦୁଃଖ ଭଲରେ କଥା ହେବେ କିନ୍ତୁ ତାଙ୍କର ଏହି ଆଶା ଆଶାରେ ହିଁ ରହିଯାଉଛି। ଯେତେବେଳେ ପିଲାମାନେ ଏହାକୁ ଅନୁଭବ କରୁଛନ୍ତି ସେତେବେଳକୁ ବହୁତ୍ ଡେରି ହୋଇଯାଉଛି । ଯାହା ଫଳରେ କି ସେମାନେ ଫଟୋ ଭିତରୁ ନିଜ ବାପା-ମା'ଙ୍କୁ ଖୋଜୁଛନ୍ତି ଯାହାର ଆଉ କିଛି ମୂଲ୍ୟ ନଥାଏ ।

ଆଜିର ସମାଜ ଏକ ପ୍ରତିଯୋଗିତା ଭିତରେ ଧାଇଛି। କାହା ପାଇଁ ଆଜି କାହାର ସମୟ ନାହିଁ। ବୃଦ୍ଧ ବାପା-ମା' ଚାହିଁଥିବେ କାମରୁ ଆସିଲା ପରେ ମୋ ସହିତ କିପରି ମୋ ପିଲାମାନେ ଟିକେ ସୁଖଦୁଃଖ ହେବେ କିନ୍ତୁ ପିଲାମାନେ ବିଭିନ୍ନ ପ୍ରକାର ବାହାନା କରି ତାଙ୍କୁ ଅଣଦେଖା କରୁଛନ୍ତି। ଯେତେବେଳେ କିଛି କଥା ବୃଦ୍ଧା ବାପା-ମା' ହେବାକୁ ଚାହିଁଥାନ୍ତି, ତମେ ଦୁନିଆଁ ବିଷୟରେ କିଛି ଜାଣିନ ବୋଲି ଉତ୍ତର ଦେଇଥା'ନ୍ତି ପିଲାମାନେ । ଭାବୁନାହାନ୍ତି ସେମାନେ ବି ଦିନେ ଏହି ଦିନ ଦେଇକି ଗତି କରିବେ। ବାପା-ମା'ଙ୍କ ଭଲ ପାଇବା ବିନା ସର୍ତ୍ତ ଓ ବିନା ସ୍ୱାର୍ଥରେ ଥାଏ ପିଲାମାନଙ୍କ ପ୍ରତି ଏହା ବୁଝିବାକୁ ଯେମିତି କେହି ପ୍ରସ୍ତୁତ ନୁହନ୍ତି। ଆଜି ସମୟରେ ଜଣେ ବୃଦ୍ଧ ମଣିଷ ନିଜ ଭାବନା କାହା ସହିତ ବାଣ୍ଟି ମଧ୍ୟ ପାରୁନାହାନ୍ତି। ନିଜ ଭାବନାକୁ ନିଜ ଅନ୍ତର ମଧ୍ୟରେ ରଖୁଛନ୍ତି। ଏହା ତାଙ୍କୁ ବହୁତ ଭାବରେ ମାନସିକ ଚାପ ଦେଉଛି। ବାପା-ମା'ଙ୍କୁ ଯେତେ ହୋଇପାରିବ ଭଲ ପାଇବା ଦେବା ଉଚିତ୍ କାରଣ ଯେଉଁ ସମୟରେ ଜଣେ ପିଲା ବଡ଼ ହୁଏ ସେଇ ସମୟରେ ବାପା-ମା' ବୁଢା ହୁଅନ୍ତି ଏଇଟା ସମସ୍ତେ ମନେ ରଖିବା ଉଚିତ୍ ବହୁତ୍ କ୍ଷେତ୍ରରେ ଏମିତି ଦେଖା ହେଉଛି ବୃଦ୍ଧ ବାପା-ମା'ଙ୍କୁ ପିଲାମାନେ ବୃଦ୍ଧାଶ୍ରମରେ ଛାଡି ଦେଇଆସୁଛନ୍ତି। ଯେଉଁମାନେ ନିଜ ପିଲାଙ୍କୁ ପାଠ ପଢେଇ ମଣିଷ କରୁଛନ୍ତି ସେମାନେ ପର ହେଇକି ବୃଦ୍ଧାଶ୍ରମରେ ଛାଡି ଦେଉଛନ୍ତି ସେତେବେଳେ ଅନ୍ୟମାନେ ତାଙ୍କର ନିଜର ହେଉଛନ୍ତି । ବାପା-ମା'ଙ୍କୁ ଛାଡିକି ଆସି ବାହାରେ ଗର୍ବର ସହ କହୁଛନ୍ତି ଆମ ପାଖରେ ସମୟ ନାହିଁ ସେଇଠି ସେମାନେ ଖୁସିରେ ରୁହନ୍ତି । ଭୁଲି ଯାଉଛନ୍ତି ସେ ମଧ୍ୟ ଆଗକୁ ବୃଦ୍ଧ ହେବେ ବୋଲି ।

ଗୋଟେ ଜାଗାରେ ଗୋଟେ ସାଧୁ ବସିଥାନ୍ତି ତାଙ୍କ ପାଖରେ କିଛି ତାଙ୍କ ଶିଷ୍ୟ ମଧ୍ୟ ଥାନ୍ତି। ଦୂରରୁ ଦେଖିଲେ ଗୋଟେ ପରିବାରର କିଛି ଲୋକ ଛିଡ଼ା ହୋଇଛନ୍ତି ଓ ତାଙ୍କ ମଧ୍ୟରେ ପ୍ରବଳ ଶବ୍ଦରେ ପାଟି ତୁଣ୍ଡ କରୁଥାନ୍ତି । ଏହା ଦେଖିବା ପରେ ସାଧୁ ଜଣକ ତାଙ୍କ ପାଖରେ ବସିଥିବା ଶିଷ୍ୟମାନଙ୍କୁ ପଚାରିଲେ କୁହ ସେମାନେ ଗୋଟେ ପରିବାରର ତାଙ୍କ ଭିତରେ ରକ୍ତ ସଂପର୍କ ମଧ୍ୟ ରହିଥିବ ସେମାନେ ଚାହିଁଲେ ଧୀରେ କଥା ହେଇପାରିବେ ତାଙ୍କ ଭିତରେ ଥିବା ମନୋମାଳିନ୍ୟ ଠିକ୍ ହୋଇଯିବ କିନ୍ତୁ ସେମାନେ ଏତେ ଜୋର୍ ପାଟିରେ ଚିଲେଇକି କ'ଣ ପାଇଁ କଥା ହେଉଛନ୍ତି କ'ଣ ତା'ର କାରଣ ହୋଇଥିବ । ଗୋଟେ ଶିଷ୍ୟ କହିଲା ସେ ଯେହେତୁ ଜୋର୍ ରାଗିଛନ୍ତି ସେଇଥି ପାଇଁ ନିଜ କଥା କହିବା ପାଇଁ ଜୋର ଚିଲଉଛନ୍ତି କିନ୍ତୁ ସାଧୁ ଉତ୍ତରରେ ସନ୍ତୁଷ୍ଟ ହେଲେନି। ଆଉ ଜଣକୁ ପଚାରିଲେ ସେ ଶିଷ୍ୟ ଜଣକ କହିଲେ ସେ ଭାବନାକୁ ନିୟନ୍ତ୍ରଣ ରଖି ପାରୁନାହାନ୍ତି ସେଇଥି ପାଇଁ ବଡ଼ ପାଟିରେ କଥା ହେଉଛନ୍ତି।

ଏହି ଉତ୍ତରରେ ବି ସାଧୁ ସହମତି ହୋଇପାରିଲେ ନାହିଁ। କହିଲେ, ମୁଁ କହୁଛି ଶୁଣ ଯେତେବେଳେ ତାଙ୍କ ମଧ୍ୟରେ କ୍ରୋଧ ଆସିଛି ସେବେଠୁ ସେମାନେ ନିଜର ଆଉ ହେଇକି ନାହାନ୍ତି। ପାଖାପାଖି ତ ଉପସ୍ଥିତ ଅଛନ୍ତି କିନ୍ତୁ ମନ ଭିତରୁ ସେମାନେ ବହୁତ୍ ଦୂରକୁ ଚାଲିଗଲେଣି। ସେଇଥି ପାଇଁ ତାଙ୍କୁ ବଡ଼ ପାଟିରେ କଥା ହେବାକୁ ପଡୁଛି। ଯେତେବେଳେ ଜଣେ ମନ ଭିତରୁ ପାଖାପାଖି ଥାଆନ୍ତି ସେତେବେଳେ ବହୁତ୍ କମ୍ ପାଟିରେ କଥା ହୁଅନ୍ତି ଯେତେବେଳେ ସେଇ ଭଲ ପାଇବା ଆହୁରି ଗାଢ଼ ହୋଇଯାଏ ସେତେବେଳେ କଥା କହିବାକୁ ବି କିଛି ପଡେନି ଜଣଙ୍କ ଆଖିରୁ ଜଣେ ବୁଝିପାରେ। ଯେଉଁଠି ଭଲ ପାଇବା ଥାଏ ସେଇଠି ଚିଲେକି କଥା ହେବା କିଛି ଆବଶ୍ୟକତା ନଥାଏ ସେତେବେଳେ ଆବଶ୍ୟକତା ପଡେ ଯେତେବେଳେ ମନ ଭିତରୁ ଦୂରତା ବଢ଼ି ଯାଇଥାଏ । ଯେତେ ନିଜର ସଂପର୍କ ଥାଉ ପଛେ ସଂପର୍କ ଭିତରେ ମତାନ୍ତର ହବ ଏକ ସ୍ୱାଭାବିକ କଥା କିନ୍ତୁ ଏହା ଯେପରି ମନାନ୍ତର ନହୁଏ । ମନର ଦୂରତା ଏତେ ନବଢ଼ି ଯାଉ ଯେମିତି ଜଣକୁ କିଛି କଥା କହିବାକୁ ହେଲେ ଜୋର୍ ପାଟି କରିବାକୁ ପଡ଼ିବ। ସେମିତି ହେଲେ ଏମିତି ଦିନ ଆସିବ ଯେତେ ବେଳେ ଜଣେ ଏତେ ଜୋର୍ ପାଟିରେ ଚିଲେଇକି କହୁଥିବ କିନ୍ତୁ ସାମ୍ନା ଲୋକ ଶୁଣିବାକୁ ନଥିବ।

# ଅବତାର ନିତ୍ୟାନ୍ତ ଆବଶ୍ୟକ

ଇଂ. ସଚ୍ଚିଦାନନ୍ଦ ନନ୍ଦ
ଅଲିଶା ବଜାର, କଟକ
ମୋ : ୯୩୩୭୨୪୨୯୫୫

ଯେଉଁ ଅବତାର ନ ଆସିଥିଲେ ଆଜିର ମାନବ ସମାଜ ଦାନବ ସମାଜ ପାଲଟିଯାଇଥାନ୍ତା ଯିଏ ଅବତରୀ ନଥିଲେ ମାନବ ଜାତିର ଉତ୍ତରଣ ସମ୍ଭବ ହୋଇନଥାନ୍ତା, ଯିଏ ଆର୍ବିଭାବ ହୋଇନଥିଲେ ଧର୍ମଗୁରୁମାନେ ତାଙ୍କ ଶିଷ୍ୟବର୍ଗଙ୍କୁ ମାର୍ଗ ଦର୍ଶନ କରାଇପାରି ନଥାନ୍ତେ, ଯିଏ ଉଚିତ ସମୟରେ ଉପଯୁକ୍ତ ଶକ୍ତି ସାମର୍ଥ୍ୟସମ୍ପନ୍ନ ଐଶ୍ୱର୍ଯ୍ୟ ଧାରଣ କରି ଯଦି ଆସିନଥାନ୍ତେ ଅନୈତିକ ଚାକଚକ୍ୟରେ ଆକର୍ଷିତ ହୋଇଯାଉଥିବା ଜନମାନସକୁ ପୁନଃ ଧର୍ମାନୁମୋଦିତ ସଂସ୍କୃତି ସମ୍ପନ୍ନ କରାଇବା ଅସମ୍ଭବ ହୋଇଥାନ୍ତା। ଯିଏ ନ ଆସିଥିଲେ ସମଗ୍ର ବିଶ୍ୱର ଅବସ୍ଥା ହିଂସ୍ରଜନ୍ତୁପୂର୍ଣ୍ଣ ଜଙ୍ଗଲରେ ପରିଣତ ହୋଇଯାଇଥାନ୍ତା। ଯିଏ ନ ଆସିଥିଲେ ପରିବାରର ସଦସ୍ୟମାନେ ସେମାନଙ୍କ ସମୁଚିତ କର୍ତ୍ତବ୍ୟ କ'ଣ ଜାଣିପାରି ନଥାନ୍ତେ। ଯିଏ ନ ଆସିଥିଲେ ତଥାକଥିତ ପଣ୍ଡିତମାନେ ଆପ୍ତବାକ୍ୟର ପ୍ରକୃତ ଅର୍ଥ ବ୍ୟାଖ୍ୟା କରି ନପାରି ତାହାକୁ କଦର୍ଥ କରୁଥାନ୍ତେ। ଯାହାଙ୍କ ଅନୁପସ୍ଥିତିରେ ମଣିଷ କେବଳ ଆକାର ମଣିଷ ହୋଇ ଅମଣିଷ ଭଳି ଅପକର୍ମ ଗୁଡ଼ିଏ କରୁଥାନ୍ତା। ଯାହାଙ୍କ ବିନା ଭାରତୀୟ ସଂସ୍କୃତି ମଧ୍ୟ ତାହାର ମହତ୍ତ୍ୱ ହରାଇ ପୁରାଣ ଇତିହାସ ଭଳି ଅଲୋଡ଼ା ହୋଇପଡ଼ିଥାନ୍ତା। ଯାହାଙ୍କ ଆଗମନ ହୋଇ ନଥିଲେ ଏ ଭୂଖଣ୍ଡରେ ଥିବା ସହସ୍ର ସହସ୍ର ଦେବଦେବୀ ମନ୍ଦିରରେ ଦିଅଁମାନେ ସେମାନଙ୍କର ପ୍ରାପ୍ୟ ପୂଜା ଆରାଧନା ହରାଇ ବସିଥାନ୍ତେ। ଦିଅଁ ଦେବତା ଜ୍ଞାନ ନଥିବା ସମାଜର ଗତି ଯେଉଁଆଡ଼କୁ ଯାଉଥାନ୍ତା ତାକୁ ବାଧା ଦେଇ ପୁନଃ ପ୍ରତିଷ୍ଠା କରାଇବାରେ କିଏ ସମର୍ଥ ହୋଇଥାନ୍ତା ? ଗୃହସ୍ଥ ମାନେ ତାଙ୍କ ଜୀବନର ସମସ୍ତ କିଛି ଦେଇ ଯେଉଁ ବାସଗୃହ ଖଣ୍ଡେ ନିର୍ମାଣ କରିଥିଲେ ସନ୍ତାନମାନେ ତାହାକୁ କରାୟତ୍ତ କରିନେଇ ବୃଦ୍ଧ ବୟସ୍କ ମାନଙ୍କୁ ସିଡିଘର ତଳକୁ ପଠାଇ ଦେଇଥାନ୍ତେ। ଅବତାର ତାଙ୍କର ଅଲୌକିକ ଶକ୍ତି ବଳରେ ଆଖି ଥାଇ ଅନ୍ଧ ପାଲଟିଥିବା ମାନବ ସମାଜକୁ ପୁନଃ ଦୃଷ୍ଟିଶକ୍ତି ପ୍ରଦାନ କରି ତାଙ୍କର କର୍ତ୍ତବ୍ୟ ପ୍ରତି ସଚେତନ କରାଇ ପୁରୁଷ ପରେ ପୁରୁଷ ଧରି ଯେଉଁ ସଦୟ କୃପା ପ୍ରଦାନ କରନ୍ତି ତାହା ଅଚିନ୍ତନୀୟ।

ପରିବାରର ପବିତ୍ରତା, ମାନବ ବସତିର ନିରୋଳ ଭକ୍ତିପୂର୍ଣ୍ଣ ବାତାବରଣ, ଗୁରୁଜନ ମାନଙ୍କର ସ୍ନେହପୂର୍ଣ୍ଣ ଶାସନ, ଯୁବକମାନଙ୍କ ଦାବି ସହିତ ସେମାନଙ୍କର ଦାୟିତ୍ୱ ଜ୍ଞାନ, ମହିଳା ମାନଙ୍କ ଠାରେ ଥିବା ସହଜାତ କୋମଳତା, ସେବା ଭାବ, ଅତିଥି ପରାୟଣତା, ଗୃହାଙ୍ଗନକୁ ସ୍ୱର୍ଗରେ ପରିଣତ କରିବାର ଦକ୍ଷତା, ଶିଶୁମାନଙ୍କ ଠାରେ ଆଜ୍ଞାନୁବହତା, ଅଧ୍ୟବସାୟ, ଶିକ୍ଷା ଆହରଣ କରିବାର ଉତ୍ସୁକତା, ବନ୍ଧୁମାନଙ୍କ ଠାରେ ପାରସ୍ପରିକ ସ୍ନେହ, ବଡ଼ାଣିଆ ଭାବ ପରିବର୍ତ୍ତେ ପ୍ରେମାର୍ଦ୍ରଭାବ ଅବତାରଙ୍କ ବ୍ୟତୀତ କିଏ ପୁନସ୍ଥାପିତ କରାଇପାରନ୍ତା ?

ପୃଥିବୀରେ ଯେତେ ଭିନ୍ନ ଭିନ୍ନ ଦେଶ ଅଛି, ସେଠାକାର ପୂର୍ବଜ ମାନଙ୍କ ସାଧନା ବଳରେ ତାଙ୍କ ଭୂଖଣ୍ଡର ଯେ ଗୋଟାଏ ସଂସ୍କୃତି ଅଛି ଏବଂ ତାହାର ପାଳନ ଓ ଅନୁସରଣ ସେ ଦେଶବାସୀଙ୍କୁ ନିଜ ପିତାଙ୍କ ଭଳି ସୁରକ୍ଷା ପ୍ରଦାନ କରେ ତାହାର ବିପରୀତ ହେଲେ ତାହା ପରିଣାମ କିପରି ବିଷମୟ ହୁଏ ସେ ଶିକ୍ଷା କିଏ ଦେଇଥାନ୍ତା ? ନିଜ ନିଜର ସଂସ୍କୃତିକୁ ଭଲ ପାଇବା ଓ ତାହାର ପ୍ରଭାବରେ ନିଜେ ସଂସ୍କାରିତ ହେବାର ଦୀକ୍ଷା ଦେବାଭଳି କଠିନତମ ଦାୟିତ୍ୱ ଅବତାରଙ୍କ ବ୍ୟତୀତ କିଏ ଆପଣା ଛାଏଁ ବହନ କରନ୍ତା ?

ଭଗବାନଙ୍କର ଏ ସୃଷ୍ଟି ଏହାର ଅନ୍ତରାଳରେ ନିହିତ ଥିବା ସେ ସତ୍ୟକୁ ଜାଣିବା ଓ ବୁଝିବାର ଶକ୍ତି, ସତ୍ୟକୁ ବୁଝି ତାହାକୁ ଦୈନନ୍ଦିନ ଜୀବନରେ ପାଳି ସେଥିରୁ ଲାଭବାନ ହେବା ପରିଶେଷରେ ଏକ ଲାଭପ୍ରଦ ମୃତ୍ୟୁ ହାସଲ କରିବାର କଳା ଅବତାରଙ୍କ ଭିନ୍ନ ଆଉ କିଏ ଆମ ହାତ ଧରି ଶିଖାଇ ଦେଉଥାନ୍ତା ? ମାନବ ଜୀବନ, ମାନବ ଶରୀର, ମାନବ ଜନ୍ମ ଲାଭ କରିବାର ଉଦ୍ଦେଶ୍ୟ, ଜୀବନର ଲକ୍ଷ୍ୟ, ଲକ୍ଷ୍ୟ ହାସଲ କରିବାର ପଥ ନିର୍ବାଚନ ସେ ପଥର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ମରାମତି କରାଇ ଅବାଟରେ ଯାଉଥିବା ଲୋକମାନଙ୍କୁ ସଠିକ ମାର୍ଗରେ ଚଳାଇବା ଭଳି ଦୁରହବ୍ୟାପାର କାହାକୁ ସରଳ ମନେହୁଅନ୍ତା ଅବତାରଙ୍କ ବିନା ?

ପୁରାକାଳର ଦିବ୍ୟଦ୍ରଷ୍ଟା ଯୋଗୀଋଷିମାନେ ତାଙ୍କ ତପସ୍ୟା ବଳରେ ଯେଉଁ ଦୁର୍ଲ୍ଲଭ ଅଭିଜ୍ଞତା ହାସଲ କରିଥିଲେ, ଯେଉଁ ଅବ୍ୟର୍ଥ ମନ୍ତ୍ରମାନ ହାସଲ କରିଥିଲେ, ମାନବ ସମାଜର ଉପକାର ପାଇଁ ଅକାତରେ ନିଃସ୍ୱାର୍ଥ ଭାବ ସହ ପ୍ରଦାନ କରିଦେଇ ଯାଇଛନ୍ତି। ତାହାସବୁ ଅବମାନିତ ହୋଇ ଅନାବଶ୍ୟକ ତତ୍ତ୍ୱ ହିସାବରେ ମାନବ ସମାଜର ଅଗୋଚରରେ ନଷ୍ଟ ହୋଇଯିବାକୁ ବସିଥିଲାବେଳେ ଅବତାର ପୁରୁଷମାନେ ଆସି ତାହାର ପୁର୍ନରତ୍ଥାନ କରାଇ ମଣିଷର ଅଶେଷ ଉପକାର ସାଧନ କରାଇଥାନ୍ତି। ଉପନିଷଦ, ସଂହିତା, ସ୍ମୃତିଶାସ୍ତ୍ର ଓ ବିଭିନ୍ନ ସ୍ଥାନୀୟ ଭାଷାରେ ଲିଖିତ ବହୁ ଅମୂଲ୍ୟରତ୍ନମାନ ସାଉଁଟି ଆଣି ପୁର୍ନବାର ଲୋକ ସମାଜରେ ପ୍ରବର୍ତ୍ତନ କରାଇ ଲୋକ ମର୍ଯ୍ୟାଦା, ଋଷି ମର୍ଯ୍ୟାଦା, କବି ମର୍ଯ୍ୟାଦା, ଶାସ୍ତ୍ର ମର୍ଯ୍ୟାଦା, ମନ୍ତ୍ର ମର୍ଯ୍ୟାଦାକୁ ଫେରାଇ ଆଣି ପୁରାତନକୁ ସନାତନ କରାଇବାର କ୍ଷମତା କେବଳ ଅବତାରଙ୍କର ହିଁ ଥାଏ। ଏହାଦ୍ୱାରା ସେ ତାଙ୍କ ନିଜ ସୃଷ୍ଟିର ପରମ ମଙ୍ଗଳ ସାଧନ କରିବା ସହ ଯୁଗ ଯୁଗ ପାଇଁ ପୂଜନୀୟ ଓ ସ୍ମରଣୀୟ ହୋଇ ଅମରତ୍ୱ ପ୍ରାପ୍ତ ହୋଇଯାଆନ୍ତି। ପର୍ବପର୍ବାଣୀ ପାଳନ ଅନ୍ତରାଳରେ ଥିବା ନିହିତ ତାତ୍ପର୍ଯ୍ୟ ଜ୍ଞାପନ କରାଇ ଲୋକମାନଙ୍କର ଜୀବନଯାପନର ଶୈଳୀ ତ୍ୱରାନ୍ୱିତ କରାଇ ପର୍ବପର୍ବାଣୀକୁ ପାଳନ ପୂର୍ବକ ତାହାର ଆଧ୍ୟାତ୍ମିକ ଉତ୍ତରଣକୁ ସୁନିଶ୍ଚିତ କରାଇ ମର୍ତ୍ତ୍ୟଲୋକ ତଥା ଦେବଲୋକରେ ଭଗବାନଙ୍କ ପ୍ରିୟ ହେବାର କଳାକୌଶଳ ଅବତାରଙ୍କ ବିନା କିଏ ବା ଶିଖାଇ ପାରିଥାନ୍ତା। ପର୍ବପର୍ବାଣୀ ଦୂରେ ଥାଉ ପ୍ରତ୍ୟେକଟି ଦିବସକୁ କିପରି ପାଳନ କରିବାକୁ ହୁଏ ତାହା ଶିଖାଇବା ମଧ୍ୟ ଅବତାର ଛାଡ଼ନ୍ତି ନାହିଁ। ପରସ୍ପର ଭିତରେ କଥାବାର୍ତ୍ତାରେ, ସଂଯମ ଅଭାବରୁ କେବଳ ପରିବାର ଭାଙ୍ଗି ଯାଉନାହିଁ, ଗାଁ ଗାଁ, ସାହି ସାହି ଏପରିକି ଦେଶ ଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଯାଉଛି। ଏହାର ସମାଧାନ କୌଣସି ରାଷ୍ଟ୍ରମୁଖ୍ୟଙ୍କ ଦ୍ୱାରା ସମ୍ଭବ ହେଉନାହିଁ। କେବଳ ଅବତାରଙ୍କ ପ୍ରଦତ୍ତ ଶିକ୍ଷା ଅବଲମ୍ବନରେ ହିଁ ତାହାର ପ୍ରଶମନ ସମ୍ଭବ। ସର୍ବୋପରି ସବୁଠାର ଦୁର୍ବୋଧ୍ୟ ତତ୍ତ୍ୱ (ଈଶ୍ୱର, ପ୍ରକୃତି, ଜୀବଜଗତ) ଯାହାକୁ ଏ ପର୍ଯ୍ୟନ୍ତ କେହି ପରିଷ୍କାର ଭାବେ ବୁଝି ବୁଝାଇ ପାରିନାହାନ୍ତି ତାହା ମଧ୍ୟ କେବଳ ଅବତାର କରିପାରନ୍ତି। ଭଗବାନ ଶ୍ରୀସତ୍ୟସାଇ ବାବା ସେଭଳି ଜଣେ ଅବତାର ଭାରତ ଭୂଖଣ୍ଡରେ ଜନ୍ମି ଭାରତକୁ ଚିର ଗୌରବାନ୍ୱିତ କରି ଏହି ମାତ୍ର ନିକଟ ଅତୀତରେ ଇହଲୀଳା ସମ୍ବରଣ କରି ପାରଲୌକିକ ଲୀଳାରେ ନିୟୋଜିତ। ସେ ତାଙ୍କ ପ୍ରେମଶକ୍ତି ବଳରେ ଉପଯୁକ୍ତ ସାଧକମାନଙ୍କୁ ଦୈବତ୍ୱ ମଣ୍ଡିତ କରି ତାଙ୍କ ନିଜ ସଂକଳ୍ପକୁ ସାକାର କରିବାରେ ଦିବ୍ୟାନନ୍ଦ ଉପଭୋଗ କରୁଛନ୍ତି।

# କ୍ଷମାଶୀଳତା

ଲଳିତ ମୋହନ ମିଶ୍ର

କ୍ଷମା ଏକ ମାନବୀୟ ଗୁଣ। ଏହା ଦ୍ୱାରା ଶତ୍ରୁ ମଧ୍ୟ ମିତ୍ର ହୋଇଥାଏ। କ୍ଷମା କରିବା ଦ୍ୱାରା ଶରୀରରେ ଆରୋଗ୍ୟ ଶକ୍ତି ସୃଷ୍ଟି ହେବା ସହିତ ଶାନ୍ତିପୂର୍ଣ୍ଣ ଜୀବନ ଯାପନ ସମ୍ଭବ ହୋଇଥାଏ। କ୍ଷମା ଅଭ୍ୟାସ କ୍ରୋଧ ଉପରେ ନିୟନ୍ତ୍ରଣ କରିଥାଏ। ସନ୍ଥ ଏକନାଥ ଅନେକ ଗୁଣରେ ପରିପୂର୍ଣ୍ଣ । ତାଙ୍କର କ୍ଷମା କରିବାର ଗୁଣଟି ଅଦ୍ଭୁତ। ଦିନେ ସେ ନଦୀରେ ସ୍ନାନ ସାରି ଆଶ୍ରମ ଫେରୁଥିଲେ, ବାଟରେ କେହି ଜଣେ ଗଛ ଉପରେ ଦାନ୍ତ ଘଷି ତାଙ୍କ ଉପରକୁ କୁଳୁକୁଚା କରିଦେଲା। ଏକନାଥ ଉପରକୁ ଚାହିଁ ଦେଖିଲେ ଜଣେ ବ୍ୟକ୍ତି ଜଣକ ଉପରେ ଦାନ୍ତ ଘଷୁଛି। ସେ କିଛି ନକହି ସିଧା ନଦୀକୁ ଗଲେ, ପୁନଃ ସ୍ନାନ କଲେ। ସେ ରାସ୍ତା ଦେଇ ଫେରିବା ସମୟରେ ପୁଣି ସେହି ବ୍ୟକ୍ତି ଜଣକେ.... ଆଉଥରେ ତାଙ୍କ ଉପରକୁ କୁଳୁକୁଚା କଲା। ଏକନାଥ ଏହିପରି ବାରମ୍ବାର ସ୍ନାନ କରୁଥିଲେ, ସେହି ବ୍ୟକ୍ତି ଜଣକ ବାରମ୍ବାର ତାଙ୍କ ଉପରକୁ କୁଳୁକୁଚା କରୁଥିଲା। ଏହିପରି ଭାବରେ ସନ୍ଥ ଏକନାଥ ୧୦୮ ଥର ସ୍ନାନ କରି ସେହି ଗଛ ମୂଳ ଦେଇ ଅତିକ୍ରମ କରୁଥିବା ସମୟରେ... ସେହି ଦୁଷ୍ଟ ଲୋକଟି ତାର ଦୁଷ୍ଟତାର ଶେଷ ଉପସ୍ଥାପନ ଜାରି ରଖିଲା। ଏକନାଥ ନିଜ ଧୈର୍ଯ୍ୟ ଓ କ୍ଷମାରେ ଅଟଳ ରହିଲେ। ଥରେ ବି ସେ ସେହି ବ୍ୟକ୍ତିଙ୍କୁ କିଛି କହି ନଥିଲେ। ଶେଷରେ ଦୁଷ୍ଟ ଲୋକଟି ଅନୁତପ୍ତ ହୋଇ ମହାତ୍ମାଙ୍କ ଚରଣରେ ସାଷ୍ଟାଂଗ ପ୍ରଣିପାତ କରି କହିଲା, ମହାରାଜ, ମୋର ଦୁଷ୍ଟତାକୁ କ୍ଷମା କର। ମୋରି ଭଳି ପାପୀଙ୍କ ପାଇଁ ନର୍କରେ ବି କୌଣସି ସ୍ଥାନ ନାହିଁ। ମୁଁ ଆପଣଙ୍କୁ ହଇରାଣ କରିବାକୁ ଚିଡେଇବାକୁ ବହୁତ ଚେଷ୍ଟା କଲି, କିନ୍ତୁ ଆପଣଙ୍କର ଧୈର୍ଯ୍ୟ ଯୋଗୁଁ ସବୁଥିରୁ ମୁଁ ବିଫଳ ହେଲି। ଏବେ ମୁଁ କ୍ଷମାପ୍ରାର୍ଥୀ। ମହାତ୍ମା ଏକନାଥ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ, ଚିନ୍ତା କରିବାର କିଛି ନାହିଁ। ତୁମେ ମୋ ପ୍ରତି ଦୟାଶୀଳ । କାରଣ ତୁମେ ଆଜି ମୋତେ ୧୦୮ ଥର ସ୍ନାନ କରିବାର ସୌଭାଗ୍ୟ ଦେଇଛ। ତୁମେ ମୋର ବଡ଼ ଉପକାର କରିଅଛ। ସାଧୁଙ୍କ କଥା ଶୁଣି ଦୁଷ୍ଟ ଯୁବକ ଲଜ୍ଜାରେ ମୁଣ୍ଡ ତଳକୁ କରିଦେଇଥିଲା। କ୍ଷମା କଲେ ଝିଅ କ୍ଷମା ତ ମିଳଇ, କ୍ଷମାର ନମିଳେ ଅନ୍ତ, କ୍ଷମାର ଗ୍ରହୀତା କ୍ଷମା ଦାତା ଦୁହେଁ, ଏ ଭୁବନେ ଭାଗ୍ୟବନ୍ତ।

ନୟାଗଡ଼, ମୋ: ୯୪୩୭୯୮୫୮୬୬



ବୋଲଗଡ(ଭାସ୍କର ନ୍ୟୁଜ): ସାର୍ବଜନୀନ ଭାବେ ପ୍ରତ୍ୟେକ ବିଦ୍ୟାର୍ଥୀଙ୍କ ଶିକ୍ଷାର ଉନ୍ନତି ପାଇଁ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଶିକ୍ଷା ବିଭାଗ ନିରନ୍ତର ପ୍ରୟାସ ଚାଲିଅଛି। ଏହି ଅବସରରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷଙ୍କ ପକ୍ଷରୁ ବୋଲଗଡ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଉଚ୍ଚପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ଚାରିଦିନିଆ ୫ମ ପର୍ଯ୍ୟାୟର ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପିତ ହୋଇଯାଇଛି। ବୋଲଗଡ ସଦର ମୁଖ୍ୟାଳୟସ୍ଥିତ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ ପ୍ରଶିକ୍ଷଣ ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୦ଜଣ ଶିକ୍ଷକ-ଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ଶିକ୍ଷକ ନେତୃତ୍ୱ, ଶିକ୍ଷକଙ୍କ ବିକାଶମୂଳକ ମନୋବୃତ୍ତି, ସାମାଜିକ ଆବେଗିକ ଓ ନୈତିକଶିକ୍ଷା, ହାଉସ ସିଷ୍ଟମ, ବସ୍ତାନୀ ବିହୀନ ପାଠପଢ଼ା ଦିବସ, ଅନ୍ତର୍ନିବେଶ ଶିକ୍ଷା, ୟୁ ଡାଇସି ପ୍ଲସ, ମାସିକ ପାଠ୍ୟ ଖସଡ଼ା, ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ଟାବଲେଟର ବ୍ୟବହାର, ସାଇବର ସୁରକ୍ଷା ଓ ବିଦ୍ୟାଳୟ ନିରାପତ୍ତା ସୁରକ୍ଷା ବ୍ୟବସ୍ଥା ଆଦି ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷକଙ୍କୁ ସମ୍ବଳ ଶିକ୍ଷକ ସାନନ୍ଦ କୁମାର ସାହୁ, ସୁବାଷ ଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ସିଂହ ଓ ଦାଶରଥି ସାହୁ ସୁଚାରୁରୂପେ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଦିବସରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବକବକରଣ, ସହ-ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ ଏବଂ ଅମିତା ମିଶ୍ର ଶିବିରର ପାଠ୍ୟକ୍ରମ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରିଶେଷରେ ବରିଷ୍ଠ ଶିକ୍ଷକ ବସନ୍ତ କୁମାର ଉଭରବନ୍ଧି, ହରଷ ଦେଇ, ପ୍ରସନ୍ନ କୁମାର ସାହୁ ଏବଂ ବିଜ୍ଞପ୍ତିଜା ସେଠୀ ତ୍ରିବିଦ୍ୟାର୍ଥୀ କର୍ମଶାଳାର ଫଳାଫଳ ସମ୍ପର୍କରେ ଆଲୋକପାତ କରିଥିଲେ ଓ ଏହାକୁ ବିଦ୍ୟାଳୟରେ କାର୍ଯ୍ୟକାରୀ କରିବାକୁ କହିଥିଲେ।

# ଜନ୍ମମାଟିରେ ମହାମହିମଙ୍କୁ ଭବ୍ୟ ସମ୍ବର୍ଦ୍ଧନା: ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଲେ



ବାରିପଦା/ରାଇରଙ୍ଗପୁର(ଭାସ୍କର ନ୍ୟୁଜ): ଶୁକ୍ରବାର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଶ୍ଚିମବଙ୍ଗର କଲେଇକୁଣ୍ଡା ବିମାନ ବନ୍ଦରରୁ ବାୟୁ ସେନାର ସ୍ୱତନ୍ତ୍ର ହ୍ୟାଲିକପ୍ଟର ଯୋଗେ ଆସି ବାଦାମପାହାଡ଼ର ରଙ୍ଗାମାଟିଆ ହେଲିପ୍ୟାଡ଼ରେ ପୂର୍ବାହ୍ନ ୧୧:୦୫ ମିନିଟରେ ଅବତରଣ କରିବା ପରେ ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ, ମୟୂରଭଞ୍ଜ ନବ ଚରଣ ମାଝୀ ଓ ଅନ୍ୟାନ୍ୟ ବରିଷ୍ଠ ସରକାରୀ ପଦାଧିକାରୀଙ୍କ ସହ ସେ ଜନ୍ମଭୂମି ଓଡ଼ିଶା ନିଜର ପୈତୃକ ଗ୍ରାମ ଉପରବେଡା ଅଭିମୁଖେ ଯାଇଥିଲେ। ରାଷ୍ଟ୍ରପତି ପଦ ଅଳଙ୍କୃତ ପରେ ପ୍ରଥମ କରି ନିଜ ଜନ୍ମ ଗ୍ରାମକୁ ଆସିଥିବାରୁ ଗ୍ରାମବାସୀ ତାଙ୍କୁ ଘଣ୍ଟ ବାଦ୍ୟ ସହିତ ପାରମ୍ପରିକ ରୀତିନୀତିରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇବା ସହ ଆନନ୍ଦ ଉଲ୍ଲାସ ସହ ବିରାଟ ପଟୁଆରରେ ଶୋଭାଯାତ୍ରା କରି ପାଛୋଟି ନେଇଥିଲେ। ମହାମହିମ ତାଙ୍କ ଜନ୍ମ ମାଟିରେ ପହଞ୍ଚିବା କ୍ଷଣି ଏହାର ଚରଣ ସ୍ପର୍ଶ କରି ଜନ୍ମମାଟିକୁ ଭକ୍ତିପୂତ ପ୍ରଣାମ ଜଣାଇବା ସହ ନିଜ ଜନ୍ମ ମାଟିର ପରିସରରେ ଉଲ୍ଲସିତ ହୋଇ ଉଠିଥିଲେ ଓ ନିଜ ପ୍ରିୟଜନ ତଥା ଗ୍ରାମବାସୀଙ୍କ ଗହଣରେ ଆସି ଅତ୍ୟନ୍ତ ଭାବବିହ୍ୱଳ ଏବଂ ଆନନ୍ଦରେ ବିଭୋର ହୋଇ ପଡ଼ିଥିଲେ ଯାହାକି ତାଙ୍କ ମୁଖ ମଣ୍ଡଳରୁ ସ୍ପଷ୍ଟ ବାରି ହୋଇ ପଡୁଥିଲା। ଏହାପରେ ସେ ତାଙ୍କ ବାଲ୍ୟ କାଳରେ ପ୍ରାଥମିକ ଶିକ୍ଷା ଲାଭ କରିଥିବା ଉକ୍ତ ଗ୍ରାମର ଉପରବେଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାଇଥିଲେ ଏବଂ ସ୍କୁଲର ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ସ୍ନେହଭରା ଭାବ ବିନିମୟ କରିଥିଲେ। ଏହି ଅବସରରେ ମହାମହିମ କହିଥିଲେ, 'ଭାରତର ରାଷ୍ଟ୍ରପତି ହେବା ମୋ ପାଇଁ ଆଶୀର୍ବାଦ ଏବଂ ଏହି ଗାଁରେ ମୋ ବିଦ୍ୟାଳୟର ଶିକ୍ଷକଙ୍କଠାରୁ ଶିକ୍ଷାଲାଭ କରିବା ଏବଂ ସେଠାରେ ରହିବା ବିଷୟ ମୋ ପାଇଁ। ମୋ ସମୟରେ ଏଭଳି ସ୍କୁଲ ନଥିଲା... ଦେଖିକି ଖୁସି ଲାଗୁଛି ଯେ ମୋ ସ୍କୁଲକୁ ବର୍ତ୍ତମାନ ନବୀକରଣ କରାଯାଇଛି। ମୁଁ ଯେଉଁ ବିଦ୍ୟାଳୟରେ ପଢୁଥିଲି, ଏହା ଏକ କଚ୍ଚାଘର ଥିଲା। ମୁଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବାକୁ ଚାହେଁ ଏବଂ ତାଙ୍କର ମହତ୍ୱପୂର୍ଣ୍ଣ ଅବଦାନ ପାଇଁ ଏହି ବିଦ୍ୟାଳୟ ଏକ ନୂତନ ରୂପ ପାଇ ପାରିଛି। ବର୍ତ୍ତମାନ ଶିକ୍ଷାର ନୂତନ ଯୁଗ ସବୁକିଛି ବଦଳାଇ ଦେଇଛି। 'ଲେଖିବାକୁ ଆମର କଲମ ମଧ୍ୟ ନଥିଲା କିନ୍ତୁ ଜୀବନରେ ଆଗକୁ ଆମର ଏକ ଉତ୍ସାହ ଥିଲା ଏବଂ ଏହି ପଦବୀ ପାଇବା ପାଇଁ ଏହି ବିଦ୍ୟାଳୟ ମୋତେ ଛୁଆଟି ବେଳରୁ ପ୍ରୋତ୍ସାହନ ଯୋଗାଇଛି। ଏଠାରେ ମୋ ସ୍କୁଲ ଦେଖି ମୁଁ ବହୁତ ଖୁସି ଅନୁଭବ କରୁଛି ଏବଂ ମୁଁ ବର୍ତ୍ତମାନ ସମସ୍ତଙ୍କ ଆଗରେ ଠିଆ ହୋଇ କଥା ହେବା ସମୟରେ ମୋର ପିଲା ଦିନର କଥା ମାନେ ପଡ଼ିଯାଉଛି। ସମସ୍ତଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଏହାପରେ ମହାମହିମ ସ୍ଥାନୀୟ କମଳା-ବିମଳା ଉଚ୍ଚ ବିଦ୍ୟାଳୟକୁ ଯାଇଥିଲେ ଓ ସେଠାରେ ଯୁବବର୍ଗଙ୍କ ସହିତ ଭାବ ବିନିମୟ କରିବା ସମୟରେ ଯୁବଶକ୍ତିର ଉପାଦେୟତା ଓ ନିଷ୍ଠପରତା ଦେଶକୁ ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଏହାପରେ ସେଠାରୁ ଉପରବେଡା ସ୍ଥିତ ନିଜ ବାସଭବନରେ ଗ୍ରାମବାସୀଙ୍କ ସହ ଭାବ ବିନିମୟ କରିଥିଲେ। ସେଠାରୁ ସେ ସ୍ୱତନ୍ତ୍ର ଯାନ ଯୋଗେ ସଡ଼କ ପଥରେ ରାଇରଙ୍ଗପୁର ସ୍ଥିତ ଅତିଥି ଭବନ ଅଭିମୁଖେ ମଧ୍ୟାହ୍ନ ଭୋଜନ ତଥା ବିଶ୍ରାମ ନିମନ୍ତେ ଯାତ୍ରା କରିଥିଲେ। ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଅପରାହ୍ନରେ ମହାମହିମ, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ଠାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ, ଏସ୍‌ଏଲ୍‌ଏସ୍ ଟ୍ରଷ୍ଟର ଏକ ଜରୁରୀକାଳୀନ ଯାନ, ଉପଖଣ୍ଡ ଚିକିତ୍ସାଳୟ ନିମିତ୍ତ ପ୍ରଦାନ କରିବା ସହିତ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ଏହାପରେ ରାଇରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କ ସହ ଭାବ ବିନିମୟ କରିଥିଲେ ଏବଂ ନିଜ ଅଭିଜ୍ଞତାରେ ମହିଳାଙ୍କୁ ସଫଳତାର ସହିତ ଓ ସମସ୍ତ ବାଧାବିଘ୍ନକୁ ଏଡ଼ାଇ ଆଗକୁ ବଢ଼ିବାକୁ ଉପଦେଶ ଦେଇଥିଲେ। ପରେ ମହୁଲଡିହା ସ୍ଥିତ ବାବା ପୂର୍ଣ୍ଣେଶ୍ୱର ମନ୍ଦିରରେ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଆସନ୍ତା କାଲି ମହାମହିମ ବାଙ୍ଗିରିପୋଷିରେ ଯୋଗଦାନ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେଇ ରେଳ ବିଭାଗର ବିଭିନ୍ନ ନୂତନ ପ୍ରକଳ୍ପ ଶିଳାନ୍ୟାସ କରିବେ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏବଂ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମେତ ବହୁତ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ବାରଙ୍ଗରେ ପେଟ୍ରୋଲ ଢାଳି ଜାଳିଦେବା ଘଟଣା: ବୋହୂ ପରେ ପୁଅର ମୃତ୍ୟୁ

ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ଥାନା ଅନ୍ତର୍ଗତ ଗୋଡ଼ିସାହି ବାରସିଙ୍ଗା ଗ୍ରାମରେ ଗତ ଶନିବାର ରାତିରେ ଟଙ୍କା ପାଇଁ ନିଜର ପୁଅ ଓ ବୋହୂକୁ ପେଟ୍ରୋଲ ଢାଳି ଜୀବନରେ ମାରିଦେବା ଘଟଣାରେ ଶୁକ୍ରବାର ଭୋର ୩ଟାରେ ପୁଅ ଦାମବନ୍ଧୁ ରାଉତର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଘଟଣାରେ ବୋହୂ ସସ୍ମିତା ରାଉତ (ପୁଜା)ଙ୍କ ଗତ ରବିବାର ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ତାଙ୍କ ବିୟୋଗରେ ବାରସିଙ୍ଗା, ଗୋଡ଼ିସାହି ତଥା ବାରଙ୍ଗରେ ଗଭୀର ଶୋକର ଛାୟା ଖେଳିଯାଇଛି। ଦାମବନ୍ଧୁ ଜଣେ ପରୋପକାରୀ, ଅମାୟିକ ଓ ନିଷ୍ଠପର ବ୍ୟକ୍ତି ଭାବେ ଅଞ୍ଚଳରେ ବେଶ ଜଣାଶୁଣା। ସ୍ୱର୍ଗତ ଦାମବନ୍ଧୁ ପ୍ରତ୍ୟେକ ବର୍ଷ ଧନ୍ଦାଦିନେ ଗାଈଗୋରୁଙ୍କ ପାଇଁ ଜଳଛତ୍ର ଓ ପଥଚାରୀଙ୍କ ପାଇଁ ଥଣ୍ଡା ପାନୀୟଜଳର ବ୍ୟବସ୍ଥା କରିଥାନ୍ତି। ତାଙ୍କ ବିୟୋଗ ଆମ ଅଞ୍ଚଳ ପାଇଁ ଅପୂରଣୀୟ ବୋଲି ଗ୍ରାମବାସୀ କହିଛନ୍ତି। ତାଙ୍କ ଭଉଣୀ କ୍ରିତିରଞ୍ଜନ ବର (ସୋନୁ) ମୁଖାଗ୍ନି ଦେଇଥିଲେ।

## ହାତୀପଲଙ୍କ ଅନୁପ୍ରବେଶ ପାଇଁ କଳାହାଣ୍ଡିରେ ବିଦ୍ୟୁତ୍ ସେବା ବ୍ୟାହତ

ବୁର୍ଲା(ଭାସ୍କର ନ୍ୟୁଜ): କିଛି ଦିନ ତଳୁ ଗୋଟିଏ ହାତୀ ପଲ (୫୩ଟି ହାତୀ) କଳାହାଣ୍ଡି ଜିଲ୍ଲାର କେସିଙ୍ଗା ଏବଂ ନର୍ଲା ଅଞ୍ଚଳକୁ ପଶି ଆସିଛନ୍ତି। ହାତୀପଲ ଖାଦ୍ୟ ଅନ୍ୱେଷଣରେ କଳାମ୍ପୁର, କେସିଙ୍ଗା, ନର୍ଲା ଏବଂ ଏମ୍. ରାମପୁର ବ୍ଲକରେ ଘୂରି ବୁଲୁଛନ୍ତି। ହାତୀପଲଙ୍କ ଗତିବିଧି ହେତୁ ଜଙ୍ଗଲ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଟିପିଡବ୍ଲୁଓଡିଏଲ୍ ଏକ ଟିମ୍ ହାତୀପଲ ଉପରେ ନଜର ରଖିବା ସହ ହାତୀଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରୁଛନ୍ତି। ଗତ ୧ରୁ କିଛିଘଣ୍ଟା ଧରି ବିଦ୍ୟୁତ ସେବା ଉପରେ ଲିଖିତ ଅଞ୍ଚଳରେ ପ୍ରତ୍ୟେକ ଦିନ ବ୍ୟାହତ ହେଉଛି। ଜଙ୍ଗଲ ବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ହାତୀପଲ ଜନବସତି ଅଞ୍ଚଳ ଛାଡ଼ିବା ପର୍ଯ୍ୟନ୍ତ ବିଦ୍ୟୁତ ସେବାରେ ବ୍ୟାହତ ଘଟିବ। ଏଥିପାଇଁ କଳାହାଣ୍ଡି ପୂର୍ବ ବିଦ୍ୟୁତ ବିଭାଗର ୧୮୦ ଟ୍ରାନ୍ସଫର୍ମରରେ ସେବା ବ୍ୟାହତ ହୋଇଛି। ବିଦ୍ୟୁତ୍ ସେବା ବ୍ୟାହତ ଫଳରେ ୧୦ ହଜାରରୁ ଉର୍ଦ୍ଧ୍ୱ ଟିପିଡବ୍ଲୁଓଡିଏଲ ଗ୍ରାହକ ଅନବରତ ବିଦ୍ୟୁତ୍ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ଆମେ ଦୁଃଖପ୍ରକାଶ କରିବା ସହ ଜନସାଧାରଣ, ପ୍ରଶାସନ ତଥା ଗ୍ରାହକଙ୍କ ସହଯୋଗ କାମନା କରୁଛୁ।

## ବିଶ୍ୱ ମୃତ୍ତିକା ଦିବସରେ ଜିଆଇଇଟି ବିଶ୍ୱବିଦ୍ୟାଳୟ ପ୍ରଥମ



ଗୁଣୁପୁର(ଭାସ୍କର ନ୍ୟୁଜ): ଜିଆଇଇଟି ବିଶ୍ୱବିଦ୍ୟାଳୟର କୃଷି ମହାବିଦ୍ୟାଳୟ ବିଶ୍ୱ ମୃତ୍ତିକା ଦିବସରେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛନ୍ତି। ବିଶ୍ୱ ମୃତ୍ତିକା ଦିବସ ଅବସରରେ ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ଏକ ରାଜ୍ୟସ୍ତରୀୟ କୌଶଳିକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଭୁବନେଶ୍ୱରସ୍ଥିତ କୃଷି ଭବନରେ ଉକ୍ତ ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ କୃଷି ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଜିଆଇଇଟି ବିଶ୍ୱ ବିଦ୍ୟାଳୟ ଅଧୀନସ୍ଥ କୃଷି ମହାବିଦ୍ୟାଳୟରୁ ଦୁଇଜଣ ପ୍ରତିଯୋଗୀ ସ୍ୱସ୍ତ୍ରୀ ସୌମ୍ୟା ଶୁଭଶ୍ରୀ ମହନ୍ତ (ଦ୍ୱିତୀୟ ବର୍ଷ) ଓ ରାଜପ୍ରତାକ ଦାସ (ତୃତୀୟ ବର୍ଷ) ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, କୃଷି ବିଭାଗର ପ୍ରମୁଖ ସଚିବ ଡଃ ଅରବିନ୍ଦ ପାଢ଼ୀ, କୃଷି ବିଭାଗର ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ ଏବଂ ଉଦ୍ୟାନ ବିଭାଗ ନିର୍ଦ୍ଦେଶକ ନିଖିଲ ପବନ କଲ୍ୟାଣ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଜିଆଇଇଟି ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଭାଗ ନେଇଥିବା ରାଜପ୍ରତାକ ଦାସ, ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀଙ୍କଠାରୁ ପୁରସ୍କୃତ ହୋଇ ଜିଆଇଇଟି ବିଶ୍ୱ ବିଦ୍ୟାଳୟକୁ ରାଜ୍ୟସ୍ତରରେ ଗୌରବାନ୍ୱିତ କରିଛନ୍ତି। ଏହି ସଫଳତା ନିମନ୍ତେ ଜିଆଇଇଟି ବିଶ୍ୱ ବିଦ୍ୟାଳୟର ସଭାପତି ଡ ସତ୍ୟ ପ୍ରକାଶ ପଣ୍ଡା, ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଡ ଜଗଦୀଶ ପଣ୍ଡା ଓ ଏନ.ଭି.ଜେ. ରାଓ ପ୍ରମୁଖ କୃଷି ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

## ନିମାପଡ଼ାରେ ସିରିଜ୍ ଦୁର୍ଘଟଣା: ମହିଳା ମୃତ, ୫ ଆହତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ସିରିଜ ଦୁର୍ଘଟଣାରେ ଜଣେ ମହିଳା ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ପୋଲିସ ଘଟଣାରେ ଗୋଟିଏ କାର୍ ଓ ଗୋଟିଏ ବ୍ୟାଟେରୀ ଚାଳିତ ସ୍କୁଟିକୁ ଜବତ କରିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ପିପିଲି ଥାନା ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ପାଲକବାଡ଼ି ଗ୍ରାମର ରଘୁନାଥ ଜେନା (୫୨) ଓ ତାଙ୍କ ପତ୍ନୀ ସଂଯୁକ୍ତା ଲେଙ୍କା (୫୩) ଏକ ସ୍କୁଟି ଓଡ଼ି-୦୨ ସିକି-୭୩୧୯ ରେ ନିମାପଡ଼ାରୁ ଲୋକେ ବିବାହ ଭୋଜିରେ ଯୋଗ ଦେବାକୁ ଆସୁଥିବା ବେଳେ ତରଅଛିଆ ନିକଟସ୍ଥ ପୋଲ ନିକଟରେ ସାମ୍ନା ପଟୁ ଆସୁଥିବା ଏକ ଟ୍ରକ ଦ୍ରୁତ ବେଗରେ ଆସି ଧକ୍କା ଦେଇଥିଲା। ଧକ୍କା ଦେବା ଫଳରେ ରଘୁନାଥ ରାସ୍ତାରେ ଛଟକି ପଡ଼ିଥିବା ବେଳେ ଚକା ତଳେ ସଂଯୁକ୍ତା ରହି ଯାଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଡ଼ାକ୍ତର ସଂଯୁକ୍ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ସଂଯୁକ୍ତାଙ୍କ ସ୍ୱାମୀ ରଘୁନାଥଙ୍କୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ସେଠାରେ ଅବସ୍ଥା ଆହୁରି ଜଟିଳ ହେବାରୁ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ରଘୁନାଥ ଚିକିତ୍ସିତ ହେଉଛନ୍ତି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ଟି ଦ୍ରୁତ ବେଗରେ କେଉଁଆଡ଼େ ପଳାଇ ଯାଇଛି। ସିସିଟିଭି ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି। ସେହିପରି ଦିଘାଳୋରେ ଏକ କାର୍ ଏକ ପରିବାରକୁ ବସାଇ ଦ୍ରୁତ ବେଗରେ ଆସୁଥିବା ବେଳେ ନିମାପଡ଼ା-ଗୋପ ରାସ୍ତା ଦିଘାଳୋ ଜଙ୍ଗଲ ନିକଟରେ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ପଡ଼ିଥିବା ବେଳେ ତାଙ୍କର ବାମହାତ ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। ମୁଣ୍ଡ ମଧ୍ୟ ମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ଚିକିତ୍ସା ପରେ ଜଣାପଡ଼ିଛି ବାଇକ୍ ଚାଳକ ହେଉଛନ୍ତି ବାଲିପାଟଣା ଥାନା ସରିପୁର ଗ୍ରାମର ଜିତେନ୍ଦ୍ର ସେଠୀ (୩୦)। ପିପିଲି-ନିମାପଡ଼ା ଚାରିଟିକିଆ ରାସ୍ତା ପେଟାଘାଇ ଛକ ନିକଟରେ ପିପିଲି ପଟୁ ଆସୁଥିବା ଏକ କାର୍ ଦ୍ରୁତ ଗତିରେ ଆସି ଡ଼ିଭାଇଡ଼ରରେ ମାଡ଼ ହୋଇ ଡ଼ିଭାଇଡ଼ର ଉପରକୁ ଚଢ଼ି ଯିବାରୁ କାର୍‌ରେ ଥିବା ୪ ଜଣ ବ୍ୟକ୍ତି ଅଳ୍ପକେ ରକ୍ଷା ପାଇଥିବା ବେଳେ ସାମାନ୍ୟ ଆହତ ହୋଇଛନ୍ତି। ଏହି ଘଟଣାରେ ପୋଲିସ ତଦନ୍ତ ଜାରି ରଖିଛି।

## ବ୍ରହ୍ମପୁର ଷ୍ଟେସନ୍‌କୁ ମୋ ବସ୍ ଓ ସିଟିବସ୍ ଯିବା ନେଇ ବିରୋଧ



ଛତ୍ରପୁର(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ରେଳ ଷ୍ଟେସନ ପରିସରକୁ ମୋ ବସ ଓ ସିଟି ବସ ଯିବା ନେଇ ସ୍ଥାନୀୟ ଅଟୋ ଆସୋସିଏସନ ପକ୍ଷରୁ ବିରୋଧ ଜାରି ରହିଛି। ଷ୍ଟେସନ ପରିସରକୁ ମୋ ବସ ଓ ସିଟି ବସ ଯିବାଆସିବା ବନ୍ଦ କରିବାକୁ ଶୁକ୍ରବାର ଜିଲ୍ଲାପାଳଙ୍କ ନିକଟରେ ଆସୋସିଏସନ ପକ୍ଷରୁ ଲିଖିତ ଭାବେ ଅନୁରୋଧ କରାଯାଇଛି। ଏମାନଙ୍କ ପକ୍ଷରୁ କୁହାଯାଇଛି ଯେ ଉକ୍ତ ବସଗୁଡିକ ଷ୍ଟେସନ ପରିସରକୁ ଯିବାଆସିବା ଫଳରେ ଅଟୋ ଚାଳକଙ୍କୁ ବହୁ ଆର୍ଥିକ କ୍ଷତି ସହିବାକୁ ପଡୁଛି। ଏନେଇ ଜିଆରପିଏଫକୁ ଆସୋସିଏସନ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଅପରପକ୍ଷରେ ଓଲଟା ଅଟୋ ଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଆସୋସିଏସନ ପକ୍ଷରୁ ଅଭିଯୋଗ ହୋଇଛି। ଏହାଦ୍ୱାରା ଅଟୋ ଚାଳକଙ୍କ ଘର ଚଳାଇବା କଷ୍ଟକର ହୋଇପଡ଼ିଛି। ଆଗାମୀ ୫ ଦିନରେ ଷ୍ଟେସନ ପରିସର ମୋ ବସ ଓ ସିଟିବସ ଯିବାଆସିବା ବନ୍ଦ ନହେଲେ ଅଟୋ ଆସୋସିଏସନ ପକ୍ଷରୁ ଷ୍ଟ୍ରାଇକ୍ କରାଯିବ ବୋଲି କୁହାଯାଇଛି।

## ଲୁଟ୍ ମାମଲାରେ ଅଭିଯୁକ୍ତକୁ ୩ବର୍ଷ ଜେଲ୍

କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଉପଖଣ୍ଡ ବିଚାର ବିଭାଗୀୟ ଅଦାଲତର ମାନ୍ୟବର ବିଚାରପତି ସୁମିତ୍ରା କୁମାରୀ ଦାଶ ଆଜି ଏକ ଲୁଟପାଟ ମାମଲାର ବିଚାର କରି ଅଭିଯୁକ୍ତ ଆକାଶ ଏସ୍ ଓ ଆଇଲ ମାଲିଙ୍ଗା ନାମକ ଦୁଇଜଣ ଆସାମୀଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଟଙ୍କା ଲେଖାଏଁ ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଗତ ୨୧।୧୨।୨୦୨୪ ରିଖ ଦିନ ୨ଟା ୩୦ ମିନିଟରେ ଚିକିଣିଆ ଗ୍ରାମର ବନମାଳୀ ନାଏକ ତାଙ୍କ ଶାଶୁ ଓ ସ୍ତ୍ରୀଙ୍କ ସହିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ପିପିଳିଆ ଶାଖାରୁ ଶାଶୁଙ୍କ ଆକାଉଣ୍ଟରୁ ୫୧୫୦୦ଟଙ୍କା ଉଠାଇ ଏକ ମୋଟର ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଚିକିଣିଆ ଗ୍ରାମ ପାଖରେ ଆସାମୀ ଦୁଇଜଣ ଏକ ଆପାଚି ମୋଟର ସାଇକେଲରେ ଆସି ତାଙ୍କ ଶାଶୁ ପାଖରୁ ଟଙ୍କା ଭର୍ତ୍ତି ବ୍ୟାଗ ଛଡାଇ ନେଇ ପଳାଇଥିଲେ। ଉପରୋକ୍ତ ଘଟଣାକୁ ନେଇ ବନମାଳୀ ନାଏକ ଘଟଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଘଟଗାଁ ପୋଲିସ ଥାନା କେଶ ନଂ ୭୮/୨୪ ଦଫା ୩୧୨/୩୪ ଭାରତୀୟ ପିଙ୍ଗଲ କୋଡ ଧାରାରେ ମାମଲା ରୁଜୁ କରି ଆସାମୀଙ୍କୁ କୋର୍ଟ ଚାଲାଣ କରିଥିଲା। ବିଚାରପତି ସୁମିତ୍ରା କୁମାରୀ ଦାଶ ୯ ଜଣ ସାକ୍ଷୀଙ୍କ ଜବାନବନ୍ଦୀକୁ ଭିତ୍ତି କରି ଆସାମୀ ଦ୍ୱୟଙ୍କୁ ତିନିବର୍ଷ ସଶ୍ରମ କାରାଦଣ୍ଡ ସହ ୫ହଜାର ଲେଖାଏଁ ଜୋରିମାନା ଓ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ଏପିପି ହିମାଂଶୁ ଶେଖର ମହାନ୍ତି ଓ ସତ୍ୟବ୍ରତ ମହାନ୍ତି ମକଦ୍ଦମା ପରିଚାଳନା କରୁଥିଲେ।

## ପାରାଦୀପ ବନ୍ଦର ପକ୍ଷରୁ ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ ପାଳିତ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଭାରତରତ୍ନ ଡକ୍ଟର ବି. ଆର. ଆମ୍ବେଦକରଙ୍କ ୬୮ତମ ମହାପରିନିର୍ବାଣ (ତିରୋଧାନ) ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆମ୍ବେଦକରଙ୍କ ଅଗ୍ରଗାମୀ ଦୃଷ୍ଟିକୋଣ ଆମକୁ ସମାନତା ଏବଂ ନ୍ୟାୟ ଭାବନାରେ କିପରି ଏକତ୍ର କଲା ତାହା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତାଙ୍କ ସମେତ ବନ୍ଦର ସିଏମଇ ସୁଶୀଲ ଚନ୍ଦ୍ର ନାହାକ, ଯନ୍ତ୍ରୀ ଗଙ୍ଗାଧର ସେଠୀ ଏବଂ ପାରାଦୀପ ବନ୍ଦର ଏସ୍‌ସି ଓ ଏସ୍‌ଟି କର୍ମଚାରୀ ଉନ୍ନୟନ ସଙ୍ଘର ସାଧାରଣ ସମ୍ପାଦକ ଧୂନଚନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଦିବ୍ୟାଙ୍ଗଜନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ



କାଳିଆପାଣି(ଭାସ୍କର ନ୍ୟୁଜ): ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ ଜୟପୁର ଫୁଟ୍ ଅର୍ଗାନାଇଜେସନ୍ ସହଯୋଗରେ ଆଜି ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ୍ ଖଣି ସ୍ଥିତ ସବଳ କେନ୍ଦ୍ରରେ ଭିନ୍ନକ୍ଷମ (ପିଡବ୍ଲୁଡି)ଙ୍କ ପାଇଁ ଏକ ତିନି ଦିନିଆ କୃତ୍ରିମ ଅଙ୍ଗ ବିତରଣ ଶିବିର ଆୟୋଜିତ ହୋଇଯାଇଛି। ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ଅବସରରେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମରେ ସୁକିନ୍ଦା, ବ୍ରାହ୍ମଣୀପାଳ, କଳିଙ୍ଗନଗର ଓ ମେରାମଣ୍ଡଳୀର ୩୮ ଜଣ ଭିନ୍ନକ୍ଷମଙ୍କୁ କୃତ୍ରିମ ଅଙ୍ଗ ଓ ସହାୟତା ଉପକରଣ ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ଟାଟା ଷ୍ଟିଲ ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନର ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତିଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଭିନ୍ନକ୍ଷମମାନେ ଯେପରି ସ୍ୱତନ୍ତ୍ର ଓ ଆତ୍ମବିଶ୍ୱାସ ପୂର୍ଣ୍ଣ ଜୀବନଯାପନ କରିପାରିବେ ସେଥିପାଇଁ ଆମ ତରଫରୁ ଏହା ଏକ ଛୋଟ ପ୍ରୟାସ। ଏହି କୃତ୍ରିମ ଅଙ୍ଗ ଯୋଗେ ଦିବ୍ୟାଙ୍ଗମାନେ ସୁବିଧାରେ ଚଳପ୍ରଚଳ କରିବା ସହ ସେମାନଙ୍କ ଆତ୍ମସମ୍ମାନ ଫେରିପାଇବେ। ସେମାନଙ୍କ ମୁହଁରେ ହସ ଫୁଟାଇ ଏହି ଦୁନିଆକୁ ଆହୁରି ସରସ ସୁନ୍ଦର କରିବା ପାଇଁ ଆମେ ସମସ୍ତେ ଏପରି ପ୍ରୟାସ ନିଶ୍ଚୟ କରି ପାରିବା ଶିବିର ଆରମ୍ଭରୁ ଜୟପୁର ଫୁଟ୍ ଟିମ୍ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ଦିଆଯିବାକୁ ଥିବା କୃତ୍ରିମ ଅଙ୍ଗ ପାଇଁ ମାପ ନିଆଯାଇଥିଲା। ସବଳ କେନ୍ଦ୍ରରେ ଏହି ବଣ୍ଟନ ସମୋରାହ ଗ୍ରାମୀଣ ଏବଂ ଆଦିବାସୀ ସମ୍ପ୍ରଦାୟର ଭିନ୍ନକ୍ଷମଙ୍କ ଚଳପ୍ରଚଳ ଏବଂ ସ୍ୱାଧୀନତା ବୃଦ୍ଧି କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାଜିଥିଲା। ଏହି ପଦକ୍ଷେପ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜର ଜୀବିକା ନିର୍ବାହ ଓ ଆତ୍ମସମ୍ମାନର ସହ ବଞ୍ଚିବା ପାଇଁ ଏକ ସମାବେଶୀ ସମାଜ ଗଠନ ଦିଗରେ ଟାଟା ଷ୍ଟିଲ ଫାଉଣ୍ଡେସନର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିପାରିଛି। କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ (ଏଫ୍‌ଏଏମଡି) ଖଣି ମୁଖ୍ୟ ଶମ୍ଭୁନାଥ ଝା, କମର୍ଦ୍ଦା ଓ ସାରୁଆବିଲ ଖଣି ମୁଖ୍ୟ ନବୀନ ଶ୍ରୀବାସ୍ତବ, ଏଫ୍‌ଏଏମଡି ପ୍ରଶାସନିକ ମୁଖ୍ୟ ପ୍ରମୋଦ କୁମାର, ଟାଟା ଷ୍ଟିଲ ଫାଉଣ୍ଡେସନ, ସୁକିନ୍ଦା ମୁଖ୍ୟ ଡ଼ା ଜୟନ୍ତ କୁମାର ତ୍ରିପାଠୀ ଆଦି ଉପସ୍ଥିତ ଥିଲେ।

## ପାରାଦୀପରେ ଅତ୍ୟାଧୁନିକ ଜାହାଜ ସହାୟତା କମ୍ପ୍ଲେକ୍ସ ଉଦ୍‌ଘାଟିତ



ପାରାଦୀପ(ଭାସ୍କର ନ୍ୟୁଜ): ଭାରତୀୟ ତଟରକ୍ଷୀ ବାହିନୀ (ଆଇସିଜି), ଓଡ଼ିଶାର ପାରାଦୀପଠାରେ ଏକ ନୂତନ ଜାହାଜ ସହାୟତା ପ୍ରତିଷ୍ଠାନ ସ୍ଥାପନ କରି ଏକ ଗୁରୁତ୍ୱପୂର୍ଣ୍ଣ କୀର୍ତ୍ତିମାନ ହାସଲ କରିଛି। ଏହି ଅତ୍ୟାଧୁନିକ ପ୍ରତିଷ୍ଠାନରେ ତଟରକ୍ଷକ ସାମଗ୍ରୀ ଭଣ୍ଡାର, ତଟରକ୍ଷକ ଜାହାଜ ମରାମତି ଦଳ ଓ ତଟ ରକ୍ଷକ ଜାହାଜ ସହାୟତା ଅନୁଷ୍ଠାନ ଅନ୍ତର୍ଭୁକ୍ତ। ଏହାକୁ, ତଟରକ୍ଷୀ ବାହିନୀ (ଉତ୍ତର ପୂର୍ବ)ର କ୍ଷେତ୍ରୀୟ କମାଣ୍ଡରଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଛି। ଏହି କେନ୍ଦ୍ରର ସ୍ଥାପନା ଭାରତୀୟ ତଟରକ୍ଷକର କାର୍ଯ୍ୟକ୍ଷମତା ଏବଂ ଆତ୍ମନିର୍ଭରତାକୁ ବୃଦ୍ଧି କରିବା ସହ ପ୍ରତିବଦ୍ଧତାକୁ ପ୍ରତିପାଦନ କରିବ। ଏହା ତଟରକ୍ଷୀ ବାହିନୀର ଜାହାଜ ପାଇଁ ମରାମତି, ରିଫିଟ୍ ଏବଂ ଦୈନନ୍ଦିନ ସାମଗ୍ରୀର ଆବଶ୍ୟକତାକୁ ପୂରଣ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି ଉଦଘାଟନୀ ସମାରୋହରେ ତଟରକ୍ଷୀ ବାହିନୀ (ଉତ୍ତର ପୂର୍ବ)ର କ୍ଷେତ୍ରୀୟ କମାଣ୍ଡର ପାରାଦୀପର ଯୌକ୍ତିକ ମହତ୍ତ୍ୱକୁ ଏକ ପ୍ରମୁଖ ସାମୁଦ୍ରିକ କେନ୍ଦ୍ର ଭାବେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ଏହି ଜାହାଜ ସହାୟତା ପ୍ରତିଷ୍ଠାନର ସୁବିଧା ଭାରତୀୟ ତଟରକ୍ଷକ ର କାର୍ଯ୍ୟ କ୍ଷମତାକୁ ସୁନିଶ୍ଚିତ କରିବା ସହିତ ଉତ୍ତର-ପୂର୍ବ ସମୁଦ୍ରତଟରେ ସାମୁଦ୍ରିକ ସୁରକ୍ଷା ବୃଦ୍ଧି ପାଇଁ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ।

## ଘରୋଇ ନର୍ସିଂହୋମ୍‌ର ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଓ ନକଲି ଅଲଟ୍ରାସାଉଣ୍ଡ୍ ରିପୋର୍ଟ ଯୋଗୁ ମହିଳା ହଟହଟ୍ଟା

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ତଥା ଭଦ୍ରେଶ୍ୱର ଥାନା ବ୍ରାହ୍ମଣ ମଣିଜୋରୀ ଗ୍ରାମର ଜଣେ ମହିଳା ଏକ ଘରୋଇ ନର୍ସିଂହୋମର ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଓ ନକଲି ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁ ଚରମ ହଟହଟ୍ଟା ହୋଇଥିବା ଅଭିଯୋଗ ହୋଇଛି। ନ୍ୟାୟ ପାଇବା ନିମନ୍ତେ ମହିଳା କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି ହୋଇଛି। ଭଦ୍ରେଶ୍ୱର ଥାନା ବ୍ରାହ୍ମଣମଣୀଜୋରୀ ଗ୍ରାମର ଗୌତମ ନାୟକଙ୍କ ପତ୍ନୀ ମମତା ନାୟକଙ୍କ ଦେହ ଅସୁସ୍ଥ ହେବାରୁ ଗତ ଜୁଲାଇ ୧୧ ତାରିଖ ଦିନ ସାଲେପୁର ଥାନା ରାଇସୁଙ୍ଗୁଡ଼ାସ୍ଥିତ ଶକ୍ତି ସାଇ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ଯାଇଥିଲେ। ମାତ୍ର ଶକ୍ତି ସାଇ ହସ୍ପିଟାଲର ପରାମର୍ଶ କ୍ରମେ ମମତା ସାଲେପୁର ବିସିଆର କ୍ଲିନିକ୍ ଆଣ୍ଡ ଡାଇଗ୍ନୋଷ୍ଟିକ ସେଂଟରରେ ଅଲଟ୍ରାସାଉଣ୍ଡ କରାଇଥିଲେ। ଏହି ଅଲଟ୍ରାସାଉଣ୍ଡ ରିପୋର୍ଟରେ ତାଙ୍କର ଭେନଟ୍ରାଲ ହାରନିଆ ରିପୋର୍ଟ ବାହାରିଥିଲା। ଏହାପରେ ମମତା କଟକ ନିଦାନ ନିଃଶୁଳ୍କ ରୋଗ ନିରୂପଣ ସେବାରେ ସିଟି ସ୍କାନ କରାଇବା ପରେ ସେଠାରେ ମଧ୍ୟ ତାଙ୍କର ଭେନଟ୍ରାଲ ହାରନିଆ ରିପୋର୍ଟ ବାହାରିଥିଲା। ଏହାପରେ ରାଇସୁଙ୍ଗୁଡ଼ା ଶକ୍ତିସାଇ ହସ୍ପିଟାଲ ତାଙ୍କୁ ସରକାରୀ ମେଡିକାଲରୁ ରେଫର ପରେ ଅସ୍ତ୍ରୋପଚାର କରାଯିବ ବୋଲି ପରାମର୍ଶ ଦେଇଥିଲେ। ଏ ସମସ୍ତ ରିପୋର୍ଟକୁ ନେଇ ମମତା ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଏରକଣାସ୍ଥିତ ସରକାରୀ ଡାକ୍ତରଖାନାରେ ଡାକ୍ତର ଜ୍ଞାନରଞ୍ଜନ ନାୟକଙ୍କ ପରାମର୍ଶ ନେଇଥିଲେ। ଡାକ୍ତର ଜ୍ଞାନରଞ୍ଜନ ନାୟକ କୌଣସି ରେଫରାଲ ଦରକାର ନାହିଁ ବୋଲି କହିବା ସହ ସମସ୍ତ କଥା ସେ ବୁଝିବେ ବୋଲି ନିର୍ଭର ପ୍ରତିଶୃତି ଦେଇ ତାଙ୍କୁ ସାଲେପୁରସ୍ଥିତ ସାଇ ମେମୋରିଆଲ ହସ୍ପିଟାଲରେ ବିନା ବିଏସକେୱାଇ ରେଫରାଲରେ ଆଡମିସନ କରିବା ସହ ଅସ୍ତ୍ରୋପଚାର ମଧ୍ୟ କରାଇଥିଲେ। ଅସ୍ତ୍ରୋପଚାର ହେବାର ୯ ଦିନ ପରେ ସାଇ ମୋମୋରିଆର ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା। ଅସ୍ତ୍ରୋପଚାର ପରେ ଅନଭିଜ୍ଞ ଡାକ୍ତର ଓ ନର୍ସଙ୍କ ଦ୍ୱାରା ଚିକିତ୍ସା ଫଳରେ ଅସ୍ତ୍ରୋପଚାର ଶୁଖିବାକୁ ଦୀର୍ଘ ଦିନ ଲାଗିଥିଲା। ଅସ୍ତ୍ରୋପଚାରର ୩ମାସ ପରେ ମଧ୍ୟ ତାଙ୍କୁ ଡିସଚାର୍ଜ ରିପୋର୍ଟ ବହୁ କଷ୍ଟରେ ଦିଆଯାଇଥିଲା। ହେଲେ ସେଥିରେ ଅରିଜିନାଲ ଅଲଟ୍ରାସାଉଣ୍ଡ ରିପୋର୍ଟ ଦିଆଯାଇନଥିବା ଅଭିଯୋଗ ହୋଇଛି।

## କୂଳ ଲଂଘୁଛି ପାଇକା ନଦୀ, ଚିନ୍ତାରେ ଅଞ୍ଚଳବାସୀ

ଗରଦପୁର(ଭାସ୍କର ନ୍ୟୁଜ): ମହାନଦୀର ଶାଖା ନଦୀ ପାଇକା ନଦୀ ଗରଦପୁର ଅଞ୍ଚଳର ପାଞ୍ଚ ପଞ୍ଚାୟତ ପାଇଁ ଦୁଃଖର କାରଣ ପାଲଟିଛି। ପାଇକା ନଦୀର ଉତ୍ପତ୍ତି ସ୍ଥଳ କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଉଭୟ ଜିଲ୍ଲାର ମିଳନସ୍ଥଳ ତାରପୁରରୁ ହୋଇଥିବା ବେଳେ ନଦୀର ଦକ୍ଷିଣପାର୍ଶ୍ୱ ସମ୍ପୂର୍ଣ୍ଣ ଭାବେ ଜଗତସିଂହପୁର ଅଧୀନରେ ଥିବାବେଳେ ଉତ୍ତର ପାର୍ଶ୍ୱର ଅଧିକାଂଶ ଭାଗ କେନ୍ଦ୍ରାପଡ଼ାରେ ରହିଛି। ନଦୀର ଅଭ୍ୟନ୍ତରୀଣ ଅବସ୍ଥା, ନଦୀବନ୍ଧ, ନଦୀପଠା ଓ ନଦୀକୂଳବର୍ତ୍ତୀ ଜନବସତି ସୁରକ୍ଷା ପାଇଁ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯେତିକି ପଦକ୍ଷେପ ନିଆଯାଉଛି କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଯାଉ ନାହିଁ। ପାଇକା ନଦୀ କୂଳ ଲଙ୍ଘିବା ଯୋଗୁଁ ଗରଦପୁର ବ୍ଲକ୍ ଅଧିନ ତେଣ୍ଡାକୁଡା, ପଳସୁଧା, ବନ୍ତଳା, ତଳକୁସୁମା ପାଖଡ଼ ପଞ୍ଚାୟତର ନଦୀକୂଳ ଅଞ୍ଚଳଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହେଉଥିବା ବେଳେ ପାଟସୁରା, ବାମରା ଓ ସରୋଠୋଲା ସମେତ ଚାଉଳିଆର ଅନେକ ଗ୍ରାମ ଏବେ ବିପଦ ମୁହଁରେ। କେଉଁଠି ଲୋକେ ବାସହରା ହୋଇ ନଦୀବନ୍ଧର ଅପର ପାର୍ଶ୍ୱକୁ ଚାଲିଯାଇଥିବା ବେଳେ ଚାଷୀଙ୍କ ଏକର ଏକର ଜମି ନଦୀଗର୍ଭରେ ଲିନ ହୋଇଗଲାଣି।

## ଶାବଳ ମାଡ଼ରେ ଜଣେ ଗୁରୁତର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଚାରିଛକ ଥାନା ଶ୍ରୀକୋଇଲି ଗ୍ରାମର ଜଣେ ଯୁବକଙ୍କ ଶାବଳ ପାହାରରେ ଜଣେ ଦିନ ମଜୁରୀଆ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଖବରରୁ ଜଣାଯାଇଛି ଯେ, ଏହି ଥାନା ଅନ୍ତର୍ଗତ ଆଇଁଶମୂଳ (ଜୋରଡ଼ିହ) ଗ୍ରାମର ସାଧୁ କାଣ୍ଡି ନିକଟସ୍ଥ ଦଣ୍ଡିକିରା ଗ୍ରାମର କାଳିଆ ପରିଡ଼ାଙ୍କ ବିଲରେ ଶୁକ୍ରବାର ଧାନ କାଟୁଥିବା ସମୟରେ ତାଙ୍କୁ ଶୋଷ କରିବାରୁ ନିକଟରେ ଥିବା ଶ୍ରୀକୋଇଲି ଗ୍ରାମର ରାଜା ସାମଲଙ୍କ ନଳକୂଅରୁ ପାଣି ପିଉଥିବା ସମୟରେ ରାଜା ହଠାତ୍ ରାଗିଯାଇ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିକୁ ଆକ୍ଷେପ କରି ତୁ ନଳକୂପକୁ ଛୁଇଁ ମାରା କରିଦେଲୁ, ଏହା କହି ଶାବଳରେ ସାଧୁଙ୍କୁ ଜୀବନରୁ ମାରି ଦେବାକୁ ଉଦ୍ୟମ କରି ଏକ ଶକ୍ତ ପ୍ରହାର ଦେବା ଫଳରେ ତାଙ୍କ ଗୋଡ଼ ଆଣ୍ଠୁ ଭାଙ୍ଗି ଯାଇଛି। ସାଧୁଙ୍କ ପତ୍ନୀ ପାଟିତୁଣ୍ଡ ଶୁଣି ଘଟଣାସ୍ଥଳରେ ପହଞ୍ଚି ସେ ରକ୍ତ ଜୁଡୁବୁଡୁ ହୋଇ ସେଠାରେ ପଡ଼ି ଛଟପଟ ହେଉଥିଲେ। ସାଧୁଙ୍କ ପତ୍ନୀ ତାଙ୍କୁ ଉଦ୍ଧାର କରିବା ସମୟରେ ରାଜା ନାନା ପ୍ରକାର ଭାଷା ଅଭାଷାରେ ଗାଳିଗୁଲଜ କରିଥିଲା ବୋଲି ଅଭିଯୋଗ କରିଛନ୍ତି। ବର୍ତ୍ତମାନ ସାଧୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରରେ ଚିକିତ୍ସାଧିନ ଥିବା ଜଣାପଡ଼ିଛି। ସାଧୁଙ୍କ ପତ୍ନୀ ଶଇଳ ଚାରିଛକ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଯଥାଶୀଘ୍ର ଅଭିଯୁକ୍ତକୁ ଗିରଫ କରା ନଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଶ୍ରମିକ ମୃତ

ଭାପୁର(ଭାସ୍କର ନ୍ୟୁଜ): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଥାନା ଅନ୍ତର୍ଗତ ଶାସନ ପଞ୍ଚାୟତର ଟିକିରିପଡ଼ା ଗ୍ରାମ ନିକଟସ୍ଥ ବାଲିନାଳ ବ୍ରିଜ୍ ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ଗୁରୁବାର ଦିନ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା ବେଳେ ଅନ୍ୟ ଜଣେ ଶ୍ରମିକ ଗୁରୁତର ଭାବେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଘଟଣାରୁ ପ୍ରକାଶ, ଟିକିରିପଡ଼ା ଗ୍ରାମ ନିକଟସ୍ଥ ବାଲିନାଳ ଉପରେ ଏକ ବ୍ରିଜ୍‌ର ନିର୍ମାଣ କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟୀତ୍ୱ ନିର୍ବାହ କରୁଥିବା ବେଳେ ଠିକାଦାର ଭାବେ ବାସୁଦେବ କନଷ୍ଟ୍ରକସନ୍ ଉକ୍ତ ବ୍ରିଜ୍ର ନିର୍ମାଣ କାର୍ଯ୍ୟର କରୁଥିଲେ। ମାତ୍ର ଦୁଃଖର ବିଷୟ ଗୁରୁବାର ଦିନ ଦିବା ପ୍ରାୟ ୧୧ଟାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସୁନ୍ଦରଗଡ଼ ଜିଲ୍ଲା ଲାଠିକଟା ବ୍ଲକ ଲହଦର ଗ୍ରାମର ସୁକୁରା ଟପୋଙ୍କ ପୁଅ ଜହାନ୍ ଟପୋ(୩୦) ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ଅନ୍ୟ ଜଣେ ଶ୍ରମିକ ସେହି ଲାଠିକଟା ବ୍ଲକ ଅନ୍ତର୍ଗତ ଏରଗଡ଼ା ଗ୍ରାମର ତୁକଲେ ଖାଲକୋଙ୍କ ପୁଅ ରାଜୁ ଖାଲକୋ(୩୫) ଗୁରୁତର ଭାବେ ଆଘାତ ହୋଇଥିଲେ। ସଙ୍ଗେ ସଙ୍ଗେ ଉକ୍ତ ବ୍ରିଜ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଅନ୍ୟ ଶ୍ରମିକ ମାନେ ଉଭୟଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ଜହାନ୍‌ଙ୍କୁ ମୃତ ଘୋଷଣା କରିଥିବା ବେଳେ ଗୁରୁତର ରାଜୁଙ୍କୁ ପ୍ରାଥମିକ ଚିକିତ୍ସା କରି ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ।

## ଗୋପ ବ୍ଲକ୍‌ରେ ମାଳ ମାଳ ନକଲି ଶିକ୍ଷକ: ଚେର ଓପାଡ଼ିବାରେ ବିଫଳ ଗଣଶିକ୍ଷା ବିଭାଗ

ଗୋପ(ଭାସ୍କର ନ୍ୟୁଜ): ଗୋପ ବ୍ଲକରେ ମାଳମାଳ ନକଲି ଶିକ୍ଷକ। କିଏ ଶିକ୍ଷାଗତ ଯୋଗ୍ୟତାରେ ତ କିଏ ଦିବ୍ୟାଙ୍ଗ, ଜନ୍ମ ପ୍ରମାଣପତ୍ର ଓ ଜାତିଗତ ପ୍ରମାଣପତ୍ରରେ ଜାଲିଆତି କରି ଚାକିରି ହାତେଇଛନ୍ତି। ସରକାର ନକଲି ଶିକ୍ଷକ ଚିହ୍ନଟ ପାଇଁ ବିଭିନ୍ନ ସମୟରେ ନିର୍ଦ୍ଦେଶ ଦେଉଛନ୍ତି। ହେଲେ ଧର୍ମକୁ ଆଖୁଠାର ମାରିଲା ପରି ଗଣଶିକ୍ଷା ବିଭାଗ ଦତନ୍ତ କରୁଛି। ଏକାଧିକବାର ବିଭିନ୍ନ ସାର୍ଟିଫିକେଟ ଜାଣିଶୁଣି ଯାଞ୍ଚ କରାଯାଉଛି, ହେଲେ କାର୍ଯ୍ୟାନୁଷ୍ଠାନ ହେଉନି। ଫାଇଲକୁ ଅଧିକାରୀମାନେ ଜାଣିଶୁଣି ଚାପି ଦେଉଥିବା ଅଭିଯୋଗ ହେଉଛି। ଭିଜିଲାନ୍ସ ବା କ୍ରାଇମବ୍ରାଞ୍ଚ୍ ଦ୍ୱାରା ତଦନ୍ତ ହେଲେ ନକଲି ଶିକ୍ଷକ ଧରା ପଡିବା ସହ ତାଙ୍କୁ ଘଣ୍ଟ ଘୋଡାଉଥିବା ଅସଲ ଅଧିକାରୀଙ୍କ ନକଲି ମୁଖା ଖୋଲିବ ବୋଲି ସାଧାରଣରେ ଦାବି ହୋଇଛି। ସୂଚନା ଅନୁଯାୟୀ ନକଲି ପ୍ରମାଣପତ୍ର ଆଧାରରେ ବହୁ ଶିକ୍ଷକ ନିଯୁକ୍ତି ପାଇଥିବା ଅଭିଯୋଗ ହେବା ପରେ ରେ ୨୦୧୯-୨୦ରୁ ତଦନ୍ତ ଆରମ୍ଭ ହୋଇଥିଲା। ଜିଲ୍ଲା ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ବ୍ଲକ୍ ଶିକ୍ଷା ଅଧିକାରୀମାନେ ଶିକ୍ଷକଙ୍କ ପ୍ରମାଣପତ୍ର ଯାଞ୍ଚ କରିଥିଲେ। ସେହି ସମୟରେ କର୍ଣ୍ଣାଟକ ରାଜ୍ୟ ମହିଳା ବିଶ୍ୱବିଦ୍ୟାଳୟ, ଉତ୍ତରପ୍ରଦେଶ ଝାନ୍ସୀର ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟ ଆଗ୍ରାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଛତିଶଗଡ଼, ରାୟପୁରର ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ, ଜାମ୍ମୁର କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟ, ସିଭିରମଣ ବିଶ୍ୱବିଦ୍ୟାଳୟ ବିଳାସପୁର ପରି ରାଜ୍ୟ ବାହାରର ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ବହୁ ଶିକ୍ଷକ ବିଇଡି ପ୍ରମାଣପତ୍ର ସହ କେତେକ ନକଲି ସିଟି ପ୍ରମାଣପତ୍ର ହାତେଇଥିବା ଜଣାପଡ଼ିଥିଲା ଓ ସେହି ସମୟରେ ଗୋପ ବ୍ଲକରେ ମାଳ ମାଳ ନକଲି ଶିକ୍ଷକ ନିଯୁକ୍ତି ପାଇଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ସେ ସବୁର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଏ ପର୍ଯ୍ୟନ୍ତ ଅନେକ ତଦନ୍ତ ରିପୋର୍ଟ ଶୀତଳଭଣ୍ଡାରରେ ରହିଥିବା ବେଳେ ନକଲି ଶିକ୍ଷକ ଚିହ୍ନଟ ପ୍ରକ୍ରିୟା ଦିଗହରା ହୋଇଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ନକଲି ଶିକ୍ଷକ ଚିହ୍ନଟ ପ୍ରକ୍ରିୟାରେ ବିଭାଗୀୟ ଅଧିକାରୀଙ୍କର ହାତ ରହୁଥିବା ଅଭିଯୋଗ ହେଉଛି। ତଦନ୍ତ ରିପୋର୍ଟ ଆସି ସାରିଥିଲେ ମଧ୍ୟ ବିଇଓ/ ଡିଇଓଙ୍କ ପାଖରେ ଚାପିହୋଇ ରହୁଥିବା ଅଭିଯୋଗ ହେଉଛି। ଅନ୍ୟ କେହି ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ନ କରିବା ପର୍ଯ୍ୟନ୍ତ ବା ଗଣମାଧ୍ୟମରେ ପ୍ରକାଶ ନ ପାଇବା ଯାଏଁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ନକଲି ଶିକ୍ଷକ ଚେର ଉପାଡ଼ିବାରେ ବିଭାଗ ବିଫଳ ହୋଇଛି। ଏନେଇ ବିଭିନ୍ନ ମହଲରେ ବାରମ୍ବାର ଅଭିଯୋଗ ହେବା ସହ ଗତ ମାସରେ ହୋଇଥିବା ଗୋପ ବ୍ଲକ ପଞ୍ଚାୟତ ସମିତି ବୈଠକରେ ଅଭିଯୋଗ ହୋଇଥିଲା। ଏହାକୁ ନେଇ କାକଟପୁର ବିଧାୟକ ତଥା ପୂର୍ବତନ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଏହା ଉପରେ ଖୁବ୍ ଶିଘ୍ର ତଦନ୍ତ କରି ରିପୋର୍ଟ ଦେବା ପାଇଁ ଗୋପ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ନକଲି ଶିକ୍ଷକଙ୍କୁ ଧରିବାରେ ଗୋପ ବ୍ଲକ ପ୍ରଶାସନ ବିଫଳ ହୋଇଛି। ଅପରପକ୍ଷରେ ନକଲି ଶିକ୍ଷକ ତଦନ୍ତର ଅନ୍ତ କେବେ ଘଟିବ ବୋଲି ଶିକ୍ଷାବିତମାନେ ପ୍ରଶ୍ନ କରିଛନ୍ତି।

## ନିଶ୍ଚିହ୍ନ ହୋଇଗଲାଣି ସବୁଜ ପାଚେରି, ଧୋଇଯାଉଛି ମୃତ୍ତିକା: ଉପକୂଳକୁ ମାଡି ଆସୁଛି ସାମୁଦ୍ରିକ ଜୁଆର



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉପକୂଳକୁ ସୁରକ୍ଷା ହେଉ କି ସାମୁଦ୍ରିକ ଜୁଆରକୁ ରୋକିବା ଦିଗରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ଉପକୂଳରେ ଥିବା ସବୁଜ ପାଚେରୀ କ୍ରମଶଃ ନିଶ୍ଚିହ୍ନ ହୋଇଗଲାଣି। ଏଥିପାଇଁ ଉପକୂଳ ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଦେବୀନଦୀ ପାର୍ଶ୍ୱବର୍ତ୍ତୀ ଖଣ୍ଡାସାହି-ଓସିଆଁ ନିକଟବର୍ତ୍ତୀ ବାବା ଧବଳେଶ୍ୱର ପୀଠ, କେଉଟଜଙ୍ଘା ନିକଟସ୍ଥ ବେଲେଶ୍ୱରପୀଠ ସହ ବିଭିନ୍ନ ସ୍ଥାନରେ ମୃତ୍ତିକା ମଧ୍ୟ ଅବକ୍ଷୟ ହେଉଛି। ଏଥିପାଇଁ ଉପକୂଳ ଅଞ୍ଚଳ ପ୍ରତି ବିପଦ ଦେଖାଦେଇଛି। କେତେବେଳେ ସାମୁଦ୍ରିକ ଜୁଆର ଆସି ଚାଷ ଏପରିକି ମୃର୍ତ୍ତିକା ମଧ୍ୟ ଅବକ୍ଷୟ ହେଉଛି। ସବୁଜ ପାଚେରୀ ସୃଷ୍ଟି ଫଳରେ ପ୍ରତିବର୍ଷ ଆସୁଥିବା ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା, ବାତ୍ୟା ଆଦିରୁ ସହଜରେ ନ ହେଲେ ବି କେତେକାଂଶରେ ପ୍ରତିହତ କରି ହେଉଥିଲା। ନଦୀ ଓ ସମୁଦ୍ର କୂଳରେ ବନୀ ଜଙ୍ଗଲର ପ୍ରଭାବ ଆମେ ଗତକିଛି ଦିନ ତଳେ ହୋଇଥିବା ବାତ୍ୟାରେ ଦେଖିବାକୁ ପାଇଛେ। ୧୯୬୫ ବାତ୍ୟା, ୧୯୭୧, ୧୯୮୨ ମସିହା ବନ୍ୟା, ବାତ୍ୟା, ୧୯୯୯ ମହାବାତ୍ୟା, ୨୦୧୩ ଫାଇଲିନ୍, ୨୦୧୪ ହୁଦହୁଦ, ୨୦୧୮ ତିତିଲି, ୨୦୧୯ ଫନି ଓ ବୁଲବୁଲ, ୨୦୨୦ ଅମ୍ଫାନ, ୨୦୨୧ରେ ୟାସ ଓ ଗୁଲାବ, ୨୦୨୨ରେ ଯୱାଦରେ ମଧ୍ୟ ଏହି ବନୀ ଜଙ୍ଗଲ ଓ ସବୁଜ ପାଚେରୀର ପ୍ରଭାବ ଦେଖିବାକୁ ପାଇଛେ ବୋଲି ଅସ୍ତରଙ୍ଗ ଅଞ୍ଚଳର ପରିବେଶବିତ ତଥା ସମାଜସେବୀ ବିଜୟ କୁମାର ବେହେରା କହିଛନ୍ତି। ତାଙ୍କ ମତରେ ସମୁଦ୍ର, ନଦୀ ତଥା ପ୍ରତି ଗ୍ରାମର ଶେଷ ମୁଣ୍ଡରେ ଯଦି ସବୁଜ ପାଚେରୀ ସୃଷ୍ଟି ଆଳରେ କ୍ରମାନ୍ୱୟରେ କାଇଁଚ, କିଆ, କଣ୍ଟା ବାବୁଲା, କରଞ୍ଜ, ଖଜୁରୀ, ତାଳ ଓ ଝାଉଁ ଗଛ ଲଗାଯାଇପାରିବ ତେବେ ଏହା ବାତ୍ୟା ଓ ବନ୍ୟାର ପ୍ରଭାବରୁ ୭୦ ରୁ ୮୦ପ୍ରତିଶତ କମାଇ ପାରିବା ସହିତ ମୃର୍ତ୍ତିକା ସଂରକ୍ଷଣ ଦିଗରେ ସହାୟକ ହୋଇପାରିବ। ଏହି ସବୁଜ ପାଚେରୀ ମଧ୍ୟରେ ସ୍ଥାନ ପାଇଥିବା ଗଛଗୁଡ଼ିକ ଖାଲି ବନ୍ୟା ବାତ୍ୟାରୁ ଆମକୁ ରକ୍ଷା କରିବ ତା ନୁହେଁ ବରଂ ସାମାଜିକ ଅର୍ଥ ବ୍ୟବସ୍ଥାର ମଧ୍ୟ ପ୍ରଭାବ ପକାଇବ। ବେଣା ଗଛରୁ କାଇଁଚ ସଂଗ୍ରହ କରି ବିଭିନ୍ନ ସୌଖିନ ସାମଗ୍ରୀ ତିଆରି କରି ଅର୍ଥ ଉପାର୍ଜନ କରି ହେବ। କିଆ ଫୁଲର ଚାହିଦା ମଧ୍ୟ ଅଧିକ, ବନ୍ୟା ଓ ବାତ୍ୟା ସମୟରେ କିଆ ଗଛରେ ଜୁଆର ମାଡ଼ ହେଲେ ଜୁଆରର ବଳ ମଧ୍ୟ କମି ଯାଇଥାଏ। ସେହିପରି ଖଜୁରୀ ଗଛର ପତ୍ରରୁ ଛାଞ୍ଚୁଣି, ଆସନ, ତାଳ ଗଛର ପତ୍ରରୁ ଆସନ, ତାଳ କାଠରେ ଘର ତିଆରି ସହିତ ଝାଉଁ ଗଛ କାଠର ଚାହିଦା ମଧ୍ୟ ରହିଛି। ସେହିପରି ସବୁଜ ପାଚେରୀ ମଧ୍ୟରେ ଆସୁଥିବା ସମସ୍ତ ଗଛ ମୃର୍ତ୍ତିକା ସଂରକ୍ଷଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଲିଭାଇଥାଏ। ପରିବେଶବିତ୍ ତଥା ସମାଜସେବୀ ଶ୍ରୀ ବିଜୟ ବେହେରା କହିଛନ୍ତି ବାତ୍ୟା ପରେ ରିଲିଫ ସାମଗ୍ରୀକୁ ଯେପରି ଅଗ୍ରାଧିକାର ଦିଆଯାଉଛି। ସେହିଭଳି ବନ୍ୟା, ବାତ୍ୟା ଓ ଲଘୁଚାପରୁ ମୁକ୍ତି ପାଇବାକୁ ହେଲେ ନଦୀ, ସମୁଦ୍ର ଓ ଗ୍ରାମରେ ସବୁଜ ପାଚେରୀ ମାଧ୍ୟମରେ କାଇଁଚ, କିଆ, କଣ୍ଟା ବାବୁଲା, କରଞ୍ଜି, ଖଜୁରୀ, ତାଳ, ଝାଉଁ ଗଛ ଲଗାଇବାକୁ ଅନୁରୋଧ କରିଛନ୍ତି। ଉଭୟ ବନବିଭାଗ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଏହି ସବୁ ଗଛଲଗାଇବା ଉପରେ ତତ୍ପରତା ଦେଖାଇବାକୁ ଦାବି ହେଉଛି।



ବୋଲଗଡ଼,(ଭାସ୍କର ନ୍ୟୁଜ): ବିଦ୍ୟାର୍ଥୀଙ୍କ ଶିକ୍ଷାର ଉନ୍ନତି ପାଇଁ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ଶିକ୍ଷା ବିଭାଗ ନିରନ୍ତର ପ୍ରୟାସ କରି ଚାଲିଛି । ଏଥିନେଇ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ କର୍ତ୍ତୃପକ୍ଷ ପକ୍ଷରୁ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଉଚ୍ଚପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପାଇଁ ଚାଲିଥିବା ପଞ୍ଚମ ପର୍ଯ୍ୟାୟର ତ୍ରିଦିବସୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ବୋଲଗଡ଼ ସଦର ମହକୁମାସ୍ଥିତ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉକ୍ତ ପ୍ରଶିକ୍ଷଣ ଶିବିରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୪୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରି ଶିକ୍ଷକ ନେତୃତ୍ୱ, ଶିକ୍ଷକଙ୍କର ବିକାଶମୂଳକ ମନୋବୃତ୍ତି, ସାମାଜିକ ଆବେଗିକ ଓ ନୈତିକ ଶିକ୍ଷା, ହାଉସ ସିଷ୍ଟମ, ବସ୍ତାନୀ ବିହୀନ ପାଠପଢ଼ା ଦିବସ, ଅନ୍ତର୍ନିବେଶୀ ଶିକ୍ଷା, ୟୁ ଡ଼ାଇସି ପ୍ଲସ୍, ମାସିକ ପାଠ୍ୟ ଖସଡ଼ା, ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ଟାବଲେଟର ବ୍ୟବହାର, ସାଇବର ସୁରକ୍ଷା ଓ ବିଦ୍ୟାଳୟ ନିରାପତ୍ତା ସୁରକ୍ଷା ବ୍ୟବସ୍ଥା ଆଦି ବିଷୟରେ ପ୍ରଶିକ୍ଷଣ ନେଇଥିଲେ । ଏହି ପ୍ରଶିକ୍ଷଣକୁ ସମ୍ବଳ ଶିକ୍ଷକ ସାନନ୍ଦ କୁମାର ସାହୁ, ସୁବାଷ ଚନ୍ଦ୍ର ମହାପାତ୍ର, ପ୍ରଫୁଲ୍ଲ କୁମାର ସିଂହ ଓ ଦାଶରଥି ସାହୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଦିବସରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ ଏବଂ ଅମିତା ମିଶ୍ର ଯୋଗ ଦେଇଥିଲେ ।

# ୧୦ରେ ଦକ୍ଷିଣ ଓଡ଼ିଶା ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନ ପକ୍ଷରୁ ବିଧାନସଭା ସମ୍ମୁଖରେ ଗଣଧାରଣା

ବ୍ରହ୍ମପୁର, (ଭାସ୍କର ନ୍ୟୁଜ): ୬୦ରୁ ଊର୍ଦ୍ଧ୍ୱ ଗଣ ସଙ୍ଗଠନ ମଙ୍ଗଳବାର ସକାଳୁ ବ୍ରହ୍ମପୁରରୁ ଭୁବନେଶ୍ୱର ଗସ୍ତ କରିବେ । ସକାଳ ୧୦ ଘଣ୍ଟା ଠାରୁ ସନ୍ଧ୍ୟା ୫ ଘଣ୍ଟା ପର୍ଯ୍ୟନ୍ତ ବିଧାନସଭା ସମ୍ମୁଖରେ ଦକ୍ଷିଣ ଓଡ଼ିଶା ରେଳପଥ ବିକାଶ, ଦକ୍ଷିଣ ଓଡ଼ିଶାର ପରିଷଦ, ଦକ୍ଷିଣ ଓଡ଼ିଶାର ସର୍ବାଗ୍ରେ ଉନ୍ନତି ସହ ୫୦ରୁ ଊର୍ଦ୍ଧ୍ୱ ଦାବିକୁ ନେଇ ଦକ୍ଷିଣ ଓଡ଼ିଶାର ସମସ୍ତ ଗଣ ସଙ୍ଗଠନମାନଙ୍କ ସହଯୋଗରେ ମିଳିତ ଗଣଧାରଣା ଦିଆଯିବ ବୋଲି ସ୍ଥିର କରାଯାଇଛି । ଗୁରୁବାର ସଂଧ୍ୟାରେ ସ୍ଥାନୀୟ କମାପଲ୍ଲୀ ସ୍ଥିତ ସଂକଳ୍ପ ସ୍କୁଲ ପରିସରରେ ଏକ ଜରୁରୀକାଳୀନ ପ୍ରସ୍ତୁତି ବୈଠକରେ ଓ ଏହି ଗଣଧାରଣା ସ୍ଥଳକୁ ଦକ୍ଷିଣ ଓଡ଼ିଶାର ସମସ୍ତ ଜନ ପ୍ରତିନିଧି, ପୂର୍ବତନ ବିଧାୟକ, ସାଂସଦ ଏବଂ ମନ୍ତ୍ରୀମାନଙ୍କୁ ନିମନ୍ତ୍ରଣ କରାଯିବା ସହ ସେମାନଙ୍କ ସହଯୋଗ ଲାଗି ନିଷ୍ପତ୍ତି ହୋଇଥିଲା । କାରଣ ଦକ୍ଷିଣ ଓଡ଼ିଶାର ବିଧାୟକ, ସାଂସଦ ଏବଂ ମନ୍ତ୍ରୀଙ୍କ ବିନା ସହଯୋଗ ଏବଂ ଚେଷ୍ଟାରେ ଦକ୍ଷିଣ ଓଡ଼ିଶାର ଉନ୍ନତି ହେବା ଅସମ୍ଭବ ବୋଲି ଏକ ସ୍ୱରରେ ସମସ୍ତ ଗଣ ସଙ୍ଗଠନ କହିଛନ୍ତି । ୧୦ ଡିସେମ୍ବର ଆନ୍ତର୍ଜାତୀୟ ମାନବ ଅଧିକାର ଦିବସ ହୋଇଥିବାରୁ ସ୍ଥାୟୀ ବିକାଶ ଲକ୍ଷ୍ୟର ସଭାପତି, ମାନବାଧିକାର କର୍ମୀ ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟିର ସଂଯୋଜକ ରବୀନ୍ଦ୍ର କୁମାର ମିଶ୍ର କହିଛନ୍ତି ଯେ, ସମାନ ସମ୍ମାନକୁ ପ୍ରୋତ୍ସାହିତ କରିବା ଦକ୍ଷିଣ ଓଡିଶାର ବିକାଶ ପାଇଁ, ଏହି ମୌଳିକ ଧାରଣା ମାନବିକତାର ମୂଳ ମୂଲ୍ୟବୋଧ ସହିତ ସମାନ ଅଧିକାର, ସମାନତା, ଦୟା, ନ୍ୟାୟ ଏବଂ ପ୍ରତ୍ୟେକ ବ୍ୟକ୍ତିର ମୂଲ୍ୟର



ସ୍ୱୀକୃତି ପ୍ରତିପାଦନ କରେ । ମଣିଷର ସବୁଠୁ ବଡ଼ ଚିନ୍ତାଧାରାକୁ ସମାଧାନ କରିବାରେ ପ୍ରତିଷେଧକ, ପ୍ରତିରକ୍ଷା ଏବଂ ପରିବର୍ତ୍ତନକାରୀ ଶକ୍ତି ଭାବରେ ମାନବିକ ଅଧିକାର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଦକ୍ଷିଣ ଓଡ଼ିଶାର ସମସ୍ତ ଗଣ ସଙ୍ଗଠନ ମିଳିମିଶି ଆମର ଅଧିକାର, ଆମର ଭବିଷ୍ୟତ, ବର୍ତ୍ତମାନ ଚିନ୍ତା କରିବା ସହ ସରକାରଙ୍କୁ ଆମର ଦାବି ଉପସ୍ଥାପନ କରିବା ଏବଂ ମାନବିକ ଅଧିକାର ଆସନ୍ତାକାଲି ଏକ ଭଲ ଗଠନ ପାଇଁ ବ୍ୟକ୍ତି ଏବଂ ସମ୍ପ୍ରଦାୟକୁ ସଶକ୍ତ କରିପାରିବା । ମାନବିକ ଅଧିକାରର ସମ୍ପୂର୍ଣ୍ଣ ଶକ୍ତିକୁ ଆମେ ଗ୍ରହଣ କରୁଥିବା ବିଶ୍ୱକୁ ପଥ ଭାବରେ ଗ୍ରହଣ କରି ବିଶ୍ୱାସ କରି ଆମେ ଅଧିକ ଶାନ୍ତିପୂର୍ଣ୍ଣ, ସମାନ ଏବଂ ସ୍ଥାୟୀ ହୋଇପାରିବା ଏବଂ ଦକ୍ଷିଣ ଓଡ଼ିଶା ସହ ସମଗ୍ର ଓଡ଼ିଶା ରାଜ୍ୟର ଅଗ୍ରଗତି, ଉନ୍ନତି ଏବଂ ସ୍ଥାୟୀ ବିକାଶର ଲକ୍ଷ୍ୟକୁ ପୂରଣ କରିପାରିବା । ଏହି ବୈଠକରେ ଯୋଗ ଦେଇଥିଲେ ଦକ୍ଷିଣ ଓଡିଶା ଉନ୍ନୟନ ମିଳିତ କ୍ରିୟାନୁଷ୍ଠାନର ଆବାହକ ତଥା ବରିଷ୍ଠ ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକ, ପ୍ରଗତିଶୀଳ ଉତ୍କଳ ସମାଜର ସୂର୍ଯ୍ୟ ନାରାୟଣ ଦାସ, ପ୍ରବୀଣ ପଟ୍ଟନାୟକ, ଗଞ୍ଜାମ ଜିଲ୍ଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ଫୋରମ୍ ଫର୍ ଗଞ୍ଜାମର ଇ. ତେଜେଶ୍ୱର୍ ରାଓ, ବହୁମୁଖି ସମାଜ ମଙ୍ଗଳର ଆବାହକ ମାନସ ରଞ୍ଜନ ପାତ୍ର, ଓଡ଼ିଶା ଡେଭେଲପମେଣ୍ଟ ଫୋରମ୍‌ର ପ୍ରୀତିଶ ପାଣିଗ୍ରାହୀ, ସ୍ଥାୟୀ ବିକାଶ ଲକ୍ଷ୍ୟର ସଭାପତି ରବୀନ୍ଦ୍ର କୁମାର ମିଶ୍ର, ଚାମ୍ବର ଅଫ୍ କମର୍ସର ସେକ୍ରେଟାରୀ, ଗୋପାଳପୁର ନାଗରିକ ମଞ୍ଚର ସଦସ୍ୟ, ଆମ ସଂସ୍କୃତି ଆମ ପରମ୍ପରାର ଆବାହକ, ପଦ୍ମପୁର ନାଗରିକ ସାମ୍ମୁଖ୍ୟର ହରିହର ନାୟକ, ଘୁମୁସର ବିକାଶ ସମିତିର ଆବାହକ, ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ, ପରିବେଶବିତ୍ ଲୋକନାଥ ପରିଡ଼ା, ଆଇନଜୀବି ଏବଂ ବୁଦ୍ଧିଜୀବୀ ମଧ୍ୟରୁ ଅନନ୍ତ ନାରାୟଣ ମହାନ୍ତି, ଆଦିତ୍ୟ ରଥ, ଡ଼ଃ. ଶିବ ପ୍ରସାଦ ମିଶ୍ର, ବିନୋଦ କୁମାର ଠାକୁର, ମହେଶ୍ୱର ବାଡତ୍ୟା, ଅଶୋକ କୁମାର ଦଳାଇ, ସୁରେନ୍ଦ୍ର ନାଥ ରାଉତ, ରମେଶ ଚନ୍ଦ୍ର ସାହୁ, ସୁବ୍ରତ କୁମାର ରଥ, କେ.ଏସ୍ ପାତ୍ର, ଡିକେ ରାଓ, ନିରଞ୍ଜନ ଦାସ, ରବି ନାରାୟଣ ମହାରଣା, ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, ବି. ସ୍ୱରାଜ୍ୟ ଶୁଭେନ୍ଦୁ, ଏମ୍. ଜ ବେଗ ସମେତ ବହୁ ଗଣ ସଙ୍ଗଠନ ଯୋଗ ଦେଇଥିଲେ ।

# ଦେଶୀମଦ ଜବତ, ଦୁଇ ଗିରଫ



ବାଲୁଗାଁ,(ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ ଓ ଟାଙ୍ଗୀ ରେଞ୍ଜ ଅବକାରୀ ଅଧିକାରୀ ରାଧାକାନ୍ତ ଭୋଇଙ୍କ ନିର୍ଦ୍ଦେଶକ୍ରମେ ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ବାଲୁଗାଁ, ବାଣପୁର, ନାଚୁଣି ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇଥିଲା । ଚଢ଼ାଉ ବେଳେ ୧୧୭ ଲିଟର ଦେଶୀମଦ ଜବତ ହୋଇଥିବା ବେଳେ ଦୁଇ ଜଣ ଚୋରା ମଦ ବେପାରୀଙ୍କୁ ଗିରଫ ସହିତ ଏକ ବାଇକ୍ ଜବତ ହୋଇଛି । ଅଭିଯୁକ୍ତମାନେ ହେଲେ ସୁନଖଳା ଗ୍ରାମର ଶ୍ୱେତ ବେହେରାଙ୍କ ନିକଟରୁ ୧୦୮ ଲିଟର, କୃଷ୍ଣ ମୋହନ ସାହୁଙ୍କ ନିକଟରୁ ୯ ଲିଟର ଓ ଭୁସକାପଡ଼ା ଗ୍ରାମର ଗୌରୀ ଶଙ୍କର ମହାନ୍ତିଙ୍କ ନିକଟରୁ ୧୦୮ ଲିଟରେ ଦେଶୀ ମଦ ଜବତ କରାଯାଇଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ ପୃଥକ ଭାବେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ବାଲୁଗାଁ ଅବକାରୀ ଅଧିକାରୀ ଶ୍ରୀ ମୁଦୁଲି ସୂଚନା ଦେଇଛନ୍ତି । ଉକ୍ତ ଚଢ଼ାଉରେ ବାଲୁଗାଁ ଅବକାରୀ ଅଧିକାରୀ ଶ୍ରୀ ମୁଦୁଲିଙ୍କ ସମେତ ଏଏସ୍‌ଆଇ ସଞ୍ଜୟ କୁମାର ମୁଦୁଲି, କନେଷ୍ଟବଳ ଆଶୀଷ କୁମାର ପ୍ରଧାନ, ଚିନ୍ମୟୀ ଦାସ, ତୁଷାର ଚମ୍ପତି, କାଳୁ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

# ଏଡ୍‌ସ ସଚେତନତା ଶୋଭାଯାତ୍ରା

ତାଳଚେର,(ଭାସ୍କର ନ୍ୟୁଜ): ଡିସେମ୍ବର ୧ ତାରିଖ ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ସେଣ୍ଟଜନ୍ସ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ, ତାଳଚେର ପକ୍ଷରୁ ଜନସଚେତନତା ସୃଷ୍ଟି ନିମନ୍ତେ ଏକ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଅନନ୍ତ ଆମ୍ବୁଲାନ୍ସ ଡିଭିଜନର ଡିଭିଜନାଲ କମାଣ୍ଡର ପ୍ରଦୀପ୍ତ କୁମାର ସ୍ୱାଇଁ ଓ ଆମ୍ବୁଲାନ୍ସ ଅଫିସର ପଞ୍ଚୁ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ଥାନୀୟ ସେଣ୍ଟ୍ରାଲ ୱାର୍କସପ କଲୋନୀ ସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ଏ ସଚେତନତା ଶୋଭାଯାତ୍ରା ବାହାରି ଜଗନ୍ନାଥ କଲୋନୀ, ସାଉଥ ବଲଣ୍ଡା, ଅନନ୍ତ ବିହାର, ଡେରା, ଲିଙ୍ଗରାଜ କଲୋନୀ, ହାଣ୍ଡିଧୂଆଁ, ଶର୍ମାଛକ, ହାଟତୋଟା ଆଦି ଅଞ୍ଚଳ ପରିକ୍ରମା କରି ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରର ପହଞ୍ଚିଥିଲା । ଏହି ଶୋଭାଯାତ୍ରାକୁ ଜଗନ୍ନାଥ କ୍ଷେତ୍ରର କ୍ଷେତ୍ରୀୟ କାର୍ମିକ ଅଧିକାରୀ ମାନସ ରଞ୍ଜନ ଜେନା ଏମ୍‌ସିଏଲ୍‌ର ଶ୍ରମିକ ନେତା ଶଙ୍କର ବେହେରା, ରଞ୍ଜନ କୁମାର ବେହେରା, ରଞ୍ଜିତ କୁମାର ପ୍ରଧାନ ପ୍ରମୁଖ ସଚେତନତା ବାର୍ତ୍ତା ରଖି ସବୁଜ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ଶୋଭାଯାତ୍ରା ବେଳେ ପଥପ୍ରାନ୍ତ ସଭାମାଧ୍ୟମରେ ଏଡ୍‌ସ ନିରାକରଣ ସଂକ୍ରାନ୍ତରେ ଜନସଚେତନତା ସୃଷ୍ଟି କରାଯାଇଥିଲା । ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଡେପୁଟି କଲେକ୍ଟର ବିକାଶ ରଞ୍ଜନ ଶବର, ଜିଲ୍ଲା ରେଡକ୍ରସ୍‌ର କାର୍ଯ୍ୟକାରୀ ସଦସ୍ୟ ବଳରାମ ପତି ପ୍ରମୁଖ ଯୋଗ ଦେଇ ସଚେତନତା ହିଁ ରୋଗ ଦୂର କରାଯାଇପାରିବ ବୋଲି ପ୍ରକାଶ କରିଥିଲେ । ଅନୁଷ୍ଠିତ ଶୋଭାଯାତ୍ରା ବିଗ୍ରେଡ ସଦସ୍ୟ ରଞ୍ଜିତ ସାହୁ, ବିଭୁତି ମହାରଣା, ମାୟାଧର ପ୍ରଧାନ, ସତ୍ୟବାଦୀ ଭୁତିଆ, ଶୁଭକାନ୍ତ ସ୍ୱାଇଁ, କିଶୋର ଚନ୍ଦ୍ର ସାହୁ, ଡିଲେଶ୍ୱର ପ୍ରଧାନ, ସତ୍ୟନାରାୟଣ ପ୍ରଧାନ, ସୁବ୍ରତ ପ୍ରଧାନ, ଜିତେନ୍ଦ୍ର ସାମନ୍ତ, ସମୀର ପ୍ରଧାନ, ସରୋଜ ସାହୁ, ରାଜେନ୍ଦ୍ର ସାହୁ, ପ୍ରତାପ ନାୟକ, ଅଞ୍ଜନ ଶତପଥୀ, ବାବୁଲା ପ୍ରଧାନ, ଅନିଲ ସାହୁ, ଆଶୁତୋଷ ପ୍ରଧାନ, ବିଦ୍ୟାଧର ପ୍ରଧାନ, ଦୁଷ୍ମନ୍ତ ମହାନ୍ତି, ଦିଲୀପ ଭୁତିଆ, ଆଶିଷ ବାରିକ, ସୁବ୍ରତ କୁମାର ପ୍ରଧାନ, ଶୁସାନ୍ତ ବର୍ମା, ତପନ ବିଶ୍ୱାଳ, ସୁଜିତ ପ୍ରଧାନ, ସନ୍ଦୀପ ପ୍ରଧାନ, ପିଣ୍ଟୁ ପ୍ରଧାନ, ରୁଦ୍ର ମୋହନ ପ୍ରଧାନ, ବାବୁଲି ମଲିକ, ମଳୟ ପ୍ରଧାନ, ସୁମନ୍ତ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ଖୋଲୁନି ମଣ୍ଡି ଧାନ ବିକ୍ରି ଅପେକ୍ଷାରେ ୯ହଜାରରୁ ଊର୍ଦ୍ଧ୍ୱ ଚାଷୀ

ଗୋପ, (ଭାସ୍କର ନ୍ୟୁଜ): ଚଳିତ ବର୍ଷ ବିଜେପି ସରକାର କ୍ଷମତାକୁ ଆସିବା ପରେ ଧାନ ପ୍ରଥମ କରି ୩୧୦୦ ଶହ ଟଙ୍କାରେ କିଣିବେ । ସେଥିପାଇଁ ଚାଷୀମାନେ ଏକ ପ୍ରକାର ଖୁସି ଅଛନ୍ତି । ହେଲେ ଧାନ ମଣ୍ଡି ଡିସେମ୍ବର ପ୍ରଥମ ସପ୍ତାହ ସୁଦ୍ଧା ଖୋଲି ନ ଥିବାବେଳେ, ଧାନ ଅମଳ କରି ଚାଷୀ ଚିନ୍ତାରେ ରହିଛନ୍ତି । ଏପରିସ୍ଥଳେ ବାହାର ରାଜ୍ୟର ବ୍ୟବସାୟୀ ସକ୍ରିୟ ହୋଇ ଶାଗମାଛ ଦରରେ ଧାନ କିଣି ମାଲାମାଲ ହେଉଛନ୍ତି । ଆନ୍ଧ୍ର ବେପାରୀ ସକ୍ରିୟ ହୋଇ କ୍ୱିଣ୍ଟାଲ ପିଛା ୧୮୦୦ରୁ ୨୦୦୦ ଟଙ୍କା ଦରରେ ଧାନ କ୍ରୟ କରୁଥିବା ଦେଖିବାକୁ ମିଳିଛି । ଫଳରେ ଚାଷୀମାନେ ହତାସ ହୋଇପଡୁଛନ୍ତି । କେବେ ମଣ୍ଡି ଖୋଲିବ ଚାଷୀ ସରକାରୀ ଭାବେ ଧାନ ବିକ୍ରୟ କରିବେ ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଗତବର୍ଷ ତୁଳନାରେ ୧୪୪୯ ଜଣ ଅଧିକ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି । ବ୍ଲକ୍‌ରେ ଗତବର୍ଷ ୮ ହଜାର ୧୫୭ ଚାଷୀ ଧାନବିକ୍ରି ଲାଗି ନାମ ପଞ୍ଜୀକରଣ କରିଥିବାବେଳେ ଚଳିତବର୍ଷ ୯ ହଜାର ୬୦୫ ଚାଷୀ ୨୮ଟି ସେବା ସମବାୟ ସମିତିରେ ଧାନ ବିକ୍ରି ଲାଗି ନାମ ପଞ୍ଜୀକରଣ କରିଛନ୍ତି । ବ୍ଲକ୍‌ର ରାଇସ ସେବା ସମବାୟ ସମିତିରେ ୨୫୯ ଚାଷୀ ଧାନବିକ୍ରି କରିବା ଲାଗି ନାମ ପଞ୍ଜୀକରଣ କରିଥିବା ବେଳେ ଗଡରୁପାସରେ ୨୯୮ ଜଣ, ଛଇତନାରେ ୩୪୮, ରାହାଙ୍ଗୋରଡ଼ାରେ ୨୬୨, ଗଣେଶ୍ୱରପୁରରେ ୪୯୪, ବୀରତୁଙ୍ଗରେ ୮୧୭, ବରିମୁଣ୍ଡରେ ୫୦୯, ନୟାହାଟରେ ୨୦୨, ବନାଖଣ୍ଡିରେ ୨୭୯, ନିତେଇଗୌରୀରେ ୨୮୯, ଶିଶୋରେ ୪୫୪, କୋଣାର୍କରେ ୨୪୫, ସିଦ୍ଧେଶ୍ୱରରେ ୨୨୭, ବୀରତୁଙ୍ଗରେ ୫୦୭, ଏରବଙ୍ଗରେ ୪୧୭, ସୁତନରେ ୩୧୩, ବଡ଼ତରାରେ ୩୩୭,



ଖରାଗାଁରେ ୧୮୬, ସାମନ୍ତରାପୁରରେ ୪୩୬, ଗଡ଼ବାଙ୍ଗୋରରେ ୨୬୯, ପାଟେଲିଆରେ ୨୧୯, କରମଙ୍ଗା ପାଞ୍ଚଣାରେ ୪୫୩, ଗୋପରେ ୨୯୨ ଦୁଗେଶ୍ୱରରେ ୩୬୭, ପାଇକପଡ଼ା ଗଡ଼ବାଗୋରରେ ୨୮୫, ଡଭାରରେ ୮୨ ଓ ନୀଳକଣ୍ଠେଶ୍ୱର ସେବା ସମବାୟ ସମିତିରେ ୩୩୮ ଚାଷୀ ନାମ ପଞ୍ଜୀକରଣ କରିଥିବା ଯୋଗାଣ ବିଭାଗ ପକ୍ଷରୁ ସୂଚନା ମିଳିଛି । ବ୍ଲକ୍‌ରେ ଚଳିତବର୍ଷ ୨୦ ହଜାର ହେକ୍ଟର ଚାଷ ଜମିରେ ଧାନ ଫସଲ କରାଯାଇଛି । ଚଳିତବର୍ଷ ଧାନର ମାନ ପରୀକ୍ଷା ଲାଗି ସ୍ୱତନ୍ତ୍ର ଭାବେ ମେସିନ୍ ଆସିବାକୁ ଥିବାବେଳେ କୌଣସି ସେବା ସମବାୟ ସମିତିରେ ଅଦ୍ୟାବଧି ପରୀକ୍ଷଣ ମେସିନ୍ ପହଞ୍ଚି ନଥିବା ଜଣାପଡ଼ିଛି । ହେଲେ କେବେ ମଣ୍ଡି ଖୋଲିବ ସେନେଇ ଚାଷୀ ଚାହିଁ ରହିଛନ୍ତି । ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନେବା ସହ ଏକସପ୍ତାହ ମଧ୍ୟରେ ମଣ୍ଡି ଖୋଲିବାକୁ ଚାଷୀମାନେ ଦାବି କରିଛନ୍ତି ।

# ସାହିତ୍ୟ ଆସର

ରଘୁନାଥପୁର, (ଭାସ୍କର ନ୍ୟୁଜ): ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୁରୁଣାବସନ୍ତ ସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ଆମ ଗାଁ ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର ଓ ଆଲୋଚନା ଚକ୍ର ସାହିତ୍ୟିକ ଅଲେଖ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନନୀୟ ଅତିଥି ଭାବେ ହାଇକୋର୍ଟ ବାରର ଆଇନଜୀବୀ କେଦାର ନାଥ ବିଶ୍ୱାଳ, ସନ୍ତୋଷ ପାତ୍ର, ରମାକାନ୍ତ ଦାସ, ଗୋବିନ୍ଦ ଭଗବାନ ପ୍ରମୁଖ ଯୋଗଦେଇ ଥିଲେ । ଏହି ଆସରରେ କବିତା ପାଠ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଆୟୋଜିତ ଆଲୋଚନା ଚକ୍ରରେ ସମାଜରେ ସଂସ୍କୃତି ଓ ମାନବିକତାର ପୁନଃରୁଦ୍ଧାର ପାଇଁ ଅନବରତ ପ୍ରଚେଷ୍ଟା ସାହିତ୍ୟ ମାଧ୍ୟମରେ କରାଯିବାକୁ ପ୍ରାଧାନ୍ୟ ଦିଆଯାଇଥିଲା । ଏହି ଆସରରେ କୈଳାସ ମଲ୍ଲିକ, ପ୍ରତିଭା ରାଣୀ ରାୟ, ବନମାଳୀ ମହାରଣା, ଶାନ୍ତନୁ କୁମାର ମିଶ୍ର, ସୁରେନ ରାଉତ, ରମାକାନ୍ତ ଦାସ, ଶରତ କୁମାର ପଣ୍ଡା, ରଞ୍ଜନ କୁମାର ମିଶ୍ର,ରମାକାନ୍ତ ମିଶ୍ର, ସନ୍ତୋଷ ସାହୁ, ଅଜୟ କୁମାର ସାହୁ, ହେମନ୍ତ କୁମାର ମହାପାତ୍ର, ସରୋଜ କୁମାର ଦ୍ୱିବେଦୀ ଓ ଗିରିଧାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଭୁବନେଶ୍ୱରରେ ଗଳ୍ପ ପାଇଁ ବର୍ଷା ସମ୍ମାନ ପାଇଥିବା ସଭାପତି ଅଲେଖ ଚନ୍ଦ୍ର ବେହେରାଙ୍କୁ ସଂସଦ ତରଫରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ତେବେ ଆସନ୍ତା ସାହିତ୍ୟ ଆସର ପାଇଁ ବାଲଂଶା ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ହେବା ନିମନ୍ତେ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଥିଲା ।

# ଗଞ୍ଜେଇ ଚାଲାଣ, କାର୍ ସହ ୨ ଗିରଫ

ଭଞ୍ଜନଗର, (ଭାସ୍କର ନ୍ୟୁଜ): କନ୍ଧମାଳରୁ ଭୁବନେଶ୍ୱର ଗଞ୍ଜେଇ ଚାଲାଣ ବେଳେ ଭଞ୍ଜନଗର ଅବକାରୀ ବିଭାଗ ପକ୍ଷରୁ ବନବିହାର ନିକଟରେ ଚଢ଼ାଉ କରାଯାଇଛି । ଏହି ଚଢ଼ଉ ସମୟରେ ଗୋଟିଏ କାର୍ ସହ ୨୮ କିଲୋ ଗଞ୍ଜେଇ ଜବତ ହୋଇଛି । ଏଥିରେ ସଂପୃକ୍ତ ୨ ଚାଲାଣକାରୀଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ସୂଚନା ପ୍ରକାରେ, ଗଞ୍ଜେଇ ଚାଲାଣ ହେଉଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ଅବକାରୀ ବିଭାଗ । ଏନେଇ ଭଞ୍ଜନଗର - ଫୁଲବାଣୀ ମୁଖ୍ୟ ରାସ୍ତାର ଭଞ୍ଜନଗର, ବନ ବିହାର ନିକଟରେ ଅବକାରୀ ବିଭାଗ କର୍ମଚାରୀମାନେ ଜଗି ରହିଥିଲେ । ଆସୁଥିବା କାର୍‌କୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ୨୮ କିଲୋ



ଗଞ୍ଜେଇ ଜବତ କରିଥିଲେ । ଏହି ଘଟଣାରେ ବ୍ୟବହୃତ କାର୍‌କୁ ଜବତ କରିଥିବା ବେଳେ ଏଥିରେ ସଂପୃକ୍ତ ଧାମନଗର ସହରର ଏସକେ ନୌସାଦ୍ ଆଲାମ(୨୨) ଏବଂ ଫାଜି ବାବୁ(୧୯) ନାମକ ଦୁଇ ଚାଲାଣକାରୀଙ୍କୁ ଗିରଫ କରାଯାଇଥିଲା । ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୧୦୮/୨୪-୨୫ରେ ଏକ ମାମଲା ରୁଜୁ ହୋଇଛି । ଏହି ଘଟଣାର ତଦନ୍ତକାରୀ ଅବକାରୀ ଥାନାଧିକାରୀ ଡମ୍ବରୁଧର ହରିଜନ ତଦନ୍ତ ଚଳାଇଥିବା ବେଳେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ଏସ୍‌ଆଇ ଅଲ୍ଲିଭା ମାଝି, ଏଏସ୍‌ଆଇ, ବହୁମୂଲ୍ୟ ପରିଛା, ସନାତନ ନାହାକ, ଜଗନ୍ନାଥ ମହାପାତ୍ର, ସୁବଳ ପ୍ରଧାନ, କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ସାମିଲ ହୋଇଥିଲେ ।

# ଚାଳଗଡ଼କୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି

ତାଳଚେର, (ଭାସ୍କର ନ୍ୟୁଜ): ତାଳଚେର ବ୍ଲକ ଘଣ୍ଟପଡା ପଞ୍ଚାୟତର ଚାଳଗଡ ଗ୍ରାମକୁ ରାଜସ୍ୱ ଗ୍ରାମ ମାନ୍ୟତା ଦାବି ନେଇ ଗ୍ରାମ୍ୟ କମିଟି ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଅନୁଗୋଳ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଚାଳଗଡ ଗ୍ରାମ୍ୟ କମିଟି ସଭାପତି ଅଶାନ୍ତ କୁମାର ଦେବତା (ରୁନା)ଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଜିଲ୍ଲା କାର୍ଯ୍ୟାଳୟ ଠାରେ ସାକ୍ଷାତ କରି ଆଲୋଚନା କରିବା ସହିତ ଜିଲ୍ଲାପାଳ ମହମଦ ଅବଦଲ ଅଖତରଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା । ପ୍ରକାଶଥାଉ କି, ଗତ ୨୦୨୧ ମସିହାରେ ରାଜ୍ୟ ସରକାରଙ୍କ ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ ଦ୍ୱାରା ଚିଠି ଅନୁସାରେ ଏକ ହଜାର ଲୋକସଂଖ୍ୟା ବିଶିଷ୍ଟ ପଡା ଗ୍ରାମକୁ



ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇପାରିବ । କିନ୍ତୁ ଆଜି ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଇ ନାହିଁ । ବର୍ତ୍ତମାନ ସୁଦ୍ଧା ଚାଳଗଡ ଗ୍ରାମର ଲୋକସଂଖ୍ୟା ୫ ହଜାରରୁ ଊର୍ଦ୍ଧ୍ୱ ଏବଂ ଭୋଟର ସଂଖ୍ୟା ୨ ହଜାରରୁ ଊର୍ଦ୍ଧ୍ୱ ହେବ ଏବଂ ୩ଟି ୱାର୍ଡ ରହିଛି । ଦୀର୍ଘଦିନ ହେଲା ଚାଳଗଡ ଗ୍ରାମ ସରକାରଙ୍କ ସମସ୍ତ ମାପଦଣ୍ଡ ପୂରଣ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ରାଜସ୍ୱ ଗ୍ରାମର ମାନ୍ୟତା ପାଇବାରୁ ବଞ୍ଚିତ ଅଛନ୍ତି । ଗ୍ରାମ୍ୟ କମିଟି ପକ୍ଷରୁ ଗତ ୧୯୯୭ ମସିହା ଠାରୁ ରାଜ୍ୟ ସରକାର, ରାଜ୍ୟପାଳ ଏବଂ ଜିଲ୍ଲା ପ୍ରଶାସନକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଅନୁରୋଧ କରି ଆସୁଛନ୍ତି । ପୁର୍ନବାର ସ୍ଥାନୀୟ ପ୍ରଶାସନକୁ ଅନୁରୋଧ କରାଯାଉଛି ଯେ, ସମସ୍ତ ଆବଶ୍ୟକୀୟ କାଗଜପତ୍ରଗୁଡିକ ସରକାରଙ୍କ ପାଖରେ ପ୍ରଦାନ କରି ଚାଳଗଡ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯାଉ । ଦାବିପତ୍ରର ନକଲ ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ରାଜସ୍ୱ ମନ୍ତ୍ରୀଙ୍କୁ ପ୍ରଦାନ କରାଯିବା ସହିତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ସଂପାଦକ ଅଶାନ୍ତ କୁମାର ଦେବତା (କଟି), ମୁଖ୍ୟ ଉପଦେଷ୍ଟା ଧ୍ରୁବଚରଣ ଧିର, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଧୀର, ଉପସଭାପତି ସନାତନ ପଟ୍ଟନାୟକ, ଲିଟୁ ଧୀରଙ୍କ ସମେତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଅଯୋଗ୍ୟ ରାସନକାର୍ଡ ହିତାଧିକାରୀଙ୍କୁ ଚିହ୍ନଟ ଦାବି

ଭଣ୍ଡାରିପୋଖରୀ,(ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତବାସୀ ଅଯୋଗ୍ୟ ରାସନକାର୍ଡ ହିତାଧିକାରୀଙ୍କୁ ଚିହ୍ନଟ ସହ ସେମାନଙ୍କ ଠାରୁ ତମାମ ସାମଗ୍ରୀ ଅସୁଲ ପାଇଁ ପ୍ରଶାସନ ନିକଟରେ ଦାବି କରିଛନ୍ତି । ପଞ୍ଚାୟତର ବିଭିନ୍ନ ଗ୍ରାମରେ ୧୦ ଏକର ଚାଷଜମି ଥିବା ପରିବାର, ସରକାରୀ କର୍ମଚାରୀ, ପେନ୍‌ସନ୍ ଭୋଗୀ, ୨ ତାଲା ବା ୧ ତାଲା କୋଠାଘର ଥିବା ପରିବାର, ୪ ଚକିଆ ଗାଡି ସହ ଆଦି ଥିବା ବହୁ ରାସନକାର୍ଡ ପାଇଁ ଅଯୋଗ୍ୟ ପରିବାର ହିତାଧିକାରୀ ଭାବେ ଦୀର୍ଘ ଦିନ ଧରି ସାମଗ୍ରୀ ଉଠାଉଥିବା ନିଜସ୍ୱ ଅନୁସନ୍ଧାନରୁ ତଥ୍ୟ ଉପସ୍ଥାପନ କରିଛନ୍ତି । ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ଧନେଶ୍ୱର ଖୁଣ୍ଟିଆ, ସମିତିସଭ୍ୟା ଜ୍ୟୋତିସ୍ମିତା ସାହୁ, ଦୟାନିଧି ପଣ୍ଡା, ମନୋଜ କୁମାର ରାଉତ, ଧନେଶ୍ୱର ବିଶ୍ୱାଳ, ତପନ କୁମାର ସ୍ୱାଇଁ, ରାଧାକାନ୍ତ ଦାସ, ରଞ୍ଜନ କୁମାର ଖଟୁଆ ପ୍ରମୁଖ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତଙ୍କୁ ଆବାସିକ କାର୍ଯ୍ୟାଳୟରେ ଗୁରୁବାର ସକାଳେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରି ଉପଯୁକ୍ତ ତଦନ୍ତ ସହ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ତଦନ୍ତ ପାଇଁ ଉନ୍ନୟନ ଅଧିକାରୀ ଶ୍ରୀ ଦତ୍ତ ଆଶ୍ୱାସନା ଦେଇଥିବା ଜଣାଯାଇଛି।

# ଅଗ୍ନିକାଣ୍ଡ ଘଟି ଦୁଇ ପରିବାରଙ୍କ ଘର ଭସ୍ମୀଭୂତ

ପରଜଙ୍ଗ, (ଭାସ୍କର ନ୍ୟୁଜ): ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ରଙ୍ଗଥଳୀ ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର ଚାଳଛପର ଘର ଭସ୍ମୀଭୂତ ହୋଇଯାଇଥିବା ଜଣାପଡିଛି । ଉକ୍ତ ଗ୍ରାମର ସନ୍ତୋଷ ଜେନା ଓ ଅଜିତ୍ ଜେନାଙ୍କ ପରିବାର ବୁଧବାର ରାତିରେ ଖାଇସାରି ଶୋଇଥିବା ଅବସ୍ଥାରେ କୌଣସି କାରଣରୁ ଚାଳ ଘରେ ନିଆଁ ଲାଗି ଯାଇଥିଲା । ଫଳରେ ଉଭୟ ପରିବାରଙ୍କ ଘର ନିମିଷକ ମଧ୍ୟରେ ଭସ୍ମୀଭୂତ ହୋଇ ଥିବାବେଳେ, ହଠାତ୍ ନିଆଁ ଲାଗିଥିବା ପରିବାର ଲୋକେ ଜାଣି ପାରି ଭୟରେ ବାହାରକୁ ପଳାଇଆସିଥିଲେ । ନିଆଁ ଏତେ ପ୍ରଖର ଥିଲା ଯେ, ସ୍ଥାନୀୟ ଏବଂ ପରିବାର ଲୋକମାନେ ଦୌଡ଼ି ଆସିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରି ନପାରି ପରଜଙ୍ଗ ଅଗ୍ନିଶମ ସେବା କେନ୍ଦ୍ରକୁ ଜଣାଇଥିଲେ । ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିନେଇଥିଲେ ମଧ୍ୟ ସେତେ ବେଳକୁ ଘର ଭିତରେ ରହିଥିବା ସମସ୍ତ ଆସବାବପତ୍ର ଦରକାରୀ କାଗଜପତ୍ର ଓ ଘର ଭିତରେ ରହିଥିବା ଛେଳିଙ୍କ ମଧ୍ୟରୁ ୪ ଟି ଛେଳି ଜୀବନ୍ତ ଦଗ୍ଧ ହୋଇ ଥିବା ପରିବାର ପକ୍ଷରୁ ସୂଚନା ମିଳିଛି । ବର୍ତ୍ତମାନ ଶୀତ କାକରରୁ ରକ୍ଷା ପାଇବା ପାଇଁ ଯଥାଶୀଘ୍ର ଉଭୟ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ସହିତ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଆବାସ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଖରିଫ ଧାନ କ୍ରୟ ପାଇଁ ଚାଷୀ ତାଲିମ ଶିବିର



ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ କନଫରେନ୍ସ ହଲ୍‌ରେ ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ଚଳିତ ବର୍ଷ ଖରିଫ ଋତୁରେ ଧାନ କ୍ରୟ ସମ୍ବନ୍ଧରେ ଏକ ଚାଷୀ ସଚେତନତା ଓ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଖଇରପୁଟ ବ୍ଲକ ଅଧକ୍ଷ ବିଘ୍ନ କିର୍ଷାନୀ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କୁଡୁମୁଲୁଗୁମ୍ମା ଲ୍ୟାମ୍ପ ସଭାପତି ଗୋପୀ ପାଙ୍ଗୀ, ଲ୍ୟାମ୍ପ ପରିଚାଳକ ରମେଶ ଚନ୍ଦ୍ର ରାଉତ, ଗୋବିନ୍ଦପାଲି ବଣ୍ଡା ଲ୍ୟାମ୍ପ ସଭାପତି ସମନ୍ଧୁ ହାଡପୁଟିଆ, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଢ଼ୀ, ସମିତି ସଭ୍ୟ ରାମଚନ୍ଦ୍ର ମଲଲୀ, ଲ୍ୟାମ୍ପ ପରିଚାଳକ ଅନ୍ତର୍ଯ୍ୟାମୀ ସାହୁ, ଆର୍‌ଏମ୍‌ସି ଅଧିକାରୀ ରାଜେନ୍ଦ୍ର ଜେନା ସାମନ୍ତ, ଡାଟା ଏଣ୍ଟ୍ରି ଅପରେଟର ସ୍ମୃତିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ଧାନ କ୍ରୟ ହେବାକୁ ଥିବା ମଣ୍ଡିଗୁଡ଼ିକର ବ୍ୟବସ୍ଥା, ଉତ୍ତମ ଗୁଣବତ୍ତା ଧାନ କ୍ରୟ ପଦ୍ଧତି ଓ ପ୍ରତ୍ୟେକ କ୍ୱିଣ୍ଟାଲ ପ୍ରତି, ରାଜ୍ୟ ସରକାରଙ୍କ ଘୋଷିତ ୮୦୦ ଟଙ୍କାର ବୋନସ ସହାୟତା ରାଶି ମିଶି ଧାନର ସର୍ବମୋଟ କ୍ରୟ ମୂଲ୍ୟ ୩୧୦୦ ଟଙ୍କା ଗୋଟିଏ କିସ୍ତିରେ ଚାଷୀ ପାଇବା ବିଷୟରେ ସବିଶେଷ ବିବରଣୀ ଦେଇଥିଲେ । ମୁଖ୍ୟ ଅତିଥି ଶ୍ରୀ କିର୍ଷାନୀ ସମସ୍ତ ଚାଷୀ ଭାଇମାନଙ୍କୁ ଉତ୍ତମ ଗୁଣବତ୍ତା ମାନର ଧାନ ମଣ୍ଡିକୁ ଆଣିବା ପାଇଁ ଅନୁରୋଧ କରିବା ସହ ଶାନ୍ତିଶୃଙ୍ଖଳା ସହ ମଣ୍ଡି ପରିଚାଳନା ପାଇଁ ଆହ୍ୱାନ ଦେଇଥିଲେ । ସର୍ବ ଶେଷରେ ନିୟନ୍ତ୍ରିତ ବଜାର କମିଟିର ଅଧିକାରୀମାନେ ଧାନ ଆନାଲିସିସ୍ କରି କିପରି ଧାନର ଗୁଣବତ୍ତା ପରିକ୍ଷଣ କରାଯାଏ ସେ ବିଷୟରେ ଅବଗତ କରାଇଛନ୍ତି । ଆଜିର ଶିବିରରେ ଖଇରପୁଟ ଧାନ ସଂଗ୍ରହ କମିଟିର ସମସ୍ତ ସଦସ୍ୟଙ୍କ ସହ ୧୦୦ ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ ।

# ୪୦ କିଲୋ ହରିଣ ମାଂସ ଜବତ, ୨ ଗିରଫ

କୁଜଙ୍ଗ, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ାରୁ ଆସୁଥିବା ୪୦ କିଲୋ ହରିଣ ମାଂସକୁ ବନ ବିଭାଗ ପକ୍ଷରୁ ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ପଦ୍ମପୁର ପଞ୍ଚାୟତ ଓଲରା ବ୍ରିଜ ଉପରୁ ଜବତ କରାଯାଇଛି । ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ମହାକାଳପଡ଼ା ବ୍ଲକ ତନ୍ତିଆପାଳ ମେରାଇନ ଥାନା ଅନ୍ତର୍ଗତ ଜଗତଜୋର ଗ୍ରାମର ରାମ କାମିଲା ଓ ଗୁଡୁଡିଆ ଗ୍ରାମର ଗଣେଶ ମଣ୍ଡଳ । ସେମାନଙ୍କ ମଟର ସାଇକେଲକୁ ବି ଜବତ କରାଯାଇଛି । ସେମାନଙ୍କୁ ଜଗତସିଂହପୁର ବିଚାର ବିଭାଗୀୟ ଅଦାଲତରେ ହାଜର କରାଯାଇଥିଲା । ଜାମିନ ଆବେଦନ ନାମଞ୍ଜୁର ହୋଇଯିବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ରାମ କାମିଲା ଓ ଗଣେଶ ମଣ୍ଡଳ ହରିଣ ମାରିବା ସହିତ ୪୦ କିଲୋ ମାଂସକୁ ଦୁଇଟି ବ୍ୟାଗରେ ପୂରାଇ ଏକ ଟିଭିଏସ୍ ମଟର ସାଇକେଲ ଯୋଗେ ମହାକାଳପଡ଼ାରୁ ଏରସମା ଅଭିମୁଖେ ଆସୁଥିଲେ । ଗୁରୁବାର ପୂର୍ବାହ୍ନରେ ଏରସମା ବ୍ଲକ ଓଲରା ପୋଲ ଉପରେ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ । ମୋବାଇଲ ଜରିଆରେ ଓଲରା ଅଞ୍ଚଳର ଗ୍ରାହକଙ୍କୁ ଯୋଗାଯୋଗ କରୁଥିବା ବେଳେ ସ୍ଥାନୀୟ ହାଉଆଖାନା ବନ ବିଭାଗର କର୍ମଚାରୀମାନଙ୍କୁ ଏ ନେଇ ସୂଚନା ମିଳିଥିଲା । ଯାହା ଫଳରେ ହାଉଆଖାନା ଫରେଷ୍ଟର ମଙ୍ଗଳ ହେମ୍ବ୍ରମ, ବନରକ୍ଷୀ ଶ୍ରୀରାମ ମୁର୍ମୁ, ୱାଚର ଯାଦବ ଦାସ ପ୍ରମୁଖ ପହଞ୍ଚି ଦୁଇ ବ୍ୟବସାୟୀଙ୍କୁ ମାଡି ବସିବା ସହିତ ମାଂସ ଓ ବାଇକ୍ ଜବତ କରିଥିଲେ । ଗିରଫ କରାଯାଇ ସେମାନଙ୍କୁ କୁଜଙ୍ଗ ସ୍ଥିତ ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ପଚରାଉଚରା ପରେ ସେମାନେ ନିୟମିତ ଭାବେ ଏହି ବ୍ୟବସାୟ କରିଆସୁଥିବା ସ୍ୱୀକାର କରିଥିଲେ। ଅପରପକ୍ଷରେ ଗିରଫ ଅଭିଯୁକ୍ତମାନେ ଏହି ମାଂସ ତାଙ୍କୁ କିଛି ବ୍ୟବସାୟୀ ଆଣି ଦେଉଥିବା କହିଥିବା ବେଳେ ସେମାନେ ସ୍ଥାନୀୟ ସଂରକ୍ଷିତ ତଣ୍ଡା ଜଙ୍ଗଲରୁ ହରିଣ ମାରି ମାଂସ ବ୍ୟବସାୟ କରିଆସୁଥିବା ସନ୍ଦେହ କରାଯାଉଛି ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।




କୋରେଇ (ଭାସ୍କର ନ୍ୟୁଜ): ନୂଆ ସରକାର ଗଢି ମଧ୍ୟରେ ୬ ମାସ ପୂରଣ କରିଥିବା ବେଳେ ବିଭିନ୍ନ ବିଭାଗରେ ବହୁ ବର୍ଷ ଧରି ଗାଦି ମାଡି ବସିଥିବା ସରକାରୀ କର୍ମଚାରୀଙ୍କ ଅଦଳ ବଦଳ ମଧ୍ୟ ହୋଇଛି। କିନ୍ତୁ ଏହି ବଦଳିକୁ ବହୁ ଦିନ ବିତିଯାଇଥିଲେ ମଧ୍ୟ ଆଜି ଯାଏ ସମସ୍ତ କର୍ମଚାରୀ ନିଜ ସ୍ଥାନରେ ଯୋଗ ଦେଇନଥିବାବେଳେ କେତେକ କର୍ମଚାରୀ ଖାଲି ମୁହଁ ଦେଖାଇ ଛୁଟିରେ ରହିଛନ୍ତି । ଯାହାଫଳରେ ସରକାରୀ କାର୍ଯ୍ୟାଳୟ ଗୁଡିକରେ ଏକ ଭଳି ଅଚଳାବସ୍ଥା ସୃଷ୍ଟି ହୋଇଛି । ଏମିତି ଘଟଣା କୋରେଇ ବ୍ଲକରେ ଦେଖିବାକୁ ମିଳିଛି। ଏହି ବ୍ଲକରେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ଠାରୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ସବୁ ବିଭାଗରେ ବଦଳି ହୋଇଛନ୍ତି।ଏଠାରୁ ସମସ୍ତ କର୍ମଚାରୀ ବଦଳି ହେଇ ଅନ୍ୟତ୍ର କର୍ମ କ୍ଷେତ୍ରକୁ ଚାଲିଯାଇଥିବା ବେଳେ ଏହି ବ୍ଲକକୁ ବଦଳି ହୋଇଥିବା କର୍ମଚାରୀମାନେ ଯୋଗ ଦେଇନଥିବା ମୁଖ୍ୟ ବ୍ୟାପାର କାରଣ ପାଲଟିଛି । ପ୍ରତିଦିନ ଶତାଧିକ ଲୋକ ବ୍ଲକକୁ ଆସି ସେମାନଙ୍କ କାମ ନକରି ପାରି ବିମୁଖ ହୋଇ ଫେରୁଥିବା ଦେଖିବାକୁ ମିଳିଛି । ଏମିତିକି କୋରେଇର ବିଭାଗୀୟ ଯନ୍ତ୍ରୀମାନଙ୍କର ବଦଳି ହୋଇଯାଇଛି ଏବଂ ନୂଆ କରି ଆସିଥିବା ଯନ୍ତ୍ରୀମାନେ ବ୍ଲକକୁ ଆସୁନଥିବାରୁ କୋରେଇ ବ୍ଲକରେ ଗୋଟେ ପ୍ରକାର ଉନ୍ନୟନ ମୂଳକ କାର୍ଯ୍ୟ ଠପ୍ ହୋଇଯାଇଛି । କେବଳ କିଛି ବିଭାଗରେ ନୂଆ ଭାବେ ଯୋଗ ଦେଇଥିବା କର୍ମଚାରୀ ବ୍ଲକକୁ ଥରେ ଆସି ଯୋଗ ଦେବାପରେ ଆଉ ସେମାନଙ୍କ ଦେଖା ମିଳୁନି । ଏଠାରେ ପ୍ରଶ୍ନ ଉଠେ ସରକାରୀ କର୍ମଚାରୀମାନେ ଜନସାଧାରଣଙ୍କ ଟିକସରୁ ନିଜର ଦରମା ପାଉଥିବା ବେଳେ ସେମାନେ ବ୍ଲକକୁ କାହିଁକି ଆସୁ ନାହାଁନ୍ତି ? ବ୍ଲକକୁ ନଆସି କିପରି ଦରମା ନେଉଛନ୍ତି ନା ସେମାନେ ଛୁଟିରେ ଅଛନ୍ତି ତାହା ବର୍ତ୍ତମାନ ବଡ ପ୍ରଶ୍ନବାଚୀ ପାଲଟିଛି ! ଅନ୍ୟପକ୍ଷରେ କିଛି ଦୁର୍ନୀତିଗ୍ରସ୍ତ କର୍ମଚାରୀ ଯେଉଁମାନେ ଏହି ବ୍ଲକରେ ପୂର୍ବରୁ ରହି ଦୁର୍ନୀତି କରି ଧରାପଡ଼ିବା ପରେ ତଡ଼ା ଖାଇଥିଲେ, ସେମାନଙ୍କୁ ପୁଣି ପୁରସ୍କାର ସ୍ୱରୂପ ଏଠାକୁ ଅଣାଯାଇଥିବା ଦେଖିବାକୁ ମିଳୁଛି ।



# ସମଗ୍ର ଶିକ୍ଷା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ଅଭିଯୋଗ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନାରେ ଜାଲ କାଗଜପତ୍ର ଜରିଆରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ କରାଯାଇଥିବାର ଅଭିଯୋଗ ହୋଇଛି । ଏସମ୍ପର୍କରେ ସୂଚନା ଅଧିକାରରେ ତଥ୍ୟ ମାଗିଲେ ବିଭାଗ ଦେଉନଥିବାର ଅଭିଯୋଗ ହୋଇଛି । ଏହାର ତଦନ୍ତ ଦାବି ହୋଇଛି । ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ସମଗ୍ର ଶିକ୍ଷା ଯୋଜନାରେ ଲକ୍ଷ ଲକ୍ଷ ଟଙ୍କାର ମିଥ୍ୟା ବିଲ କରାଯାଇ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ତାଲିମପ୍ରାପ୍ତ ଅର୍ଥକୁ ହଡପ କରିବାରେ କାର୍ଯ୍ୟାଳୟର ୨ଜଣ କର୍ମଚାରୀ ସମ୍ପୃକ୍ତ ରହିଥିବାର ଅଭିଯୋଗ ହୋଇଛି । ଏହି କାର୍ଯ୍ୟାଳୟରେ ହୋଇଥିବା ବ୍ୟାପକ ଜାଲିଆତି ଓ ଦୁର୍ନୀତି ସମ୍ପର୍କରେ କେନ୍ଦ୍ରପାଟଣା ଗ୍ରାମପଂଚାୟତ ଖଣ୍ଡଗିରି ସାମାଜିକ କର୍ମୀ ମାନଗୋବିନ୍ଦ ରାଉତ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ ମଧ୍ୟ ତାଙ୍କୁ ତଥ୍ୟ ଦିଆଯାଉନଥିବାର ଅଭିଯୋଗ ହୋଇଛି । ଏପରିକି ଦୁର୍ନୀତିରେ ଉକ୍ତବ୍ଲକ ହେଉଥିବା ଏହି ୨ କର୍ମଚାରୀ ଶ୍ରୀ ରାଉତଙ୍କୁ ମାଡମାରିବା ସହିତ ମିଛ କେଶରେ ଫସାଇ ଦେବାକୁ ଷଡଯନ୍ତ୍ର କରୁଥିବାର ଶ୍ରୀରାଉତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗର ଭିଜିଲାନ୍ସ ତଦନ୍ତ କରାଗଲେ ବହୁ ଲୁକାୟିତ ଦୁର୍ନୀତି ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଅପରପକ୍ଷରେ ଗତ ୨୦୧୭ ମସିହାରୁ ୨୦୨୩ ମସିହା ପର୍ଯ୍ୟନ୍ତ ବହୁ ଶିକ୍ଷକ ସେମାନଙ୍କର ତାଲିମ ପ୍ରାପ୍ୟ ପାଇ ନଥିବାର ଗତ ୨୦୨୩ ଜୁଲାଇ ୧୯ ତାରିଖ ଦିନ ଶିକ୍ଷକ ଶିକ୍ଷୟିତ୍ରୀମାନେ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ମଧ୍ୟରେ ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଏହାର କୌଣସି ତଦନ୍ତ କରାଯାଉନଥିବାର ଅଭିଯୋଗ ହୋଇଛି । ସେହିପରି ଭାବେ ଉକ୍ତ କର୍ମଚାରୀ ଦ୍ୱୟ ତଦନ୍ତକୁ ବାଟବଣା କରିବା ନିମନ୍ତେ ପ୍ରୟାସ ଜାରିରଖିଥିବାର ଅଭିଯୋଗ ହୋଇଛି । ଏହି ଘଟଣାରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବାର ଶିକ୍ଷକ ମହଲରେ କୁହାଯାଉଛି । ଏହି କର୍ମଚାରୀ ଦ୍ୱୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ ଟଙ୍କାକୁ ହଡପ କରି ନିଜର ବ୍ୟକ୍ତିଗତ ବ୍ୟାଙ୍କ ଖାତାକୁ ନେଇ ସୁଧ କାରବାରରେ ସମ୍ପୃକ୍ତ ରହିଥିବାର ଅଭିଯୋଗ ହୋଇଛି । ଏପରିକି ଏହି କର୍ମଚାରୀ ଦ୍ୱୟ ଏକାଧିକ ୩ଚକିଆ ଓ ୪ଚକିଆ ଯାନ କିଣିଥିବାର ଅଭିଯୋଗ ହୋଇଛି । ଏହି କର୍ମଚାରୀ ଦ୍ୱୟ ଉକ୍ତ କାର୍ଯ୍ୟାଳୟ ଅନ୍ୟକର୍ମଚାରୀମାନଙ୍କୁ ଭୟଭୀତ କରାଇ ଜଣେ ପ୍ରଧାନ ଶିକ୍ଷକଙ୍କ ନାମରେ ମିଥ୍ୟା ଅଭିଯୋଗ କରିଥିବାର ଅଭିଯୋଗ ହୋଇଛି । ଏହା ଜାଣି ଉକ୍ତ ବିଦ୍ୟାଳୟର ପରିଚାଳନା କମିଟିର ଉକ୍ତ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଅଭାବରେ ଏହି କର୍ମଚାରୀ ଦ୍ୱୟଙ୍କ କାର୍ଯ୍ୟ କଳାପ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିବାର ଜଣାଯାଇଛି । ଏପରିକି ଉକ୍ତ କର୍ମଚାରୀ ଦ୍ୱୟ ବିଭାଗୀୟ ଅଧିକାରୀଙ୍କ ଫୋନ କଲ ରେକର୍ଡ଼ କରି ତାଙ୍କୁ ବ୍ଲକମେଲ କରିବାକୁ ପଛାଉନଥିବାର ଅଭିଯୋଗ ହୋଇଛି । ଭୟରେ ଉଚ୍ଚ ପଦସ୍ଥ ଅଧିକାରୀମାନେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଡରୁଥିବାର ଜଣାପଡ଼ିଛି । ନିକଟରେ ଜଣେ ବୟସ୍କ ସହ ଶିକ୍ଷାଧିକାରୀଙ୍କୁ ସିଧାସଳଖ ଧମକ ଚମକ ଦେଇ ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଅଡିଓରୂପେ ନଯିବା ନିମନ୍ତେ ତାଗିଦ ମଧ୍ୟ କରିଥିଲେ। ଏକଥା ଜାଣିବା ପରେ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ମାହାଙ୍ଗା ବିଧାୟକଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି । ଏହି ଦୁଇ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଶିକ୍ଷକମାନେ କିପରି ସେମାନଙ୍କ ତାଲିମ ପ୍ରାପ୍ୟ ପାଇପାରିବେ ସେନେଇ ରାଜ୍ୟ ବିଦ୍ୟାଳୟ ଗଣ ଶିକ୍ଷାମନ୍ତ୍ରୀ, କଟକ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ ଓ ମାହାଙ୍ଗା ବିଧାୟକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି । ନଚେତ ଆଗାମୀ ଦିନରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି ।

**ସୂଚନା ଅଧିକାରରେ ମିଳୁନାହିଁ ତଥ୍ୟ**

# ଦୀର୍ଘଦିନ ପରେ ହାଇଲେବୁଲ କେନାଲ ବନ୍ଧର ଅଧାପନ୍ତରିଆ କାର୍ଯ୍ୟ ଆରମ୍ଭ

## ବିଜ୍ଞପ୍ତି ଅନୁଯାୟୀ କାର୍ଯ୍ୟ କରୁନାହିଁ ଠିକାଦାର; ସମ୍ପୂର୍ଣ୍ଣ ବିଲ୍ ଉଠାଇବା ପାଇଁ ମସୁଧା

ବଡ଼ଚଣା(ଭାସ୍କର ନ୍ୟୁଜ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ପୂର୍ତ୍ତ ବିଭାଗର ହାଇ ଲେବୁଲ କେନାଲ ବନ୍ଧର ରାସ୍ତା ବେରି ଚଣ୍ଡିଖୋଲ ବନ୍ତଳା ଠାରୁ ଜଳସେଚନ କାର୍ଯ୍ୟାଳୟ ଖୋସାଲିପୁର ପର୍ଯ୍ୟନ୍ତ ପ୍ରଶସ୍ତିକରଣ ଓ ଉନ୍ନତି କରଣ ପାଇଁ ୯କୋଟି ୯୬ ଲକ୍ଷ ୨୮ ହଜାର ବ୍ୟୟରେ ପୂର୍ବ ସରକାର ସମୟରେ ଟେଣ୍ଡର ହୋଇଥିଲା। ଏହି କାର୍ଯ୍ୟକୁ କେନ୍ଦ୍ରାପଡ଼ାର ଥିବା ଜୈନିକ ଠିକାଦାରଙ୍କୁ ଟେଣ୍ଡର ମାଧ୍ୟମରେ ମିଳିଥିଲା । ଏହି ରାସ୍ତା ଚଳିତ ୨୪ ଫେବୃଆରୀ ସୁଦ୍ଧା ନିର୍ମାଣ ଶେଷ କରିବା ପାଇଁ ଧାର୍ଯ୍ୟ ହୋଇଥିଲା । ଏହି ଠିକାଦାର ସଂସ୍ଥାଟି ସମୟ ଅନୁଯାୟୀ କାର୍ଯ୍ୟ ନ କରି ଅଧା ପନ୍ତରିଆ କରି ନିଜ ବିଲ ଉଠାଇ ମନ ମୁତାବକ କାର୍ଯ୍ୟ କରି ବନ୍ଦ କରିଦେଇ ପଳାଇଥିଲା । ସୁଙ୍ଗୁଡ଼ା ଖୋଲାଇପୁର ରାସ୍ତାଟି ଅଧା କାର୍ଯ୍ୟକରି ଚମ୍ପଟ ମାରିଥିଲା । ପରେ ଗ୍ରାମବାସୀର ମୁରବୀ ମାନେ ବାରମ୍ବାର୍ ପୂର୍ତ୍ତ ବିଭାଗ ର ଏସଡ଼ିଓ ତପନ କୁମାର ସେଠୀଙ୍କୁ ଅଭିଯୋଗ କରିଥିଲେ । ଏହି ଠିକାଦାରଙ୍କୁ ବିଭାଗ ତରଫରୁ କଡା ନିର୍ଦ୍ଦେଶ ପରେ ଏବେ ଠିକାଦାର ସଂସ୍ଥାଟି କାର୍ଯ୍ୟ ଆରମ୍ଭ କରିଛି । ବର୍ତ୍ତମାନ ସଙ୍ଗୁଡ଼ା ଗ୍ରାମର ହାଇଲେବୁଲ କେନାଲର ରାସ୍ତା ପାଖରେ ନେଳିଆ ପୋଖରୀ ଥିବା କଂକ୍ରିଟ ଗ୍ରାକ ନକରାଯାଏ ତାହା ଅଳ୍ପ କିଛି ଦିନ ମଧ୍ୟରେ ରାସ୍ତାଟି ବର୍ଷା ପାଣି ରେ ଧୋଇହୋଇ ଭାଙ୍ଗି ନଷ୍ଟ ହୋଇଯିବାର ସମ୍ଭାବନା ଅଛି । କେନାଲରେ ପୂର୍ବରୁ ଗାଧୋଇ ବା ପାଇଁ ଘାଟ ଥିଲା। ଏହି କାର୍ଯ୍ୟ ଯୋଗୁଁ ନଷ୍ଟ ହୋଇଯାଇଛି। ତାହା ନୂତନ ଘାଟ କରିବାକୁ ଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କରାଯାଇ ନାହିଁ । ଏହି ସମ୍ପର୍କ ରେ ଗ୍ରାମବାସୀମାନେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ଏହି ଠିକାଦାର ସଂସ୍ଥାଟି ଏଷ୍ଟିମେଣ୍ଟ, ଏଗ୍ରିମେଣ୍ଟ ଅନୁଯାୟୀ କାର୍ଯ୍ୟ କରୁନଥିବା ନଜର କୁ ଆସିଛି । ଅସାଧୁ ମେଣ୍ଟ କରି ବିଲ୍ ଉଠାଇବାକୁ ମସୁଧା ଚଳାଇଥିବା ବିଶେଷ ସୂତ୍ରରୁ ରୁ ପ୍ରକାଶ।



# ମିଶନ ହସ୍ପିଟାଲରେ କାମ ଦେଉନି ବିଏସ୍‌କେୱାଇ କାର୍ଡ୍, ଲୋକେ ଅସନ୍ତୋଷ

ଖଡ଼ିଆଳ (ଭାସ୍କର ନ୍ୟୁଜ) : ନୂଆପଡା ଜିଲ୍ଲା ଖଡ଼ିଆଳ ଠାରେ ଥିବା ମିଶନ ହସ୍ପିଟାଲ ଅଂଚଳର ଏକ ବଡ଼ ହସ୍ପିଟାଲ ଭାବେ ପରିଚିତ। ଏହି ହସ୍ପିଟାଲକୁ ଚିକିତ୍ସା ପାଇଁ ବହୁ ଦୂରଦୂରାନ୍ତରରୁ ହଜାର ହଜାର ସଂଖ୍ୟାରେ ରୋଗୀ ମାନେ ଚିକିତ୍ସା ପାଇଁ ଆସିଥାନ୍ତି। ଏହି ହସପିଟାଲ ଉପରେ ବଲାଙ୍ଗୀର , କଳାହାଣ୍ଡି, ବଡ଼ଗଡ଼ ଜିଲ୍ଲା ସହ ସୁଦୂର ଛତିଶଗଡ଼ ଜିଲ୍ଲାର ସୀମାନ୍ତବର୍ତ୍ତୀ ଅଂଚଳର ସବୁଲୋକ ନିର୍ଭର କରିଥାନ୍ତି। ଏ ଅଂଚଳ ର ଲୋକେ ପ୍ରାୟ ଦାଦନ ଖଟିଖିଆ ଗରିବ, ମଜୁରିଆ ଶ୍ରେଣୀର ଅଟନ୍ତି। ସବୁବେଳେ ରୋଗ ସହ ସଂଗ୍ରାମ କରୁଛନ୍ତି। ଚିକିତ୍ସା ପାଇଁ ସେମାନଙ୍କର ଅର୍ଥ ସାଜିଥାଏ ବାଧକ। ଅତି ଦୁଃଖର କଥା ଯେ ସାରା ଓଡିଶା ସହ ଓଡିଶା ବାହାରେ ଥିବା ବଡ ବଡ଼ ଚିକିତ୍ସାଳୟରେ ବିଏସ୍‌କାୱାଇ କାର୍ଡ୍ କାର୍ଯ୍ୟକାରୀ ହେଉଥିବା ବେଳେ ଖଡ଼ିଆଳ ମିଶନ ହସ୍ପିଟାଲରେ କାମକୁ ଆସୁନି। ଲୋକେ ଚିକିତ୍ସିତ ହେବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଅଂଚଳର ଲୋକେ ମିଶନ ହସ୍ପିଟାଲ ଉପରେ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ଖଡ଼ିଆଳ ଅଂଚଳ ର ଲୋକେ ପ୍ରାୟ ମଜୁରିଆ ହୋଇଥିବାରୁ କାମ କରି ଯାହା ମଜୁରି ପାଇଥାନ୍ତି ସେଥିରେ ତାଙ୍କ ପରିବାରକୁ ଚଳେଇ ଯାହା ବଞ୍ଚିଥାଏ ସେଥିରେ ରୋଗରେ ପଡିଲେ ସେଇ ଅଳ୍ପ ଅର୍ଥରେ ରୋଗୀ ଚିକିତ୍ସା କରିଥାନ୍ତି। ଅର୍ଥ ଅଭାବରୁ ଲୋକେ ବଡ ବଡ ରୋଗର ଆକ୍ରାନ୍ତ ହେଲେ ଗରିବ ଲୋକେ ଆଉ ବାହାରକୁ ଚିକିତ୍ସା କରିବାକୁ ନେଇପାରନ୍ତି ନାହିଁ। ଫଳରେ ରୋଗୀମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଜୀବନ ହରାଇଥାନ୍ତି। କିଛି ଦିନ ପାଇଁ ଖଡ଼ିଆଳ ମିଶନ ହସ୍ପିଟାଲ ରେ ବିଏସ୍‌କେୱାଇ କାର୍ଡ ଚାଲୁହେଲା ଲୋକଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଥିଲା। ପରେ କୌଣସି କାରଣ ବଶତଃ ଏହି କାର୍ଡ ବନ୍ଦ ହେବାରୁ ଲୋକେ ନାହିଁ ନ ଥିବାର ଅସୁବିଧାର ସମ୍ମୁଖୀନ ହୋଇ ଅର୍ଥ ଅଭାବରୁ ବିଭିନ୍ନ ରୋଗରେ ପୀଡିତ ହୋଇ ଶଯ୍ୟାଶାୟୀ ଅବସ୍ଥାରେ ମରଣ ସହ ସଂଗ୍ରାମ କରୁଛନ୍ତି। କେଉଁ କାରଣରୁ ମିଶନ ହସ୍ପିଟାଲ ରେ ବିଏସ୍‌କେୱାଇ କାର୍ଡ୍ ବନ୍ଦ ହୋଇଛି ତାହା ତଦନ୍ତ କରି ତୁରନ୍ତ ଚାଲୁ କରିବାକୁ ସାଧାରଣ ଲୋକେ ଜିଲ୍ଲାପାଳଙ୍କୁ ଗଣମାଧ୍ୟମ ଜରିଆରେ ଗୁହାରି କରୁଛନ୍ତି।

# ପଟ୍ଟାମୁଣ୍ଡାଇ ପୌରପାଳିକାରେ ଆବାସ ଯୋଜନାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି

## ସଠିକ ତଥ୍ୟ ଦେଉନାହାଁନ୍ତି ପୌରପାଳିକା କର୍ତ୍ତୃପକ୍ଷ, ସୂଚନା ଆଇନ ବାଟବଣା

ପଟ୍ଟାମୁଣ୍ଡାଇ(ଭାସ୍କର ନ୍ୟୁଜ) : ପଟ୍ଟାମୁଣ୍ଡାଇ ପୌରପରିଷଦ ଆବାସ ଯୋଜନାରେ ହୋଇଥିବା ଦୁର୍ନୀତିକୁ ଘଷ୍ଟ ଘୋଡାଇବା ପାଇଁ ସୂଚନା ଅଧିକାର ଆଇନରେ ସଠିକ୍ ତଥ୍ୟ ଦେଉନାହାଁନ୍ତି କର୍ତ୍ତୃପକ୍ଷ । ପ୍ରକାଶଯେ ପଟ୍ଟାମୁଣ୍ଡାଇ ପୌରପରିଷଦକୁ ଆବାସ ଯୋଜନା ସଂପର୍କରେ ସୂଚନା ଅଧିକାରୀ କର୍ମୀ ଗୌତମ ପ୍ରଧାନ ତଥ୍ୟମାଗି ନିରାଶ ହେବାପରେ ପ୍ରଥମେ ଅପିଲ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ ନାରାୟଣ ଗିରି ଶୁଣାଣି ପାଇଁ ନଭେମ୍ବର ମାସ ୨୯ ତାରିଖ ଅପରାହ୍ନ ୩.୩୦ ସମୟରେ ନୋଟିସ କରି ଡକାଇଥିଲେ। ଯଥା ସମୟରେ ଆବେଦନକାରୀ ଶ୍ର ପ୍ରଧାନ ପୌରପରିଷଦ କାର୍ଯ୍ୟାଳୟରେ ହାଜର ହୋଇଥିଲେ । କିନ୍ତୁ ଶ୍ରୀ ପ୍ରଧାନଙ୍କୁ ଡକାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ଗିରି ତାଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ନଥିଲେ। ତାଙ୍କ ବଦଳରେ ପି.ଆଇ.ଓ ବିଜୟ ସ୍ୱାଇଁ ହାଜିର ରଖିବା ସହିତ ଶ୍ରୀ ପ୍ରଧାନଙ୍କୁ ଭୁଲତଥ୍ୟ ଦେଇଥିଲେ । ପଟ୍ଟାମୁଣ୍ଡାଇ ପୌରପରିଷଦ କର୍ତ୍ତୃପକ୍ଷ ମାତ୍ରାଧିକ ଉତ୍କୋଚ ନେଇ ପଟ୍ଟାମୁଣ୍ଡାଇ ମୌଜାର ଖାତା ନଂ ୭୯ ଓ ପ୍ଲଟ ନଂ୭୮୯ ରମାତ୍ର ୯ ଡିସମିଲ ଜାଗାରେ ୫ ଜଣଙ୍କ ନାମରେ ସରକାରୀ ଆବାସ କାର୍ଯ୍ୟଦେଶ ପ୍ରଦାନ କରିଛନ୍ତି । ଏହି ପଟ୍ଟାରେ ୫ ଜଣ ଅଂଶିଦାର ଥିବାବେଳେ ସେମାନଙ୍କର ୨୦ରୁ ଉର୍ଦ୍ଧ୍ୱ ଅଂଶିଦାର ଥିବା ଜଣାପଡିଛି। ଯାହାକି ସରକାରୀ ଆବାସ ନିର୍ମାଣ ପାଇଁ ଆବଶ୍ୟକ ବର୍ଗଫୁଟ ଜାଗା ନଥିବାବେଳେ ଜାଗାକୁ ନଦେଖି କେମିତି କାର୍ଯ୍ୟାଦେଶ ଦିଆଯାଇଛି । ସେମାନଙ୍କୁ କାର୍ଯ୍ୟାଦେଶ ୫ବର୍ଷ ତଳୁ ପ୍ରଦାନ କରାଯାଇଥିଲା । ସତ୍ୟପାଠ ଅନୁସାରେ୬ ମାସରୁ ୧ବର୍ଷ ମଧ୍ୟରେ ଘରକାର୍ଯ୍ୟ ସରିବା କଥା କିନ୍ତୁ ଆଜିପର୍ଯ୍ୟନ୍ତ ସେକାର୍ଯ୍ୟ ସଂପନ୍ନ ହୋଇନାହିଁ କି ସେମାନଙ୍କର କାର୍ଯ୍ୟାଦେଶ ବାତିଲ ହୋଇନାହିଁ । ସୂଚନା ଅଧିକାରୀ କର୍ମ ମାଗିଥିବା ଶ୍ରୀ ପ୍ରଧାନଙ୍କୁ ଭୁଲ ତଥ୍ୟଦେଇ ପୌରପରଷଦ କର୍ତ୍ତୃପକ୍ଷ ନିଜର ଦୋଷ ଘୋଡାଇବାକୁ ଚେଷ୍ଟାକରୁଛି । ପୌରପରିଷଦ ବିରୁଦ୍ଧ ରେ ଶ୍ରୀ ପଧାନ କମିଶନ କୋର୍ଟରେ ଏକ ମୋକଦ୍ଦମା ଦାୟର କରିଥିବା କହିଛନ୍ତି । ପୌର ପରିଷଦର ଦୀର୍ଘ ୫ ବର୍ଷରୁ ଅଧିକ କାର୍ଯ୍ୟାଦେଶ,ମିଳଥିବା ହିତାଧିକାରୀ ମାନେ ଚୁକ୍ତି ଅନୁସାରେ ତ କରିନଥିବାରୁ ସେମାନଙ୍କ କାର୍ଯ୍ୟାଦେଶ ବାତିଲ କରିବାକୁ ଶ୍ରୀ ପଧାନ ଦାବି କରିଛନ୍ତି ।ବହୁ ଲୋକଙ୍କୁ ଆବାସ ଯୋଜନା ଦିଆଯାଇଛି। ଯେଉଁମାନଙ୍କର ଚଳିବା ସ୍ୱଚ୍ଛଳ ସେମାନଙ୍କର ଦୁଇ ତାଲା ଘର ଅଛି ସେମାନଙ୍କୁ ପଟ୍ଟାମୁଣ୍ଡାଇ ପୌରପାଳିକା ଟଙ୍କା ନେଇ ସେମାନଙ୍କ ନାଁ ରେ ଗୋଟେ ନୁହଁ ଦୁଇ ଦୁଇଟା ଆବାସ ଯୋଜନା ଦିଆଯାଇଛି। କିଛି ଗରିବ ଲୋକ ବର୍ତ୍ତମାନ ପର୍ଯ୍ୟନ୍ତ ସରକାରୀ ଘର ପାଇ ପାରୁ ନାହାଁନ୍ତି । ସେମାନଙ୍କୁ ଆଜି ଆସ କାଲି ଆସ କହି ଅଫିସର କର୍ମଚାରୀ କହୁଛନ୍ତି ସେମାନେ ଲାଞ୍ଚ ଦେଇ ନ ପରିବାର ଆବାସ ଯୋଜନା ନ ପାଇ ବହୁ ଦୁଃଖରେ ଭଙ୍ଗା ଘରେ ରହୁଛନ୍ତି ।ଯୋଉ ମାନେ ନେତା,ପଇସାବାଲା ଲୋକ , ବାହୁବଳି ଲୋକ ସେମାନଙ୍କ ନାଁ ରେ ଗୁଡାଏ ଆବାସ ଯୋଜନା। ସରକାର ଆବାସ ଦେଲେ କଣ ହେବ ପ୍ରକୃତ ହିତାଧିକାରୀ ଆବାସ ନ ପାଇ ଚୁପ୍ ବସି ଥିଲା ବେଳେ ଧନୀ ଶ୍ରେଣୀର ଲୋକ ଆବାସ ଯୋଜନା ପାଇ ଥିବାରୁ ପଟ୍ଟାମୁଣ୍ଡାଇ ପୌରପାଳିକା ଜନସାଧାରଣ ଙ୍କ ମନ୍‌ରେ ଅସନ୍ତୋଷ ଦେଖା ଦେଇଛି ।ରାଜ୍ୟ ସରକାର ଙ୍କୁ ନିବେଦନ ପଟ୍ଟାମୁଣ୍ଡାଇ ପୌରପାଳିକା ରେ ଭିଜିଲାନ୍ସ ତଦନ୍ତ ହେଲେ ଆବାସ ଯୋଜନା ରେ କେତେ ଦୁର୍ନୀତି ହୋଇଛି ପ୍ରକୃତ ସତ୍ୟ ପଦାକୁ ଆସିପାରନ୍ତା।

# ପୂର୍ବତନ ସରପଞ୍ଚଙ୍କ ପରଲୋକ

ରଘୁନାଥପୁର(ଭାସ୍କର ନ୍ୟୁଜ୍) : ରଘନାଥପୁର ପଂଚାୟତର ପୂର୍ବତନ ସରପଂଚ ତଥା ବିଚକ୍ଷଣ ରାଜନୀତିଜ୍ଞ ରାମକୃଷ୍ଣ ପଣ୍ଡା(ଶୁକ ନନା)ଙ୍କର ୧୦୪ ବର୍ଷ ବୟସରେ ଗୁରୁବାର ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ରଘୁନାଥପୁର ବ୍ଲକ ଗଠନରେ ତାଙ୍କର ପ୍ରମୁଖ ଭୂମିକା ଥିବା ବେଳେ ସେ ରଘୁନାଥପୁର ପଂଚାୟତ ରୁ ୪ଥର ସରପଂଚ ଭାବେ ନିର୍ବାଚିତ ହୋଇଥିଲେ। ସେ ଜଣେ ଜାତୀୟ କଂଗ୍ରେସର ସକ୍ରୀୟ ସଦସ୍ୟ ସହିତ ବ୍ଲକ କଂଗ୍ରେସ ସଭାପତି ରହି ଦଳଗତ ନିର୍ବିଶେଷରେ ସମସ୍ତଙ୍କପାଇଁ କାର୍ଯ୍ୟ କରୁଥିଲେ। ତେଣୁ ତାଙ୍କୁ ରଘୁନାଥପୁର ଅଂଚଳର ରାଜନୀତିରେ ଚାଣକ୍ୟ ବୋଲି କହୁଥିଲେ। ଏଥି ସହିତ ସେ ଜଣେ ଶକ୍ତି ଉପାସକ ଥିଲେ। ଦଶହରା ସମୟରେ ପୁରଣ ପୂଜା ମଣ୍ଡପରେ ସେ ପ୍ରମୁଖ ପୂଜକ ଭାବେ ସୁଚାରୁ ରୂପେ କାର୍ଯ୍ୟ ସଂପାଦନ କରୁଥିଲେ। ତାଙ୍କର ମୃତ୍ୟୁର ଖବର ପାଇ ରଘୁନାଥପୁର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡା ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଜଣେ ଦକ୍ଷ ରାଜନୈତିଜ୍ଞଙ୍କୁ ଅଞ୍ଚଳ ହରାଇଲା ବୋଲି କହିଥିଲେ। ତାଙ୍କ ମୃତ୍ୟୁରେ ରଘୁନାଥପୁର ଅଂଚଳରେ ଶୋକର ଛାୟା ଖେଳିଯିବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଛି।

# ସ୍ତ୍ରୀ ହତ୍ୟାକାରୀକୁ ଆଜୀବନ କାରାଦଣ୍ଡ



କେନ୍ଦୁଝର (ଭାସ୍କର ନ୍ୟୁଜ୍) :ଏକ ହତ୍ୟା ମାମଲାର ବିଚାର କରି କେନ୍ଦୁଝର ଜିଲ୍ଲା ଜଜ୍ ଅଶୋକ କୁମାର ପଣ୍ଡା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖରବା ଗ୍ରାମର ବୁଗୁନିଆ ଜୁଆଙ୍ଗ(୪୭)ଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୧ ମାସ ସଶ୍ରମ କାରା ଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ବୁଗୁନିଆ ଜୁଆଙ୍ଗ ପରକିୟା ପ୍ରୀତିକୁ ନେଇ ସ୍ତ୍ରୀ ଚମ୍ପି ଜୁଆଙ୍ଗ(୩୨) ପ୍ରତିବାଦ କରି ଆସୁଥିଲେ । ୦୪/୦୯/୨୦୧୭ରେ ଚମ୍ପି ଜୁଆଙ୍ଗ ମଧ୍ୟାହ୍ନ ୧ଟା ବେଳେ ଘର ବାରଣ୍ଡାରେ ବସିଥିବାବେଳେ ସ୍ୱାମୀ ତାକୁ ଘର ଭିତରକୁ ଟାଣି ନେଇ ଗୋଟିଏ ଶାବଳରେ ମୁଣ୍ଡକୁ ଶକ୍ତ ଭାବେ ଆଘାତ ଦେଇଥିଲେ । ପାଟିତୁଣ୍ଡ ଶୁଣି ପଡୋଶୀ ଘରେ ଥିବା ଝିଅ ଘଟଣାସ୍ଥଳକୁ ଆସି ପହଁଚିବା ବେଳେ ମା' ମରି ପଡିଥିବା ଦେଖିବାକୁ ପାଇଥିଲା । ଘଟଣା ପରେ ବୁଗୁନିଆ ଜୁଆଙ୍ଗ ମୃତ ଶରୀରକୁ ନିକଟସ୍ଥ ଦୁମାଣି ଜଙ୍ଗଲ ପାଖ ନାଳ ନିକଟରେ ପୋଡି ଦେଇଥିଲା । ଘଟଣା ସମ୍ପର୍କରେ ଜାଣିବା ପରେ ମୃତକର ସାନ ଭାଇ କୈଳାଶ ଜୁଆଙ୍ଗ ହରିଚନ୍ଦନପୁର ଥାନାରେ ୧୧ ତାରିଖରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ କେସ ନମ୍ବର ୮୯/୨୦୧୭ରେ ଏକ ହତ୍ୟା ମାମଲା ରୁଜୁ କରି ଶବ ପୋଡା ଯାଇଥିବା ସ୍ଥାନରୁ ହାଡ, ପାଉଁଶ ଏବଂ ପାଖରେ ଏକ ବୁଦାରୁ ଶାବଳ ଜବତ୍ କରିବା ସହ ବୁଗୁନିଆ ଜୁଆଙ୍ଗଙ୍କୁ ଗିରଫ କରିଥିଲା । ସେହିଦିନ ଠାରୁ ସେ ବିଚାରଧିନ ବନ୍ଦୀ ଭାବେ କେନ୍ଦୁଝର ଜିଲ୍ଲା କାରାଗାରରେ ଥିଲେ। ଝିଅ ସମେତ ୧୧ଜଣ ସାକ୍ଷୀ ଏବଂ ସାଇନଟିଫିକ୍ ରିପୋର୍ଟ ଆଧାରରେ ଜିଲ୍ଲା ଦୌରାଜଜ ଅଶୋକ କୁମାର ପଣ୍ଡା ଗତକାଲି ଏହି ମାମଲାର ଶୁଣାଣି କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ସରକାରଙ୍କ ତରଫରୁ ପିପି ପ୍ରଦୀପ କୁମାର ଦାସ ମାମଲା ପରିଚାଳନା କରୁଥିଲେ ।

# ଭିନ୍ନକ୍ଷମଙ୍କ ଦେବତା ସାଜିଛନ୍ତି ବ୍ଲକ ଉପାଧକ୍ଷ

ଖଡ଼ିଆଳ(ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ସାନମହେଶ୍ୱର ଗ୍ରାମ ପଂଚାୟତ ଘରଧରା ଗାଁ ର ଗୋଟିଏ ପରିବାରର ତିନି ଝିଅ ଓ ଗୋଟିଏ ପୁଅ ସମ୍ପୂର୍ଣ୍ଣ ଭାବେ ଭିନ୍ନକ୍ଷମ ଅବସ୍ଥାରେ ଦିନ କାଟୁଛନ୍ତି। ତାଙ୍କ ବାପା ମଧ୍ୟ ଏଦୁନିରେ ନାହାନ୍ତି। ବିଧବା ମାଆ ର ଭରସାରେ ଚାଲିଛି ଚାରି ବିକଳାଙ୍ଗ ଭାଇ ଭଉଣୀ ଙ୍କ ଜୀବନ। ଯାହା ସରକାରଙ୍କ ତରଫରୁ ମିଳୁଥିବା ବିକଳାଙ୍ଗ ଭତ୍ତା, ପଡ଼ି କାର୍ଡ୍ ଚାଉଳ, ମାଙ୍କ ବିଧବା ଭତ୍ତା ମଞ୍ଜୁରୀ ହୋଇଛି ହେଲେ ବର୍ତମାନ ପର୍ଯ୍ୟନ୍ତ ମିଳିନାହିଁ। ସରକାରଙ୍କ ତରଫରୁ ଭିନ୍ନକ୍ଷମ ମାନଙ୍କୁ ମିଳୁଥିବା ସାଇକେଲ ମଧ୍ୟ ନେବା ପାଇଁ ସେମାନେ ସକ୍ଷମ ନ ଥିବାରୁ ସାଇକେଲ ନେଇ ପାରିନଥିଲେ। ଖଡ଼ିଆଳ ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡିଙ୍କ ନଜରକୁ ଆସିଲା ପରେ ସେ ଖଡ଼ିଆଳ ଠାରୁ ଗୋଟିଏ ଅଟୋ ଭଡା କରି ଚାରିଟି ବିକଳାଙ୍ଗ ମାନଙ୍କ ପାଇଁ ଆସିଥିବା ସାଇକେଲ ନେଇ ସେମାନଙ୍କୁ ପ୍ରଦାନ କରିବା ସହ ବରଗାଁ ପଂଚାୟତର ଗାଁ ର ସୁଦାମ ସରାଫଙ୍କୁ ପ୍ରଦାନ କରିଥିଲେ। ଏଭଳି ଭାବରେ ଖଡ଼ିଆଳ ବ୍ଲକ ଉପାଧକ୍ଷ ଲୋକଙ୍କ କାମ କରିବା ସହ ଆଜି ତାଙ୍କ ଭିନ୍ନକ୍ଷମମାନଙ୍କ ପ୍ରତି ଦେଖେଇଥିବା ମଣିଷପଣିଆକୁ ଲୋକେ ଭିନ୍ନକ୍ଷମଙ୍କ ଦେବତା ବୋଲି ସାଧାରଣରେ ପ୍ରଶଂସା କରି ଚର୍ଚ୍ଚା କରୁଛନ୍ତି ।ଏଥିରେ ସାନମହେଶ୍ୱର ସରପଞ୍ଚ ଆଲ୍‌ହାଦିନୀ ବେହେରା, ସମାଜ ସେବୀ କ୍ଷୀରୋଦ ବେହେରା ମଧ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।



# ଉଦ୍ୟାନ ବିଭାଗ ଅଧିକ୍ଷକଙ୍କ ବଦଳି



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଉଦ୍ୟାନ ବିଭାଗରେ କାର୍ଯ୍ୟରତ ଅଧିକ୍ଷକ (ଓଭରସିଓର )ଅଶୋକ କୁମାର ଜେନାଙ୍କୁ ଅସ୍ତରଙ୍ଗ ବ୍ଲକରୁ ଗତ ୨ତାରିଖରୁ ବଦଳିହୋଇଛନ୍ତି। ତାଙ୍କ ବଦଳରେ ଏ ପର୍ଯ୍ୟନ୍ତ କୌଣସି କର୍ମଚାରୀ ଉଦ୍ୟାନ ବିଭାଗ ତରଫରୁ ଯୋଗଦେଇନାହାନ୍ତି। ନୂତନ କର୍ମଚାରୀ ତୁରନ୍ତ ଯୋଗଦେବାକୁ ଚାଷୀ ମାନେ ଦାବୀ କରିଛନ୍ତି।

# ଜିଲ୍ଲାସ୍ତରୀୟ ଲିଙ୍ଗଗତ ହିଂସା ଦୂରୀକରଣ ପାଇଁ ଶପଥ ପାଠ କାର୍ଯ୍ୟକ୍ରମ



ମାଲକାନଗିରି(ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ,ୱାନ୍ ଷ୍ଟପ ସେଂଟର୍, ଶକ୍ତି ସଦନ, ମିଶନ ଶକ୍ତି, ଚାଇଲ୍ଡ ଲାଇନ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ଡିପିଆରସି ଟ୍ରେନିଂ ହଲରେ ଜିଲ୍ଲାରେ ଲିଙ୍ଗଗତ ହିଂସା ଦୂରୀକରଣ ନିମନ୍ତେ ୧୬ ଦିନିଆ ଅଭିଯାନ ର ଏକ ଶପଥ ପାଠ ସମାରୋହ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ସମାରୋହ କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ବିଭାଗ ଅଧିକାରୀ ଶ୍ରୀ ନାରାୟଣ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଡିଏସପି-ହେଡକ୍ୱାର୍ଟର ଲକ୍ଷ୍ମୀଧର ସ୍ୱାଇଁ କହିଲେ ଯେ ଲିଙ୍ଗଗତ ହିଂସା ହେଉ ମହିଳା ଘରୋଇ ହିଂସା ହେଉ ଯେ କୌଣସି ଶିଶୁ ଓ ମହିଳାଙ୍କ ସମସ୍ୟା / ଅସୁବିଧା ସମୟରେ ଆମ ବିଭାଗ ସବୁ ବେଳେ ସହଯୋଗ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଡକ୍ଟର ଏମଏସ ହୁସେନ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ କହିଥିଲେ ଯେ ମହିଳା ଓ ଶିଶୁ ପୀଡ଼ିତାଙ୍କୁ ମାନସିକ ଏବଂ ସ୍ୱାସ୍ଥ୍ୟ ଉପରେ ପରାମର୍ଶ ଦେବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସହଯୋଗ କରିବୁ ବୋଲି ପ୍ରକାଶ କରିଥିଲେ । ଜିଲ୍ଲାସ୍ତରୀୟ ସମସ୍ତ ବିଭାଗଙ୍କୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କହିଥିଲେ ୪ ପ୍ରକାର ହିଂସା ତଥା ଯୌତୁକ ନିରୋଧ ଆଇନ, ପୋକସୋ ଆଇନ, ଘରୋଇ ହିଂସା ଆଦି ବିଷୟରେ ପିପିଟି ମାଧ୍ୟମରେ ବୁଝାଇଥିଲେ ଏବଂ ଏହି ବାର୍ତ୍ତା ନିଜ ନିଜ ବିଭାଗର ତୃଣମୂଳସ୍ତରୀୟ କର୍ମଚାରୀ ମାନଙ୍କୁ ଗ୍ରାମସ୍ତରରେ ଜନ ସଚେତନ କରାଇବାକୁ ଅନୁରୋଧ କରିଥିଲେ। ସ୍ଥାନୀୟ ଅଭିଯୋଗ କମିଟି ର ଅଧକ୍ଷା ନମିତା ଦଣ୍ଡସେନା କହିଥିଲେ ଯେ ପ୍ରତ୍ୟେକଙ୍କୁ ନିଜ ଅଧିକାର ସହ ସ୍ୱର ଉତ୍ତୋଳନ କରିବାକୁ ପଡିବ, ଯେକୌଣସି ସମସ୍ୟାକୁ ନ ଲୁଚାଇ ତାକୁ ଜଣାଇବାକୁ ପଡିବ । ଆଉ ମହିଳା ବା ପିଲାମାନଙ୍କ ଯେଉଁ ନିର୍ଯାତନା ହେଉଛି ସେଠୀ ନିମନ୍ତେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡିବ ।ସେଥିନିମନ୍ତେ ମହିଳା ମାନଙ୍କୁ ପିଲାମାନଙ୍କୁ ମାନସିକ ସହାୟତା ପ୍ରଦାନ କରିବା ଉଚିତ । ଏହା ଲିଙ୍ଗଗତ ସମାନତା ଓ ମହିଳାମାନଙ୍କୁ ସମାଜରେ ଉପଯୁକ୍ତ ସମ୍ମାନରେ ସହାୟକ ହେବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁ ମଙ୍ଗଳ କମିଟି ଅଧକ୍ଷା ସଂଯୁକ୍ତା ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗର ମହାମାରୀ ବିଶେଷଜ୍ଞ ଦୂର୍ଗା ପ୍ରସାଦ ରାଜ, ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନ, ଏକଶନ ଏଡ ର ଜିଲ୍ଲା ସଂଯୋଜିକା ସୁଷମା କର, ମାଲକାନଗିରି ଜିଲ୍ଲାର ବ୍ଲକ ସିଡ଼ିପିଓ ମାନେ,ୱାନ୍ ଷ୍ଟପ ସେଂଟରର, ଚାଇଲ୍ଡ ଲାଇନ, ଶକ୍ତି ସଦନ ଓ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଭେଙ୍କଟେଶ୍ୱର ବିଦ୍ୟାଳୟରେ ବିଜ୍ଞାନ ମେଳା:୧୫୬ ପ୍ରକଳ୍ପ ପ୍ରଦର୍ଶିତ

ବାଲୁଗାଁ (ଭାସ୍କର ନ୍ୟୁଜ): ବୁଧବାର ପୂର୍ବାହ୍ନରେ ଚିଲିକା ବ୍ଲକ ଅନ୍ତର୍ଗତ ବାଲୁଗାଁ ବାଇପାସ ସ୍ଥିତ ଭେଙ୍କଟେଶ୍ୱର ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ମେଳାରେ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୧୫୬ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉକ୍ତ ମେଳାକୁ ବାଲୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସ୍ୱାଧିନା ମଞ୍ଜରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଅଲାଇଡିହ ବିଜ୍ଞାନ ଶିକ୍ଷକ ହିମାଂଶୁ ଶେଖର ପତି,ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ କୁମାର ପ୍ରଧାନ, ଅଧ୍ୟାପକ ଜୟନ୍ତ କୁମାର ରଥ,ବାଣପୁର ଆଇଓବି ଶାଖା ପରିଚାଳକ ବିମଳେଶ କୁମାର ପାଶୱାନ,ସହ ଶାଖା ପରିଚାଳକ ପବିତ୍ର କୁମାର ବେହେରା ପ୍ରମୁଖ ଯୋଗଦେଇ କୁନି ବୈଜ୍ଞାନିକ ମାନଙ୍କ ନିର୍ମିତ ପ୍ରକଳ୍ପ ପରିଦର୍ଶନ କରିବାସହ ଛାତ୍ରଛାତ୍ରୀ ମାନଙ୍କ ପ୍ରଚେଷ୍ଟା ତଥା ନୂତନ ଜ୍ଞାନ କୋଶଳ ଭିତିକ ପ୍ରକଳ୍ପ ପ୍ରଦର୍ଶନ ନେଇ ଭୂୟସି ପ୍ରଶଂସା କରିଥିଲେ।ବିଦ୍ୟାଳୟର ଅଧକ୍ଷ ରାମଚନ୍ଦ୍ର ଶାସମଲ,ସମ୍ପାଦିକା ସସ୍ମିତା ପ୍ରଧାନ, ଚେୟାରମ୍ୟାନ ରଞ୍ଜିତ କୁମାର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସହଯୋଗ କରିଥିଲେ।

# ରାଶିଫଳ

**ଶନିବାର, ୭ ଡିସେମ୍ବର ୨୦୨୪**



**ମେଷ:** ବିବାହ ପ୍ରସ୍ତାବ ଗ୍ରହଣ କରାଯାଇପାରେ । ସରକାରଙ୍କ ସହାୟତାରେ କୌଣସି କାର୍ଯ୍ୟ ଶେଷ ହେବ। ବ୍ୟବସାୟ ଅନୁକୂଳ ଲାଭ ଦେବ। ଜରୁରୀ ଜିନିଷକୁ ଠିକ୍ ସମୟରେ ନ ପାଇବାରୁ ଦୁଃଖ ଆସିବ । ବିନିଯୋଗ ଭଲ ହେବ ।



**ବୃଷ:** ପ୍ରଗତିର ରାସ୍ତା ଖୋଲାଯିବ । ଭୋଜି ଖାଇବା ଠାରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ବୃଦ୍ଧି ପାଇବ । ଜମି ଏବଂ ନିର୍ମାଣ ସଂପର୍କିତ କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ । ରୋଜଗାର ବୃଦ୍ଧି ପାଇବ । ଲାଭ ସୁଯୋଗ ଆସିବ ।



**ମିଥୁନ:** ସୁଖ ଏବଂ ମନୋରଞ୍ଜନର ମାଧ୍ୟମ ଉପଲବ୍ଧ ହେବ । ସୃଜନଶୀଳ କାର୍ଯ୍ୟ ସଫଳ ହେବ । ଏକ କାର୍ନିଭାଲରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ । ବ୍ୟବସାୟ ଲାଭଦାୟକ ହେବ । ଭାଇମାନଙ୍କ ସହଯୋଗ ହେବ ।



**କର୍କଟ:** ହାଲୁକା ହସିବା ଠାରୁ ଦୂରେଇ ରୁହନ୍ତୁ । ଚାକିରିରେ ଥିବା ଅଧିକାରୀମାନେ ଅଧିକ ଆଶା କରିବେ । ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ ନାହିଁ । ଥକ୍କା ଲାଗିବ । ବ୍ୟବସାୟରୁ ଅନୁକୂଳ ଲାଭ ହେବ । ଖରାପ ଖବର ଗ୍ରହଣ କରାଯାଇପାରେ ।



**ସିଂହ:** ବ୍ୟବସାୟ ଅନୁକୂଳ ଲାଭ ଦେବ । ଟଙ୍କା ପାଇବା ସହଜ ହେବ । ଲାଭ ସୁଯୋଗ ଆସିବ । ଚାକିରିରେ ଠିକ୍ ସମୟରେ ସମସ୍ତ କାର୍ଯ୍ୟ କରିବା ଦ୍ୱାରା ପ୍ରଶଂସା ମିଳିବ । ସମୟର ଅନୁକୂଳତାର ସୁଯୋଗ ନିଅ । ପାରିବାରିକ ଚିନ୍ତା ହ୍ରାସ ପାଇବ ।



**କନ୍ୟା:** ଭଲ ଖବର ଗ୍ରହଣ କରାଯିବ । ମୂଲ୍ୟ ବୃଦ୍ଧି ହେବ । ଆପଣ ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରିବେ । ଦୀର୍ଘ ଦୂରତା ଯାତ୍ରା କରିବାକୁ ଇଚ୍ଛା କରିବେ । ବ୍ୟବସାୟରୁ ଅନୁକୂଳ ଲାଭ ହେବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ତୁଳା:** ଭ୍ରମଣ ଅନୁକୂଳ ଲାଭ ଦେବ । ନୂତନ ଚାକିରି ମିଳିପାରିବ । କାର୍ଯ୍ୟରେ ସନ୍ତୁଷ୍ଟ ହେବେ । ସୁଖ ଏବଂ ଉତ୍ସାହର ପରିବେଶ ରହିବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଏବଂ ଚାକିରି ଅନୁକୂଳ ଲାଭ ଦେବ । ଶୀଘ୍ର କୌଣସି ନିଷ୍ପତ୍ତି ନିଅ ନାହିଁ ।



**ବିଛା:** ବ୍ୟବସାୟ ଲାଭଦାୟକ ହେବ । ଆୟରେ ନିଶ୍ଚିତତା ରହିବ । ପରିବାରରେ ସୁଖ ଏବଂ ଶାନ୍ତି ରହିବ । ଇଚ୍ଛାକୁ ମଜବୁତ କର। ଅପଚୟ ଖର୍ଚ୍ଚ ହେବ । ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ । ସ୍ୱାସ୍ଥ୍ୟ ଦୁର୍ବଳ ହେବ । କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । କାମ କରିବା ଭଳି ଅନୁଭବ କରିବେ ନାହିଁ ।



**ଧନୁ:** ନୂଆ କାମ ଆସିବ । ବ୍ୟବସାୟ ଅଭିବୃଦ୍ଧି ହେବେ । ସମୟର ଅନୁକୂଳତାର ସୁଯୋଗ ନିଅ । ଆପଣ ଅଧସ୍ତନମାନଙ୍କ ସହଯୋଗ ପାଇବେ । ଲାଭ ସୁଯୋଗ ଆସିବ । ଅଜ୍ଞାତର ଭୟ ରହିବ । ପାରିବାରିକ ସହଯୋଗରେ ସୁଖ ମିଳିବ । ବୁଡି ଯାଇଥିବା ଟଙ୍କା ପୁନରୁଦ୍ଧାର ହୋଇପାରିବ ।



**ମକର:** ଯୋଜନା ଫଳପ୍ରଦ ହେବ । ପ୍ରଣାଳୀରେ ଉନ୍ନତି ହେବ । ସଫଳତା ସହିତ ସୁଖ ମିଳିବ । କଠିନ ପରିଶ୍ରମ ସଫଳ ହେବ । ଲାଭ ସୁଯୋଗ ଆସିବ । ତୁମେ ସମ୍ମାନ ପାଇବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ସେୟାର ବଜାରରେ ଦ୍ରୁତ ଗତିରେ ଦୂରେଇ ରୁହନ୍ତୁ ।



**କୁମ୍ଭ:** ସୁଖ ଏବଂ ଶାନ୍ତି ରହିବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ । ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ । ବିନିଯୋଗ ଭଲ ହେବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆଧ୍ୟାତ୍ମିକତା ପାଇଁ ଆଗ୍ରହୀ ହେବେ । ପ୍ରଲୋଭିତ ହୁଅ ନାହିଁ ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ । ଆୟ ଜାରି ରହିବ । ଥକ୍କା ଏବଂ ଦୁର୍ବଳତା ହୋଇପାରେ । ଅଜ୍ଞାତର ଭୟ ରହିବ । ଦୁର୍ଘଟଣାର ସମ୍ଭାବନା ରହିବ । ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କ ରୁହନ୍ତୁ ।



ଶ୍ରୀପତି ଉବାଚ

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



ମାଲକାନଗିରି(ଭାସ୍କର ନ୍ୟୁଜ): ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ୫ ଡିସେମ୍ବରକୁ ବିଶ୍ୱ ମୃତ୍ତିକା ଦିବସ ଭାବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଏବଂ କୃଷି ବିଜ୍ଞାନ କେନ୍ଦ୍ର, ମାଲକାନଗିରିର ମିଳିତ ଆନୁକୂଲ୍ୟରେ ଗୁରୁବାର କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାଳନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ମାଟି ମାଆକୁ ସୁରକ୍ଷା ଦେବା ଓ ଜୈବିକ ପ୍ରଣାଳୀରେ ମାଟିର ମାନବୃଦ୍ଧି ପାଇଁ ଚାଷୀମାନଙ୍କୁ ଅବଗତ କରାଇଥିଲେ।ଏହି ଅବସରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦିଲରଞ୍ଜନ ମହାଲିକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାତ୍ର, ବରିଷ୍ଠ କୃଷି ବୈଜ୍ଞାନିକ ତଥା ମୁଖ୍ୟ ଡକ୍ଟର ଦେବୀପ୍ରସାଦ ଦାଶ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶାନ୍ତନୁ ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ମାଲକାନଗିରି ମହେଶ କୁମାର ପାଢ଼ୀ, ବିଧାୟକ ମାଲକାନଗିରିଙ୍କ ପ୍ରତିନିଧି ରତ୍ୱାଲ ଚାନ୍ଦ ତାୱାରି, ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଭାଗିରଥି ଦଳାଇ ଯୋଗ ଦେଇ ମାଟିର ଯନ୍ତ୍ର ପରିମାପ, ପର୍ଯ୍ୟବେକ୍ଷଣ, ଓ ପରିଚାଳନା ପାଇଁ ବିଭିନ୍ନ କୌଶଳ ଯଥା ସମନ୍ୱିତ ସାରା ପରିଚାଳନା, ଜୈବିକ କୃଷି, ପାରମ୍ପରିକ କୃଷି ଆଦି ବିଭିନ୍ନ ଦିଗ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ।ଏହି ଅବସର ପୂର୍ବରୁ ଅନୁଷ୍ଠିତ ପୋଷ୍ଟର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲାର ୩୦ ଜଣ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଥିଲା। ମୃତ୍ତିକା ପରୀକ୍ଷବିତ୍ତ ମନସ୍ୱିନୀ ମହାପାତ୍ର ଏହି ସଭା ପରିଚାଳନା କରିଥିଲେ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।



# ପୂର୍ବତନ ସରପଞ୍ଚଙ୍କୁ ମାଓବାଦୀଙ୍କ ହତ୍ୟା





ମାଲକାନଗିରି ( ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ବିଜାପୁର ଜିଲ୍ଲାରେ ନକ୍ସଲମାନେ ଗୋଟିଏ ଦିନରେ ୨ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରିଛନ୍ତି। ନକ୍ସଲମାନେ ଆଜି ଭୈରମଗଡ ଥାନା ଅଞ୍ଚଳର ସୁକଲୁ ଫରସା ଏବଂ କାଦେରର ପୂର୍ବତନ ସରପଞ୍ଚ ସୁଖରାମ ଅବଲମଙ୍କୁ ହତ୍ୟା କରିଛନ୍ତି। ଉଭୟ ସରପଞ୍ଚଙ୍କୁ ଭିନ୍ନ ଭିନ୍ନ ସ୍ଥାନରୁ ଅପହରଣ କରି ନେଇଥିଲେ, ପରେ ସେମାନଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି ନକ୍ସଲ। କହି ରଖୁଛୁ ଯେ ନଭେମ୍ବର ୨ରେ ନକ୍ସଲମାନେ ଭୈରମଗଡ ଥାନା ଅଞ୍ଚଳର ବିରୟାଭୂମି ଗ୍ରାମରୁ ପୂର୍ବତନ ସରପଞ୍ଚ ସୁକଲୁ ଫରସାଙ୍କୁ ଅପହରଣ କରି ନେଇଥିଲେ। ଏଥିସହିତ, ନେମେଡ ଥାନା ଅନ୍ତର୍ଗତ କଦେର ଗ୍ରାମର ପୂର୍ବତନ ସରପଞ୍ଚ ସୁଖରାମ ଅବଲମଙ୍କୁ କୁକୁଡ଼ା ବଜାରରୁ ନକ୍ସଲମାନେ ଅପହରଣ କରି ନେଇଥିଲେ ଏବଂ ବର୍ତ୍ତମାନ ଉଭୟଙ୍କୁ ହତ୍ୟା କରିଛନ୍ତି। ପୂର୍ବତନ ସରପଞ୍ଚ ସୁକଲୁ ଫରସାଙ୍କ ମୃତଦେହ ଉପରେ ନକ୍ସଲମାନେ ଏକ ପ୍ରେସ ନୋଟ୍ ମଧ୍ୟ ଜାରି କରିଛନ୍ତି। ଯେଉଁଥିରେ ମାଓବାଦୀ ମାନେ ତାଙ୍କୁ ବିଜେପି ଦଳରେ ଯୋଗ ଦେଇଥିବା ଅଭିଯୋଗ କରିଛନ୍ତି। ଏହା ସହିତ ବିଜେପି ଦଳ ଠାରୁ ନିଜକୁ ଦୂରେଇ ରଖିବାକୁ ପୂର୍ବତନ ସରପଞ୍ଚଙ୍କୁ ତିନିଥର ଚେତାବନୀ ଦେଇଥିଲେ ନକ୍ସଲ। କିନ୍ତୁ ନକ୍ସଲଙ୍କ କଥା ନ ଶୁଣିବାରୁ ଏଥର ନକ୍ସଲମାନେ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରିଥିବା ପ୍ରେସ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।ପୂର୍ବତନ ସରପଞ୍ଚଙ୍କ ଅପହରଣ ପରେ ବୁଧବାର ଦିନ ସୁକୁଲୁ ଫାରସାଙ୍କ ପରିବାର ଏବଂ ଝିଅ ଯାମିନୀ ଫରସା ଥାନାରେ ସୂଚନା ଦେବାବେଳେ ସୋସିଆଲ ମିଡିଆରେ ତାଙ୍କ ପିତାଙ୍କୁ ମୁକ୍ତ କରିବା ପାଇଁ କରୁଣ ନିବେଦନ କରିଥିଲେ, କିନ୍ତୁ ନକ୍ସଲମାନେ ପୂର୍ବତନ ସରପଞ୍ଚଙ୍କୁ ହତ୍ୟା କରିଥିଲେ। ଏପଟେ ବିଜାପୁର ଅତିରିକ୍ତ ଏସପି ଚନ୍ଦ୍ରକାନ୍ତ ଗାଭର୍ନା ଏହି ଘଟଣାକୁ ସୁନିଶ୍ଚିତ କରିବା ସହ କହିଛନ୍ତି ଯେ ସୂଚନା ଅନୁଯାୟୀ ପୋଲିସ ଦଳ ଘଟଣା ସ୍ଥଳକୁ ଯାଇଛନ୍ତି ଏବଂ ପରବର୍ତ୍ତୀ ପ୍ରକ୍ରିୟାରେ ଯାହା ଆବଶ୍ୟକ ତାହା କରାଯିବ।

# ଘାସିଆଗୁଡ଼ା ଗ୍ରାମବାସୀଙ୍କୁ ଡିବିରୀ ଆଲୁଅ ଭରସା





କୋଷାଗୁମୁଡା (ଭାସ୍କର ନ୍ୟୁଜ): ଆଜିର ଦିନରେ ଲୋକେ ଆଧୁନିକ ଯନ୍ତ୍ରପାତି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ରହିବା ସହିତ ବହୁଳ ଭାବେ ଆଧୁନିକ ଉପକରଣ ସବୁ ନିଜ ଘର ମାନଙ୍କରେ ଖଞ୍ଜି ରଖିଛନ୍ତି। ଯେମିତି କି ପଙ୍ଖା, କୁଲର, ଫ୍ରିଜ, ଟିଭି, ଇସ୍ତ୍ରୀ, ମୋବାଇଲ ଓ ଅନ୍ୟ ସବୁ ସାମଗ୍ରୀ । ସବୁ ବିଦ୍ୟୁତ ଦ୍ୱାରା ଚାଳିତ । ସରକାର ରାଜ୍ୟବାସୀଙ୍କୁ ବିଜୁଳି ଆଲୁଅ ଯୋଗାଇଦେବା ଲକ୍ଷ୍ୟରେ ସହରଠୁ ଆରମ୍ଭ କରି ପ୍ରତିଗ୍ରାମକୁ ବିଜୁଳି ପହଞ୍ଚାଇବା ପାଇଁ ଚେଷ୍ଟା କରୁଛନ୍ତି । ହେଲେ କିଛି ବିଭାଗୀୟ କର୍ମଚାରୀଙ୍କ ଅବହେଳା ପାଇଁ ଆଜି ବି ଅନେକ ଗାଁ ଅବହେଳିତ ଅବସ୍ଥାରେ ପଡିରହିଥିବା ଦେଖିବାକୁ ମିଳିଛି । ସେମାନେ ମୋବାଇଲ, ଟିଭି, ଫ୍ରିଜ, କୁଲର ବ୍ୟବହାର କରିବା ତ ଦୂରର କଥା ବିଜୁଳି ଆଲୁଅ ବି ଦେଖି ନାହାନ୍ତି । ଆଜି ବି ଡିବିରୀ ଆଲୁଅ କୁ ଭରସାକରି କାଳ କାଟୁଛନ୍ତି । ସନ୍ଧ୍ୟାହେଲେ ହିଂସ୍ର ଜନ୍ତୁ ଓ ସରୀସୃପ ଭୟରେ ତାଟି କବାଟ ବନ୍ଦ କରି ଘର ଭିତରେ ରହୁଛନ୍ତି । ଜରୁରୀ କାଳୀନ ପରିସ୍ଥିତି ପାଇଁ ଘରେ ଘରେ ଛୋଟ ଛୋଟ ବ୍ୟାଟେରୀ ଲାଇଟ ସବୁ ସାଇତି ରଖିଛନ୍ତି ଓ ଖୁବ ଯତ୍ନର ସହ ବ୍ୟବହାର କରୁଛନ୍ତି । ପିଲାମାନଙ୍କ ପଢ଼ାକଥା ତ ନକହିବା ହିଁ ଭଲ। ବିଦ୍ୟାଳୟରେ ଯାହା ପଢୁଛନ୍ତି, ସେତିକିରେ ହିଁ ତାଙ୍କ ପାଠ ଅଟକି ରହୁଛି । ଘରେ ଆସି ପଢ଼ିବା, ସେ ଭାଗ୍ୟ ତାଙ୍କ କପାଳରେ ଜୁଟୁନାହିଁ । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକରେ । ବ୍ଲକ ସଦର ମହକୁମା ଠାରୁ ପ୍ରାୟ ୫କିଲୋମିଟର ଦୂରରେ ଘାସିଆଗୁଡା ଗ୍ରାମ । ଗ୍ରାମ ବସତି ସ୍ଥାପନକୁ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଏଯାଏ ପ୍ରଶାସନର ନଜର ପଡିନି । ଦୀପତଳ ଅନ୍ଧାର ପରି ଏହି ଗ୍ରାମରେ ରହୁଥିବା ଗ୍ରାମବାସୀ ଅନ୍ଧାରରେ ରାତି କାଟୁଛନ୍ତି । ଗ୍ରାମରେ ବସବାସ କରୁଛନ୍ତି ୮ପରିବାର । ଜନସଂଖ୍ୟା ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ।ହେଲେ ଏହି ଗାଁଟି ଆଜି ବି ଅନ୍ଧାରରେ ।ଗ୍ରାମକୁ ଦେଖିଲେ ଲାଗେ ସତେ ଯେପରି ସରକାରଙ୍କ ଏହି ଗ୍ରାମପ୍ରତି ଆନ୍ତରିକତା ହିଁ ନାହିଁ । ଗ୍ରାମରେ ଅନେକ ଯୋଗ୍ୟ ହିତାଧିକାରୀ ଥାଇକି ମଧ୍ୟ ଗ୍ରାମର ଜଣେ ହେଲେ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ହୋଇ ଘର ଖଣ୍ଡିଏ ମଧ୍ୟ ପାଇନାହାନ୍ତି ।ଗାଁକୁ ବିଜୁଳି ସଂଯୋଗ କରିବା ପାଇଁ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଗୁହାରି କରିଥିଲେ ହେଁ ଏଯାଏ ପ୍ରଶାସନ ଗ୍ରାମବାସୀଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେଇନି ।ପାହାଡ଼, ପର୍ବତ କାଟି ବସତି ସ୍ଥାପନ କରିଥିବା ଜନସାଧାରଣ ମାନଙ୍କ ପାଖରେ ବିଜୁଳି ପହଞ୍ଚିଲା ସିନା ବ୍ଲକ ସଦର ମହକୁମାର ଅତି ନିକଟରେ ଥିବା ଘାସିଆଗୁଡା ଗ୍ରାମରେ ଏଯାଏ ବିଜୁଳି ପହଞ୍ଚି ପାରିଲାନି ।ତେଣୁ ଗ୍ରାମବାସୀଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ଜିଲ୍ଲା ପ୍ରଶାସନ ଗ୍ରାମକୁ ବିଜୁଳି ସଂଯୋଗ କରିବାର ବ୍ୟବସ୍ଥା କରିବାପାଇଁ ଗ୍ରାମର ବଳି ଭତରା, ରାମଚନ୍ଦ୍ର ଭତରା, ପୋଲାଦ ଭତରା, ନୀଳାବତୀ ଭତରା, କମଳା ଭତରା, କରୁଣା ଭତରା ଓ ଅନ୍ୟାନ୍ୟ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ବିଜେପିରେ ସାମିଲ ନେତାଙ୍କୁ ଜିଲ୍ଲାସ୍ତରରେ ସ୍ୱାଗତ



ମାଲକାନଗିରି (ଭାସ୍କର ନ୍ୟୁଜ): ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜେଡିର ବରିଷ୍ଠ ନେତାମାନେ ଭୁବନେଶ୍ୱରରେ ବିଜେପିରେ ସାମିଲ ହୋଇଥିବା ବେଳେ ଆଜି ମାଲକାନଗିରି ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ସେମାନେ ହେଲେ ପୂର୍ବତନ ଜିଲ୍ଲା ବିଜେଡି ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ କେଶବ ଚନ୍ଦ୍ର ନାୟକ, ବରିଷ୍ଠ ନେତା ପୂର୍ବତନ ରାଜ୍ୟସଭା କାର୍ଯ୍ୟକାରେଣି ସଦସ୍ୟ ହିମାଂଶୁ ସାମଲ, ବିଜେଡି ସଂପାଦକ ତଥା ଜିଲ୍ଲା ଘାରୋଇ ବସ ମାଲିକ ସଂଘ ସଂପାଦକ ଇ ଭେଙ୍କଟ ରାଓ, ଯୁବ ବିଜେଡି ସଂପାଦକ ପ୍ରଶାନ୍ତ କୁମାର ଜେନା । ସେମାନେ ଗତ ୨୪ ତାରିଖ ରବିବାର ଦିନ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଭୁବନେଶ୍ୱର ସ୍ଥିତ ବିଜେପି କାର୍ଯ୍ୟାଳୟରେ ଠାରେ ରାଜ୍ୟ ବିଜେପିରେ ମିଶିଥିଲେ। ଏହି ମିଶ୍ରଣ ପର୍ବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ,ରାଜ୍ୟ ସଂପାଦକ ସରୋଜ କରଙ୍କ ସମେତ ଅନେକ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ପ୍ରକାଶ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମାଲକାନଗିରି ବିଜେଡ଼ିର ବରିଷ୍ଠ ନେତାମାନେ ବିଜେପିରେ ସାମିଲ ହୋଇଥିଲେ। ବିଜେପି ଏକମାତ୍ର ଦଳ ଯିଏ କି ମାଲକାନଗିରି ଭଳି ପଛୁଆ ଜିଲ୍ଲାକୁ ବିକାଶ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିପାରିବ । ଆଜିର ଏହି ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲା ବିଜେପି ସଭାପତି ନିମାଇଁ ଚନ୍ଦ୍ର ପାଲ, ପୂର୍ବତନ ବିଜେଡି ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ପରିଡା, ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ପୂର୍ବତନ ଚିତ୍ରକୋଣ୍ଡା ବିଧାୟକ ଡମ୍ବରୁ ଶିଶା, ମାଲକାନଗିରି ଜିଲ୍ଲା ନିର୍ବାଚନ ଅଧିକାରୀ ଅରୁଣ କୁମାର ଭଙ୍ଗମିଶ୍ର ,ସହକାରୀ ନିର୍ବାଚନ ଅଧିକାରୀ ଶାମଲ ସୁନାନୀ, ପର୍ଯ୍ୟବେକ୍ଷକ ଅଜୟ କୁମାର ସ୍ୱାଇଁ ଏବଂ ବିଜେପି ର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଅଚିହ୍ନା ବ୍ୟକ୍ତିର ମୃତଦେହ ଉଦ୍ଧାର, ପରିଚୟ ଅସ୍ପଷ୍ଟ

ଉମରକୋଟ(ଭାସ୍କର ନ୍ୟୁଜ): ଉମରକୋଟ ଉପଖଣ୍ଡ ହସ୍ପିଟାଲ ନିକଟରେ ଥିବା ଶିବ ମନ୍ଦିର ପରିସରରୁ ଜଣେ ଅଚିହ୍ନା ବ୍ୟକ୍ତିର ମୃତ ଦେହକୁ ଆଜି ଠାବ କରିଛି ହସ୍ପିଟାଲ ପ୍ରଶାସନ। କିଛି ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା ହେଲା ଗତ କାଲି ସନ୍ଧ୍ୟାରେ ଏହି ଅଚିହ୍ନା ବ୍ୟକ୍ତିଟି ହସ୍ପିଟାଲ ପରିସରରେ ଥିବା ଆହାର କେନ୍ଦ୍ରରେ ଖାଇବା ପରେ ମନ୍ଦିର ପରିସରରେ ବିଶ୍ରାମ ନେବା ପାଇଁ ଯାଇଥିଲେ। ରାତିରେ ଶୋଇଥିବା ଅବସ୍ଥାରେ ପ୍ରାଣବାୟୁ ଉଡ଼ି ଯାଇଥିବା ଅନୁମାନ କରା ଯାଉଛି। ତେବେ ଆଜି ମେଡିକାଲ ଅଫିସର ଡକ୍ଟର ସବ୍ୟସାଚୀ ଦାସ ପ୍ରଥମେ ଘଟଣା ଦେଖିବା ପରେ ମେଡିକାଲ ଅଧିକ୍ଷକ ଡକ୍ଟର ଶରତ ଚନ୍ଦ୍ର ସେଠୀଙ୍କୁ ଅବଗତ କରାଇ ଥିଲେ। ଡକ୍ଟର ସେଠୀ ଘଟଣା ସଂପର୍କରେ ଉମରକୋଟ ଥାନାକୁ ଲିଖିତ ଭାବେ ସୂଚନା ଦେଇଥିଲେ। ଉମରକୋଟ ଥାନା ଏ ଏସ ଆଇ ରାମାନନ୍ଦ ପ୍ରଧାନ ଘଟଣାର ତଦନ୍ତ ଅଧିକାରୀ ଭାବେ ଘଟଣାର ଅନୁସନ୍ଧାନ ଜାରି ରଖିଛନ୍ତି। ଏହି ଖବର ଲେଖା ହେବା ବେଳକୁ ମୃତ ବ୍ୟକ୍ତିର କୌଣସି ପରିଚୟ ମିଳି ପାରିନାହିଁ। ବର୍ତ୍ତମାନ ମୃତ ଶରୀରକୁ ଉମରକୋଟ ହସ୍ପିଟାଲ ର ବରଫ ଚାମ୍ବରରେ ରଖାଯାଇଛି।

## ହାତୀ ପାଇଁ ଗ୍ରାମବାସୀ ଓ ବନ କର୍ମଚାରୀ ମୁହାଁମୁହିଁ

ଗୁଣୁପୁର(ଭାସ୍କର ନ୍ୟୁଜ): ଗୁଣପୁର ଅଞ୍ଚଳରେ ଗତ କିଛି ଦିନ ହେବ ଏକ ଦନ୍ତା ହାତୀ ପାଇଁ ବନବିଭାଗକୁ ନାକେଦମ ହେବାକୁ ପଡିଛି। ବୁଧବାର ବିଳମ୍ବିତ ରାତ୍ରିରେ ଦନ୍ତା ହାତୀ ଗୁଣୁପୁର ରେଞ୍ଜ ଘଣାନ୍ତୀ ପଞ୍ଚାୟତର ଗଙ୍ଗାପୁର ଛକ ନିକଟରେ ଥିବା ଚାଷଜମିରେ ପଶି କୁଡିଆ ଭାଙ୍ଗିବା ସହ ଲିଫ୍ଟ ପଏଣ୍ଟ କୁ ଭାଙ୍ଗି ବିଦ୍ୟୁତ୍ ତାର ଟଣାଓଟରା କରି ନଷ୍ଟ କରିଛି। ଧାନ ଅମଳ ସମୟରେ ଚାଷ ଜମିରେ ପଶି ଧାନଗଛ ନଷ୍ଟ କରୁଥିବା ଚାଷୀ ଅଭିଯୋଗ କରୁଛନ୍ତି। ହାତୀ ସୁରକ୍ଷା ପାଇଁ ବନ ବିଭାଗ ନିର୍ଦ୍ଦେଶରେ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ୍ ସେବା ବନ୍ଦ ହେଲେ ଗ୍ରାମବାସୀମାନଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହୁଛି। ଗତକାଲି ବିଳମ୍ବିତ ରାତ୍ରିରେ ବନ କର୍ମଚାରୀ ଓ ଗ୍ରାମବାସୀ ମଧ୍ୟର ମୁହାମୁହିଁ ପରିସ୍ଥିତ ଉପୁଜିଥିଲା। କିଛି ମାସ ପୂର୍ବେ ଛଅଟିକିଆ ହାତୀ ପଲରୁ ପାଞ୍ଚୋଟି ହାତୀର ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ଯେଉଁ ଗୋଟିଏ ଦନ୍ତା ରହିଛି ସେ ଲୋକଙ୍କ ନିଦ ହଜାଇ ଦେଉଛି।

## କୃଷିଜାତ ଦ୍ରବ୍ୟ କ୍ରେତା-ବିକ୍ରେତା ବୈଠକ

କୋରାପୁଟ(ଭାସ୍କର ନ୍ୟୁଜ): ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ସଭାଗୃହ ପରିସରରେ କୃଷିଜାତ ଦ୍ରବ୍ୟ କିଣାବିକା ସମ୍ବନ୍ଧୀୟ ରିୱାଡି କାର୍ଯ୍ୟକ୍ରମ ଅଧୀନ କ୍ରେତା-ବିକ୍ରେତା ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜୈବିକ ଶ୍ରୀକୃଷକ ଉତ୍ପାଦକ କମ୍ପାନୀ, ନାଗେଶ୍ୱରୀ ଉତ୍ପାଦକ ଓ କୃଷକ ଏଗ୍ରୋ ଉତ୍ପାଦକ କମ୍ପାନିର ବୋର୍ଡ ନିର୍ଦ୍ଦେଶକ ସମୂହ , ଗ୍ରାଣ୍ଟ ଥର୍ଣ୍ଣଟନ୍ ଭାରତ, ମୃର୍ତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା, କୋରାପୁଟଙ୍କ ମିଳିତ ସହଯୋଗରେ ବୈଠକ ଆୟୋଜନ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ସ୍ୱାଇଁ, ଗ୍ରାଣ୍ଟ ଥର୍ଣ୍ଣଟନ ଭାରତର ମାଲ୍‌ଖାନ୍ ସିଂ ଡାଙ୍ଗି, ଜିଲ୍ଲା ସଂଯୋଜକ ସାୟୋଦ ସଲିମ୍ ଯୋଗ ଦେଇଥିଲେ। କ୍ରେତା ଓ ବିକ୍ରେତା ଭାବେ ଜୈବିକଶ୍ରୀ କୃଷକ ଉତ୍ପାଦକ କମ୍ପାନି ଏବଂ ନାଗେଶ୍ୱରୀ ଉତ୍ପାଦକ ଓ କୃଷକ ଏଗ୍ରୋ ଉତ୍ପାଦକ କମ୍ପାନିର ପ୍ରତିନିଧି ଉପସ୍ଥିତ ଥିଲେ । ଗ୍ରାଣ୍ଟ ଥର୍ଣ୍ଣଟନ ଭାରତ ଟିମ୍ ସଦସ୍ୟ ରିୱାଡି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, କୃଷି ବ୍ୟବସାୟ ପରିସର ଓ ସୁଯୋଗ ସମ୍ପର୍କରେ ବୁଝାଇଥିଲେ। ତିନିଗୋଟି ଉତ୍ପାଦକ କମ୍ପାନୀର ଉତ୍ପାଦ ଯଥା ଗୁଡ଼, ମକା, ରାଶି, ବିରି, ସୁଆଁ ଲେମନଗ୍ରାସ୍ ତେଲ, ଅଦା, ଆଳୁ ଚିନାବାଦମର କାରବାର ଏହା ଜରିଆରେ ବୃଦ୍ଧି ପାଇବ ବୋଲି କୁହାଯାଇଛି । ଏ ନେଇ କ୍ରେତା ଓ ବିକ୍ରେତାଙ୍କ ମଧ୍ୟରେ ଏକ ଚୁକ୍ତିନାମା ହୋଇଛି । ଆରଏମସି ବିଶ୍ଳେଷକ ଅରୁଣ କୁମାର, ଅନନ୍ତ ସାହୁ, ସୁରେନ୍ଦ୍ର ମସ୍ତି, ଅକ୍ଷୟ କୁମାର ମେହେର, ଗୁରୁ ବୁରୁଡି ପ୍ରମୁଖ ଉପସ୍ଥିତ ଥିଲେ। ମୃର୍ତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମ ଉପପ୍ରକଳ୍ପ ନିର୍ଦ୍ଦେଶକ ଜୟ ଶଙ୍କର ପ୍ରଧାନ ଧନ୍ୟବାଦ ଜଣାଇଥିଲେ ।

# ଗନ୍ଧମାର୍ଦ୍ଦନକୁ ଜାତୀୟ ସଂପତ୍ତି ଘୋଷଣା ପାଇଁ ସାଂସଦଙ୍କ ପ୍ରସ୍ତାବ



ବରଗଡ(ଭାସ୍କର ନ୍ୟୁଜ): ଲୋକସଭାର ଶୀତକାଳୀନ ଅଧିବେଶନରେ ୩୭୭ ଧାରା ଅଧିନିୟମ ଅନୁଯାୟୀ ବରଗଡ ସାଂସଦ ଶ୍ରୀ ପ୍ରଦୀପ ପୁରୋହିତ ଗନ୍ଧମାର୍ଦ୍ଦନ ପାହାଡକୁ ଜାତୀୟ ସଂପତ୍ତି ଘୋଷଣା ପାଇଁ ଲୋକସଭାରେ କେନ୍ଦ୍ର ସରକାରଙ୍କ ଠାରେ ପ୍ରସ୍ତାବ ଉଠାଇଛନ୍ତି। ଶ୍ରୀ ପୁରୋହିତ ଉଲ୍ଲେଖ କରିଛନ୍ତି ଯେ ୯୭ କିମି ବ୍ୟାପୀ ପଶ୍ଚିମ ଓଡିଶାର ଗନ୍ଧମାର୍ଦ୍ଦନ ପାହାଡ଼ରେ ୨ଟି ପ୍ରମୁଖ ନଦୀ,ବହୁ ଝରଣା,ଦୁର୍ଲଭ ବନୌଷଧିର ଭଣ୍ଡାର ରହି ରହିଛି । ଏତଦ୍ ବ୍ୟତୀତ ନୃସିଂହନାଥ - ହରିଶଙ୍କର ୨ଟି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଓ ମନ୍ଦିର ଅବସ୍ଥିତ ଅଛି । ଚୀନ ପରିବ୍ରାଜକ ହୁଏନସା ଗନ୍ଧମାର୍ଦ୍ଦନକୁ ପରିମଳ ଭାବେ ଉଲ୍ଲେଖ କରି ବହୁ ବର୍ଷ ତଳେ ବୌଦ୍ଧ ବିହାର ଥିବା ଉଲ୍ଲେଖ କରିଛନ୍ତି । ଗନ୍ଧମାର୍ଦ୍ଦନ ଚାରିପଟେ ୫୦ ହଜାର ଜନଜାତିର ପରିବାର ତାଙ୍କ ଜୀବନ ଜୀବିକା ନିର୍ଭର କରି ଚଳୁଥିବା ଶ୍ରୀ ପୁରୋହିତ ଉଲ୍ଲେଖ କରିବା ସହ ୧୯୮୩ ମସିହାରେ ତତ୍କାଳୀନ କଂଗ୍ରେସ ଦଳର ସରକାର ଗନ୍ଧମାର୍ଦ୍ଦନରେ ବକ୍ସାଇଟ ଉତ୍ତୋଳନ ପାଇଁ ଖଣି ପଟା ଦେଇଥିଲେ । ଜନଜାତି ଓ ସାଧାରଣ ଲୋକଙ୍କ ତୀବ୍ର ବିରୋଧ ଯୋଗୁଁ ୧୯୮୮ ମସିହାରେ ସରକାର ଖଣି ପଟା ରଦ୍ଦ କରିଥିଲେ । କିନ୍ତୁ ବିଭିନ୍ନ ସମୟରେ ଗନ୍ଧମାର୍ଦ୍ଦନରେ ବିଭିନ୍ନ ସରକାର ସମୟରେ ଖଣି ଖନନ ର ପ୍ରୟାସ କରାଯାଇଛି । ଏହି ପରିପେକ୍ଷୀରେ ଲୋକସଭାରେ ଗନ୍ଧମାର୍ଦ୍ଦନ ପାହାଡକୁ ଜାତୀୟ ସଂପତ୍ତି ରୂପେ ଘୋଷଣା କରିବା ପାଇଁ ସାଂସଦ ଶ୍ରୀ ପୁରୋହିତ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନୃସିଂହନାଥ ଏବଂ ହରିଶଙ୍କରକୁ ଜାତୀୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି ।

## ବର୍ଜ୍ୟ ପ୍ଲାଷ୍ଟିକ୍‌ର ପୁନଃ ଉପଯୋଗ ଉପରେ ସଚେତନତା କାର୍ଯ୍ୟକ୍ରମ



ଖପ୍ରାଖୋଲ (ଭାସ୍କର ନ୍ୟୁଜ): ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ବର୍ଜ୍ୟ ପ୍ଲାଷ୍ଟିକରୁ ଉପଯୋଗୀ ଉପକରଣ ପ୍ରସ୍ତୁତି ଉପରେ ସଚେତନତା କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବ କିଶୋର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ସମ୍ମାନୀତ ଅତିଥି ରୂପେ ଏ ସି ଏଫ୍ ତଥା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ, ପରିବେଶ କର୍ମୀ ଅଭୟ ତ୍ରିପାଠୀ, ଫୁଲୁକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପାଳ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ପ୍ଲାଷ୍ଟିକର ବ୍ୟବହାର କାମ କରିବା , ପୁନଃ ବ୍ୟବହାର କହିବା ଉପରେ ସଚେତନତା ବାର୍ତ୍ତା ଅତିଥିମାନେ ପ୍ରଦାନ କରିଥିଲେ। ଛାତ୍ରୀଙ୍କ ଦ୍ୱାରା ବର୍ଜ୍ୟ ପ୍ଲାଷ୍ଟିକରୁ ପ୍ରସ୍ତୁତ ବିଭିନ୍ନ ଘର ସଜା କରଣା ପ୍ରଦର୍ଶିତ କରିଥିଲେ। ଏହି ଅବସରରେ ହରିଶଙ୍କର ବନପାଳ ରଞ୍ଜିତ କୁମ୍ବାର, ଆମ ଜଙ୍ଗଲ ଯୋଜନା ଡି ଓ ତହସିଲ ବାଗ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

# ସ୍କୁଲରେ ଆଧାର କ୍ୟାମ୍ପ୍ କରାଯାଉନଥିବାରୁ ଛାତ୍ରଛାତ୍ରୀ ହଇରାଣ

ଖଇରପୁଟ (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ଖଇରପୁଟ ଓ ମାଥିଲି ବ୍ଲକ୍‌ର ଶିକ୍ଷକ ଓ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଅନେକ ସମସ୍ୟା ଦେଖାଯାଉଥିବା ଅଭିଯୋଗ ହେଉଛି। ଏହି ଦୁଇଟି ବ୍ଲକ୍ ପାଇଁ ଏକ ମାତ୍ର ଅଧିକାରୀ ବ୍ଲକ୍ ଶିକ୍ଷା ଅଧିକାରୀ ଦାୟିତ୍ୱ ତୁଲାଉଛନ୍ତି। ବିଭାଗର ଅନେକ କାର୍ଯ୍ୟ ପାଇଁ BEO ଙ୍କ କାର୍ଯ୍ୟାଳୟରୁ ଚିଠି ବିଦ୍ୟାଳୟ ଗୁଡ଼ିକୁ କରାଯାଉ ନାହିଁ ,ରାଜ୍ୟ ସ୍ତରରୁ ଜିଲ୍ଲା ଶିକ୍ଷା ଅଧିକାରୀ ବା ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ କରାଯାଉଥିବା ଚିଠିକୁ ଆଧାର କରି ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଏଗୁଡ଼ିକୁ ପାଳନ କରିବାକୁ ପ୍ରଧାନ ଶିକ୍ଷକ ମାନଙ୍କୁ ଚିଠି କରିବାର ପ୍ରାବଧାନ ରହିଛି କିନ୍ତୁ ତାହା କରା ନ ଯାଇ ସେହି ରାଜ୍ୟ ସ୍ତରରୁ ନିଜ ପାଖକୁ ଆସିଥିବା ଚିଠି ଗୁଡ଼ିକୁ ହିଁ BEO ଙ୍କ କାର୍ଯ୍ୟାଳୟର ବିନା ପତ୍ର ସଂଖ୍ୟାରେ ବିନା ଦସ୍ତଖତରେ whatsapp ରେ ପ୍ରଧାନ ଶିକ୍ଷକମାନଙ୍କୁ ପ୍ରେରଣ କରାଯାଉଥିବା ଅଭିଯୋଗ ହେଉଛି। ଅନେକ ଛାତ୍ରୀ ଛାତ୍ରଙ୍କ ଆଧାର ରେ ଅନେକ ତ୍ରୁଟି ସଂଶୋଧନ ଆବଶ୍ୟକ ଥିବା ବେଳେ ବିଦ୍ୟାଳୟ ସ୍ତରରେ ଆଧାର କ୍ୟାମ୍ପ କରାଯାଇ ଏହିସବୁ ତ୍ରୁଟି ସଂଶୋଧନ କରାଯିବା କାର୍ଯ୍ୟକୁ ନିଶ୍ଚିତ କରାଯିବା ପାଇଁ ଓସେପାରୁ ନିର୍ଦ୍ଦେଶ ଅଛି ।ଯାହାକି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱ ପରିସର ଭୁକ୍ତ ଅଟେ। କିନ୍ତୁ ଏହା ଅନେକ ବର୍ଷ ହେବ କେବଳ କାଗଜ କଲମରେ ହିଁ ଆଧାର କ୍ୟାମ୍ପର ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ କରାଯାଉଛି । କିନ୍ତୁ ପ୍ରକୃତରେ ଆଧାର କ୍ୟାମ୍ପ ଅନେକ ପଞ୍ଚାୟତରେ ହେଉ ନାହିଁ କି ପିଲାଙ୍କ ଆଧାର ସଂଶୋଧନ ମଧ୍ୟ ହେଇ ପାରୁ ନାହିଁ ବୋଲି ସବିତା ଖିଲ , ଯମୁନା ହନ୍ତାଳ,ସୁକ୍ରି ବଡ଼ନାୟକ,ଲଛେ ସାନ୍ତା,ହାଡ଼ି ମୁଦୁଲି,ହାଡ଼ି କିର୍ଶାନି,ବଳଭଦ୍ର ପରିଛା,ଅନୁପ ମହାନନ୍ଦିଆ,ତ୍ରିନାଥ ସଗରିଆ, ଦାମ ହଲବା,ସୁନାଧର ଧାରୁଆ,ଉଦ୍ଧବ ମାଳି,ଜଗନ୍ନାଥ ମାଳି, ଟୁନା ସାମଲ,ଭି. ଏଙ୍କେଟ ରାଓ ଅଭିଯୋଗ କରିଛନ୍ତି। ଏହାଫଳରେ ବିଭାଗୀୟ ଅନେକ କାର୍ଯ୍ୟ ହେବାରେ ଅସୁବିଧା ହେଉଛି ଓ ଅନେକ ପିଲା ବିଭିନ୍ନ ସରକାରୀ ଯୋଜନାରୁ ବଞ୍ଚିତ ହେଉଥିବା,ଶିକ୍ଷକମାନେ ଆଧାର କେନ୍ଦ୍ର ଓ ବିଭିନ୍ନ ଦପ୍ତରକୁ ବାରମ୍ବାର ଦୌଡୁଥିବା ଶୁଣିବାକୁ ମିଳୁଛି । ଏପରି କି ମାସ ଶେଷରେ ଦରମା ଦେବା ପରିବର୍ତ୍ତେ ଛଅ ତାରିଖ ପର୍ଯ୍ୟନ୍ତ ଖଇରପୁଟ ବ୍ଲକ୍‌ର କୌଣସି ଶିକ୍ଷକଙ୍କୁ ଦରମା ଦିଆଯାଇ ନଥିବା ଓ ବିଳମ୍ବରେ ଦରମା କରାଯାଉଥିବା ହେତୁ ଶିକ୍ଷକମାନଙ୍କ ପରିବାର ଲୋକେ ଅନେକ ଅସୁବିଧାର ସମ୍ମୁଖିନ ହେଉଥିବା ଦେଖାଯାଉଛି । ବିଭାଗୀୟ ପ୍ରତ୍ୟେକ ଆଦେଶ ଥିବା ଚିଠି କୁ ଆମେ ତ ପାଳନ କରୁଛୁ ଯାହାଦ୍ୱାରା ଆମ ବ୍ଲକ୍‌ର ନାମକୁ ଅନେକ କ୍ଷେତ୍ରରେ ଡାଟା ବେସ୍‌ରେ ଉଚ୍ଚ ସ୍ଥାନରେ ରଖି ଥାଉ ତେବେ ବି ଏଭଳି ବେଆଇନ ଭାବେ ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଚିଠି ଦ୍ୱାରା ନିର୍ଦ୍ଦେଶ ନଦେଇ କାମ ଆଶା କରିବା ଓ ଜିଲ୍ଲା ଅଧିକାରୀଙ୍କ ନିକଟରେ ନିଜ କାର୍ଯ୍ୟାଳୟର ଦୋଷକୁ ଲୁଚାଇବାକୁ ଯାଇ ନିରୀହ ଶିକ୍ଷକମାନଙ୍କୁ ହଇରାଣ କରିବା ଅଗଣତାନ୍ତ୍ରିକ ବୋଲି ଶିକ୍ଷକ ସଂଘର କର୍ମକର୍ତ୍ତା କହିବା ସହିତ ଦୁଃଖ ପ୍ରକାଶ କରିଛନ୍ତି। ବିଭାଗୀୟ ପ୍ରତ୍ୟେକ କାର୍ଯ୍ୟ ପାଇଁ ବିଭାଗୀୟ ଚିଠି ବିଇଓଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ସହିତ ପ୍ରଧାନ ଶିକ୍ଷକ ମାନଙ୍କୁ ପ୍ରେରଣ କରାଯିବାକୁ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକମାନେ ଦାବି କରିଛନ୍ତି। ଉଭୟ ବ୍ଲକ୍‌ରେ ପୃଥକ୍ ବିଇଓ ନଥାଉ ଜଣେ ମାତ୍ର ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ବିଭାଗର ଅନେକ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ସଠିକ୍ ଭାବେ ବିଦ୍ୟାଳୟଗୁଡ଼ିକର ମନିଟରିଂ ହେଇ ପାରୁନଥିବା ଅଭିଯୋଗ ହେଉଛି ଏପରିକି ଅଧାରୁ ଅଧିକ ବିଦ୍ୟାଳୟକୁ ଏ ପର୍ଯ୍ୟନ୍ତ ବିଇଓ ଆଜି ପର୍ଯ୍ୟନ୍ତ ପାଦ ବି ପକାଇ ନାହାନ୍ତି ବୋଲି ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକମାନେ କହିଛନ୍ତି। ବିଇଓ ସୁମିତ ବିଶ୍ୱାସଙ୍କୁ ପଚାରିବାରୁ ଦରମା କାମ କରାଯାଇଛି ଯାହା କି ଟ୍ରେଜେରୀ ଅଟକିଛି ଯାହାକି କାଲି ହେଇଯାଇପାରେ ବୋଲି କହିବା ସହିତ ଚିଠିଗୁଡ଼ିକ ପ୍ରାୟ କରାଯାଉଛି ।କେବଳ ମାଲ୍ୟବନ୍ତ କାର୍ଯ୍ୟକ୍ରମ୍‌ର ବ୍ୟସ୍ତତା ହେତୁ ଅଳ୍ପ କିଛି ଚିଠି କରାଯାଇ ନଥିବ ବୋଲି କହିଥିଲେ।

# ଡ୍ରେସ୍ ବଣ୍ଟନ ସମୟରେ ଛାତରୁ ଖସିଲା ଫ୍ୟାନ୍, ଶିକ୍ଷୟିତ୍ରୀ ଆହତ



ଉମରକୋଟ(ଭାସ୍କର ନ୍ୟୁଜ): ବିଦ୍ୟାଳୟର ଶ୍ରେଣୀ ଗୃହର ଛାତ ଉପରୁ ଫ୍ୟାନ ଖସି ଶିକ୍ଷୟିତ୍ରୀ ଆହତ। ଏହିଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନ କରଣ୍ଡିଆଗୁଡା ଗ୍ରାମର ପ୍ରାଥମିକ ବିଦ୍ୟାଳୟ ଠାରେ । ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନମିତା ରାୟ ପିଲାଙ୍କୁ ଡ୍ରେସ ବାଣ୍ଟିବା ସମୟରେ ଶ୍ରେଣୀ ଗୃହର ଛାତରୁ ଫ୍ୟାନ ଖସି ଶିକ୍ଷୟିତ୍ରୀଙ୍କ ମୁଣ୍ଡ ଉପରେ ପଡିଥିଲା ଏବଂ ମୁଣ୍ଡର ବାମ ପାଖରେ ଆଘାତ ଲାଗିଛି। ପ୍ରଧାନ ଶିକ୍ଷୟିତ୍ରୀ ହଠାତ ତଳେ ବସିପଡି ଚିତ୍କାର କରିବାରୁ ଅନ୍ୟ ସହଯୋଗୀ ଶିକ୍ଷୟିତ୍ରୀ ଓ ଗ୍ରାମବାସୀ ସେଠାରେ ପହଞ୍ଚିଥିଲେ ଏବଂ ପ୍ରଥମେ ଫ୍ୟାନରୁ ବିଦ୍ୟୁତ ସରବରାହ ବନ୍ଦ କରିଥିଲେ ଏବଂ ଆହତ ଶିକ୍ଷୟିତ୍ରୀଙ୍କୁ ସେଠାରୁ ଉଦ୍ଧାର କରି ପରିବାର ଲୋକଙ୍କ ସହାୟତାରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରାଯାଇଥିଲା । ଫ୍ୟାନ ଛାତରୁ ଖସିବା ସମୟରେ କୌଣସି ପିଲା ଆହତ ହୋଇ ନାହାନ୍ତି।

## ପାଣି ପାଇପ୍ ଲିକେଜ

ବ୍ରଜରାଜନଗର(ଭାସ୍କର ନ୍ୟୁଜ): ବ୍ରଜରାଜନଗର ଅଞ୍ଚଳରୁ ଏକ ଶିକ୍ଷାନୁଷ୍ଠାନକୁ ଯାଉଥିବା ଜଳ ଯୋଗାଣ ପାଇପର ନୂଆଡ଼ିହି ଠାରେ କଣା ହେବାରୁ ଲିକେଜ ଦେଖା ଦେଇଛି। ଜଳ ପ୍ରବାହର ବେଗ ହ୍ରାସ ପାଇବା ପରେ ଶିକ୍ଷାନୁଷ୍ଠାନ ତରଫରୁ ଛାନ୍‌ବିନ କରିବାରୁ ଏହା ୪୯ ନମ୍ବର ଜାତୀୟ ରାଜପଥ ନୂଆଡ଼ିହି ଅଞ୍ଚଳ ବୋଲି ଜଣାପଡ଼ିଥିଲା। ତେବେ ଏହାର ମରାମତି ପାଇଁ ପାଇପରୁ ସମ୍ପୂର୍ଣ୍ଣ ପାଣି କଢ଼ାଚାଲିଛି। ଫଳରେ ୪୯ ନମ୍ବର ଜାତୀୟ ରାଜପଥ ରାସ୍ତା କଡ଼ରେ ଭାରି ମାତ୍ରାରେ ପାଣି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି।



## ଶିକ୍ଷକଙ୍କ ବିୟୋଗରେ ଶୋକ



ବରଗଡ (ଭାସ୍କର ନ୍ୟୁଜ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କେ ଏସ ଡି ଉଚ୍ଚ ବିଦ୍ୟାଳୟ ଲଖନପୁର ରେ କାର୍ଯ୍ୟରତ ସଂସ୍କୃତ ଶିକ୍ଷକ ଧ୍ରୁବ ଚରଣ ପ୍ରଧାନଙ୍କ ଅକାଳ ବିୟୋଗ ହୋଇ ଯାଇଛି । ସେ ଜଣେ ମେଳାପି ମିଷ୍ଟଭାଷୀ ଓ ଛାତ୍ର ବତ୍ସଳ ସଂସ୍କୃତ ଶିକ୍ଷକ ଥିଲେ । ତାଙ୍କ ବିୟୋଗରେ ଜିଲ୍ଲା ସଂସ୍କୃତ ଶିକ୍ଷକ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସଂଘର ଜିଲ୍ଲା ସଭାପତି ରମାଇ ଚରଣ ଦାଶ ଓ ସଂପାଦକ ଅଗସ୍ତି ପ୍ରଧାନ ତଥା ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସଂପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିବା ସହ ସ୍ୱର୍ଗତ ଧ୍ରୁବ ଚରଣ ପ୍ରଧାନଙ୍କ ଅମର ଆତ୍ମା ର ସଦଗତି କାମନା କରିଛନ୍ତି ।

## ନୂତନ କ୍ୟାମ୍ପ ଉପରେ ନକ୍ସଲଙ୍କ ଆକ୍ରମଣ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ବିଜାପୁର ଜିଲ୍ଲା ଏବଂ ତେଲେଙ୍ଗାନା ସୀମାରେ ଅବସ୍ଥିତ ଜିଡପାଲିରେ ଗତକାଲି ଏକ ନୂତନ ପୋଲିସ କ୍ୟାମ୍ପ ପ୍ରତିଷ୍ଠା ହୋଇଥିଲା । ନକ୍ସଲ ମାନଙ୍କ ଦ୍ୱାରା ଆଜି ସେହି ପୁଲିସ କ୍ୟାମ୍ପ ଉପରେ ଆକ୍ରମଣ କରାଯାଇଛି। ଗୁରୁବାର ସନ୍ଧ୍ୟା ୭:୩୦ ଠାରୁ ଆରମ୍ଭ ହୋଇଥିବା ଭୀଷଣ ଗୁଳି ବିନିମୟ ଏବେ ମଧ୍ୟ ଜାରି ରହିଛି। ନକ୍ସଲ ଆକ୍ରମଣ ସମୟରେ କ୍ୟାମ୍ପରେ ବିଜାପୁର ଏସପି ଜିତେନ୍ଦ୍ର ଯାଦବ ଉପସ୍ଥିତ ରହିଥିବା ବେଳେ ଯବାନଙ୍କ ସହିତ ଆଗରେ ରହି ନକ୍ସଲଙ୍କୁ ଗୁଳିର ଜବାବ ଗୁଳିରେ ଦେଉଛନ୍ତି। ପ୍ରାରମ୍ଭିକ ସୂଚନା ଅନୁଯାୟୀ, ଯବାନ ମାନେ ନକ୍ସଲମାନଙ୍କୁ ମୁହାଁମୁହିଁ ଉପଯୁକ୍ତ ପାଲଟା ଆକଦେରମଣ କରୁଥିବା ବେଳେ ଗ୍ରାଉଣ୍ଡ ଜିରୋରେ ଉଭୟ ପାର୍ଶ୍ୱରୁ ରହି ରହି ଗୁଳି ବିନିମୟ ଜାରି ରହିଛି।

## ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀକୁ ମିଲେନାରୀ ଫାର୍ମର୍ସ ଅଫ୍ ଇଣ୍ଡିଆ ଆୱାର୍ଡ



କୋରାପୁଟ(ଭାସ୍କର ନ୍ୟୁଜ): ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀକୁ ଶ୍ରେଷ୍ଠ ଏଫ୍‌ପିଓ ଏବଂ ଜାତୀୟସ୍ତରରେ ମିଲେନାରୀ ଫାର୍ମର୍ସ ଅଫ୍ ଇଣ୍ଡିଆ ୨୦୨୪ ଆୱାର୍ଡ ପ୍ରଦାନ କରାଯାଇଛି । କୃଷି ଜାଗରଣ ଓ ଭାରତୀୟ କୃଷି ଗବେଷଣା ପରିଷଦର ମିଳିତ ଉଦ୍ୟମରେ ଡିସେମ୍ବର ୩ରେ ନୂଆଦିଲ୍ଲୀର ଆଇଏଆରଆଇ ମେଳା ପଡିଆରେ ଆୟୋଜିତ ପୁରସ୍କାର ସମାରୋହ -୨୦୨୪ରେ ଜୈବିକ ଶ୍ରୀ କୃଷକ ଉତ୍ପାଦକ କମ୍ପାନୀକୁ ରାଜ୍ୟସ୍ତରୀୟ ଶ୍ରେଷ୍ଠ କୃଷକ ଉତ୍ପାଦକ କମ୍ପାନୀ ଓ ଜାତୀୟସ୍ତରରେ ଶ୍ରେଷ୍ଠ କ୍ଷୁଦ୍ରଶସ୍ୟ ଉତ୍ପାଦକ ଲକ୍ଷପତି ଚାଷୀ ସମ୍ମାନରେ ସମ୍ମାନିତ କରାଯାଇଛି । କୃଷି ଜାଗରଣ ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏମ.ସି ଡୋମିନିକ, ପରିଚାଳନା ନିର୍ଦ୍ଦେଶକା ଶିନୀ ଡୋମିନିକଙ୍କ ଦ୍ୱାରା କମ୍ପାନୀର ସିଇଓ ମୁରଲୀଧର ଅଧିକାରୀ ଏବଂ ଅଗ୍ରଣୀ ଚାଷୀ ସୁରେନ୍ଦ୍ର ଗାଦବା ପୁରସ୍କୃତ ହୋଇଛନ୍ତି। କମ୍ପାନୀ ଦ୍ୱାରା ଛୋଟ ଓ ନାମମାତ୍ର ଚାଷୀମାନେ ବିହନ , ଜୈବିକ ଖତ, କୃଷି ଉପକରଣ ପାଇବା, ବିଭିନ୍ନ ସୂଚନା, ଜ୍ଞାନକୌଶଳ ଲାଭ କରିବା ସହ ବଜାର ବ୍ୟବସ୍ଥାରେ ସାମିଲ ହୋଇ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଉଚିତ ମୂଲ୍ୟ ପାଇପାରୁଛନ୍ତି । ଉକ୍ତ କମ୍ପାନୀ ରାଜ୍ୟ, ଦେଶ ତଥା ଅନ୍ତର୍ଜାତୀୟ ବଜାର ବ୍ୟବସ୍ଥାରେ ସାମିଲ ହେବ ହେବା ପାଇଁ ଚେଷ୍ଟା ଜାରି ରଖିଛି ।

## ପୁଷ୍ପା-୨ ସିନେମାକୁ ନେଇ ଦର୍ଶକଙ୍କ ମନରେ ଆନନ୍ଦ ଉଲ୍ଲାସ



ମାଲକାନଗିରି (ଭାସ୍କର ନ୍ୟୁଜ): ଦେଶରେ ମୁକ୍ତିଲାଭ ହୋଇଥିବା ପୁଷ୍ପା-୨ ସିନେମାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିବା ବେଳେ ମାଲକାନଗିରି ଜିଲ୍ଲା ମଧ୍ୟ ଏଥିରୁ ବାଦ ପଡ଼ିନାହିଁ । ଜିଲ୍ଲାର ବହୁ ଯୁବ ଗୋଷ୍ଠୀ ସିନେମା ହଲ ସମ୍ମୁଖରେ ନିଜ ଇଚ୍ଛା ମୁତାବକ ପୋଷ୍ଟର ଲଗାଇ କେକ୍ କାଟି ଖୁସି ମାନାଉଥିବା ଦେଖିବାକୁ ମିଳିଛି। ପୁଷ୍ପା ସିନେମାର ଦ୍ୱିତୀୟ ଭାଗ ଆଜି ମୁକ୍ତି ଲାଭ କରିବା ପରେ ଆଜି ଏହି ସିନେମାକୁ ନେଇ ଦର୍ଶକ ବିଶେଷ କରି ଯୁବପିଢୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।



ଏରସମା(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତର କାଳିକୁଦ ଗ୍ରାମର ଜଣେକ ବ୍ୟକ୍ତିଙ୍କ ଗୃହ ଉଚ୍ଛେଦ ନୋଟିସ ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ନୋଟିସ ପାଇଥିବା ଚନ୍ଦ୍ରକାନ୍ତ ଗୋଛାୟତଙ୍କ ପରିବାର ପକ୍ଷରୁ ଶୁକ୍ରବାର ଏରସମା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଦେଖାଯାଇଛି। ଚନ୍ଦ୍ରକାନ୍ତଙ୍କ ପରିବାର ୩ ପିଢି ଧରି ପ୍ଲଟ ନଂ ୧୫୦ରେ ରେଡକ୍ରସ ନିର୍ମିତ ପକ୍କାଘରେ ବସବାସ କରିଆସୁଛନ୍ତି। ଚନ୍ଦ୍ରକାନ୍ତଙ୍କ ବାସଗୃହ ସାମ୍ନାରେ ଉକ୍ତ ପ୍ଲଟରେ ବ୍ୟାପକ ଅବ୍ୟବହୃତ ସରକାରୀ ଜାଗା ରହିଥିଲେ ହେଁ ରାଜନୈତିକ ଚାପରେ ପ୍ରଶାସନ ବସବାସ କରୁଥିବା ଗୃହ ଓ ଗଛକୁ ଉଚ୍ଛେଦ କରିବାକୁ ପ୍ରାଥମିକ ପଦକ୍ଷେପ ଗ୍ରହଣ କରିଛି। ସେଠାରେ ଏକ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ଏ ନେଇ ଏରସମା ତହସିଲ ପକ୍ଷରୁ ୧୬୬/୨୪ ଓ ୧୬୭/୨୪ ନଂରେ ପୃଥକ ଭାବେ ୨ଟି ନୋଟିସ କରାଯାଇଛି। ଗୃହ ଉଚ୍ଛେଦ ପ୍ରତିବାଦରେ ପରିବାର ନ୍ୟାୟ ଭିକ୍ଷା ଆଶାରେ ଚନ୍ଦ୍ରକାନ୍ତ ଗୋଛାୟତ, ନବୀନ ଗୋଛାୟତ, ନିରୁପମା ଗୋଛାୟତ, ଉର୍ମିଳା ସ୍ୱାଇଁ, ଗୁରୁବାରି ଭୁୟାଁ, ଅଦ୍ୱୈତ ଗୋଛାୟତ, ଆଗନ୍ତୁକା ଗୋଛାୟତ, ସୁଷମା ଗୋଛାୟତ, ସନ୍ଦୀପ ରଞ୍ଜନ ଗୋଛାୟତ, ଆଶିଷ ଗୋଛାୟତ ଓ ସଞ୍ଜୟ ଛାଟୋଇ ପ୍ରମୁଖ ଧାରଣାରେ ବସିରହିଥିବା ବେଳେ ପୋଲିସ ଧାରଣା ପ୍ରତ୍ୟାହୃତ କରିବାକୁ ଧାରଣାକାରୀଙ୍କୁ ବୁଝାଉଥିବା ଦେଖାଯାଇଛି। ଅନ୍ୟପକ୍ଷରେ ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟ ଏହି ଧାରଣାକୁ ସଂପୂର୍ଣ୍ଣ ବେଆଇନ କହିବା ସହ ଚନ୍ଦ୍ରକାନ୍ତଙ୍କ ପରିବାର ସଂପୂର୍ଣ୍ଣ ସରକାରୀ ଜାଗା ଜବରଦଖଲ କରି ଗୃହ ନିର୍ମାଣ କରିଥିବା କହିଛନ୍ତି।

# ବେଦାନ୍ତ ଆଲୁମିନିୟମର ଓଡ଼ିଶାରେ ସପ୍ତାହବ୍ୟାପୀ ଏଚଆଇଭି-ଏଡ୍‌ସ ସଚେତନତା ଅଭିଯାନ ଶୁଭାରମ୍ଭ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତର ବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ବିଶ୍ୱ ଏଡ୍ସ ଦିବସରେ ଏକ ସପ୍ତାହବ୍ୟାପୀ ସଚେତନତା ଅଭିଯାନ ଆରମ୍ଭ କରିଥିଲା। ଏହି ପଦକ୍ଷେପରେ ବେଦାନ୍ତ ସ୍ଥାନୀୟ ଗୋଷ୍ଠୀଙ୍କୁ ଏଚଆଇଭି ଉପରେ ସଚେତନ ପାଇଁ ଉପଯୁକ୍ତ ମାର୍ଗ ଅନୁସରଣ କର: ମୋର ସ୍ୱାସ୍ଥ୍ୟ ମୋର ଅଧିକାର ବିଷୟ ଉପରେ ବାର୍ତ୍ତା ଦେଇଥିଲା। ଉକ୍ତ ଅଭିଯାନରେ ବେଦାନ୍ତ ଝାରସୁଗୁଡ଼ା, ଲାଞ୍ଜିଗଡ଼ ଓ ଏହାର ଖଣି ଥିବା ସ୍ଥାନରେ ୧୧,୪୦୦ରୁ ଅଧିକ ଲୋକଙ୍କୁ ନେଇ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସଚେତନତା ଅଧିବେଶନ, ରାଲି, ନୁକଡ ନାଟକ ଓ ସ୍ୱାସ୍ଥ୍ୟ ଶିକ୍ଷା କାର୍ଯ୍ୟକ୍ରମ ଜରିଆରେ ଏହି ଅଭିଯାନରେ ଛାତ୍ରଛାତ୍ରୀ, ଟ୍ରକ ଡ୍ରାଇଭର, ପୋଲିସ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ନିକଟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମର ଅଂଶ ବିଶେଷରେ କୋଇଲା ଓ ବକ୍ସାଇଟ ଖଣି ପ୍ରକଳ୍ପଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ପାଇଁ ବିଭିନ୍ନ ପ୍ରଭାବଶାଳୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡ଼ରେ ନୁକଡ଼ ନାଟକ ଓ ଶିକ୍ଷାଗତ ଅଧିବଶେନରେ ଛାତ୍ର, ଟ୍ରକ ଡ୍ରାଇଭରଙ୍କ ପାଇଁ ଆୟୋଜିତ ହୋଇଥିଲା ଓ ଏହା ୬୦୦ରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିଥିଲା। ସିଜିମାଳିରେ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ନିହେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ପତାକା ଦେଖାଇ ରାଲି ଉଦ୍‌ଘାଟିତ ହୋଇଥିଲା। ଓସାକ୍ସ ଓ ଜିଲ୍ଲା ମେଡିକାଲ କର୍ତ୍ତୃପକ୍ଷଙ୍କ ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ୫୦୦୦ରୁ ଅଧିକ ଲୋକ ଯୋଗ ଦେଇଥିଲେ। କମ୍ପାନିର ସ୍ୱାସ୍ଥ୍ୟ ପଦକ୍ଷେପ ସଂପର୍କରେ ମତ ଦେଇ ମୁଖ୍ୟ ପରିଚାଳନା ଅଧିକାରି ସୁନୀଲ ଗୁପ୍ତା କହିଥିଲେ, ଯେ ବେଦାନ୍ତ ଆଲୁମିନିୟମରେ ଆମେ ଦୃଢ ଭାବରେ ବିଶ୍ୱାସ କରୁ ଯେ ଗୋଷ୍ଠୀର ସ୍ୱାସ୍ଥ୍ୟ ଓ କଲ୍ୟାଣ ନିରନ୍ତର ବିକାଶର ମୂଳଦୁଆ ଅଟେ। ଏହି ବିଶ୍ୱ ଏଡ୍ସ ଦିବସରେ ଆମର ଏହି ସଚେତନତା ଅଭିଯାନ ଜରିଆରେ ସ୍ୱାସ୍ଥ୍ୟ ପାଇଁ ରହିଥିବା ଚ୍ୟାଲେଂଜଗୁଡ଼ିକୁ ସମାଧାନ କରିବାରେ ପ୍ରତିବଦ୍ଧ ଅଟୁ। ଲୋକଙ୍କ ମଧ୍ୟରେ ଏହି ରୋଗ ସଂପର୍କରେ ରହିଥିବା ଭୟ, ନିନ୍ଦା-କଳଙ୍କକୁ ଦୂର କରି ଏହାର ପ୍ରତିକାର ତଥା ସଚେତନତା ବିଷୟରେ ଉପଯୁକ୍ତ ଶିକ୍ଷା ପ୍ରଦାନ କରିବା ଆମର ଲକ୍ଷ୍ୟ ଅଟେ। ଆମେ ସାମୁହିକ କାର୍ଯ୍ୟକୁ ପ୍ରେରଣା ଦେବା ଓ ସୁସ୍ଥତାର ମାର୍ଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ। ବେଦାନ୍ତ ଆଲୁମିନିୟମ ସ୍ୱାସ୍ଥ୍ୟ ଓ ସଚେତନତା ପଦକ୍ଷେପ ଜରିଆରେ ସମାଜରେ ପରିବର୍ତ୍ତନ ଆଣିବା ପାଇଁ ଉତ୍ସର୍ଗିକୃତ। ବିଭିନ୍ନ ହୀତାଧିକାରୀଙ୍କୁ ନିୟୋଜିତ କରି ବିଶ୍ୱ ଏଡସ ଦିବସକୁ ପାଳନ କରିବା ଓ ସଚେତନ ବୃଦ୍ଧି କରିବା ପ୍ରୟାସ ଜାରୀ ରଖିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ତ୍ରୁଟି କଲେ...

ପ୍ରମାଣିତ ହୁଏ ଯେ ଏହି ଅଧିନିୟମ ଅଧୀନରେ କୌଣସି ନିର୍ଦ୍ଦେଶକ, ବରିଷ୍ଠ ପରିଚାଳନା କିମ୍ବା ସେବା ଯୋଗାଣକାରୀ ସଂସ୍ଥାର ଦାୟିତ୍ୱରେ ଥିବା ବ୍ୟକ୍ତିଙ୍କ ସହମତି କିମ୍ବା ସହଯୋଗରେ ଅପରାଧ ଘଟିଛି, ତେବେ ସେ ଅତି କମ୍‌ରେ ୩ବର୍ଷରୁ ୧୦ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ ୧ କୋଟି ଟଙ୍କାରେ ଦଣ୍ଡିତ ହେବାକୁ ଦାୟୀ ରହିବେ। ଜରିମାନା ପୈଠରେ ଖିଲାପ କଲେ ଅତିରିକ୍ତ ଜେଲଦଣ୍ଡ ଭୋଗିବେ। ଏହି ଧାରାରେ ଥିବା କୌଣସି ବିଷୟ ଯେପରି କୌଣସି ବ୍ୟକ୍ତିଙ୍କୁ ଏହି ଅଧିନିୟମ ଅନୁଯାୟୀ କୌଣସି ଦଣ୍ଡପାଇଁ ଦାୟୀ କରିବ ନାହିଁ। ଯଦି ସେ ପ୍ରମାଣ କରନ୍ତି ଯେ ସେହି ଅପରାଧ ତାଙ୍କ ଅଜାଣତରେ କରାଯାଇଥିଲା ଏବଂ ସେ ଏଭଳି ଅପରାଧକୁ ରୋକିବା ପାଇଁ ସମସ୍ତ ପ୍ରକାର ସତର୍କତା ଅବଲମ୍ବନ କରିଥିଲେ। ଯଦି କୌଣସି ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ସମୂହ ତଥା ପରୀକ୍ଷା ପରିଚାଳନାକାରୀ ଅଥବା ସେବା ଯୋଗାଣକାରୀ କିମ୍ବା କୌଣସି ଅନୁଷ୍ଠାନ, କୌଣସି ସଂଗଠିତ ଅପରାଧ କରନ୍ତି ତେବେ ସେ ଅତି କମ୍‌ରେ ୫ରୁ ୧୦ବର୍ଷ ଜେଲ ସହ ୧ କୋଟି ଟଙ୍କା ଜରିମାନାରେ ଦଣ୍ଡିତ ହେବେ। ବିଲ୍ ଆଗତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ରାଜ୍ୟର ଭବିଷ୍ୟତଙ୍କ ସହ ପ୍ରତାରଣା କରୁଥିଲେ ପୂର୍ବ ସରକାର। ପୂର୍ବ ସରକାରର ଏହି ଲିଗାସିକୁ ଭାଙ୍ଗିବାକୁ ପଡ଼ିବ। ଗଣତନ୍ତ୍ର ଉପରେ ପୂର୍ବ ସରକାର ବାରମ୍ବାର ହାତୁଡ଼ି ମାରୁଥିଲା। ଯାହାର ପ୍ରତିଫଳନ ୨୦୨୪ ନିର୍ବାଚନରେ ଓଡ଼ିଶାବାସୀ ଦେଖାଇଛନ୍ତି। ପୂର୍ବ ସରକାରଙ୍କ ନିଯୁକ୍ତିରେ ସ୍ୱଚ୍ଛତା ନଥିଲା, ବରଂ ଦୁର୍ନୀତି ଭରି ରହିଥିଲା। ନିଯୁକ୍ତିକୁ ପୂର୍ବ ସରକାର ସାଧାରଣ ଭାବେ ନେଉଥିଲେ। ଯେଉଁ ଅଧିକାରୀ ଦାୟିତ୍ୱରେ ରହୁଥିଲେ ସେ ନିଜେ ପରୀକ୍ଷାପତ୍ର ପ୍ରଘଟ ର୍ୟାକେଟରେ ସଂପୃକ୍ତ ରହୁଥିଲେ। ଶୁକ୍ରବାର ବିଧାନସଭାରେ ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍ ୨୦୨୪ ଆଗତ କରି ବିରୋଧୀଙ୍କ ଉପରେ ଏମିତି କିଛି କହି ପ୍ରବଳ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଥିଲେ, ଖୋଦ୍ ସଚିବାଳୟରେ ନିଯୁକ୍ତିରେ ବଡ଼ ଚଞ୍ଚକତା ହୋଇଛି। ଏଏସ୍‌ଓ ନିଯୁକ୍ତିରେ ହୁଣ୍ଡା ମୂଲ୍ୟରେ ଡାକି ନିଯୁକ୍ତି ଦେଉଥିଲେ ପୂର୍ବ ସରକାର। ସରକାରଙ୍କ ନାକତଳେ ସବୁକିଛି ହେଉଥିଲେ ମଧ୍ୟ ସରକାର କାହିଁକି ଚୁପ୍ ଥିଲା ବୋଲି ସେ ପ୍ରଶ୍ନ କରିଥିଲେ। ଶ୍ରୀ ମାଝୀ ଆହୁରି କହିଥିଲେ ଯେ ଛାତ୍ରଛାତ୍ରୀଙ୍କ ପରିବାର ନିଜ ଦୁଃଖକୁ ଚାପି ରଖି ପିଲାଙ୍କ ଭବିଷ୍ୟତ ଗଢିବା ପାଇଁ ଜମି ବିକି ପିଲାଙ୍କୁ କୋଚିଂରେ ପଢାଉଥିଲେ। କିନ୍ତୁ ନିଯୁକ୍ତି ବେଳକୁ ସେମାନଙ୍କୁ ଚାକିରି ମିଳୁନଥିଲା। ଅଯୋଗ୍ୟଙ୍କୁ ଯୋଗ୍ୟ ବନାଇ ନିଯୁକ୍ତି ଦେଉଥିଲେ ପୂର୍ବ ସରକାର। ଯୋଗ୍ୟ ପିଲାଙ୍କ ଭବିଷ୍ୟତକୁ ଆଜିର ଦିନରେ ଅନ୍ଧାରକୁ ଠେଲି ଦେଇଥିଲେ ପୂର୍ବ ସରକାର। ଯେଉଁ କାରଣରୁ ପିଲାମାନେ ଆତ୍ମହତ୍ୟା କରିଛନ୍ତି। ତେଣୁ ଆଗକୁ ସେମିତି ହେବ ନାହିଁ ବୋଲି ଶ୍ରୀ ମାଝୀ ଆଶ୍ୱାସନା ଦେବା ସହ ଓଡ଼ିଶା ସାର୍ବଜନୀନ ପରୀକ୍ଷା ବିଲ୍ ଆଇନରେ ପରିଣତ ହେବାର ଆବଶ୍ୟକତା ଅଛି ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ ଏହି ବିଲ୍‌ର ଧାରା ୧୨(୧)ରେ ଅପରାଧୀ ଜେଲ ଯିବା ସହ ଜରିମାନା ଦେବେ। ଧାରା ୧୨(୨) ଅନୁଯାୟୀ ଯେଉଁ ଅନୁଷ୍ଠାନ ଏପରି କରିଥିବ, ତାକୁ ବାତିଲ କରିବା ସହ ଜବତ କରାଯିବ। ସୁଧୁରି ଯାଅ ନଚେତ ଆମେ ସୁଧାରି ଦେବୁ ବୋଲି ଅପରାଧୀଙ୍କୁ ଚେତାବନୀ ଦେଇଥିଲେ ମୁଖ୍ୟମନ୍ତ୍ରୀ। ସେ କହିଥିଲେ ସ୍ୱଚ୍ଛତା ଓ ସାଧୁତା ଆମ ସରକାରର ଦାୟିତ୍ୱ। ଯାହା ପ୍ରତିଶ୍ରୁତି ଦେଇଛୁ ତାହା କରି ଦେଖାଇବୁ। ପୂର୍ବ ସରକାର ଆଉଟ୍‌ସୋର୍ସରେ ରହି ଯାଇଥିଲେ। ଆଗକୁ ଦେଢଲକ୍ଷ ନିଯୁକ୍ତି ଦିଆଯିବ ଓ ଖାଲି ସମସ୍ତ ପଦବୀ ପୂରଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେ ଆହୁରି କହିଥିଲେ ଯେ ଏଏସ୍‌ଓ ଚାକିରି ୨୫ରୁ ୩୦ ଲକ୍ଷ ଟଙ୍କାରେ ବିକ୍ରି ହେଉଥିଲା। ପୂର୍ବ ସରକାରରେ ସ୍ୱଚ୍ଛତା ବୋଲି କିଛି ନଥିଲା। ତେବେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ବୟାନକୁ କାଉଣ୍ଟର କରିଥିଲେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ସେ କହିଥିଲେ, ପୂର୍ବ ସରକାର ବିରୁଦ୍ଧରେ ମୁଖ୍ୟମନ୍ତ୍ରୀ ଯେଉଁ ଅଭିଯୋଗ ଆଣିଛନ୍ତି ସେ ନେଇ ସରକାର ତଦନ୍ତ କରି ଦଣ୍ଡ ଦିଅନ୍ତୁ। ଏ ଆଇନ ନୂଆ ନୁହେଁ। କେନ୍ଦ୍ର ସରକାର ଆଇନ ଆଣିଛନ୍ତି ଓ ତାକୁ ଏ ସରକାର କପିପେଷ୍ଟ କରୁଛି ବୋଲି ସେ କହିଥିଲେ। ସେ କହିଥିଲେ, ରାଜ୍ୟବାସୀଙ୍କ ସ୍ୱାର୍ଥକୁ ସରକାର ଧ୍ୟାନ ନ ଦେଇ ପୂର୍ବ ସରକାର ଉପରେ ବର୍ଷିବା ନିନ୍ଦନୀୟ।

### ବିଧାନସଭାରେ ହଙ୍ଗାମା...

ନିବେଦନର କୌଣସି ପ୍ରଭାବ କଂଗ୍ରେସ ବିଧାୟକ ମାନଙ୍କ ଉପରେ ପଡି ନ ଥିଲା ଓ ସେମାନେ ହଙ୍ଗାମା ଜାରି ରଖିଥିଲେ । ଏହି କାରଣରୁ ବାଚସ୍ପତି ଗୃହକୁ ୧୧.୩୦ ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ । ଏହି କାରଣରୁ ଆଜି ପ୍ରଶ୍ନକାଳ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇ ପାରି ନ ଥିଲା । ୧୧.୩୦ରେ ପୁଣିଥରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ମାନେ ଏହି ପ୍ରସଙ୍ଗରେ ହଙ୍ଗାମା କରିବା ପୁଣି ଥରେ ଆରମ୍ଭ କରିଥିଲେ । ବାଚସ୍ପତି ସୁରମା ପାଢୀ କହିଥିଲେ ଯେ ଏହି ମାମଲା ବିଚାରାଧୀନ ଥିବାରୁ ଏ ସମ୍ପର୍କରେ ଗୃହରେ ଆଲୋଚନା କରାଯାଇ ପାରିବ ନାହିଁ। ଏହା ପରେ ବିରୋଧୀ ବିଧାୟକ ମାନେ ପୁଣି ଥରେ ହଙ୍ଗାମା କରିବା ଆରମ୍ଭ କରି ଦେଇଥିଲେ । ଏହି କାରଣରୁ ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ ।


**AFFIDAVIT**

By virtue of an Affidavit before the Excutive Magistrate Satyabadi,dated on 11/11/24 I Shyam Barik aged about 53yrs, S/O Anant Barik of village Ichhapur,Po-Dahan,P.S-Satyabadi,Dist- Puri. I hereby My LIC policy No.is 586082612 as Kedar Barik.That Kedar Barik is my nick name.But as per Adhar card my name is Shyam Barik.Hence fourth Shyam Barik and Kedar Barik is same and one person for all purposes.

**NOTICE**

By virtue of an affidavit before Notary Public Prasanta Kumar Nanda, Bhubaneswar affidavit no-240 on Dated.12.06.2024 I, **Jaishree Birok**, Aged about 45 Years, W/o.: Gurucharan Birok, resident of Flat No.: 114, Block-D, Falcon Residency, Patia, PO.: KIIT, PS.: Infocity, Bhubaneswar, Dist.: Khurda, Odisha- 751024, Adhar No.: 7639 4587 1658 do hereby has changed my daughter name Anshika Birok to **Aashirya G Birok.** Henceforth, She will be known as **Aashirya G Birok** for all purpose.

**Aashirya G Birok**

**AFFIDAVIT**

By virtue of an affidavit (No. CF-50, dtd- 22.11.2024) sworn before the Executive Magistrate, Bhu- baneswar, I Satya-bhama Nanda, W/o.- Girish Chandra Nanda, resident of at - Ghadual, Majhisahi, PO./PS./ Dist.- Nayagarh, PIN-752069, Odisha declare that my actual name is **Satyabhama Nanda** in all documents but in my daughter **Sushree Priyadarshini Nanda**'s birth certificate my name has been wrongly menti-oned as Satyabhama Dixit. Henceforth I shall be known as **Satyabhama Nanda**, mother of **Sushree Priyadarshini Nanda** for all future purposes.

**ESAF**
ESAF SMALL FINANCE BANK
REGD. OFFICE: ESAF Bhavan, Mannuthy, Thrissur- 680 651, Kerala.

**GOLD AUCTION NOTICE**

Notice is hereby given for the information of all concerned that gold ornaments pledged with ESAF Small Finance Bank and not redeemed by borrowers, despite repeated reminders and notices, of our branches, are listed below. This will be auctioned as per the details given below.

DATE OF AUCTION: **20-12-2024** TIME: **2 pm to 5 pm**
AUCTION VENUE: **Through e-Auction**
AUCTION ADDRESS: **https://egold.auctiontiger.net**
CONTACT NUMBER: **90990 13705 / 63518 96640**

To register as bidder for the e-Auction with terms and conditions, and full details of e-Auction please visit the above site.

**BRANCHES AND LOAN ACCOUNT NUMBERS**

BALANGIR: 75230002335754, 2358041, 2295528, 63230000508872, BHUBANESHWAR: 75230002306040, 75240001285075, 1297893, 1304372, 1203982, 1207194, 63230000492489, 1262909, 1163505, 1294768, 1155131, 1209231, 1130248, 1133243, 1286404, CHANDANPUR: 75240001209851, 1260013, 1259595, 1210068, CUTTACK: 75240001144052, 1143874, 1304652, JEYPORE: 75230002302017, NABRANGPUR: 75240001292122, NAYAGARH: 63240000222160, 75240001153414, 1184625.

Customers who are interested to release the ornaments by paying the total due amount may do so, at the respective branches, on or two days before the date of the auction. Bidders who wish to participate in the auction shall produce their KYC documents. GST No. is mandatory for registered firms/companies. Bidders shall deposit a sum of Rs.50,000 as EMD before participating in the auction.

Place: Thrissur
Date: **07-12-2024**

Sd/-
Authorized Signatory


**ZILLA SWATHYA SAMITI, RAYAGADA**
**(UNDER NATIONAL HEALTH MISSION)**

In- House Advertisement E-545

Advt. No:21/NHM/2024 Date:03/12/2024

Zilla Swasthya Samiti (ZSS) Rayagada invites the application from In-house contractual employees of NHM working in same post under OSH&FWS Society in other district and desiring to be posted in Rayagada district. Interest candidates are requested to log on the district website i.e. (www.rayagada.odisha.gov.in ) for down loading the application form, detail vacancies and guideline etc. The complete filled application forms along with other documents should reach the office of **CDM&PHO, Rayagada, At-Barijhola, Po-Rayagada Pin-765002** by **19.12.2024 at 5.00 P.M through speed/Regd. posts only.** The envelope containing the application should be superscripted clearly the name of the post applied for..............under NHM otherwise it is rejected. The under signed reserve right to reject/ cancel any or all application without assign reason thereof.

Sd/-
CDMPHO Cum DMD, Rayagada

**OIPR 10035/11/0007/2425**

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, ANGUL**

O-796

No. **2965** // Dt.**05.12.2024**

**2nd Corrigendum to Bid Identification No. Road Online-AGL-12/2024-25**

Due to some unavoidable circumstances the last date of Online for bidding and opening of the date has been extended as follows in respect of the tender for Road works invited in Tender Call Notice Bid Identification No. Road Online-AGL- 12/2024-25 by the Procurement officer Chief Construction Engineer, Rural Works Circle,Angul.

| Availability of Tender on-line for bidding | | Date & Time of opening Technical Bid |
|---|---|---|
| From | To | |
| 1 | 2 | 3 |
| 21.11.2024 at 10.00 A.M | 27.12.2024 upto 5.00 PM | 30.12.2024 at 11.00 AM |

All other terms and conditions remain unchanged.

**Sd/-**Chief Engineer,
Rural Works Circle,Angul

**OIPR 25180/11/0021/2425**

NATIONAL HEALTH MISSION
ZILLA SASTHYA SAMITI, DEOGARH

Advt. No. **5412** Dt. **05.12.2024** E-560

TENDER DOCUMENT FOR SUPPLY OF RAW FOOD MATERIALS UNDER COMMUNITY SUPPORT TO TB PATIENTS UNDER ZSS, DEOGARH

Sealed tenders are invited for supply of raw food materials under community support to TB patients under ZSS Deogarh. Intending bidders may obtain Tender paper containing Terms & Conditionin the district NIC website i.e., https://deogarh.odisha.gov.in .The sealed tender papers to be submitted to the CDM & PHO, Deogarh on or before dt:16/12/2024 by Regd. post/Speed post/Courier up to 05.00PM and the same will be opened on the next day i.e.,17/12/2024 at 11.00AM at NHM Conference Hall, Deogarh, O/o the CDM & PHO, Deogarh.

| Sl. No. | Place of opening of the Tender Paper | Date of opening sealed Tender paper | Time of opening sealed tender paper |
|---|---|---|---|
| 1. | NHM Conference Hall, O/o the CDM & PHO, Deogarh | 17/12/2024 | 11.00 AM |

The Bidder or his Authorized representative may remain present at the time of opening of the sealed tender as per the above schedule programme. Authorization certificate will be submitted by the bidder to authorize his representative to attend the bidding process. The authority reserves the right to accept or cancel any or all tenders without assigning any reason thereof.

Sd/-
CDM & PHO cum- District Mission Director,
Deogarh

**OIPR 10113/11/0005/2425**

**OFFICE OF THE REGULATED MARKET COMMITTEE,JUNAGARH .**
**At -Junagarh , Po- Junagarh**
**Dist.: Kalahandi(Odisha),**
Tender Call notice No. 97 / RMC dated: - 25.11.2024 .
Bid Identification no.01/RMC- Junagarh /2024-25
***e-procurement noticeIFB (Invitation for bids)***

H-59

| Sr. No. | Item | Details |
|---|---|---|
| 1 | The Sub Collector Dharmagarh-Cum-Chairman RMC Junagarh invites percentage rate bids in Double/Single cover system in ONLINE MODE only for work as detailed below: | |
| 2 | Nature of the work | Construction of building works and Agricultural Marketing Infrastructures |
| 3 | No of work | 2 No |
| 4 | Bid Cost | Rs10000.00 online transfer. |
| 5 | Value of Tender | Rs 197.31 lakhs |
| 6 | Class of Contractor | B & A Class |
| 7 | Availability of BID Documents in the website | Dt 07.12.2024 to 23.12.2024 |
| 8 | Last date/time of Receipt of bids in the portal | Dt 24.12.2024 up to 5.00 P.M |
| 9 | Date of opening of bid | Dt 26.12.2024 at 11.00 A.M |
| 10 | The Bidders have to participate in ONLINE bidding only. Further details can be seen from the website :*https://tendersorissa.gov.in.* Any Addendum/Corrigendum/Cancellation of the Tender etc can also be seen in the website:*https://tendersorissa.gov.in.* | |

Sd/-
Sub-Collector, Dharmagarh-cum-
Chairman, RMC, Junagarh.

**OIPR 01538/11/0007/2425**

**Office of the Panchayat Samiti, Banpur**

i-346

Letter No. 10343 / Dt. 03.12.2024

CORRIGENDUM

In partial modification to this office order No 10246 dated 25.11.2024, It is hereby informed that the date of availability of e-Tender for online bidding & Opening of e-Tender shall be read as **10.12.2024 to 24.12.2024 & 26.12.2024** respectively.
The all other text in the NIT remain unchanged

Block Development Officer
Banpur

**OIPR 19081/11/0004/2425**

GOVERNMENT OF ODISHA
HOUSING & URBAN DEVELOPEMENT
**OFFICE OF THE EXECUTIVE OFFICER,**
**NAC Barpali**
**E-mail Id –** barpalinac@gmail.com

C-1197

BID IDENTIFICATION No- EOBRP/02/2024-25 DATED 05.12.2024

| | | |
|---|---|---|
| 1 | Type of the work | : As per DTCN |
| 2 | No of works | : 1 0 (Ten) |
| 3 | Class of contractor | : "D" or "C" |
| 4 | Bid identification No | : EOBRP/02/2024-25 |
| 5 | Estimated cost | : As per DTCN |
| 6 | Period of completion | : As per DTCN. |
| 7 | Date and time of availability of bid documents in the portal | : Dt. 07.12.2024 at 11.00 AM to Dt. 16.12.2024 up to 5.00 PM. |
| 8 | Last date/ time for receipt of bids in the portal | : Dt. 16.12.2024 up to 5.00 PM. |
କାକଟପୁର (ଭାସ୍କର ନ୍ୟୁଜ): କାକଟପୁର ବ୍ଲକ କୁଣ୍ଢେଇ ଗ୍ରାମ ପଞ୍ଚାୟତ ପାଟପୁର ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା, ଉକ୍ତ ଗ୍ରାମର ଯୁବକ ରଞ୍ଜିତ ନାୟକ (ସୋଲା) ନିଆଳି ଥାନା (ପନିମାଳ) ସ୍ଥିତ କବିତା ନାୟକଙ୍କୁ ୨୦ ବର୍ଷ ତଳେ ବୈଦିକ ରୀତିନୀତି ରେ ବିବାହ କରିଥିଲେ। ରଞ୍ଜିତଙ୍କର ପୁଅ ଓ ଝିଅ ଦୁଇଟି ସନ୍ତାନ ଥିଲାବେଳେ ଦୁଇ ଜଣ ମେଧାବୀ । ହଠାତ୍ ୫ ତାରିଖ ଗୁରୁବାର ଦିନ ସକାଳେ ରଞ୍ଜିତଙ୍କ ସ୍ତ୍ରୀ କବିତା ପୋଲିସକୁ ସୂଚନା ଦେଇଥିଲେ ତାଙ୍କ ସ୍ୱାମୀ ବେକ ରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତ। କିନ୍ତୁ ଏହାକୁ ସମ୍ପୂର୍ଣ୍ଣ ରୂପେ ରଂଜିତଙ୍କ ପରିବାର ଲୋକ ଓ ଗ୍ରାମବାସୀ ଖଣ୍ଡନ କରିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ ସ୍ୱାମୀ ସ୍ତ୍ରୀଙ୍କ ଦାମ୍ପତ୍ୟ ଜୀବନରେ ସଦାସର୍ବଦା କଳିଝଗଡା ଲାଗୁଥିଲା, ରଞ୍ଜିତ ଅସ୍ତରଙ୍ଗରୁ ଭୁବନେଶ୍ୱର ଯାଉଥିବା ଏକ ଘରୋଇ ବସରେ ଡ୍ରାଇଭର ଥିଲେ। ଏହି ଘଟଣା ଘଟିବା ପରେ ପାଟପୁର ଗ୍ରାମ ରେ ଏକ ପ୍ରକାର ଶୋକର ପରିବେଶ ସୃଷ୍ଟି ହୋଇଥିଲା।ରଞ୍ଜିତ ଙ୍କ ବନ୍ଧୁ ବାନ୍ଧବ ଓ ପରିବାର ଲୋକ ଗ୍ରାମରେ ରୁଣ୍ଡ ହୋଇଥିଲେ। ଆଉ ସଭିଙ୍କ ମୁହଁ ରେ କେବଳ ଗୋଟେ ଅଭିଯୋଗ ରଞ୍ଜିତ ର ମୃତ୍ୟୁ ପାଇଁ କେବଳ ତାଙ୍କ ସ୍ତ୍ରୀ ହି ଦାୟୀ। ଘଟଣା ସ୍ଥଳରେ କାକଟପୁର ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ବେଳେ ବରୁଣେଇ ପାଟପୁର ର ରଞ୍ଜିତ ଙ୍କ ଭଉଣୀ ଲୋଭା ରାଉତ ତାଙ୍କ ଭାଉଜ ଯଥା ରଞ୍ଜିତଙ୍କ ସ୍ତ୍ରୀ କବିତା ନାୟକ ଓ ତାଙ୍କ ପ୍ରେମିକ ନାମରେ କାକଟପୁର ଥାନା ରେ ହତ୍ୟା ଅଭିଯୋଗ କରିଛନ୍ତି । ଏତଲା କୁ ଭିତ୍ତି କରି କେଶ ନମ୍ବର ୨୪୦/୨୪ ରେ କେଶ ପଞ୍ଜିକରଣ କରାଯାଇ ତଦନ୍ତ ଚାଲୁ ରହିଛି । ଏତଲାକାରୀଙ୍କ ରିପୋର୍ଟ ଆଧାର ରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କାକଟପୁର ପୋଲିସ ଶବ ଜବତ କରି ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଛେଦ ପାଇଁ ପଠାଇଛି । ଗ୍ରାମବାସୀ ଓ ପରିବାର ଦାବୀ କରିଛନ୍ତି ଉପଯୁକ୍ତ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡ ବିଧାନ କରାଯାଉ। ନଚେତ ଆଗାମୀ ଦିନରେ କାକଟପୁର ଥାନା ସାମ୍ନା ରେ ଧାରଣା ଦିଆଯିବ। କାକଟପୁର ଥାନା ଅଧିକାରୀ ଉମେଶ ସାହୁ ପ୍ରତିକ୍ରିୟା ଦେଇଛନ୍ତି ।ଏହାକୁ ତଦନ୍ତ କରାଯାଇ ଖୁବ ଶୀଘ୍ର ଘଟଣାର ସତ୍ୟାସତ୍ୟ ସାମ୍ନା କୁ ଅଣାଯିବ।

# ଶିମିଳିପାଳରେ ବନ୍ଧୁକ ସହିତ ତିନି ଶିକାରୀଙ୍କୁ ଧରିଲା ଏଆଇ କ୍ୟାମେରା

କରଞ୍ଜିଆ (ଭାସ୍କର ନ୍ୟୁଜ): ଶିମିଳିପାଳ ଅଭୟାରଣ୍ୟ ଭିତରେ ଶିକାର କରିବା ପାଇଁ ଯାଇଥିବା ଶିକାରୀଙ୍କୁ ଧରିଲା ଇଓ କ୍ୟାମେରା। ଇଓ କ୍ୟାମେରା ମାଧ୍ୟମରେ ୩ ଶିକାରୀଙ୍କୁ ଧରିଲା ବନବିଭାଗ ସେମାନଙ୍କ ଠାରୁ ୫ ଟି ଦେଶୀ ବନ୍ଧୁକ, ଗୋଟିଏ ଛୋଟ ବନ୍ଧୁକ, ବନ୍ଧୁକରେ ବ୍ୟବହୃତ ଗୁଣ୍ଡ, ଧନୁତୀର, ବିସ୍ଫୋରକ ଓ ଫାସ ଜବତ କରିଛି ବନବିଭାଗ । ୩ ଅଭିଯୁକ୍ତ ହେଉଛନ୍ତି ବାଙ୍ଗିରିପୋଷି ଥାନା ଅଞ୍ଚଳର ଜଲଦିହା ଗ୍ରାମର କରନ୍ ମାରାଣ୍ଡି , କାରୁ ହାଁସଦା ଓ ବୁଧୁରାୟ ସୋରେନ୍। କରନ ମାରାଣ୍ଡିକୁ ଶିମିଳିପାଳ ମଧ୍ୟରୁ ଗିରଫ କରିଥିବାବେଳେ ଅନ୍ୟ ଦୁଇ ଶିକାରୀଙ୍କୁ ସେମାନଙ୍କ ଗାଆଁରୁ ଗିରଫ କରିଛି ବୋଲି ସୂଚନା ଦେଇଛନ୍ତି । ସମସ୍ତଙ୍କୁ ୱାଇଲ୍ଡ ଲାଇଫ ଏକ୍ଟ ଅନୁଯାଇ ଗିରଫ କରି ସି ଜି ଏମ କୋର୍ଟ ବାରିପଦା କୁ ଫରୱାର୍ଡ କରିଛନ୍ତି ବୋଲି ସୂଚନା ଦେଇଛନ୍ତି ଶିମିଳିପାଳ କର୍ତ୍ତୃପକ୍ଷ।



# ସଂସଦରେ ୫୫ ନଂ ଜାତୀୟ ରାଜପଥ ପ୍ରସଙ୍ଗ ଉଠାଇଲେ ସାଂସଦ ରୁଦ୍ର



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ଜୀବନ ରେଖା ଭାବେ ପରିଚିତ କଟକ ସମ୍ବଲପୁର ୪ଲାଇନ୍ ବିଶିଷ୍ଟ ୫୫ନଂ ଜାତୀୟ ରାଜପଥର କାର୍ଯ୍ୟକୁ ତୁରନ୍ତ ସାରିବାକୁ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ସଂସଦରେ ତାଙ୍କ ପ୍ରଶ୍ନ କାଳରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି । ଏହି ଅବସରରେ ଶ୍ରୀ ପାଣି ୨୦୧୪ ମସିହାରେ ଭାଜପା ସରକାର ଭାରତ ବର୍ଷରେ ଶାସନ କ୍ଷମତାକୁ ଆସିବା ପରେ ରାଷ୍ଟ୍ରୀୟ ରାଜମାର୍ଗକୁ ଅଧିକରୁ ଅଧିକ ବିକାଶ କରିଛନ୍ତି । ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଭାଗୀୟ ମନ୍ତ୍ରୀ ନୀତିନ ଜୟରାମ ଗଡକରୀଙ୍କୁ ସମସ୍ତେ ଅଶେଷ ଧନ୍ୟବାଦ ପ୍ରଦାନ କରିଛନ୍ତି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ଢେଙ୍କାନାଳ ଓ ଅନୁଗୁଳ ଦେଇ କଟକରୁ ସମ୍ବଲପୁର ସହର ଯାଇଥିବା ୫୫ନଂ ଜାତୀୟ ରାଜପଥର ଚାରିଲେନ୍ ନିର୍ମାଣ କାର୍ଯ୍ୟ ବହୁତ ଧୀମା ଗତିରେ ଚାଲିଛି । ୨୦୧୭ ଜୁଲାଇ ମାସରେ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗଡକରୀ ଏହି ପ୍ରକଳ୍ପର ଅନୁଗୁଳ ବାଇପାସ୍ ରାସ୍ତା ଶିଳାନ୍ୟାସ କରିଥିଲେ । ଇତି ମଧ୍ୟରେ ୭ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି । ଏହି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଉ । ସେହିପରି ଅନୁଗୁଳରୁ ୨୨ କି.ମି. ଧରି ନିର୍ମାଣାଧୀନ ବାଇପାସ୍ ରାସ୍ତାକୁ ତ୍ୱରିତ ବେଗରେ କରାଗଲେ ଅନୁଗୁଳ ସହର ମଧ୍ୟରେ ଦେଖାଯାଉଥିବା ବହୁ ସମସ୍ୟାର ସମାଧାନ ହୋଇପାରିବା ସହିତ ଜନଜୀବନ ସୁରକ୍ଷିତ ହୋଇପାରିବ । ଏପରିକି ଏହି ରାସ୍ତାରେ ନିର୍ମାଣ ହେବାକୁ ଥିବା ହାତୀ ଚଲାପଥ, ଓଭରବ୍ରିଜ, ନାଳ ଉପରେ ପୋଲଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ କରାଗଲେ ଏହି ପ୍ରକଳ୍ପ ଖୁବ୍ ଶୀଘ୍ର ଶେଷ ହେବା ସହ କଟକ ସମ୍ବଲପୁର ମଧ୍ୟରେ ଯାତାୟାତ ସୁଗମ ହୋଇପାରିବ ବୋଲି ସଂସଦରେ କହିଥିଲେ । ଏହି ରାସ୍ତାର ନିର୍ମାଣ କାର୍ଯ୍ୟ ବିଳମ୍ବକୁ ବରଦାସ୍ତ କରାଯାଇ ପାରିବ ନାହିଁ । ବିଳମ୍ବିତ ହେଉଥିଲେ ହେଁ ଦ୍ରୁତଗତି ଗତିରେ ଢେଙ୍କାନାଳ ଉପକଣ୍ଠ ବାଇପାସ୍ ରାସ୍ତାରେ ଅଣ୍ଡର ପାସ୍ ନିର୍ମାଣ କରାଯାଉ ବୋଲି ଶ୍ରୀ ପାଣି ସଂସଦରେ ସରକାରଙ୍କୁ ନିବେଦନ କରିଥିଲେ ।

# ନିର୍ବାଚନ ସାକ୍ଷରତା ସମ୍ପର୍କୀତ ଆଲୋଚନାଚକ୍ର




ବାରିପଦା (ଭାସ୍କର ନ୍ୟୁଜ): ସ୍ଥାନୀୟ ତକତପୁର ସ୍ଥିତ ମହାରାଜ ପୂର୍ଣ୍ଣ ଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ର ରାଜନୀତି ବିଜ୍ଞାନ ବିଭାଗ ଅଧିନସ୍ଥ ଏମପିସି 'ନିର୍ବାଚନ ସାକ୍ଷରତା କ୍ଲବ ଆନୁକୂଲ୍ୟ ରେ ନିର୍ବାଚନ ସାକ୍ଷରତା ସମ୍ପର୍କିତ ଆଲୋଚନା ଚକ୍ର ଓ ସଚେତନତା କାର୍ଯ୍ୟକ୍ରମ ମହା ବିଦ୍ୟାଳୟର ଅଧକ୍ଷ ପ୍ରଫେସର ପ୍ରମୋଦ ଚନ୍ଦ୍ର ସାହୁ ଙ୍କର ପୌରାହିତ୍ୟ ରେ ଅନୁଷ୍ଠିତ ହୋଇପାରିଛି। ବାରିପଦା ଜିଲ୍ଲାପାଳ ଅଫିସର ସହାୟକ ଜିଲ୍ଲାପାଳ ନିହାର ରଞ୍ଜନ ନାଥ ଓ ବିଶ୍ୱନାଥ ପ୍ରଧାନ ମହାବିଦ୍ୟାଳୟ ମାନଙ୍କରେ ନିର୍ବାଚନ ସକ୍ଷରତା କ୍ଲବର ଆବଶ୍ୟକତା ଓ ଭୋଟର ତାଳିକାର ନୂତନ ଭୋଟରଙ୍କ ନାମ ସଂଯୋଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କ୍ଲବର ନୋଡାଲ ଅଫିସର ଡ. ଅରୁଣ ରାୟ ଗଣତନ୍ତ୍ର ଶାସନ ବ୍ୟବସ୍ଥାର ନିର୍ବାଚନ ଓ ମତଦାନ ର ମୂଲ୍ୟବୋଧ ଉପରେ ଆଲୋକପାତ କରିବା ସହିତ କ୍ଲବର ଉଦ୍ଦେଶ୍ୟ, କାର୍ଯ୍ୟକ୍ରମ ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। କଲେଜର ଅଛଡ଼େମିକ ବର୍ଜର ଓ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଆଲବର୍ଟିନା ତିର୍କୀ ଗଣତନ୍ତ୍ରକୁ ସୁଦୃଢ କରିବା ଦିଗରେ ନିର୍ବାଚନ ସକ୍ଷରତା ର ଦ୍ୱାସଙ୍ଗୀ ଗତ ଓ ଉଦୟତା ସମ୍ପର୍କ ରେ ନିଜର ବକ୍ତବ୍ୟ ରଖିଲେ। ଉପଜିଲ୍ଲାପାଳ କାର୍ଯ୍ୟାଳୟର ଅଫିସ ର ବୈଷୟିକ ସହାୟକ ଶ୍ରୀ କାର୍ତ୍ତିକ ପ୍ରସାଦ ଦାଶ ଓ ଚିନ୍ମୟ ଭଦ୍ର ଭୋଟର ତାଲିକାର ନୂତନ ଭୋଟରଙ୍କ ନାମ ସଂଯୋଗ ଉପରେ ଆଧାରିତ ଏକ 'ପରୀକ୍ଷଣ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। କ୍ଲବର ଛାତ୍ର ପରିଷଦର ସଭାପତି ମନୋଜ ମହାନ୍ତି ଉପସଭାପତି ବୟରଞ୍ଜନ ଦତ୍ତ ଓ ଅନ୍ୟ ସଦସ୍ୟ ମାନେ ଯଥା ତପନ, ପ୍ରକାଶ, ଦକ୍ଷଜା ସକ୍ରିୟ ଭାବେ ଅଂଶ ଗ୍ରହଣ କରିଥିଲେ। ପରିଶେଷରେ କ୍ଲବର ସକ୍ରିୟ ସଦସ୍ୟ ସୁନିତା ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଶ୍ୱ ମୃତ୍ତିକା ଦିବସ ପାଳିତ



ଜଗତସିଂହପୁର (ଭାସ୍କର ନ୍ୟୁଜ) ଆଜି ତିର୍ତ୍ତୋଲ ବ୍ଲକର ମଣିଜଙ୍ଗା ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଛି । ଉକ୍ତ ଉତ୍ସବରେ ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା , ଆତ୍ମା ଅଧକ୍ଷ ଦେବେନ୍ଦ୍ର କୁମାର ମଲ୍ଲିକ,ମଣିଜଙ୍ଗା ଗ୍ରା.ପ ର ସରପଞ୍ଚ ଶଶଧର ମଲ୍ଲିକ, ସମିତି ସଭ୍ୟ ନଚିକେତା ଦାସ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା , ସହକାରୀ କୃଷି ନିର୍ଦ୍ଦେଶକ ସମଲେଇ ପ୍ରସାଦ ପରିଡା, ମୃତ୍ତିକା ସଂରକ୍ଷଣ ବିଭାଗ, ଜଗତସିଂହପୁର ର ସହକାରୀ ନିର୍ଦ୍ଦେଶକ ଜ୍ୟୋତି ରଞ୍ଜନ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁର ର ବୈଜ୍ଞାନିକ ଡ ପ୍ରଦୀପ୍ତ କୁମାର ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ବିଶ୍ୱ ମୃତ୍ତିକା ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ପୋଷ୍ଟର ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀମାନଙ୍କୁ ବ୍ଲକ୍ ଅଧକ୍ଷ ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ଏବଂ ତିର୍ତ୍ତୋଲ ବ୍ଲକର ଚାଷୀ ମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଉପସ୍ଥିତ ବୈଜ୍ଞାନିକ ଏବଂ ବିଭାଗୀୟ ଅଧିକାରୀ ମାନଙ୍କ ଦ୍ୱାରା ବିଶ୍ୱ ମୃତ୍ତିକା ଦିବସର ତାତ୍ପର୍ଯ୍ୟ ଏବଂ ମୃତ୍ତିକା ର ଯତ୍ନ,ପରିମାପ, ପର୍ଯ୍ୟବେକ୍ଷଣ ଓ ପରିଚାଳନା ଉପରେ ବୈଷୟିକ ଜ୍ଞାନ ପ୍ରଦାନ କରାଯାଇଥିଲା।

# ବିଶ୍ୱ ଭିନ୍ନକ୍ଷମ ଦିବସ ଓ ସହାୟକ ଯନ୍ତ୍ର ବଣ୍ଟନ



ଶୁଳିଆପଦା,୩/୧୨(ଭାସ୍କର ନ୍ୟୁଜ):ଶୁଳିଆପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ ସ୍ଥାନୀୟ ନାରାୟଣ ବିଦ୍ୟାପୀଠ ଖେଳ ପଡିଆରେ ବିଶ୍ୱ ଭିନ୍ନକ୍ଷମ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି ।ପୂର୍ବାହ୍ନରେ ପ୍ରଭାତଫେରି ସହିତ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଭିନ୍ନକ୍ଷମ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ,ସଙ୍ଗୀତ, ନୃତ୍ୟ, ବଲପାସ୍ ପ୍ରତିଯୋଗିତା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାରା ମଞ୍ଚ ଝୁମିଯାଇଥିଲା। ଏଥି ସହିତ ୩୨ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନଙ୍କୁ ଟ୍ରାଇ ସାଇକେଲ୍, ହ୍ୱିଲ୍ ଚେୟାର, ଆଶାବାଡ଼ି, ଶ୍ରବଣ ସହାୟକ ଯନ୍ତ୍ର,ଚକି ଗାଡି ଇତ୍ୟାଦି ସହାୟକ ଉପକରଣ ବଣ୍ଟନ କରା ଯାଇଥିଲା ।ଏହି ଉତ୍ସବକୁ ବ୍ଲକ୍ ଅଧକ୍ଷା ପାନମଣୀ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ତହସିଲଦାର ଭୁବନାନନ୍ଦ ନାଏକ୍, ଗୋଷ୍ଠୀ ଶିକ୍ଷା ଅଧିକାରୀ ମାଳତୀ ଟୁଡୁ,ବିଆରସିସି ସରୋଜ କୁମାର ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକରୀ ଜଗନ୍ନାଥ ନାଏକ୍, ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ର ନାଥ କିସ୍କୁ,ସିଡିପିଓ ତନୁଶ୍ରୀ ମିଶ୍ର,ବ୍ଲକ୍ ଉପାଧକ୍ଷ ଜ୍ୟୋତିଲାଲ ବାରିକ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ପିଲା ମାନଙ୍କର ସର୍ବାଙ୍ଗୀନ ଉନ୍ନତି କରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆହ୍ୱାନ ଦେଇଥିଲେ ।ଶହେ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକ ମାନଙ୍କ ସହିତ ଏହି ସମାରୋହରେ ଯୋଗ ଦେଇଥିଲେ ।କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବଣ୍ଟନ ସହିତ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା ।ବିଇଓ ଶ୍ରୀମତୀ ଟୁଡୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ବିଆରଟି ପ୍ରଦୀପ କୁମାର ଦଳେଇ ମଞ୍ଚ ପରିଚାଳନା କରିଥିଲେ। ସିଆରସିସି ଅମୂଲ୍ୟ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ ବିଆରଟି ଶ୍ରୀଧର ସାହୁ କାର୍ଯ୍ୟକ୍ରମ ସଂପାଦନା କରିଥିଲେ ।ସମସ୍ତ ସିଆରସିସି, ଶିକ୍ଷକ,ଶିକ୍ଷୟତ୍ରୀ, କେଜିବିଭିର କର୍ମଚାରୀଙ୍କ ସହିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାଧନାର କର୍ମଚାରୀମାନେ ସହଯୋଗ କରିଥିଲେ। ଗୋଷ୍ଠୀ ଶିକ୍ଷା କେନ୍ଦ୍ରର ସମସ୍ତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମକୁ ସୂଚାରୁ ରୁପେ ସମ୍ପାଦନା କରିବାରେ ବିଶେଷ ସହାୟତା ପ୍ରଦାନ କରିଥିଲେ।

# ଜଳିଗଲା ବିକଳାଙ୍ଗଙ୍କ ତିନିଚକିଆ ଗାଡି



ଝରିଗାଁ (ଭାସ୍କର ନ୍ୟୁଜ୍) : ଜଳିଗଲା ଜଣେ ବିକଳାଙ୍ଗଙ୍କ ତିନି ଚକିଆ ବାଇକ। କିଏ ଜାଳିଦେଲା କି କୌଣସି କାରଣରୁ ଜଳିଗଲା ସେ ସମ୍ପର୍କରେ ବର୍ତ୍ତମାନ ସୁଦ୍ଧା ଖବର ନଥିଲେ ମଧ୍ୟ ମାମଲାକୁ ନେଇ ଡାବୁଗାଁ ଥାନାରେ ମୌଖିକ ଅଭିଯୋଗ କରିଥିବା କହିଛନ୍ତି ଚାଟିଗୁଡା ଗ୍ରାମର ବରୁଣ ଦାସ। ବରୁଣ ଜଣେ ବିକଳାଙ୍ଗ ହୋଇଥିବା ବେଳେ ସେ ନିଜର ଯାତାୟାତ ପାଇଁ ଏକ ଜୁପିଟର ZX B six ତିନି ଚକିଆ OD ୭୪ ଏ ୩୦୩୭ ବାଇକ ୨୦୨୧ମସିହାରେ କିଣିଥିଲେ। ତେବେ ବରୁଣଙ୍କ କହିବା ପ୍ରକାରେ ରାତି ପାଖାପାଖି ୧୦.୩୦ ଘଣ୍ଟ ବେଳେ ଶବ୍ଦ ଶୁଣି ବାହାରକୁ ଆସି ଦେଖିବା ବେଳେକୁ ତାଙ୍କ ଗୋଟିଏ ଗୋଡ଼ କହିଲେ ଅତ୍ୟୁକ୍ତି ହେବନାହିଁ ସେହି ବାଇକ ଟି ହୁତୁ ହୁତୁ ହୋଇ ଜଳୁଥିଲା, ବିକଳାଙ୍ଗ ମଣିଷଟା ଲିଭେଇବା ଲାଗି ଚେଷ୍ଟା କରିଥିଲେ ମଧ୍ୟ ବାଇକଟି ସମ୍ପୂର୍ଣ୍ଣ ଜାଳିପୋଡି ପାଉଁଶ ହୋଇଯାଇଛି ତେବେ ଘଟଣା ସମ୍ପର୍କରେ ଡାବୁଗାଁ ପୋଲିସ ସମେତ ବିଧାୟକଙ୍କୁ ମଧ୍ୟ ଦୁଃଖ ଜଣେଇଥିବା ପ୍ରକାଶ କରିଛନ୍ତି। ବରୁଣ ଜଣେ ବିକଳାଙ୍ଗ ଗରିବ ପରିବାରର ହୋଇଥିବାରୁ ସେ ସରକାରୀ ସହାୟତା ଲାଗି ନିବେଦନ କରିଛନ୍ତି

# କୃଷି କାର୍ଯ୍ୟାଳୟରେ ବିଶ୍ୱ ମୃତ୍ତିକା ଦିବସ



ଖପ୍ରାଖୋଲ(ଭାସ୍କର ନ୍ୟୁଜ): ସ୍ଥାନୀୟ କୃଷି କାର୍ଯ୍ୟାଳୟ ପରିସରରେ ବିଶ୍ୱ ମୃତ୍ତିକା ଦିବସ ଏଟି ଏମ ମାନସ ରଞ୍ଜନ ଖମାରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ସହକାରୀ କୃଷି ଅଧିକାରୀ ଦୀନବନ୍ଧୁ ବେହେରା, ମୁଖ୍ୟବକ୍ତା ରୁପେ ଏଫ୍ ଇ ଏସ ମାଷ୍ଟର ଟ୍ରେନର ଅଭୟ ତ୍ରିପାଠୀ , ଏ ଟି ଏମ ପରେଶ ମେହେର ପ୍ରମୁଖ ଯୋଗଦେଇ ବିଶ୍ୱ ମୃତ୍ତିକା ଦିବସ ଉପରେ ଆଲୋକପାତ କରିବା ସହିତ ମାଟିର ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେବା ସହିତ ପ୍ରଦୂଷଣ ବନ୍ଦ କରିବା ଉପରେ କହିଥିଲେ। ଏହି ଅବସରରେ ମାଟିକୁ ପାଣି ଦେଇ ପୂଜା କରି ମାଟିକୁ ରାସାୟନିକ ସାର ଓ କୀଟନାଶକ ଠାରୁ ସୁସ୍ଥ ରଖିବାକୁ ଶପଥ କରିଥିଲେ। ନୀଳାମ୍ବର ବିଶ୍ୱାଳ, ତପନ ଛତର, ଲଳିତ ପଧାନ, ଛାୟାକାନ୍ତ ବାରିକ ପ୍ରମୁଖ କୃଷକ ସାଥି, କୃଷି କର୍ମଚାରୀ ଉପସ୍ଥିତ ଥିଲେ।

# ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଚିକିତ୍ସକ ଆସୁନାହାନ୍ତି, ଚିକିତ୍ସା ଅଭାବରୁ ମରୁଛନ୍ତି ହଜାର ହଜାର ପ୍ରାଣୀ

ଚିକିଟୀ(ଭାସ୍କର ନ୍ୟୁଜ): ରାଜ୍ୟରେ ପ୍ରାଣୀ ଧନ ସ୍ୱାସ୍ଥ୍ୟବସ୍ଥାର ଉନ୍ନତି ସକାଶେ ଓ ଗୃହପାଳିତ ନିରୀହ ଜନ୍ତୁଙ୍କ ଉତ୍ତମ ଦେଖାରଖା ସକାଶେ ସେତେବେଳର ଜନନାୟକ ତଥା ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନସାମନ୍ତରାଙ୍କ ଅବଦାନ ସ୍ୱରୂପ ୧୯୮୩ମସିହାରେ ଚିକିଟୀ ବ୍ଲକର ନୂଆପଡା ଗ୍ରାମରେ ଏକ ପ୍ରାଣୀଧନ ଚିକିତ୍ସାଳୟ ସ୍ଥାପନ କରାଯାଇଥିଲା। ଏହି ପ୍ରାଣୀଧନ ଚିକିତ୍ସାଳୟ ଉପରେ ଆଖପାଖ ପ୍ରାୟ ୫୦ରୁ ଅଧିକ ଗ୍ରାମର ଲୋକେ ନିର୍ଭର କରନ୍ତି, କିନ୍ତୁ ଦୁଃଖର ବିଷୟ ଏହିକିଯେ ସରକାରଙ୍କ ଅଣଦେଖା ଯୋଗୁଁ ଏଠାରେ ନିଯୁକ୍ତି ପାଇଥିବା କର୍ମଚାରୀଙ୍କୁ ଅନ୍ୟତ୍ର ଡେପୁଟେସନ ରେ ପଠାଇଦେଇଥିବା ଯୋଗୁଁ ସମୟାନୁ କ୍ରମେ ଏହା ବର୍ତ୍ତମାନ ଏକ ପ୍ରକାର ବନ୍ଦ ହେବା ଅବସ୍ଥାକୁ ଚାଲିଆସିଲାଣି। ଏଠାରେ ନିଯୁକ୍ତି ପାଇଥିବା ପ୍ରାଣୀ ଚିକିତ୍ସକଙ୍କୁ ବ୍ରହ୍ମପୁର ଏବଂ ପ୍ରାଣୀଧନ ନିରୀକ୍ଷକଙ୍କୁ କୋରାପୁଟ ଡେପୁଟେସନରେ ପୂର୍ବ ବିଜେଡି ସରକାର ପଠାଇଦେଇଥିବା ବେଳେ ଏକମାତ୍ର ରୋଗା କ୍ରାନ୍ତ ତୃତୀୟ ଶ୍ରେଣୀ କର୍ମଚାରୀ ଅଛନ୍ତି, ଯଦ୍ୱାରା ପ୍ରାୟ ସମୟ ଏହା ବନ୍ଦ ହୋଇରହୁଛି। କୌଣସି ଗୃହ ପାଳିତ ପଶୁପକ୍ଷୀଙ୍କ ସ୍ୱାସ୍ଥ୍ୟର ଦ୍ରୁତ ଅବନତି ଘଟିଲେ ୧୫କିଲୋମିଟର ଦୂରରେ ଥିବା ଚିକିଟୀ ପ୍ରାଣୀ ଚିକିତ୍ସାଳୟକୁ କୌଣସି ଏକ ଗାଡି ଭଡା କରି ନିଆଯାଉଛି। ଦୁଃଖଗରିବ ଶ୍ରମିକ କିମ୍ବା କୃଷକ ମାନଙ୍କ କୌଣସି ପ୍ରାଣୀ ଅସୁସ୍ଥ ହେଲେ ପଇସା ଅଭାବରୁ ତାକୁ କୌଣସି ଚିକିତ୍ସା ନକରି ମରିବାକୁ ଛାଡିଦିଆଯାଉଥିବା ଲକ୍ଷ୍ୟ କରଯାଉଛି। ସରକାର ଏପଟେ ପ୍ରାଣୀଙ୍କ ସୁରକ୍ଷା ସକାଶେ ଏବଂ ଲୋକମାନେ ଗୃହପାଳିତ ପଶୁପକ୍ଷୀ ଅଧିକମାତ୍ରାରେ ପାଳନ କରିବା ନିମନ୍ତେ କାମଧେନୁ ଯୋଜନା ଭଳି ଅନେକ ଲୋକ ଦେଖାଣିଆ ଯୋଜନା କରି ବାହାବାଃ ନେଉଥିବାବେଳେ ଏପଟେ ଚିକିତ୍ସା ଅଭାବରୁ ହଜାର ହଜାର ପ୍ରାଣୀ ମୃତ୍ୟୁବରଣ କରୁଛନ୍ତି। ଏଣୁ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ସରକାରଙ୍କୁ ଅନୁରୋଧ କରାଯାଉଛି ଯେ ଯଥା ଶୀଘ୍ର ଡେପୁଟେସନ ରେ ପଠାଇଥିବା କର୍ମଚାରୀଙ୍କୁ ଏଠାରେ ପୁନଃ ନିଯୁକ୍ତି ପ୍ରଦାନ କରି ଯଥାଶୀଘ୍ର ଭୁତ କୋଠରୀ ପାଲିଟିଯାଇଥିବା ଉକ୍ତ ପ୍ରାଣୀ ଚିକିତ୍ସାଳୟ କୁ ଜୀବନ୍ତ ରୂପ ଦିଆଯାଉ।

# ଧାନ କ୍ରୟ ପାଇଁ ସଚେତନତା କର୍ମଶାଳା




ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ଚଳିତ ଖରିଫ ଋତୁରେ ସରକାରଙ୍କ ନିର୍ଦ୍ଧାରିତ ନିର୍ଦ୍ଦେଶନାମା ଅନୁଯାଇ ମଣ୍ଡିରେ ଧାନ କ୍ରୟ କିପରି ଭାବେ କରାଯିବ ସେନେଇ ଆଜି ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜି ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମପଂଚାୟତ କୁଳିଆସ୍ଥିତ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ କେନ୍ଦୁପାଟଣା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ନିରଞ୍ଜନ ସାମଲ,ମାର୍କେଟିଂ ସୁପରଭାଇଜର କିଶୋରଚନ୍ଦ୍ର ଦାସ, ସୋପ୍ନା ସୋରେନ, ଶକ୍ତି ପ୍ରସାଦ ମହାନ୍ତି, ନିବେଦିତା ସରାଫ, ଅମିତା ପ୍ରିୟଦର୍ଶିନୀ, ସାଗରିକା ପରିଡା, ସୁବାଷ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦାନ କରି ଏଫଏକ୍ୟୁ ମାନର ଧାନ କ୍ରୟ କରିବା ନିମନ୍ତେ ସରକାର କାର୍ଯ୍ୟକାରୀ କରିଥିବା ବିଭିନ୍ନ ଦିଗ ଉପରେ ଗଭୀର ଭାବେ ଆଲୋକପାତ କରିଥିଲେ। ଏହି ସଚେତନତା କର୍ମଶାଳାରେ ବହୁ କର୍ମଚାରୀ ଯୋଗଦାନକରି ତାଲିମ ଶିକ୍ଷାଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସେକ ମହମ୍ମଦ ଇଦ୍ରିସ,ଜୟଦେବ ବିଶ୍ୱାଳ, ବ୍ରଜମୋହନ ପଣ୍ଡା, ଧିରେନ୍ଦ୍ରଚନ୍ଦ୍ର ନନ୍ଦ, ନିରଞ୍ଜନ ରାଉତ, ସୁବୋଧ କୁମାର ସାମଲ,ସଞ୍ଜୟ କୁମାର ଦାସ, ଭଗବାନ ଦାସ , ସଞ୍ଜୟ କୁମାର ପରିଡା ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର-ଗୋପପୁରସ୍ଥିତ ବାବା ମୁକୁନ୍ଦ ଦାସ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୨ ମାଟ୍ରିକ ବ୍ୟାଚ ପୁରାତନ ଛାତ୍ର ଛାତ୍ରୀଙ୍କର ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ କେରିଲୋ ଗ୍ରାମପଂଚାୟତ ଘଂଟାଳୋସ୍ଥିତ ମା ରାମଚଣ୍ଡିଙ୍କ ଠାରେ ଏହି ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ବିଦ୍ୟାଳୟର ଅର୍ଦ୍ଧ ଶତାଧିକ ପୁରାତନ ଛାତ୍ର ଛାତ୍ରୀ ଯୋଗଦାନ କରି ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ। ଆଗାମୀ ବର୍ଷ ଏହି ପୁରାତନ ଛାତ୍ରଛାତ୍ରୀଙ୍କ ତରଫରୁ ପରିବେଶ ର ସୁରକ୍ଷା ଓ ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରାଯିବା ନିମନ୍ତେ ସ୍ଥିର କରାଯାଇଥିଲା।




# ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ବିଶାଳ ଶୋଭାଯାତ୍ରା



କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ): ହିନ୍ଦୁ ସୁରକ୍ଷା ମଞ୍ଚ ପକ୍ଷରୁ ଗୁରୁବାର ତିନିମୁହାଣୀ ସ୍ଥିତ ରାମ ମନ୍ଦିର ପରିସରରୁ ବ୍ରହ୍ମଚାରୀ ବିଶ୍ୱଚୈତନ୍ୟ ମହାରାଜଙ୍କ ଅଧ୍ୟକ୍ଷତାରେ ହିନ୍ଦୁ ମାନଙ୍କୁ ସୁରକ୍ଷା ଯୋଗାଇ ଦେବା ନିମନ୍ତେ ଏକ ବିଶାଳ ସମାବେଶ ଏବଂ ରାଲି ବାହାରି ସହର ମଧ୍ୟ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କନ୍ତିଆ ମଠାଧୀଶ ସିଦ୍ଧାର୍ଥ ଶଙ୍କର ଦାସ ମହାରାଜ, ଇସକନ୍ ମଠର ମଠାଧୀଶ ବାବାଜୀ ହରେକୃଷ୍ଣ ଦାସଙ୍କ ସମେତ ସ୍ୱାମୀ ବିଶ୍ୱ ସ୍ୱରୂପା ଗିରୀ ମହାରାଜ, କଳାବୁଦା ଆଶ୍ରମର ସାଧୁବାବା ଗୁଣ୍ଡୁଚୀ ଦାସ ମହାରାଜ, ଛେଦରା ମଠର ମଠାଧିଶ ଯଶୋବନ୍ତ ଦାସ ଏବଂ ରାଜନଗରର ମହିମା ଅଲେଖ ଦାସ ମହାରାଜ ପ୍ରମୁଖ ଯୋଗଦେଇ ବାଙ୍ଗଲାଦେଶରେ ହିନ୍ଦୁ ଲୋକମାନଙ୍କ ପ୍ରତି କରାଯାଉଥିବା ଅନ୍ୟାୟ, ଅତ୍ୟାଚାର ଏବଂ ବିଶେଷ କରି ହିନ୍ଦୁ ମହିଳାମାନଙ୍କ ପ୍ରତି ଅତି ଅମାନବୀୟ ଓ ଅକଥନୀୟ ଅତ୍ୟାଚାରକୁ ଘୋର ବିରୋଧ କରିଥିଲେ। ସେଠାରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ ଯୋଗଦେଇ ଉପରୋକ୍ତ ସାଧୁସନ୍ଥମାନେ ବାଙ୍ଗଲାଦେଶୀମାନେ ହିନ୍ଦୁ ନାରୀମାନଙ୍କୁ ଯେଉଁଭଳି ଭାବରେ ଅତି ବବରୋଚିତ ଭାବେ ମାଡମାରି ହତ୍ୟା କରୁଛନ୍ତି, ହିନ୍ଦୁ ଧର୍ମାବଲମ୍ବୀ ମଠ ମନ୍ଦିର ଗୁଡିକୁ ଭାଙ୍ଗିରୁଜି ନଷ୍ଟ ଭ୍ରଷ୍ଟ କରୁଛନ୍ତି, ବାଙ୍ଗଲା ଦେଶରୁ ଚାଲିଆସି ଭାରତର ବିଭିନ୍ନ କୋଣ ଅନୁକୋଣରେ ଲୁଚିଛପି ରହି ଆତଙ୍କବାଦୀ କାର୍ଯ୍ୟ କଳାପରେ ଲିପ୍ତ ରହି ହିନ୍ଦୁ ଲୋକ ମାନଙ୍କୁ ବାରମ୍ବାର ଆକ୍ରମଣ କରି ଭାରତରେ ଦଙ୍ଗା ପରିସ୍ଥିତି ଓ ହିଂସାକାଣ୍ଡ ଭଳି ଅତି ଦୟନୀୟ ପରିସ୍ଥିତି ସୃଷ୍ଟି କରିବା ଭଳି ବିଭିନ୍ନ ଆତଙ୍କୀ କାର୍ଯ୍ୟକଳାପମାନ କରୁଛନ୍ତି ତାହାର ଦୃଢ ନିନ୍ଦା କରିଥିଲେ। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ବିଭିନ୍ନ ସଂଗଠନର ପ୍ରମୁଖ ବିବେକାନନ୍ଦ ମହାରଣା, ଶଶାଙ୍କ ଶେଖର ଜେନା, ମାଧବ ଚନ୍ଦ୍ର ପ୍ରଧାନ, ବିରେନ୍ଦ୍ର ସାମଲ, ସଞ୍ଜୟ ପତ୍ରି, ଉମେଶ ଦାସ, ବିନୋଦ ଦାସ, ରାଜକିଶୋର ନାୟକ, କରୁଣାକର ସାହୁ, ପ୍ରଫୁଲ୍ଲ ଦାସ, ନୀରଞ୍ଜନ ସୁଆର, ସୁନାକର ବେହେରା, ଲୋକନାଥ ଦାସ, ବୈଦ୍ୟନାଥ ଚାଟାର୍ଜୀ, ଗୀତାଞ୍ଜଳୀ ସେଠୀ, ପ୍ରଦୀପ ନାୟକ, ପ୍ରଭାତ ରଞ୍ଜନ ଦାସ, ଯସପାଲ୍ ସୁତାର, ସୁକାନ୍ତ ସାହୁ, ଉପିନ ରାଉତ, ନେହେରୁ ସାହୁଙ୍କ ସମେତ ତେଜଶ୍ୱର ପରିଡା, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ରହି ସାହାଯ୍ୟ ସହଯୋଗ ପ୍ରଦାନ କରିଥିଲେ।

# ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ହୋଇଥିବା ଆକ୍ରମଣ ପ୍ରତିବାଦରେ ହିନ୍ଦୁ ଏକତା ମଞ୍ଚର ରୋଡ୍ ଶୋ'



ରାଜନଗର(ଭାସ୍କର ନ୍ୟୁଜ୍): ବାଙ୍ଗଲା ଦେଶରେ ହିନ୍ଦୁମାନଙ୍କ ଉପରେ ହେଉଥିବା ଆକ୍ରମଣ ଓ ଅତ୍ୟାଚାରର ପ୍ରତିବାଦରେ ଆଜି କେନ୍ଦ୍ରାପଡା ଜିଲ୍ଲା ରାଜନଗରରେ ହିନ୍ଦୁ ଏକତା ମଞ୍ଚ ପକ୍ଷରୁ ହିନ୍ଦୁ ଜାଗରଣ ଅଭିଯାନ ହୋଇଯାଇଅଛି। ହିନ୍ଦୁ ଏକତା ମଞ୍ଚର ସଭାପତି ଭରତ ଚନ୍ଦ୍ର ରାଉତଙ୍କ ଆହ୍ୱାନ କ୍ରମେ ପଟ୍ଟାମୁଣ୍ଡାଇ -ରାଜନଗର ସୁରକ୍ଷା ବାହିନୀର ସଭାପତି ବ୍ରଜ ଭୂଷଣ ମିଶ୍ର(ମନୁ ଭାଇ)ରାଜନଗର ନିର୍ବାଚନ ମଣ୍ଡଳୀର ସୁରକ୍ଷା ବାହିନୀର ସମ୍ପାଦକ ତଥା କେନ୍ଦ୍ରାପଡା ଜିଲ୍ଲା ଆଦିତ୍ୟ ବାହିନୀ ସଭାପତି ବିକାଶ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବାଙ୍ଗଲାଦେଶୀଙ୍କ ସଂଖ୍ୟା ବୃଦ୍ଧିକୁ ରୋକଲଗାଇ ସ୍ୱତନ୍ତ୍ର ଗୋହତ୍ୟା ଆଇନ ଆଣିବା ଦାବିନେଇ ତିନିଶହରୁ ଉର୍ଦ୍ଧ୍ୱ ସଚେତନ ରାଷ୍ଟ୍ରବାଦୀ ଯୁବକ ତ୍ରୀନାଥ ବଜାର ଓ ରାଜନଗର ବଜାର ପରିକ୍ରମା କରି ଗୋପାଳପୁରୁ ବିଜୁପଟ୍ଟନାୟକ ପାର୍କରେ ସଭା କରିଥିଲେ। ଦିନକୁ ଦିନ ଅନୁପ୍ରବେଶକାରୀ ରାଜନଗର ଅଞ୍ଚଳରେ ପ୍ରବେଶ କରି ଲୁହା ଲଟା ଦୋକାନ କରିବା ସହ ସରକାରୀ ଜାଗାରେ ଘର କରି ପିଲାମାନଙ୍କୁ ଅସାମାଜିକ ସାଙ୍ଗମାନଙ୍କରେ ଛାଡୁଥିବାରୁ ସ୍ଥାନୀୟ ଲୋକଙ୍କ ସହିତ ଗଣ୍ଡଗୋଳ କରିବାକୁ ପଛାଉ ନାହାଁନ୍ତି ।ଏପରିକି ସେମାନଙ୍କ ଘରକୁ ଦଳେ ଦଳେ ବାଙ୍ଗଲା ଦେଶୀ ଅନୁପ୍ରବେଶକାରୀ ଯିବା ଆସିବା କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ତଦନ୍ତ କରିବାକୁ ଆଗ୍ରହ ଦେଖାଯାଉନାହିଁ ବୋଲି ଅଭିଯୋଗ ହେଉଛି। ଯାହାଫଳରେ ରାଜନଗର ବଜାରରେ ବାଙ୍ଗଲାଦେଶି ବ୍ୟବସାୟୀଙ୍କର ଦିନକୁ ଦିନ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗୁଛି। ଯଦି ସେମାନଙ୍କ ରହିବା ସ୍ଥାନ ତଦନ୍ତ କରିବା ସହ ୬୦/୭୦ମସିହାରୁ ଥିବା ବଙ୍ଗାଳି ସମ୍ପ୍ରଦାୟଙ୍କ ବିଷୟରେ ତଦନ୍ତ କରାଗଲେ ପ୍ରକୃତ ବାସିନ୍ଦା ଲୋକଲୋଚନକୁ ଆସନ୍ତେ ।ଏହାକୁ ନେଇ ବିଜେପି ଜିଲ୍ଲା ସଭାପତି କିଶୋର ଭାଇଙ୍କ ଡାକରାରେ ଆସନ୍ତାକାଲି କେନ୍ଦ୍ରାପଡା ତିନି ମୁହାଁଣି ଠାରୁ ପ୍ରତିବାଦ ରାଲିବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାବୀପତ୍ର ଦେବାର କାର୍ଯ୍ୟକ୍ରମ ରହିଛି।

# ରାମଚଣ୍ଡୀ ହାଇସ୍କୁଲ ହେଡ୍ମାଷ୍ଟରଙ୍କ ବିରୁଦ୍ଧରେ ସଂଗୀନ ଅଭିଯୋଗ

ଟାଙ୍ଗୀ (ଭାସ୍କର ନ୍ୟୁଜ): ନୟାଗଡ଼ ଜିଲ୍ଲା ଚାନ୍ଦପୁର ଅଞ୍ଚଳରେ ଥିବା ରାମଚଣ୍ଡୀ ନୋଡ଼ାଲ ହାଇସ୍କୁଲର ଇନ୍-ଚାର୍ଜ ହେଡ୍ ମାଷ୍ଟର ଙ୍କ ମେରୀରାୟ ଶାସନ ବିରୁଦ୍ଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ । ଚଞ୍ଚକତା କରି ମଧ୍ୟାହ୍ନ ଭୋଜନରେ ଅର୍ଥ ଆତ୍ମସାତ ସାଙ୍ଗକୁ ସ୍କୁଲ ପରିସର ଅଳିଆ ଆବର୍ଜନା ସଫେଇ ଓ ଅନ୍ୟାନ୍ୟ ଖର୍ଚ୍ଚ ଦର୍ଶାଇ ଅର୍ଥ ଆତ୍ମସାତ ଭଳି ସଙ୍ଗୀନ ଅଭିଯୋଗ ସବୁ ରାମଚଣ୍ଡୀ ହାଇସ୍କୁଲର ଇନ୍-ଚାର୍ଜ ହେଡ୍ ମାଷ୍ଟର ପଦ୍ମ ଚରଣ ବିଶ୍ୱାଳଙ୍କ ବିରୁଦ୍ଧରେ ଆସିଛି । ସ୍କୁଲ ପରିଚାଳନା କମିଟି , ଅଭିଭାବକ , ସ୍ଥାନୀୟ ଜନପ୍ରତିନିଧି ମାନେ ଏଭଳି ଲିଖିତ ଅଭିଯୋଗ କରିଛନ୍ତି। ରାମଚଣ୍ଡୀ ହାଇସ୍କୁଲର ଇନ୍-ଚାର୍ଜ ହେଡ ମାଷ୍ଟର ପଦ୍ମ ଚରଣ ବିଶ୍ୱାଳଙ୍କ ଏତାଦୃଶ କାର୍ଯ୍ୟଧାରାକୁ ନେଇ ସ୍କୁଲ ପରିଚାଳନା କମିଟିର କର୍ମକର୍ତ୍ତାମାନେ ସରଜମିନ ତଦନ୍ତ କରି ସ୍କୁଲର ଇନ୍-ଚାର୍ଜ ହେଡ୍ ମାଷ୍ଟର ପଦ୍ମ ଚରଣ ବିଶ୍ୱାଳ ଙ୍କ ସହିତ ଆଲୋଚନା କରିବା ପାଇଁ ଚେଷ୍ଟା କରିବାରୁ ସ୍କୁଲର ଇନ୍-ଚାର୍ଜ ହେଡ ମାଷ୍ଟର ପଦ୍ମ ଚରଣ ବିଶ୍ୱାଳ ଅଶାନ୍ତ ବାତାବରଣ ସୃଷ୍ଟି କରି ବିଶୃଙ୍ଖଳିତ ଆଚରଣ-ଉଚ୍ଚାରଣ ପ୍ରଦର୍ଶନ କରିଥିଲେ । ଯାହାକୁ ନେଇ ସ୍କୁଲ ପରିଚାଳନା କମିଟି , ଅଭିଭାବକ , ସ୍ଥାନୀୟ ଜନପ୍ରତିନିଧି ମାନେ ଜିଲ୍ଲାପାଳ ଙ୍କୁ ଲିଖିତ ଅଭିଯୋଗ ସହିତ ଶିକ୍ଷା ସଚିବ , ଶିକ୍ଷା ବିଭାଗର ନିର୍ଦ୍ଦେଶକ ଙ୍କୁ ଦେଇଛନ୍ତି । ଏହାର ତ୍ୱରିତ ତଦନ୍ତ ସାଙ୍ଗକୁ ସ୍କୁଲର ଇନ୍-ଚାର୍ଜ ହେଡ୍ ମାଷ୍ଟର ପଦ୍ମ ଚରଣ ବିଶ୍ୱାଳଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅଭିଯୋଗ ପରେ ଏକ ତଦନ୍ତକାରୀ ଟିମ୍ ପ୍ରାଥମିକ ତଦନ୍ତ କରିଛନ୍ତି । ଅନ୍ୟପଟରେ ସ୍କୁଲର ଇନ୍-ଚାର୍ଜ ହେଡ୍ ମାଷ୍ଟର ପଦ୍ମ ଚରଣ ବିଶ୍ୱାଳଙ୍କ ବିରୁଦ୍ଧରେ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସ୍କୁଲ ପରିଚାଳନା କମିଟି , ଅଭିଭାବକ , ସ୍ଥାନୀୟ ଜନପ୍ରତିନିଧି ମାନେ କହିଛନ୍ତି ।



ଅମୃତଭଣ୍ଡାର ସ୍ୱାସ୍ଥ୍ୟପ୍ରଦ ଗୁଣ ଯୋଗୁଁ ସମସ୍ତଙ୍କ ପାଇଁ ତାହା ଏକ ପ୍ରିୟ 'ଫଳ ଆଉ ପରିବା'ର ମାନ୍ୟତା ରଖି ଆସିଛି। ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଥିବା ଅମୃତଭଣ୍ଡାକୁ ନିୟମିତ ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ଏଥିରେ ଥିବା ବିଟା-କ୍ୟାରୋଟିନ୍ ଚର୍ମରେ କୋଲାଜେନ୍ ସୃଷ୍ଟିରେ ସହାୟକ ହୋଇ ତ୍ୱଚାକୁ ସୂର୍ଯ୍ୟରଶ୍ମିଜନିତ କ୍ଷତିର ଭରଣା କରିଥାଏ। ଗୋଟିଏ ଛୋଟ ଅମୃତଭଣ୍ଡାରୁ ଆମର ଦୈନିକ ଆବଶ୍ୟକ ଭିଟାମିନ୍ ସି'ର ପୂର୍ଣ୍ଣ ପରିମାଣ ମିଳିଥାଏ। ଏଥିସହିତ ଅମୃତଭଣ୍ଡାରେ ଥିବା 'ପାପାଇନ୍' ନାମକ ଏଞ୍ଜାଇମ୍ ଆମର ହଜମକ୍ରିୟାରେ ପ୍ରୋଟିନ୍‌କୁ ଭାଙ୍ଗି ଜୀର୍ଣ୍ଣତାକୁ ସୁଗମ କରିଥାଏ। ଫଳରେ ପେଟ ଫୁଲିବା କି ବାନ୍ଧିବା ସମସ୍ୟା ହୋଇନଥାଏ। ଅମୃତଭଣ୍ଡାରେ ଉଚ୍ଚମାନର ତନ୍ତୁ ଓ ଜଳ ରହିଥାଏ, ଯାହା ବୃହଦନ୍ତ୍ରରେ ଖାଦ୍ୟ ସାମଗ୍ରୀ ବର୍ଜ୍ୟର ପ୍ରବାହକୁ ସୁଗମ କରି କୋଷ୍ଠକାଠିନ୍ୟ ଦୂର କରିଥାଏ। ଅମୃତଭଣ୍ଡାରେ ଥିବା ଭିଟାମିନ୍ ସି' ସମେତ ଆଣ୍ଟିଅକ୍ସିଡାଣ୍ଟଗୁଡ଼ିକ ଶରୀରକୁ ହୃଦ୍‌ରୋଗ ଓ କର୍କଟଜନିତ ଅକ୍ସିଡେଟିଭ୍ ଚାପରୁ ମୁକ୍ତ ରଖିଥାଏ। ଏହା ଶ୍ୱେତ ରକ୍ତକଣିକା ସୃଷ୍ଟିରେ ସହାୟକ ହୋଇ ଶରୀରର କୌଣସି ପ୍ରକାର ସଂକ୍ରମଣ କି ପ୍ରଦାହ ବିରୋଧରେ କାମ କରିଥାଏ। ଏଥିରେ ଥିବା ତନ୍ତୁସାର ଓ ପୋଟାସିଅମ୍ ଖଣିଜସାର ରକ୍ତଚାପ ଓ କୋଲେଷ୍ଟ୍ରୋଲ୍ ସ୍ତରକୁ କମାଇ ହୃତ୍‌ପିଣ୍ଡ ସ୍ୱାସ୍ଥ୍ୟକୁ ଉନ୍ନତ ରଖିଥାଏ। ସେହିପରି ଏଥିରେ ଥିବା ବିଟା-କ୍ୟାରୋଟିନ୍ ଭିଟାମିନ୍ ଏ'ରେ ରୂପାନ୍ତରିତ ହୋଇ ଚକ୍ଷୁ ପାଇଁ ଉପକାରୀ ହୋଇଥାଏ।



ମ୍ୟାରେଜ୍ କାର୍ଡ ଭାଇରାଲ୍

# ବିବାହ କରିବେ କିର୍ତ୍ତୀ ସୁରେଶ

ସାଉଥ୍ ଅଭିନେତ୍ରୀ କିର୍ତ୍ତୀ ସୁରେଶ। ପ୍ରେମରେ ପଡିବା ପରେ ଏବେ କରିବେ ବିବାହ। ସେ ତାଙ୍କର ଲଙ୍ଗ ଟାଇମ ବୟଫ୍ରେଣ୍ଡ ଆଣ୍ଟୋନି ଥାଟିଲଙ୍କୁ କରିବେ ବିବାହ। ଏନେଇ ନିକଟରେ ଇନଷ୍ଟାଗ୍ରାମରେ ନିଜ ସମ୍ପର୍କକୁ ଅଫିସିଆଲ କରିଥିଲେ। ଅଭିନେତ୍ରୀ କହିଛନ୍ତି ଯେ ସେ ଆଣ୍ଟୋନିଙ୍କ ସହ ଦୀର୍ଘ ୧୫ ବର୍ଷ ଧରି ଅଛନ୍ତି। ଏହାର କିଛିଦିନ ପରେ କିର୍ତ୍ତୀ ସୁରେଶ ତିରୁପତି ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବାର ନଜର ଆସିଥିଲେ। ତେବେ ବର୍ତ୍ତମାନ ଅଭିନେତ୍ରୀଙ୍କ ବିବାହ କାର୍ଡ ଭାଇରାଲ୍ ହେଉଛି। ଏହି କାର୍ଡ ଅନୁଯାୟୀ କିର୍ତ୍ତୀ ଏବଂ ଆଣ୍ଟୋନିଙ୍କ ବିବାହ ଡିସେମ୍ବର ୧୨ରେ ହେବ। ଗୋଆରେ ଏକ ଡେଷ୍ଟିନେସନ ୱେଡ଼ିଂ କରିବେ। ଆଉ ଆରମ୍ଭ ହୋଇ ସାରିଛି ବିବାହ ପ୍ରସ୍ତୁତି। ଦମ୍ପତିଙ୍କ ବିବାହରେ କେବଳ ଘନିଷ୍ଠ ପରିବାର ସଦସ୍ୟ ଯୋଗଦେବେ। ଏହି କାର୍ଡରେ କିର୍ତ୍ତୀଙ୍କ ପିତାମାତା ଜି ସୁରେଶ କୁମାର ଏବଂ ମେନକା ସୁରେଶଙ୍କ ନାଁ ଲେଖାଯାଇଛି। ତେବେ ନଭେମ୍ବର ୨୭ରେ କିର୍ତ୍ତୀ ସୁରେଶ ଆଣ୍ଟୋନି ଥାଟିଲଙ୍କ ସହ ତାଙ୍କର ପ୍ରଥମ ଫଟୋ ସେୟାର କରିଥିଲେ। ଏଥିରେ ଦୁହେଁ ଦୀପାବଳି ପାଳନ କରୁଥିବା ଦେଖିବାକୁ ମିଳିଥିଲା। ଅଭିନେତ୍ରୀ ଲେଖିଥିଲେ - ୧୫ବର୍ଷ ବିତିଗଲାଣି ଏବଂ ଆହୁରି ଅନେକ କିଛି ବାକି ଅଛି। ଆଣ୍ଟୋନିଙ୍କ ସହିତ କିର୍ତ୍ତୀ। ତେବେ କିର୍ତ୍ତୀ ସୁରେଶଙ୍କ ଭାବି ସ୍ୱାମୀ କିଏ ? କିର୍ତ୍ତୀ ସୁରେଶଙ୍କ ଭାବି ସ୍ୱାମୀ ହେଉଛନ୍ତି ଆଣ୍ଟୋନି ଥାଟିଲ। ସେ କୋଚିର ବାସିନ୍ଦା। ଏହା ବ୍ୟତୀତ ସେ ଜଣେ ଦୁବାଇର କୋଟିପତି ବ୍ୟବସାୟୀ। ତାଙ୍କର ରିସର୍ଟ ଚେନ୍ ରହିଛି। ଏହାବ୍ୟତୀତ କୋଚିରେ ତାଙ୍କର ଏକ ରିଟେଲ ଏବଂ କର୍ଟେନର ବ୍ୟବସାୟ ରହିଛି। ସେ ବର୍ତ୍ତମାନ ତାଙ୍କ ଫ୍ୟାମିଲି ବିଜନେସ୍ ଆଗକୁ ନେଉଛନ୍ତି। ତେବେ କିର୍ତ୍ତୀ ସୁରେଶ କ୍ୟାରିୟର ବିଷୟରେ କହିବାକୁ ଗଲେ ସେ ବଲିଉଡ ଡେବ୍ୟୁ କରିବାକୁ ଯାଉଛନ୍ତି। ଅଭିନେତ୍ରୀ ବରୁଣ ଧାୱନଙ୍କ ସହ ଫିଲ୍ମ 'ବେବି ଜନ୍'ରେ ଲିଡ୍ ରୋଲରେ ନଜର ଆସିବେ। ଏହି ଫିଲ୍ମଟି ୨୫ ଡିସେମ୍ବରରେ ମୁକ୍ତିଲାଭ କରିବ।



# 'ରାମାୟଣ'ରେ ଲକ୍ଷ୍ମଣ ଭୂମିକାରେ ନଜର ଆସିବେ ରବି ଦୁବେ



ନିତେଶ ତିୱାରୀଙ୍କ ନିର୍ଦ୍ଦେଶନା ନିର୍ମିତ ଅଭିନେତା ରଣବୀର କପୁରଙ୍କ ଅପକମିଂ ଫିଲ୍ମ 'ରାମାୟଣ'। ଯାହାକୁ ଦର୍ଶକ ବହୁ ଅପେକ୍ଷା ରହିଛନ୍ତି। ଫିଲ୍ମରେ ରଣବୀର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ଚରିତ୍ରରେ ଅଭିନୟ କରିବେ। ସେହିଭଳି ସାଇ ପଲ୍ଲବୀଙ୍କୁ ମା' ସୀତାଙ୍କ ଭୂମିକାରେ ଦେଖିବାକୁ ମିଳିବ। ତେବେ 'ରାମାୟଣ'ରେ ଲକ୍ଷ୍ମଣଙ୍କ ଭୂମିକା କିଏ ନିଭାଇବେ ଜଣାପଡି ନଥିଲା। ଏବେ ସାମ୍ନାକୁ ଆସିଛି ତାଙ୍କ ନାଁ। 'ରାମାୟଣ'ରେ ଲକ୍ଷ୍ମଣଙ୍କ ଭୂମିକାରେ ରବି ଦୁବେ ନଜର ଆସିବେ। ଏହାକୁ ନେଇ ନିଜେ ସ୍ପଷ୍ଟ କରିଛନ୍ତି ରବି ଦୁବେ। ସାକ୍ଷାତକାରରେ ନିଜ ଚରିତ୍ରକୁ ନେଇ କଥା ହେବା ସମୟରେ କହିଛନ୍ତି କି, ମୋର ନିର୍ମାତାଙ୍କ ପରମିଶନ ସହ ମୁଁ ଅଛି। ମୋତେ ଲାଗୁଛି କି ଏହି ପ୍ରୋଜେକ୍ଟରେ ଏକ ପବିତ୍ରତା ଅଛି। ନିର୍ମାତାଙ୍କ ଅନୁମତି କ୍ରମେ ମୁଁ ନିଶ୍ଚିତ କରୁଛି ଯେ ହଁ, ମୁଁ ଫିଲ୍ମରେ ଲକ୍ଷ୍ମଣଙ୍କ ଭୂମିକାରେ ଅଭିନୟ କରୁଛି। ସେ ଭୂମିକା ପ୍ରତି ତାଙ୍କର ଉତ୍ସର୍ଗୀକୃତତା ଏବଂ ରଣବୀର କପୁରଙ୍କ ସହ କାମ କରିବାକୁ ଉତ୍ସାହିତ ଥିବା ବିଷୟରେ ମଧ୍ୟ କହିଥିଲେ। ସେ କହିଛନ୍ତି, 'ସେ ମୋର ବଡ଼ଭାଇ ପରି, ସେ ବହୁତ ଦୟାଳୁ। ବହୁତ ବଡ ଫିଲ୍ମ ସେଟ୍‌ରେ କାମ କରିବା ମୋର ପ୍ରଥମ ଅନୁଭୂତି ହେବା ସହ ରଣବୀରଙ୍କ ଭଳି ମେଗାଷ୍ଟାରଙ୍କ ସହ କାମ କରିବା ଏହା ମୋର ପ୍ରଥମ ଅଭିଜ୍ଞତା। ତାଙ୍କର ଦୟା, ସମସ୍ତଙ୍କ ପ୍ରତି ତାଙ୍କର ସହାନୁଭୂତି, ନୀରବତା, ଶାଳିନତା ମୋତେ ବେଶ୍ ପ୍ରଭାବିତ କରିଛି ଏବଂ ସେ ଆହୁରି ମଧ୍ୟ କହିଛନ୍ତି: 'ସେ ହେଉଛନ୍ତି ସବୁଠାରୁ ସୁନ୍ଦର ବ୍ୟକ୍ତି; ମୁଁ ତାଙ୍କୁ ସମ୍ମାନ କରେ ଏବଂ ସେ ମୋର ବଡ ଭାଇ ପରି। ମୁଁ ତାଙ୍କୁ ବହୁତ ଭଲ ପାଏ।'

# ଶୀତରେ ସ୍ୱାସ୍ଥ୍ୟ ରକ୍ଷା ପାଇଁ ଟିପ୍ସ...



ଶୀତ ଆସିଲେ ଥଣ୍ଡା ଓ ସର୍ଦ୍ଦି ଆସିଯାଏ। ଶୀତ କାରଣରୁ ବେଶୀ ସମୟ ଘର ଭିତରେ ରହିବା ଫଳରେ ସ୍ୱାସ୍ଥ୍ୟଗତ ସମସ୍ୟାଗୁଡ଼ିକ ଧୀରେ ଧୀରେ ବଢ଼ିବାରେ ଲାଗେ। ବିଶେଷକରି ସଂକ୍ରମଣ ହେବାର ବେଶୀ ଆଶଙ୍କା ରହିଥାଏ। ଏଣୁ ଏଭଳି ସଂକ୍ରମଣରୁ କିଭଳି ରକ୍ଷା ପାଇବା ସେଥିପ୍ରତି ସତର୍କ ରହିବା ଜରୁରି...

* ଶୀତ ପୋଷାକ ଓ ହାତରେ ଗ୍ଲୋଭ୍‌ସ ପିନ୍ଧନ୍ତୁ। ଯେଉଁଠି ଗଣ୍ଠି ବେଶୀ ଫୁଲିଥିବ ସେଠି ଉଲ୍‌ର ଆଉ ଏକ କଭର ରଖନ୍ତୁ।
* ଘର ଭିତରେ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ଶରୀର ସକ୍ରିୟ ରହିବ ଓ ବିନ୍ଧା କମ୍ ହେବ।
* ନଖ ଉଷୁମ ପାଣିରେ ଗାଧୋଇବା ହିତକର। ୱାର୍ମବାଥ ପରେ ହଠାତ୍ ବାହାରକୁ ଯିବା ଉଚିତ ନୁହେଁ।
* ଖରାରେ କିଛି ସମୟ ରୁହନ୍ତୁ ଯାହା ଭିଟାମିନ୍ ଡି ଯୋଗାଇ ଦେବ। ଯଦି ଏହା ସମ୍ଭବ ହୋଇପାରୁନାହିଁ ତେବେ ଭିଟାମିନ ଡି ସପ୍ଲିମେଣ୍ଟ ଖାଆନ୍ତୁ। ଯଦିଓ ଏହାର କୌଣସି ହର୍ବାଲ ସପ୍ଲିମେଣ୍ଟ ନାହିଁ ତଥାପି ଯନ୍ତ୍ରଣା କମାଇବାକୁ ଗ୍ଲୁକୋସମାଇନ ଏବଂ କୋଣ୍ଡ୍ରାଇଟିନ୍ ସପ୍ଲିମେଣ୍ଟ ସେବନ କରିବା କିଛି କ୍ଷତିକାରକ ନୁହେଁ।
* ପାଗ ଯେତେବେଳେ ପୁରା ଥଣ୍ଡା ଥାଏ ସେତେବେଳେ କେବେ ବି ବାହାରକୁ ବାହାରନ୍ତୁ ନାହିଁ। ଥଣ୍ଡା ଜାଗାରେ ଖାଲି ପାଦରେ ବି ଚାଲନ୍ତୁ ନାହିଁ। ଯଦି ବାହାରକୁ ଯିବା ଦରକାର ତେବେ ଜୋତା ପିନ୍ଧନ୍ତୁ ଓ ଶୀତରୁ ଶରୀରକୁ ରକ୍ଷା କରିପାରୁଥିବା ଭଲ ପୋଷାକ ବ୍ୟବହାର କରନ୍ତୁ।
* ଓମେଗା-୩ଫ୍ୟାଟି ଏସିଡ୍ ଫୁଲା କମାଇବାରେ ସହାୟକ ହୋଇଥାଏ। ଦିନକୁ ୨ରୁ ୩ଗ୍ରାମ ଆବଶ୍ୟକ। ଏହା ନେବା ଆଗରୁ ଚିକିତ୍ସକଙ୍କ ପରାମର୍ଶ ଲୋଡ଼ନ୍ତୁ। କାରଣ ଏହା ବ୍ଲିଡ଼ିଂ ଭଳି ସମସ୍ୟା ସୃଷ୍ଟି କରିଥାଏ।
* ଲାଇଫ୍‌ଷ୍ଟାଇଲ ପରିବର୍ତ୍ତନ ଯଦି ନକରିପାରୁଛନ୍ତି ତେବେ ନନ୍ ଷ୍ଟିରଏଡ୍ ଆଣ୍ଟିଇନ୍‌ଫ୍ଲାମାଟୋରୀ ଡ୍ରଗ୍ସ ସେବନ କରିପାରିବେ।
* ଶୀତରେ ମସାଜ ମାଂସପେଶୀକୁ ସକ୍ରିୟ ରଖିବା ସହ ଗଣ୍ଠି ଯନ୍ତ୍ରଣା ହ୍ରାସ କରିଥାଏ। ଆକ୍ୟୁପଙ୍କଚର ମଧ୍ୟ ଅନେକ ଲାଭ ପହଞ୍ଚାଇଥାଏ।
* ନଖ ଉଷୁମ ପାଣିରେ ଗାଧାନ୍ତୁ। ଏହାପରେ ଶରୀରରେ ତେଲ ମାଲିସ୍ କରନ୍ତୁ। ପୁରା ଶୁଷ୍କ ସ୍କିନ ଲୋସନ କିମ୍ବା ମଶ୍ଚରାଇଜର ବ୍ୟବହାର କରିବା ଉଚିତ୍।
* ମୁହଁରେ ଫେସ୍ ଲୋସନ ଲଗାନ୍ତୁ। ଉଷୁମ ପାଣିରେ କେବେ ବି ମୁହଁ ଧୁଅନ୍ତୁ ନାହିଁ।
* ହାତ ଓ ପାଦର ସୁରକ୍ଷା ପାଇଁ ଚିଲ୍‌ବ୍ଲେନ୍‌ସରୁ ମୁକ୍ତ ହେବାକୁ ପଡ଼ିବ। ଏଥିପାଇଁ ଏକ ଲିଟର ଉଷୁମ ପାଣିରେ ଏକ ଚାମଚ ଲୁଣ ମିଶାଇ ହାତ ଓ ପାଦ ୫-୧୦ ମିନିଟ୍ ଯାଏ ବୁଡ଼ାଇ ରଖନ୍ତୁ। ଏହାପରେ ଟାୱେଲରେ ଭଲ କରି ପୋଛି ସେଥିରେ ମଏଶ୍ଚରାଇଜର କ୍ରିମ ଲଗାନ୍ତୁ।
* ମୁଣ୍ଡରେ ରୁପି ହେଉଥିଲେ କିମ୍ବା ଶୁଷ୍କ ତ୍ୱଚା ଛାଡୁଥିଲେ ନଡ଼ିଆ, ଅଲିଭ ନଚେତ ଆଲମଣ୍ଡ ତେଲ ମୁଣ୍ଡର ତ୍ୱଚାରେ ଭଲ ଭାବେ ମାଲିସ୍ କରିବା ପରେ ଉଷୁମ ପାଣିରେ ସଫା କରନ୍ତୁ।
* ଓଠକୁ ଶୁଷ୍କ ନରଖିବା ପାଇଁ ମେଟାଲିକ୍ ଲିପଷ୍ଟିକ୍ ବ୍ୟବହାର ଛାଡ଼ନ୍ତୁ। ଲିପ୍ ଗ୍ଲସ ବ୍ୟବହାର କରିବା ମଧ୍ୟ ଭଲ। ଏହାଦ୍ୱାରା ଓଠ ସୁନ୍ଦର ଓ ସତେଜ ଦିଶେ।



# ଗୋଲାପ ଜଳର ଉପକାରିତା



ଗୋଲାପ ଜଳ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଏକ ଉପଯୋଗୀ ଜିନିଷ। ବଜାରରେ ମଧ୍ୟ ଏହା ସହଜରେ ଉପଲବ୍ଧ ହୋଇଥାଏ। ଆପଣ ଚାହିଲେ ଘରେ ମଧ୍ୟ ଏହାକୁ ସହଜରେ ପ୍ରସ୍ତୁତ କରିପାରିବେ। ଗୋଲାପ ପାଖୁଡ଼ାରୁ ପ୍ରସ୍ତୁତ ଏହି ପାଣି ଶରୀର ପାଇଁ ଉପକାରୀ। ଘର ଅଗଣାରେ ହେଉ ଅବା ଫୁଲଦାନିରେ ଶୋଭା ପାଉଥିବା ଗୋଲାପ ଘରର ସୌନ୍ଦର୍ଯ୍ୟକୁ ଯେପରି ବୃଦ୍ଧି କରାଏ ଗୋଲାପ ଜଳ ସେହିପରି ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ। ଏପରିକି ଏହି ଗୋଲାପ ଫୁଲରୁ ରୋଜ ଅଏଲ୍ ପ୍ରସ୍ତୁତ କରାଯାଇ ପରଫ୍ୟୁମ୍‌ରେ ବ୍ୟବହାର କରାଯାଏ। ଗୋଲାପ ଫୁଲରୁ ମଧ୍ୟ ଖାଦ୍ୟ ପ୍ରସ୍ତୁତ ପାଇଁ ଆବଶ୍ୟକ ସାମଗ୍ରୀ ରୂପେ ବ୍ୟବହାର କରାଯାଏ। ଗୋଲାପ ଜଳ ମୁହଁ, କେଶ ଓ ଶରୀର ପାଇଁ ଏକ ବରଦାନ ସଦୃଶ। ଏହି ଗୋଲାପ ଜଳକୁ ବ୍ୟବହାର କରି କିପରି ଆପଣ ନିଜର ଆଖି, କେଶ ଓ ଚର୍ମର ଯତ୍ନ ନେଇପାରିବେ ସେ ବିଷୟରେ ଜାଣନ୍ତୁ...

**ଚର୍ମ :** ଗୋଲାପ ଜଳ ଏକ ପ୍ରାକୃତିକ ଟୋନର୍ ଭଳି କାର୍ଯ୍ୟ କରିଥାଏ। ସେଥିପାଇଁ ୨-୪ବୁନ୍ଦା ଗୋଲାପ ଜଳକୁ ଏକ ତୁଳାରେ ନେଇ ମୁହଁ ଓ ବେକକୁ ପୋଛନ୍ତି। ଏହାଦ୍ୱାରା ଜମି ରହିଥିବା ଧୂଳି ଓ ମଇଳା ବାହାରିଯିବ। ମୁହଁ ପରିଷ୍କାର ଦେଖାଯିବ। ଏପରି ସବୁଦିନ ସକାଳେ ଓ ରାତିରେ କରିବା ଫଳରେ ମୁହଁରେ ଚମକ ଆସିବ। ଆପଣଙ୍କୁ ମଧ୍ୟ ହାଲ୍‌କା ଲାଗିବ।

- ସତେଜତା ଅନୁଭବ କରିବା ପାଇଁ ଏବଂ ଏକ ସୁନ୍ଦର ସୁଗନ୍ଧ ପାଇବା ପାଇଁ ଗାଧୋଇବା ପାଣିରେ ୫-୬ ବୁନ୍ଦା ଗୋଲାପ ଜଳ ମିଶାନ୍ତୁ। ଏହାଦ୍ୱାରା ଆପଣଙ୍କୁ ଆରାମ ଲାଗିବ ଓ ତ୍ୱଚାରେ ମଧ୍ୟ ଚମକ ଆସିବ।
- ତ୍ୱଚା କୁଣ୍ଡାଇ ହେଉଥିଲେ ବା ଲାଲ୍ ଲାଲ୍ ଫଳି ଯାଉଥିଲେ ଗୋଲାପ ଜଳ ଲଗାଇଲେ କିଛି ସମୟ ପାଇଁ ଉପଶମ ମିଳିଥାଏ। ମୁହଁରେ ବ୍ରଣ ହେଉଥିଲେ ଗୋଲାପ ଜଳରେ ମୁହଁ ପୋଛନ୍ତି।

**କେଶ :** କେବଳ ଚର୍ମ ପାଇଁ ନୁହେଁ କେଶରେ ମଧ୍ୟ ଗୋଲାପ ଜଳ ବ୍ୟବହାର କରିପାରିବେ। ଗୋଲାପ ଜଳରେ ମଶ୍ଚରାଇଜିଂ ଓ କଣ୍ଡିସନିଂ କରିବାର ପ୍ରାକୃତିକ ଉପାଦନ ରହିଛି। ସେଥିପାଇଁ ଏହାକୁ ବ୍ୟବହାର କରି କେଶକୁ ମଶ୍ଚରାଇଜିଂ ଓ କଣ୍ଡିସନିଂ କରିପାରିବେ।

- କେଶ ଧୋଇବା ସମୟରେ ସାମ୍ପୁରେ ୨-୪ ବୁନ୍ଦା ଗୋଲାପ ଜଳ ମିଶାଇ ମୁଣ୍ଡ ଧୁଅନ୍ତୁ। ଏହାଦ୍ୱାରା କେଶ ନରମ ହେବା ସହ ଗୋଲାପ ଫୁଲର ସୁବାସ ଅଧିକ ସମୟ ଧାରି ରହିବ।
- କେଶକୁ ଶୀଘ୍ର ଶୀଘ୍ର ବଢ଼ାଇବା ପାଇଁ ଚାହୁଥାନ୍ତି ତେବେ ମୁଣ୍ଡ ଧୋଇ ସାରିବା ପରେ ଅଧା କପ୍ ଗୋଲାପ ଜଳକୁ ମୁଣ୍ଡରେ ମାଲିସ୍ କରନ୍ତୁ।
- ମୁଣ୍ଡରେ ରୁପ ହେଉଥିଲେ ଗୋଲାପ ଜଳରେ ଗ୍ଲିସେରିନ୍ ବା ମୁଲତାନି ମାଟି ମିଶାଇ ମୁଣ୍ଡରେ ଲଗାନ୍ତୁ। ଦେଖିବେ ନିଶ୍ଚିତ ରୂପେ ଉପଶମ ମିଳିବ।
- ଗୋଲାପ ଫୁଲରୁ ପ୍ରସ୍ତୁତ ରୋଜ୍ ଅଏଲ୍‌କୁ କେଶରେ ଲଗାଇବା ଦ୍ୱାରା କେଶ ମଧ୍ୟ ସୁସ୍ଥ ରହେ।

**ଆଖି :** ଆଖି ଉପରେ କୌଣସି କ୍ରିମ୍, ଫେସ୍‌ପ୍ୟାକ୍ ଲଗାଇବା ପାଇଁ ମନା କରାଯାଏ। କାରଣ ଏହା ଏହା ଆଖିକୁ କ୍ଷତି ପହଞ୍ଚାଇ ପାରେ। କିନ୍ତୁ ଆଖିରେ ଗୋଲାପ ଜଳ ବ୍ୟବହାର କରିବା ଦ୍ୱାରା କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ ନାହିଁ। ବରଂ ଏକ ଔଷଧ ରୂପେ କାର୍ଯ୍ୟ କରିଥାଏ। ଆଖି ପାଇଁ ଆୟୁର୍ବେଦର ଶୁଦ୍ଧ ଗୋଲାପ ଜଳ ବ୍ୟବହାର କରନ୍ତୁ।



- ଆଖିକୁ ଆରାମ ଓ ଥଣ୍ଡା ଲାଗିବା ପାଇଁ ଗୋଲାପ ଜଳରେ ତୁଳାକୁ ଭିଜାନ୍ତୁ। ଏହାକୁ ଆଖି ଉପରେ ରଖନ୍ତୁ।
- ଆଖି ଲାଲ୍ ପଡ଼ିଥିଲେ, କୁଣ୍ଡାଇ ହେଉଥିଲେ, ଧୂଳି ବା କୀଟପତଙ୍ଗ ପଡ଼ିଥିଲେ ଦୁଇ ବୁନ୍ଦା ଗୋଲାପ ଜଳ ଆଖିରେ ପକାନ୍ତୁ। କିଛି ସମୟ ଆଖି ବନ୍ଦ କରି ରଖନ୍ତୁ। ଦେଖିବେ ଆପଣଙ୍କୁ ଆରାମ ଲାଗିବ। ଏପରି କରିବା ଦ୍ୱାରା ଆଖି ମଧ୍ୟ ସଂକ୍ରମିତ ହେବନାହିଁ।
- ଆଖି ତଳ କଳା ପଡ଼ିଥିଲେ ବା ଡାର୍କ ସର୍କଲ୍ ହୋଇଥିଲେ ଗୋଲାପ ଜଳ ଲଗାନ୍ତୁ।
- ଆଖି ଥକ୍କା ଲାଗୁଥିଲେ ଚନ୍ଦନ ପାଉଡରରେ ଗୋଲାପ ଜଳ ମିଶାଇ ଆଖିପତାରେ ଲଗାନ୍ତୁ। ଲଗାଇବାର ୧୫ ମିନିଟ୍ ପରେ ଧୋଇ ଦିଅନ୍ତୁ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: ପ୍ରଦୋଷ ପଟ୍ଟନାୟକ
Chief Editor: Pradosh Pattanaik



# ଆମ କଳାହାଣ୍ଡି





### ପାଞ୍ଚ ବର୍ଷରେ ଥରୁଟିଏ ବି ହେଲାନି ମରାମତି

## ବଡକେନ୍ଦୁଗୁଡା-ବୋବରିଆ ରାସ୍ତା ଶୋଚନୀୟ

କୋକସରା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା କୋକସରା ବ୍ଲକ ବୋବରିଆ-ଡେଙ୍ଗାଗୁଡା ଛକଠାରୁ ବଡକେନ୍ଦୁଗୁଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଶେଷ ହେବାଠାରୁ ପାଞ୍ଚ ବର୍ଷ ମଧ୍ୟରେ ଥରୁଟିଏ ମଧ୍ୟ ମରାମତି ହୋଇନାହିଁ। ଯାହା ଫଳରେ କୋଟି କୋଟି ଟଙ୍କାରେ ନିର୍ମିତ ରାସ୍ତା ବରବାଦ୍ ହୋଇଛି । ଏଭଳି ସ୍ଥିତିରେ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ଦୁର୍ଦ୍ଦଶା ଭୋଗୁଛନ୍ତି । ସୂଚନା ଅନୁସାରେ, ବୋବରିଆ ଛକଠାରୁ (ଭାୟା ବିଜମରା) ବିଜୁ ଏକ୍ସପ୍ରେସୱେର ବଡ଼କେନ୍ଦୁଗୁଡା ବଜରା ପଡ଼ିଆ ପର୍ଯ୍ୟନ୍ତ ପ୍ରାୟ ୪.୫୦ କିମି. ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଅଟକଳ ମୂଲ୍ୟ ୧୯୧.୫୦ ଲକ୍ଷ ବ୍ୟୟବରାଦ ହୋଇଥିଲା । ଉକ୍ତ କାର୍ଯ୍ୟକୁ ଲଡୁଗାଁର ଜୈନେକ ସ୍ୱତନ୍ତ୍ର ଶ୍ରେଣୀର ଠିକାଦାର ହାତକୁ ନେଇଥିଲେ । ଗତ ୧୦/୫/୨୦୧୮ ମସିହାରେ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ୧୦/୫/୨୦୧୯ ମସିହାରେ କାର୍ଯ୍ୟ ଶେଷ ହୋଇଥିଲା । ତେବେ ରାସ୍ତା କାର୍ଯ୍ୟ ସମାପନ ହେବାର ବର୍ଷକ ମଧ୍ୟରେ ଅତି ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାରୁ ପିଚୁ ଉଠିବା ସହ ବଡ଼ ବଡ଼ ଖାଲ ଖମା ସୃଷ୍ଟି ହୋଇ ରହିଲା । ଏହାପରେ ରାସ୍ତା ମରାମତି ପାଇଁ ବାରମ୍ବାର ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଜଣାଇ ଥିଲେ ସ୍ଥାନୀୟ ଅଞ୍ଚଳବାସୀ। ବିଭାଗ ପକ୍ଷରୁ ସମ୍ପୃକ୍ତ ଠିକା ସଂସ୍ଥାକୁ ମରାମତି କରିବା ପାଇଁ ବାରମ୍ବାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ପାଞ୍ଚ ବର୍ଷ ମଧ୍ୟରେ ଠିକାସଂସ୍ଥାର ଆଉ ଦେଖା ଦର୍ଶନ ମିଳି ନଥିଲା । ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ ନିମନ୍ତେ ୧୫୩.୧୮ ଲକ୍ଷ ଟଙ୍କା ରହିଛି । ସରକାରଙ୍କ ନିୟମ ଅନୁସାରେ ନିର୍ମାଣର ଶେଷ ଦିନରୁ ପାଞ୍ଚ ବର୍ଷ ଅବଧି ମଧ୍ୟରେ ଯଦି ରାସ୍ତାରେ କୌଣସି ତ୍ରୁଟି ଦେଖାଯାଏ ତେବେ ସଂପୃକ୍ତ ଠିକା ସଂସ୍ଥା ତାହାକୁ ମରାମତି କରିବା ବାଧ୍ୟତାମୂଳକ ରହିଛି । ହେଲେ ଏଠାରେ ବ୍ୟତିକ୍ରମ ଦେଖାଦେଇଛି । ବର୍ତ୍ତମାନ ଏହି ରାସ୍ତା ଗମନାଗମନ ଯୋଗ୍ୟ ହୋଇ ନଥିବା ବେଳେ ବଡ଼ ବଡ଼ ଗାତ ସୃଷ୍ଟି ହେଲାଣି । ତେଣୁ ପ୍ରତିଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଥିବା ବେଳେ ଯାତ୍ରୀମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି । ଉକ୍ତ ରାସ୍ତାର ରକ୍ଷଣାବେକ୍ଷଣ ଅବଧି ସରି ୬ ମାସରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଦୃଷ୍ଟି ଦିଆଯାଉନାହିଁ କିମ୍ବା ସମ୍ପୃକ୍ତ ଠିକାସଂସ୍ଥା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ । ଯାହାର ପରିଣାମ ରାସ୍ତାରେ ଯାତାୟାତ କରୁଥିବା ଲୋକ ସିଧାସଳଖ ଭୋଗୁଛନ୍ତି । ତେଣୁ ସମ୍ପୃକ୍ତ ଠିକାସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତୁରନ୍ତ ରାସ୍ତା ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ ସୁରେଶ ବରିହାଙ୍କୁ ପଚାରିବାରୁ ସମ୍ପୃକ୍ତ ଠିକାସଂସ୍ଥା ଯେ' ହେତୁ ରକ୍ଷଣାବେକ୍ଷଣା କରି ନାହିଁ ତେଣୁ ଯାହା ଅନୁଦାନ ରହିଥିଲା ତାହାକୁ ବନ୍ଦ କରି ଦିଆଯାଇଛି, ଏବଂ ସେହି ଅନୁଦାନ ଆଉ ଠିକାସଂସ୍ଥା ପାଇବ ନାହିଁ। ବର୍ତ୍ତମାନ ରାସ୍ତାର ଏସଡିଭିସି ପାଇଁ ଅନୁଦାନ ଆସିଛି, ଟେଣ୍ଡର ହେଲାପରେ ରାସ୍ତା କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।



### ➪ ପାଣିରେ ପଡ଼ିଲା ୧୯୧.୫୦ ଲକ୍ଷ ଟଙ୍କା

## ଟାଟା ପାୱାର ପକ୍ଷରୁ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ପ୍ରତି ମାସରେ ଠିକ୍ ସମୟରେ ବିଦ୍ୟୁତ ବିଲ୍ ପଇଠ କରିବା ନିମନ୍ତେ ଗ୍ରାହକମାନଙ୍କୁ ପ୍ରୋତ୍ସାହିତ କରିବା ଓ କ୍ରମେ ନିୟମିତ ସମୟରେ ବିଲ୍ ପୈଠ କରିବାରେ ସେମାନଙ୍କୁ ଅଭ୍ୟସ୍ତ କରିବା ଉଦ୍ଦେଶ୍ୟରେ ଟାଟା ପାୱାର ୱେଷ୍ଟର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ପକ୍ଷରୁ ୨୦୨୪ ଅଗଷ୍ଟ ମାସ ଠାରୁ 'ଖୁଲ୍ ଯା ସିମ୍ ସିମ୍' ନାମକ ଏକ ନିଆରା ଯୋଜନା ପ୍ରଚଳନ କରିଛନ୍ତି । ପ୍ରତି ମାସରେ ନିୟମିତ ବିଲ୍ ପୈଠ କରୁଥିବା ଗ୍ରାହକମାନଙ୍କ ମଧ୍ୟରୁ ଲଟେରୀ ଉଠାଣ ମାଧ୍ୟମରେ ତିନି ଜଣ ଭାଗ୍ୟଶାଳୀଙ୍କୁ ଏହି ପୁରସ୍କାର ପ୍ରଦାନ କରୁଛନ୍ତି । ଏହି କ୍ରମରେ ଗୁରୁବାର ତିନିଜଣ ଭାଗ୍ୟଶାଳୀ ବିଜେତା ଗ୍ରାହକଙ୍କୁ ଏହି ପୁରସ୍କାର ସ୍ଥାନୀୟ ଏସ୍‌ଡିଓଙ୍କ କାର୍ଯ୍ୟାଳୟ ଠାରେ ପ୍ରଦାନ କରାଯାଇଥିଲା । ପ୍ରଥମ ପୁରସ୍କାର ବିଜେତା ଭାବେ ଭବାନୀପାଟଣା ରାମସାଗର ପଡାର ଲଡୁ ଡାକୁଆ, ଦ୍ୱିତୀୟ ପୁରସ୍କାର ବିଜେତା ସହରର ରାମକୁମାର ଗଳିର ସରୋଜ ଶର୍ମା, ତୃତୀୟ ପୁରସ୍କାର ବିଜେତା ଭାବେ ଜଗନ୍ନାଥ ପଡାର ମନୋରଞ୍ଜନ ଦାଶ ପୁରସ୍କୃତ ହୋଇଥିଲେ । ପ୍ରଥମ ପୁରସ୍କାର ଭାବେ ବିଜେତାଙ୍କୁ ସ୍ମାର୍ଟ ମୋବାଇଲ ଫୋନ୍, ଦ୍ୱିତୀୟ ପୁରସ୍କାର ଭାବେ ସାରେଗାମା ମ୍ୟୁଜିକ୍ ପ୍ଲେୟାର ଓ ତୃତୀୟ ପୁରସ୍କାର ଭାବେ ସୋଲାର ଲ୍ୟାମ୍ ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଟାଟା ପାୱାର ବିଭାଗୀୟ ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ଇଂ.ଆଲୋକ ଦାଶ ଉପସ୍ଥିତ ଥିଲାବେଳେ କେ ଇ ଇଡିର ନିର୍ବାହୀ ଯନ୍ତ୍ରୀ ଇଂ.ମାନସ ରଞ୍ଜନ ମାଝି, ଏସ୍‌ଡି ଓ ଇଇ, ଇଂ.ରାଜେଶ କୁମାର ମିଶ୍ର ଓ ଭବାନୀପାଟଣା ସେକ୍ସନ୍ କନିଷ୍ଠ ଯନ୍ତ୍ରୀ ଇଂ. ସୁଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବହୁ ନିମନ୍ତ୍ରିତ ଅତିଥି, ଗଣମାଧ୍ୟମ ପ୍ରତିନିଧି ଓ ଟାଟା ପାୱାର କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ ।



## ଧାନମଣ୍ଡି ଉଦ୍‌ଘାଟିତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଧାନ ମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ପେକ୍ସ ସଭାପତି ରାଜେଶ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ । ଧାନ ମଣ୍ଡି ଉଦ୍‌ଘାଟନରେ ଗଣମାଧ୍ୟମ ପ୍ରତିନିଧି ଲବଜି ପୁଟେଲେ, ରୋମାଞ୍ଚଳ ପୁଟେଲ, ତଦନ୍ତ ଅଧିକାରୀ ଦିବ୍ୟରାଜ ଭୋଇ, ଧାନକ୍ରୟ ଅଧିକାରୀ ତୁଳସୀ ତାଣ୍ଡି, ଆର୍‌ଏମ୍‌ସି କର୍ମଚାରୀ କପିଳାସ କନ୍ଧପାନ, ଡି କୁଟିଆ ପ୍ରମୁଖ ଉପସ୍ଥିତ ଥିଲେ । ଧାନର ଆଦ୍ରତା ୧୪ ରୁ ୧୭ ପ୍ରତିଶତ ଥିଲେ ଧାନ କ୍ରୟ କରାଯିବ ବୋଲି କ୍ରୟ ଅଧିକାରୀ ତୁଳସୀ ତାଣ୍ଡି ପ୍ରକାଶ କରିଛନ୍ତି ।

## କୁରାଲ ପୂଜନ ଉପଲକ୍ଷେ କଳସଯାତ୍ରା

ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ବେହେରା ଗ୍ରାମର କୁମ୍ଭକାରସାହିରେ ଗୁରୁବାର କୁରାଳ ପୂଜନ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । କର୍ତ୍ତା ରୂପରେ ପରମାନନ୍ଦ ରଣା ଓ ଦୂତିକା ରଣା, ପୂଜକ ରୂପରେ ଭୂପେଶ ତିୱାରୀ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ । କୁରାଳ ପଞ୍ଚମୀ କୁମ୍ଭକାର ସଂମ୍ପ୍ରଦାୟର ଏକ ବଡ ପର୍ବ । ଏହି ପର୍ବ ମାର୍ଗଶୀର ମାସ ପଞ୍ଚମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ବେଶ ଆଡମ୍ବରରେ ପାଳନ ହୁଏ । କୁମ୍ଭକାରମାନେ ନିଜର ବୃତ୍ତି କରୁଥିବା ହାତ ତିଆରି ଓ ଚକ୍ର ଲକ୍ଷ୍ମୀନାରାୟଣଙ୍କର ପାଖରେ ରଖି ପୂଜାର୍ଚ୍ଚନା କରନ୍ତି । କୀମ୍ବଦନ୍ତୀ ଅନୁସାରେ ପାଣ୍ଡବମାନେ କୁମ୍ଭାରଶାଳାରେ ଆଶ୍ରୟ ନେଇଥିଲେ । ଏହି ପୂଜା କୁମ୍ଭକାର ସାହିରେ ପ୍ରାୟତଃ ଅନେକ ପୂର୍ବ ପୁରୁଷରୁ ହୋଇ ଆସୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏହି କୁରାଳ ପଞ୍ଚମୀ ୪ ଦିନ ବହୁତ ଆଡମ୍ବର ସହ ହୋଇଥାଏ । ଏଠାରେ ବାଦି ପାଲା, ଭଜନ ସମାରୋହ ବିଭିନ୍ନ କଳା ସଂସ୍କୃତି କାର୍ଯ୍ୟକ୍ରମ କରାଯାଇଥାଏ । ସଭାପତି ଅର୍ଜୁନ ରଣା, ସମ୍ପାଦକ ଦେବେନ୍ଦ୍ର ରଣା, କୋଷାଧକ୍ଷ ଚନ୍ଦ୍ର ରଣା, ପିତାମ୍ବର ରଣା, ବଳରାମ ରଣା, ହର ରଣା, ସୁରେନ୍ଦ୍ର ରଣା, ପଦ୍ମଲୋଚନ ରଣା, କୃଷ୍ଣ ରଣା, ବସନ୍ତ ରଣା ପ୍ରମୁଖ ପୂଜନ କାର୍ଯ୍ୟରେ ସହଯୋଗ କରୁଛନ୍ତି ।

## ଚାଷୀଙ୍କୁ ମୁଗ ବଣ୍ଟନ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ପଞ୍ଚାୟତରେ ରବିଚାଷ ପାଇଁ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ମୁଗ ବଣ୍ଟନ କରାଯାଇଛି । ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ଜିଇଏଫ୍ ସେଭେନ ଜଳଛତ୍ର ପ୍ରକଳ୍ପ ବିଭାଗର ସରୋଜ କୁମାର ପଟ୍ଟଯୋଶୀ ଓ ଗ୍ରାମ୍ୟ କୃଷି କର୍ମଚାରୀ ଦୁଃଖିଶ୍ୟାମ ମାଝୀ ଉପସ୍ଥିତ ରହି ଅନେକ ଚାଷୀଙ୍କୁ ମୁଗ ବଣ୍ଟନ କରିଥିଲେ । ଏଥିରେ କେଗାଁର ଈଶ୍ୱର ପୁଟେଲ, ପଙ୍କଜ ପୁଟେଲ, ତୁଳାରାମ ଭଇଁସାଲ, ରୋମାଞ୍ଚଳ ମାଝୀ, ନଳିନ ପୁଟେଲ, ଯୁଧିଷ୍ଠିର ମୁନି, ଚାନ୍ଦେରାମ ଅଗ୍ରୱାଲ, ବିଜୟ ପୁଟେଲ ସହ ଅନେକ ଚାଷୀଙ୍କୁ ରବି ଫସଲରେ ମୁଗ ଚାଷ କରିବା ପାଇଁ ବିହନ ଯୋଗାଇ ଦିଆଯାଇଥିଲା ।

## ହୋମଗାର୍ଡ ପ୍ରତିଷ୍ଠା ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ରିଜର୍ଭ ପୋଲିସ ପଡିଆ ଠାରେ ଶୁକ୍ରବାର କଳାହାଣ୍ଡି ପୋଲିସ ବିଭାଗ ପକ୍ଷରୁ ୬୨ ତମ ହୋମଗାର୍ଡ ପ୍ରତିଷ୍ଠା ଦିବସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକ ଅବିନାଶ ଜୀ ଯୋଗଦେଇ ହୋମଗାର୍ଡମାନଙ୍କ ଦ୍ୱାରା ଆୟୋଜିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । କମ୍ପାନୀ କମାଣ୍ଡର ତେଜେଶ୍ୱର ସରାଫଙ୍କ ନେତୃତ୍ୱରେ ଜିଲ୍ଲା ହୋମଗାର୍ଡ ବାହିନୀ ପକ୍ଷରୁ ଏହି ପରେଡ୍ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମଞ୍ଚରେ ଏସ୍‌ପି ଅବିନାଶ ଜୀଙ୍କ ସହ ଆଡିସନାଲ୍ ଏସ୍‌ପି. ଆନନ୍ଦ ବର୍ଦ୍ଧନ ଗୁରୁ, ସଦର ଏସ୍‌ଡିପିଓ, ଆଇ ପିଏସ୍‌ମାନେ ଆଦିନଚ ବାବୁରାଓ, ଡିଏସ୍‌ପି ହୋମଗାର୍ଡ ସୁମିତ୍ରା ଜେନା, ହୋମଗାର୍ଡ ସର୍ଜେଣ୍ଟ ବିଶ୍ୱନାଥ ଜେନାଙ୍କ ସହ ରିଜର୍ଭ ଇନ୍ସପେକ୍ଟର ସୁରେଶ କୁମାର ବଳିୟାର ସିଂ, ଏକ୍ସ ପରେଡ୍ କମାଣ୍ଡର ମହେଶ ଶତପଥୀ ଓ ଅନ୍ୟାନ୍ୟ ପୋଲିସ ବିଭାଗ ଅଧିକାରୀ, ନିମନ୍ତ୍ରିତ ଅତିଥି ଓ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଏହି ଅବସରରେ ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୧୩ ଜଣ ହୋମଗାର୍ଡଙ୍କୁ ମୁଖ୍ୟଅତିଥି ଏସ୍‌ପି ଅବିନାଶ ଜୀ ପୁରସ୍କୃତ କରିଥିଲେ । ସେମାନେ ହେଲେ ଟାଉନ ଥାନାର ରାକେଶ କୁମାର ମହାନ୍ତି, ହମିଦ କୁମାର ବାଗ, ସଦର ଥାନାର ଘନଶ୍ୟାମ ବାଗ, କେସିଙ୍ଗାର ଦିଲ୍ଲୀପ କୁମାର ନାଏକ, ମଦନପୁର ରାମପୁରର ମାୟାଧର ସାହୁ, ବିଶ୍ୱନାଥପୁରର ସନ୍ତୋଷ ନାଗ, ଲାଞ୍ଜିଗଡ଼ର ଭବାନୀ ଶଙ୍କର ଦଣ୍ଡସେନା, ଜୁନାଗଡ଼ର ଯୋଗେଶ୍ୱର ଗହୀର, ଧର୍ମଗଡ଼ର ନିର୍ମଳ ବିହାରୀ, ଗୋଲାମୁଣ୍ଡାର ଶଙ୍କର ନାଏକ,କେଗାଁର କୁଞ୍ଜବନ ସେଠିଆ, ଥୁଆମୂଳ ରାମପୁରର ସଚ୍ଚିନ୍ଦ୍ର ନାଏକ ଓ ବ୍ରଜେନ୍ଦ୍ର ରାଉତ।



## ଏନ୍‌ଏସ୍‌ଏସ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ୟୁନିଟ ଦ୍ୱାରା ୩୭ ତମ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରୁ ଏକ ସଚେତନତା ଶୋଭାଯାତ୍ରା ଡ. ଚିତ୍ତରଞ୍ଜନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ବାହାରି ଥିଲା । ଏହି ଶୋଭାଯାତ୍ରାରେ ଛାତ୍ରଛାତ୍ରୀମାନେ ସହର ମଧ୍ୟରେ ବିଭିନ୍ନ ଛକମାନଙ୍କରେ ପରିକ୍ରମା କରିବା ସହିତ ସଚେତନତାମୂଳକ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଶୋଭାଯାତ୍ରାକୁ କାର୍ଯ୍ୟକ୍ରମ ଅଧିକାରୀ ଜୟନ୍ତ ଦନସନା, ଡ. ପ୍ରିୟରଞ୍ଜନ ବେହେରା, ମିସ୍ ରୋଜ୍ ମେରୀ ଏକ୍କା ପ୍ରମୁଖ ପରିଚାଳନା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୀପକ ବେହେରା, ଶ୍ୱାଶ୍ୱତ ଦାନୀ, ଅଭିଷେକ, ନୀଳମଣି, ରୋହିତ, ଅମିତ୍ ଓ କ୍ଷିତିସ୍ ପ୍ରମୁଖ ଭୂମିକା ଲିଭାଇଥିଲେ ।




## ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ କୋକସରା ବ୍ଲକ ଗସ୍ତ
## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ

କୋକସରା,(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦୟାମୟ ପାଢ଼ୀ ଗୁରୁବାର କୋକସରା ବ୍ଲକ ଗସ୍ତ କରିଛନ୍ତି । ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ସହ ସମୀକ୍ଷା କରିଛନ୍ତି । ସିଡିଓ ଶ୍ରୀ ପାଢ଼ୀ କୋକସରା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଭାରପ୍ରାପ୍ତ କୋକସରା ବିଡ଼ିଓ ବିଶ୍ୱନାଥ ରାଉତ ସହିତ ଟେମରା, ମହିମା, କାଉଡୋଲା, ଡୁଡୁକାଠେଙ୍ଗା, ବଡ଼ପୋଡାଗୁଡା ଆଦି ପଞ୍ଚାୟତ ପରିଭ୍ରମଣ କରିଥିଲେ । ଟେମରା ପଞ୍ଚାୟତ ସିର୍ଲିଗୁଡା ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍କୁଲ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ଶ୍ରେଣୀ ଗୃହକୁ ଯାଇ ଶିକ୍ଷାଦାନ କରିଥିଲେ । ଡୁଡୁକାଠେଙ୍ଗା ପଞ୍ଚାୟତର ହାଇ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ, ମନରେଗା କାମ, ଆବାସ ଯୋଜନା ଗୃହ ନିର୍ମାଣ, ଅଙ୍ଗନୱାଡ଼ି କେନ୍ଦ୍ର ଆଦି ପରିଦର୍ଶନ କରିଥିଲେ । ବଡ଼ପୋଡ଼ାଗୁଡ଼ା ପଞ୍ଚାୟତରେ ବନ ସୁରକ୍ଷା ସମିତି ଗୃହ, ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ନୂତନ ଗୃହ, କାଉଡୋଲା ପଞ୍ଚାୟତର ଉପ ସ୍ୱାସ୍ଥ୍ୟକେନ୍ଦ୍ର ଓ ବସ୍‌ଷ୍ଟାଣ୍ଡ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ସେହିପରି ମହିମା ପଞ୍ଚାୟତର ଘଣ୍ଟିଗୁଡ଼ାରେ ନୂତନ ଭାବେ ନିର୍ମାଣ ହୋଇଥିବା ବନ ସୁରକ୍ଷା ସମିତି ଗୃହ, ଅଙ୍ଗନୱାଡ଼ି କେନ୍ଦ୍ର ଆଦି ପରିଦର୍ଶନ କରିବା ସହ ବ୍ଲକର ବିଭିନ୍ନ ପଞ୍ଚାୟତକୁ ପରିଭ୍ରମଣ କରିଥିଲେ । ଏହି ଗସ୍ତ ସମୟରେ ବ୍ଲକ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଏପିଓ ଶତିଶ୍ ରଞ୍ଜନ ବେହେରା, କନିଷ୍ଠ ଯନ୍ତ୍ରୀ ସୁକାନ୍ତ ବେହେରା, କୀର୍ତ୍ତି ବେହେରା, ଅଜୟ ସେନାପତି, ଅମ୍ବିକା ମାଝୀ, ପ୍ରଜାନନ୍ତ ପ୍ରକାଶ ସିଂ ପ୍ରମୁଖ ଉପସ୍ଥିତ ରହିଥିଲେ।



## ରାତିରେ ଚାଲିଛି ଆରଡ଼ି ରାସ୍ତା କାମ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବିଜୁ ଏକ୍ସପ୍ରେସ ରାସ୍ତା ଜାଦବ ଢାବା ଠାରୁ ବାବେଗୁଡା ରାସ୍ତା କାମ ରାତିରେ ହେଉଥିବା ଦେଖିବାକୁ ମିଳୁଛି । ଏହି ରାସ୍ତା କାମଟି ଧର୍ମଗଡ଼ ଗ୍ରାମ୍ୟ ନିର୍ମାଣ ବିଭାଗ ଦ୍ୱାରା ହେଉଥିବା ବେଳେ ଏହାର ଅଟକଳ ପରିମାଣ ୩କୋଟି ୫୮ ଲକ୍ଷ ୯୩ ହଜାର ଟଙ୍କା ଯାହା ସୂଚନା ଫଳକରେ ଉଲ୍ଲେଖ ଅଛି । ଏହି କାମକୁ ପଡୋଶୀ ନୂଆପଡା ଜିଲ୍ଲାର ଖରିଆର ଗ୍ରାମର ରଘୁନନ୍ଦନ ଅଗ୍ରୱାଲ ଏହି ରାସ୍ତା ନିର୍ମାଣର ଦାୟିତ୍ୱ ନେଇଛନ୍ତି । ଗତ ଗ୍ରୀଷ୍ମ ଋତୁରେ ଏହି କାମଟି ଆରମ୍ଭ ହୋଇଥିଲା । ନିମ୍ନମାନର ପିଚୁକାମ ଯୋଗୁଁ ସ୍ତରସ୍ତର ହୋଇ ପିଚୁ ଉଠୁଥିବା ନେଇ ସ୍ଥାନୀୟ ଲୋକେ ବିରୋଧ କରି ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିଲେ। ଯାହାରି ଫଳରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା । ଏନେଇ ବିଭିନ୍ନ ଅଭିଯୋଗ ସତ୍ତ୍ୱେ ତିନିରୁ ଚାରି ମାସ ହେବ ରାସ୍ତା କାର୍ଯ୍ୟ ବନ୍ଦ ରହିଥିଲା । ବର୍ତ୍ତମାନ ପୁଣି କାମ ଆରମ୍ଭ ହୋଇଥିବା ଦେଖାଦେଇଛି । ଯାହାକି ରାସ୍ତାରେ ରହିଥିବା ଧୂଳି ଗୁଣ୍ଡ (ଡ଼ଷ୍ଟ)କୁ ମେସିନ କିମ୍ବା ଶ୍ରମିକଙ୍କ ସାହାଯ୍ୟରେ ସଫା କରିବା ସହ ପିଚୁ କାର୍ଯ୍ୟ ଆରମ୍ଭ ନିୟମ ରହିଛି । କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ରାତିଅଧିଆ ତରବରିଆ ଭାବରେ କାମ କରୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି । ରାସ୍ତାଟି ଗ୍ରାମାଞ୍ଚଳ ଭିତରେ ଥିବାରୁ ପ୍ରଶାସନର ନଜର ନାହିଁ କି ବିଭାଗୀୟ ଅଧିକାରୀମାନେ ମଧ୍ୟ ଆସୁ ନାହାନ୍ତି । ଫଳରେ ଠିକାଦାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ମୁନସି ସ୍ଥାନୀୟ ଲୋକଙ୍କୁ ଭୟ ଦେଖାଇ ନିମ୍ନମାନର କାମ କରୁଥିବା ଅଭିଯୋଗ ହୋଇଛି । ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର ସଲା ସୁତରାରେ ହେଉଥିବା ଯୋଗୁଁ ଯେତେ ଅଭିଯୋଗ କଲେ ମଧ୍ୟ ଅଭିଯୋଗର କିଛି ମୂଲ୍ୟ ରହୁନାହିଁ । ଏପଟେ ରାତିରେ କାମ କରିବା ରାସ୍ତା କାମର ସ୍ଥାୟୀତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ରାତିରେ କାମ କରାଯାଉଥିବା ନେଇ ଗ୍ରାମ୍ୟ ନିର୍ମାଣ ବିଭାଗ ଧର୍ମଗଡ଼ର ଏସ୍‌ଡ଼ିଓ ରାଜେନ୍ଦ୍ର ମାଝୀଙ୍କୁ ଫୋନ ଯୋଗେ ପଚାରିଲେ ଆମେ ଅଫିସରେ ରହି ସବୁ କାମ ତଦନ୍ତ କରୁଛୁ ବୋଲି କହି ଓଲଟା ଗଣମାଧ୍ୟମ ପ୍ରତିନିଧିଙ୍କୁ ଧମକ ଦେଉଛନ୍ତି । ଏ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ ଅସନ୍ତୋଷ ଦେଖା ଦେଇଛି । ତୁରନ୍ତ ଜିଲ୍ଲା ପ୍ରଶାସନ ଏହାର ଏକ ଭିଜିଲାନ୍ସ ସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି ।



### ତଦନ୍ତ ଦାବି

## ରାଶିଫଳ

**ଶନିବାର, ୭ ଡିସେମ୍ବର ୨୦୨୪**



**ମେଷ:** ବିବାହ ପ୍ରସ୍ତାବ ଗ୍ରହଣ କରାଯାଇପାରେ । ସରକାରଙ୍କ ସହାୟତାରେ କୌଣସି କାର୍ଯ୍ୟ ଶେଷ ହେବ। ବ୍ୟବସାୟ ଅନୁକୂଳ ଲାଭ ଦେବ। ଜରୁରୀ ଜିନିଷକୁ ଠିକ୍ ସମୟରେ ନ ପାଇବାରୁ ଦୁଃଖ ଆସିବ । ବିନିଯୋଗ ଭଲ ହେବ ।



**ବୃଷ:** ପ୍ରଗତିର ରାସ୍ତା ଖୋଲାଯିବ । ଭୋଜି ଖାଇବା ଠାରୁ ଦୂରେଇ ରୁହନ୍ତୁ । ବ୍ୟବସାୟ ବୃଦ୍ଧି ପାଇବ । ଜମି ଏବଂ ନିର୍ମାଣ ସଂପର୍କିତ କ୍ରୟ ଏବଂ ବିକ୍ରୟ ଲାଭଦାୟକ ହେବ । ରୋଜଗାର ବୃଦ୍ଧି ପାଇବ । ଲାଭ ସୁଯୋଗ ଆସିବ ।



**ମିଥୁନ:** ସୁଖ ଏବଂ ମନୋରଞ୍ଜନର ମାଧ୍ୟମ ଉପଲବ୍ଧ ହେବ । ସୃଜନଶୀଳ କାର୍ଯ୍ୟ ସଫଳ ହେବ । ଏକ କାର୍ନିଭାଲରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ । ବ୍ୟବସାୟ ଲାଭଦାୟକ ହେବ । ଭାଇମାନଙ୍କ ସହଯୋଗ ହେବ ।



**କର୍କଟ:** ହାଲୁକା ହସିବା ଠାରୁ ଦୂରେଇ ରୁହନ୍ତୁ । ଚାକିରିରେ ଥିବା ଅଧିକାରୀମାନେ ଅଧିକ ଆଶା କରିବେ । ଆପଣ ଅଧସ୍ତନଙ୍କ ସମର୍ଥନ ପାଇବେ ନାହିଁ । ଥକ୍କା ଲାଗିବ । ବ୍ୟବସାୟରୁ ଅନୁକୂଳ ଲାଭ ହେବ । ଖରାପ ଖବର ଗ୍ରହଣ କରାଯାଇପାରେ ।



**ସିଂହ:** ବ୍ୟବସାୟ ଅନୁକୂଳ ଲାଭ ଦେବ । ଟଙ୍କା ପାଇବା ସହଜ ହେବ । ଲାଭ ସୁଯୋଗ ଆସିବ । ଚାକିରିରେ ଠିକ୍ ସମୟରେ ସମସ୍ତ କାର୍ଯ୍ୟ କରିବା ଦ୍ୱାରା ପ୍ରଶଂସା ମିଳିବ । ସମୟର ଅନୁକୂଳତାର ସୁଯୋଗ ନିଅ । ପାରିବାରିକ ଚିନ୍ତା ହ୍ରାସ ପାଇବ ।



**କନ୍ୟା:** ଭଲ ଖବର ଗ୍ରହଣ କରାଯିବ । ମୂଲ୍ୟ ବୃଦ୍ଧି ହେବ । ଆପଣ ଏକ ନୂତନ ଉଦ୍ୟମ ଆରମ୍ଭ କରିବାକୁ ଚିନ୍ତା କରିବେ । ଦୀର୍ଘ ଦୂରତା ଯାତ୍ରା କରିବାକୁ ଇଚ୍ଛା କରିବେ । ବ୍ୟବସାୟରୁ ଅନୁକୂଳ ଲାଭ ହେବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ ।



**ତୁଳା:** ଭ୍ରମଣ ଅନୁକୂଳ ଲାଭ ଦେବ । ନୂତନ ଚାକିରି ମିଳିପାରିବ । କାର୍ଯ୍ୟରେ ସନ୍ତୁଷ୍ଟ ହେବେ । ସୁଖ ଏବଂ ଉତ୍ସାହର ପରିବେଶ ରହିବ । ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ ଏବଂ ଚାକିରି ଅନୁକୂଳ ଲାଭ ଦେବ । ଶୀଘ୍ର କୌଣସି ନିଷ୍ପତ୍ତି ନିଅ ନାହିଁ ।



**ବିଛା:** ବ୍ୟବସାୟ ଲାଭଦାୟକ ହେବ । ଆୟରେ ନିଶ୍ଚିତତା ରହିବ । ପରିବାରରେ ସୁଖ ଏବଂ ଶାନ୍ତି ରହିବ । ଇଚ୍ଛାକୁ ମଜବୁତ କର। ଅପଚୟ ଖର୍ଚ୍ଚ ହେବ । ଶତ୍ରୁମାନଙ୍କଠାରୁ ସତର୍କତା ଆବଶ୍ୟକ । ସ୍ୱାସ୍ଥ୍ୟ ଦୁର୍ବଳ ହେବ । କୌଣସି ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ। ତୁମର ବକ୍ତବ୍ୟକୁ ନିୟନ୍ତ୍ରଣ କର । କାମ କରିବା ଭଳି ଅନୁଭବ କରିବେ ନାହିଁ ।



**ଧନୁ:** ନୂଆ କାମ ଆସିବ । ବ୍ୟବସାୟ ଅଭିବୃଦ୍ଧି ହେବେ । ସମୟର ଅନୁକୂଳତାର ସୁଯୋଗ ନିଅ । ଆପଣ ଅଧସ୍ତନମାନଙ୍କ ସହଯୋଗ ପାଇବେ । ଲାଭ ସୁଯୋଗ ଆସିବ । ଅଜ୍ଞାତର ଭୟ ରହିବ । ପାରିବାରିକ ସହଯୋଗରେ ସୁଖ ମିଳିବ । ବୁଡି ଯାଇଥିବା ଟଙ୍କା ପୁନରୁଦ୍ଧାର ହୋଇପାରିବ ।



**ମକର:** ଯୋଜନା ଫଳପ୍ରଦ ହେବ । ପ୍ରଣାଳୀରେ ଉନ୍ନତି ହେବ । ସଫଳତା ସହିତ ସୁଖ ମିଳିବ । କଠିନ ପରିଶ୍ରମ ସଫଳ ହେବ । ଲାଭ ସୁଯୋଗ ଆସିବ । ତୁମେ ସମ୍ମାନ ପାଇବ । ବ୍ୟବସାୟ ଅନୁକୂଳ ଲାଭ ଦେବ । ସେୟାର ବଜାରରେ ଦ୍ରୁତ ଗତିରେ ଦୂରେଇ ରୁହନ୍ତୁ ।



**କୁମ୍ଭ:** ସୁଖ ଏବଂ ଶାନ୍ତି ରହିବ । ବ୍ୟବସାୟ ସୁରୁଖୁରୁରେ ଚାଲିବ । ସାଙ୍ଗମାନଙ୍କ ସହଯୋଗ ଲାଭ ବୃଦ୍ଧି କରିବ । ବିଚାରାଧୀନ କାର୍ଯ୍ୟ ସମାପ୍ତ ହେବ । ବିନିଯୋଗ ଭଲ ହେବ । ବିପଦପୂର୍ଣ୍ଣ ଏବଂ ବନ୍ଧକ କାର୍ଯ୍ୟରୁ ଦୂରେଇ ରୁହନ୍ତୁ । ଆଧ୍ୟାତ୍ମିକତା ପାଇଁ ଆଗ୍ରହୀ ହେବେ । ପ୍ରଲୋଭିତ ହୁଅ ନାହିଁ ।



**ମୀନ:** ବ୍ୟବସାୟ ଲାଭଦାୟକ ହେବ । ବିନିଯୋଗ କରିବାକୁ ତତ୍ପର ହୁଅନ୍ତୁ ନାହିଁ । ଆୟ ଜାରି ରହିବ । ଥକ୍କା ଏବଂ ଦୁର୍ବଳତା ହୋଇପାରେ । ଅଜ୍ଞାତର ଭୟ ରହିବ । ଦୁର୍ଘଟଣାର ସମ୍ଭାବନା ରହିବ । ଯାନ, ଯନ୍ତ୍ରପାତି ଏବଂ ଅଗ୍ନି ଇତ୍ୟାଦି ବ୍ୟବହାରରେ ସତର୍କ ରୁହନ୍ତୁ ।



ଜ୍ୟୋତିଷ ସ୍ତମ୍ଭ


ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
(ଏମ୍ କମ୍, ଏମ୍.ବି.ଏ) ସେକ୍ଟର-୩/୩୦୯,
ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯